

ମହୁଆଙ୍କୁ ଅଣ୍ଡା ଓ ବାଇଗଣ ମାଡ଼ ପୃଷ୍ଠା ୪


# ସଂଚାର THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 101 ଭାଗ ୩୪ | ସଂଖ୍ୟା ୧୦୧ | Thursday 2 July 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର, ୨ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## କମିଲା ବାଣିଜ୍ୟିକ ଏଲ୍‌ପିଜି, ତୈଳ ଓ ଜେଟ୍ ଇନ୍ଧନ ଦର

ନୂଆଦିଲ୍ଲୀ,୧୭: ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ଉତ୍ତେଜନା ହ୍ରାସ ସମ୍ଭାବନା ସୃଷ୍ଟି ହେବାର ତ୍ୱରିତ ପ୍ରତିକ୍ରିୟା ସ୍ୱରୂପ ତୈଳ ବିପଣନ କମ୍ପାନୀଗୁଡ଼ିକ ବୁଧବାର ଏଲପିଜି ସିଲିଣ୍ଡର ସମେତ ପେଟ୍ରୋଲ ଓ ଡିଜେଲର ମୂଲ୍ୟରେ ହ୍ରାସ ଘଟାଇବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ କମ୍ପାନୀଗୁଡ଼ିକ କେବଳ ବ୍ୟାବସାୟିକ ବା କମର୍ସିଆଲ ଏଲପିଜି ସିଲିଣ୍ଡରର ମୂଲ୍ୟରେ ହ୍ରାସ ଘଟାଇଥିବାରୁ ଘରୋଇ ଖାଉଟିମାନେ ଏଥିରୁ କୌଣସି ଲାଭବାନ ହେବେନାହିଁ। ସେହିପରି, ବିଶ୍ୱର ବୃହତ୍ ଘରୋଇ ଇନ୍ଧନ ଖୁଚୁରା

- ଘରୋଇ ଖାଉଟିଙ୍କୁ ମିଳିବନି ଲାଭ
- କେବଳ ନାୟରାରେ ଗ୍ରାହକଙ୍କ ପାଇଁ ତେଲ ଶସ୍ତା



ବ୍ୟବସାୟୀ 'ନାୟରା ଏନର୍ଜି' ପେଟ୍ରୋଲ ଲିଟର ପ୍ରତି ୫ଟଙ୍କା ଓ ଡିଜେଲ ଲିଟର ପ୍ରତି ୩ ଟଙ୍କା ହ୍ରାସ କରିଛି। ଅପରପକ୍ଷରେ, ହର୍ମୁଜ ସ୍ଥିତିରେ ପରିବର୍ତ୍ତନର ସୂଚନା ମିଳିବା ପରେ ବିମାନ ଟର୍ବାଇନ୍ ଇନ୍ଧନର ମୂଲ୍ୟ ମଧ୍ୟ ଲିଟର ପିଛା ୫ଟଙ୍କା ହ୍ରାସ ପାଇଛି।

ମଧ୍ୟପ୍ରାଚ୍ୟର ଭୂ-ରାଜନୈତିକ ସ୍ଥିତିକୁ ପରଖିବା ପରେ ତୈଳ ବିପଣନ କମ୍ପାନୀଗୁଡ଼ିକ ଜୁଲାଇ ପହିଲାଠାରୁ ବ୍ୟାବସାୟିକ ଏଲପିଜି ସିଲିଣ୍ଡର ମୂଲ୍ୟ କମ୍ କରିଛନ୍ତି। ପୂର୍ବରୁ ଥିବା ଦରକୁ ସଂଶୋଧନ କରି ୧୯-କେଜି ସିଲିଣ୍ଡର ପିଛା କମ୍ପାନୀଗୁଡ଼ିକ ୧୮୩ ଟଙ୍କା ୫୦ ପଇସା ହ୍ରାସ କରିଛନ୍ତି ବୋଲି ଖବର ସଂସ୍ଥା ପିଟିଆଇ ତା'ର ରିପୋର୍ଟରେ ପ୍ରକାଶ କରିଛି। ଏହି ସଂଶୋଧିତ ମୂଲ୍ୟହ୍ରାସ ଆସନ୍ତା ମଙ୍ଗଳବାରଠାରୁ ଲାଗୁହେବ। ମାତ୍ର ଘରେ ବ୍ୟବହୃତ ଘରୋଇ ଏଲପିଜି ସିଲିଣ୍ଡରଗୁଡ଼ିକ ପୂର୍ବପରି ପୁରୁଣା ମୂଲ୍ୟରେ ବିକ୍ରି ହେବ। ବ୍ୟାବସାୟିକ ଏଲପିଜି କ୍ଷେତ୍ରରେ ଏହା ହେଉଛି ଚଳିତ ବର୍ଷର ପ୍ରଥମ ଦର ହ୍ରାସ ଘଟଣା। ଗତ ଫେବୃଆରୀ ୨୮ ତାରିଖରେ ମଧ୍ୟପ୍ରାଚ୍ୟ ବିବାଦ ପରେ ବିଶ୍ୱ ତୈଳଯୋଗାଣ ଶୃଙ୍ଖଳା ପ୍ରାୟତଃ ସ୍ଥାଣୁ ହୋଇଯାଇଥିବାରୁ ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକ ଗତ କିଛି ମାସ ଧରି ଲଗାତାର ମୂଲ୍ୟ ବୃଦ୍ଧିର ବୋଝ ସହି ଆସୁଥିଲେ। ତୈଳ ବିପଣନକାରୀ କମ୍ପାନୀଗୁଡ଼ିର ଆଜିର ନିଷ୍ପତ୍ତି ପରେ ଦିଲ୍ଲୀରେ ୧୯ କେଜି ସିଲିଣ୍ଡର ୩,୧୧୩.୫୦ଟଙ୍କାରୁ ହ୍ରାସ ପାଇ ୨,୯୩୦ ଟଙ୍କାକୁ ହ୍ରାସ ପାଇଛି। ଏହି ଅବସରରେ ଭାରତର ବୃହତ୍ ଘରୋଇ ଇନ୍ଧନ ଖୁଚୁରା ବ୍ୟବସାୟୀ ପୃଷ୍ଠା-୬

### ଜ୍ଞାନୋଦୟ- ଶିକ୍ଷାରୁ ସମୃଦ୍ଧି: ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ଘୋଷଣା

## ଶିକ୍ଷାରେ ବାଧକ ସାଜିବନି ଅର୍ଥ

- ଶିକ୍ଷାରୁ ବଞ୍ଚିତ ହେବେନି କୌଣସି ଯୋଗ୍ୟ ଛାତ୍ରଛାତ୍ରୀ
- ରେଗୁଲାର ପାଠ୍ୟକ୍ରମରେ ନାମଲେଖା ଫି' ଛାଡ଼
- ସମସ୍ତଙ୍କୁ ମିଳିବ ଶିକ୍ଷାଗ୍ରହଣର ସମାନ ସୁଯୋଗ

**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ଆଜି କ୍ୟାବିନେଟରେ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ନେଇଛି। ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି ଏହି ଯୋଜନାକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏହି ଯୋଜନାରେ କିଣ୍ଡରଗାର୍ଡେନ (କେଜି)ରୁ ପିଜି ପର୍ଯ୍ୟନ୍ତ ରାଜ୍ୟର ସବୁ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ପ୍ରଦାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଥିଲେ। ଆଜି କ୍ୟାବିନେଟ ବିଧିବଦ୍ଧ ଭାବେ ଯୋଜନାକୁ ଅନୁମୋଦନ କରିଛି। ଏହି ଐତିହାସିକ ନିଷ୍ପତ୍ତି ଦ୍ୱାରା ରାଜ୍ୟର ଜଣେ ବି ଛାତ୍ର କିମ୍ବା ଛାତ୍ରୀ ଆଉ ଆର୍ଥିକ ଅଭାବ କାରଣରୁ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ କିମ୍ବା ପାଠପଢ଼ା ମଝିରୁ ପାଠ ଛାଡ଼ିବେ ନାହିଁ ବୋଲି ଗଣମାଧ୍ୟମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି।



ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତାଭିତ୍ତିକ ଓ ସୁଲଭ କରିବା ପାଇଁ ଏହା ଏକ ଐତିହାସିକ ପଦକ୍ଷେପ। ଏହି ଯୋଜନା ଅଧୀନରେ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକରେ ନିୟମିତ ବା ରେଗୁଲାର୍ ପାଠ୍ୟକ୍ରମରେ ନାମ ଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ନାମଲେଖା ଫି' ଛାଡ଼ କରାଯିବ। ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ ଏହା କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ନବମରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସମେତ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ନିୟମିତ ଭାବେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟରେ କେଜିରୁ ଅଷ୍ଟମ ଶ୍ରେଣୀ ପୃଷ୍ଠା-୬

## ଗଭୀର ସମୁଦ୍ର ମାଛଧରା ମିଶନକୁ ମଞ୍ଜୁରୀ




- ୮ ବିଭାଗର ୧୨ ପ୍ରସ୍ତାବରେ ମୋହର
- ଡାଟା ସେଣ୍ଟର-୨.୦କୁ ସବୁଜ ସଙ୍କେତ
- ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାର ବ୍ୟୟବରାଦକୁ ମଞ୍ଜୁରୀ
- ଜୟଦେବ ବିହାର-ନନ୍ଦନକାନନ ଫ୍ଲାଏଓଭର ଟେଣ୍ଡରକୁ ଅନୁମୋଦନ

ଓଡ଼ିଶାକୁ ଏକ ଅଗ୍ରଣୀ ଗଭୀର ସମୁଦ୍ର ମାଛ ଉତ୍ପାଦନ ଓ ସାମୁଦ୍ରିକ ଖାଦ୍ୟ ରପ୍ତାନୀ ହବ ଭାବେ ଗଢ଼ି ତୋଳିବାକୁ ଆଜି କ୍ୟାବିନେଟ୍ ଓଡ଼ିଶା ଗଭୀର ସମୁଦ୍ରରେ ମାଛ ଧରିବା ମିଶନ (୨୦୨୬-୩୬) ଯୋଜନାକୁ ମଞ୍ଜୁରୀ ଦେଇଛି। ଏଥିସହ ରାଜ୍ୟ କ୍ୟାବିନେଟ ଆଜି ମୋଟ ୧୨ଟି ପ୍ରସ୍ତାବକୁ ଅନୁମୋଦନ କରିଛି। ଓଡ଼ିଶା ଗଭୀର ସମୁଦ୍ରରେ ମାଛ ଧରିବା ମିଶନ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଏକ ଫ୍ଲାଗସିପ କାର୍ଯ୍ୟକ୍ରମ। ରାଜ୍ୟର ୫୭୫ କିମି ସମୁଦ୍ର ଉପକୂଳ ଉପରେ ୫ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀ ନିର୍ଭର କରନ୍ତି। ବର୍ତ୍ତମାନ ମତ୍ସ୍ୟ ଉତ୍ପାଦନ କେବଳ ଉପକୂଳରେ ସୀମିତ। କିନ୍ତୁ ଗଭୀର ସମୁଦ୍ର ମଧ୍ୟରେ ବହୁ ମୂଲ୍ୟବାନ ସାମୁଦ୍ରିକ ମତ୍ସ୍ୟ ସମ୍ପଦ ରହିଥିବାରୁ ଏହାର ବୈଜ୍ଞାନିକ ଓ ଦାୟିତ୍ୱପୂର୍ଣ୍ଣ ଉପଯୋଗ ଜରିଆରେ ରାଜ୍ୟର ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ରରେ ନୂଆ ଅଭିବୃଦ୍ଧି ସୃଷ୍ଟି କରିବା ଏହି ମିଶନର ଲକ୍ଷ୍ୟ। ଏହି ମିଶନ ପୃଷ୍ଠା-୬

## ବରଗଡ଼କୁ ବଡ଼ ଉପହାର ଦେବେ ଶାହ

**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ତିନିଦିନିଆ ଓଡ଼ିଶା ଗସ୍ତରେ ଆସିବେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ଆସନ୍ତା ଜୁଲାଇ ୩ ତାରିଖ ବିଳମ୍ବିତ ରାତିରେ ଓଡ଼ିଶାରେ ପହଞ୍ଚିବେ ଶାହ। ଜୁଲାଇ ୪ ତାରିଖରେ ବରଗଡ଼ ଜିଲ୍ଲା ବଉଳସିଂହାରେ ବିପିସିଏଲ ଇଥାନଲ ପ୍ଲାଣ୍ଟର ଉଦଘାଟନ କରିବେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ। ୧,୭୫୦ କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ୪ ଓ ୫ ତାରିଖ ଦୁଇ ଦିନ ଧରି ପଶ୍ଚିମ ଓଡ଼ିଶା ସମେତ ବଡ଼ମ୍ବାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବେ। ସମ୍ବଲପୁର ଗ୍ରେଟର ରିଂ-ରୋଡ଼ର ସୌନ୍ଦର୍ଯ୍ୟକରଣ ଓ ସମ୍ପ୍ରସାରଣ କାର୍ଯ୍ୟର ଶୁଭ ଦେବେ ସ୍ୱରାଷ୍ଟ୍ର ମନ୍ତ୍ରୀ। ଏଥିସହ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟର ବିଜେପି ସରକାରଙ୍କ ସଫଳତା ବାବଦରେ ଆୟୋଜିତ ସାଧାରଣ ସଭାରେ ଯୋଗଦେବେ।

ବରଗଡ଼ର ଇଥାନଲ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ଅଞ୍ଚଳର ବେକାରୀ ସମସ୍ୟା ଦୂର ହେବା ସହ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତିର ବଡ଼ ସୁଯୋଗ ସୃଷ୍ଟି ହେବ। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ କହିଛନ୍ତି ଯେ ୩ ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚି ସେଠାରେ ରାତ୍ରିଯାପନ କରିବେ। ୪ ତାରିଖରେ ବରଗଡ଼ର ବଉଳସିଂହା ଆସି ଇଥାନଲ ପ୍ଲାଣ୍ଟର ଲୋକାର୍ପଣ ଉତ୍ସବରେ ସାମିଲ ହେବେ। ଏହାପରେ ସେ ଏକ ବିଶାଳ ସାଧାରଣ ସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି।



- ମେଗା ଇଥାନଲ୍ ପ୍ଲାଣ୍ଟର କରିବେ ଲୋକାର୍ପଣ
- ପଶ୍ଚିମ ଓଡ଼ିଶା ଓ ବଡ଼ମ୍ବାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ହେବ

ବିପିସିଏଲ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ଏହି ଫାଷ୍ଟ ଜେନେରେସନ ଓ ସେକେଣ୍ଡ ଜେନେରେସନ୍ ବାୟୋ-ଇଥାନଲ ରିଫାଇନାରି ପ୍ଲାଣ୍ଟ କେବଳ ଶିଳ୍ପାୟନ ନୁହେଁ, ବରଗଡ଼ର ଚାଷୀଙ୍କ ପାଇଁ ଏକ ବରଦାନ ସଦୃଶ ହେବ। ଚାଷୀମାନେ ଏବେ ଧାନ ଚାଷ ପରେ ବଳକା ନଡ଼ା ଓ ନଷ୍ଟ ହେଉଥିବା ଶସ୍ୟକୁ ଏହି ପ୍ଲାଣ୍ଟରେ ବିକ୍ରି କରି ବେଶ ଲାଭବାନ ହୋଇପାରିବେ। ଯାହାକୁ ନେଇ ଚାଷୀକୂଳ ସହ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଖୁସିର ପୃଷ୍ଠା-୬

### ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି

## ଆଖି ବୁଜିଲେ ଆଉ ଜଣେ ଶ୍ରମିକ, ମୃତ୍ୟୁସଂଖ୍ୟା ୧୪

**କେନ୍ଦୁଝର,୧୭(ସଂଚାର ବ୍ୟୁରୋ):** ତାମିଲନାଡୁରେ ଘଟିଥିବା ଆମୋନିଆ ଗ୍ୟାସ୍ ଦୁର୍ଘଟଣାରେ ଓଡ଼ିଶାର ୧୩ ଜଣ ଶ୍ରମିକ ମୃତ୍ୟୁବରଣ କରିଥିଲେ। ତେବେ ଏହି ସଂଖ୍ୟାରେ ଆଜି ଆଉ ଏକ ନାମ ଯୋଡ଼ି ହୋଇଛି। ଫଳସ୍ୱରୂପ ଏହି ଅଘଟଣରେ ମୋଟ ମୃତ୍ୟୁ ସଂଖ୍ୟା ୧୪ରେ ପହଞ୍ଚିଯାଇଛି। ଆଜି ଆଉ ଜଣେ ଶ୍ରମିକ ପ୍ରାଣ ହରାଇଛି। ସେ ହେଲେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ପିଠାଗୋଳା ପଞ୍ଚାୟତ ଅନ୍ତର୍ଗତ ହେଲେଖରବା ଗାଁର ଭୀମ ଜୁଆଙ୍ଗଙ୍କ ଝିଅ ଅଞ୍ଜଳି ଜୁଆଙ୍ଗ। ତେବେ ଓଡ଼ିଶାରୁ ଗରିବ ଏବଂ ଶ୍ରମିକମାନଙ୍କୁ ହରିଚନ୍ଦନପୁର ଥାନା ଅଞ୍ଚଳର ଜନୈକ ମହିଳା ଦଲାଲ ଏବଂ କାଳିଆହୋତା ଗ୍ରାମର ଶ୍ରୀକାନ୍ତ ଜୁଆଙ୍ଗ ଆର୍ଥିକ ପ୍ରଲୋଭନ ଦେଖାଇ ତାମିଲନାଡୁ ସ୍ଥିତ ଏକ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିକୁ କାର୍ଯ୍ୟ କରିବାକୁ ନେଇଥିଲେ। ପୃଷ୍ଠା-୬

**ଦଲାଲ ଶ୍ରୀକାନ୍ତ ଜୁଆଙ୍ଗ ବିରୋଧରେ ଏତଲା**

### ଟୁ-ଜି ସ୍ପେକ୍ଟ୍ରମ୍ ଦୁର୍ନୀତି

## ଚିଦାମ୍ବରମଙ୍କୁ କ୍ଲିନ୍ ଚିଟ୍

**ନୂଆଦିଲ୍ଲୀ, ୧୭:** ବହୁ ଚର୍ଚ୍ଚିତ ଟୁ-ଜି ସ୍ପେକ୍ଟ୍ରମ୍ ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ କ୍ଲିନ୍‌ଚିଟ୍ ଦେଇଛି। ତେବେ ଏହି ସମାନ୍ୟ ସମୟରେ ଟୁ-ଜି ସ୍ପେକ୍ଟ୍ରମ୍ ଦୁର୍ନୀତିକୁ ନେଇ ଏନ୍‌ଡିଏ ସମୟରେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ଯଶୱନ୍ତ ସିଂଙ୍କୁ ଜେରା କରିବ ବୋଲି ଘୋଷଣା କରିଛି। ୟୁପିଏ ସରକାର ସମୟରେ ପି. ଚିଦାମ୍ବରମ୍ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ବେଳେ ଟୁ-ଜି ସ୍ପେକ୍ଟ୍ରମ୍ ଦୁର୍ନୀତି ଲୋକଲୋଚନକୁ ଆସିଥିଲା। ଟୁ-ଜି ସ୍ପେକ୍ଟ୍ରମ୍ ଆବଣ୍ଟନ ଓ ମୂଲ୍ୟ ନିର୍ଦ୍ଧାରଣରେ ତ୍ରୁଟି ହୋଇଥିଲା। ତେବେ ଏହାକୁ ନେଇ କୌଣସି ଆପରାଧିକ ଭୁଲ୍ ହୋଇ ନଥିଲା ବୋଲି ତଦନ୍ତକାରୀ ସଂସ୍ଥା ସ୍ପଷ୍ଟୀକରଣ ଦେଇଛି। ଏ ଘଟଣାରେ ସିବିଆଇ ପୂର୍ବତନ ଟେଲିକମ୍ ମନ୍ତ୍ରୀ ଏ.ରାଜାଙ୍କୁ ସମ୍ପୂର୍ଣ୍ଣ ଦାୟୀ କରିଛି। ପୂର୍ବତନ ଅର୍ଥମନ୍ତ୍ରୀ ଯଶୱନ୍ତ ସିଂଙ୍କୁ ଜେରା କରିବା ସମ୍ପର୍କରେ ସିବିଆଇ କହିଛି ଯେ, ଏନଡିଏ ସମୟରେ ଏକ ମନ୍ତ୍ରୀସ୍ତରୀୟ ବୈଠକରେ ସ୍ପେକ୍ଟ୍ରମ୍ ମୂଲ୍ୟ ଧାର୍ଯ୍ୟ କରାଯାଇଥିଲା। ତତ୍କାଳୀନ ଅର୍ଥମନ୍ତ୍ରୀ ଯଶୱନ୍ତ ସିଂହ ଏହି ମନ୍ତ୍ରୀସ୍ତରୀୟ ବୈଠକର ନେତୃତ୍ୱ ନେଇଥିଲେ।

## ଗୁରୁଦ୍ୱାର ଭାଙ୍ଗିବା ଘଟଣାକୁ ଭାରତର ନିନ୍ଦା

**ନୂଆଦିଲ୍ଲୀ, ୧୭:** ପାକିସ୍ତାନର ଫାରୁକବାଦରେ ଥିବା ୧୨୫ ବର୍ଷର ପୁରୁଣା ଗୁରୁଦ୍ୱାର ଶ୍ରୀ ଗୁରୁ ସିଂ ସଭା ସାହିବ ଭାଙ୍ଗିବା ଖବରକୁ ଭାରତ ବୁଧବାର କଡ଼ା ନିନ୍ଦା କରିଛି। ଏକ ପବିତ୍ର ଶିଖ ଧର୍ମସ୍ଥଳ ବିରୁଦ୍ଧରେ ଏହା ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପ୍ରକାଶିତ ଖବର ଅନୁଯାୟୀ, ପଞ୍ଜାବ ପ୍ରଦେଶରେ ଥିବା ଏହି ପ୍ରାଚୀନ ଗୁରୁଦ୍ୱାରକୁ ଜୁନ ୨୪ ତାରିଖ ରାତିରେ ଭଙ୍ଗା ଯାଇଥିଲା।

## ସଡ଼କ ଦୁର୍ଘଟଣା, ୫ ମୃତ

**ନୂଆଦିଲ୍ଲୀ, ୧୭:** ଲକ୍ଷ୍ନୌ-ଆଗ୍ରା ଏକ୍ସପ୍ରେସୱେରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଦୁଇ ଯୁବତୀଙ୍କ ସମେତ ଏକ କାରରେ ଯାତ୍ରା କରୁଥିବା ପାଞ୍ଚଜଣ ପ୍ରାଣ ହରାଇଛନ୍ତି। ଆଜି ଭୋର ସମୟରେ ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେରେ ଏହି ଦୁର୍ଘଟଣା ଘଟିଛି। ଏକ ସ୍ଲିପର ବସ୍ ହରିଆଣାରୁ ବିହାର ଯାତ୍ରା କରୁଥିବା ବେଳେ ହଠାତ୍ ଡିଭାଇଡର ପାର ହୋଇ ଏକ୍ସପ୍ରେସୱେର ବିପରୀତ ପାର୍ଶ୍ୱକୁ ଚାଲିଯାଇଥିଲା। ଏହି ସମୟରେ ଗୋରଖପୁରରୁ ମଥୁରା ଯାଉଥିବା ଏକ କାର ସହିତ ଧକ୍କା ହୋଇ ୧୨ ଫୁଟ ଗଭୀର ଖାଇକୁ ଖସିପଡ଼ିଲା।

## ଜେନାପୁର ପୁଲିସ ଛତ୍ରଛାୟାରେ କଳାପଥର ଲୁଟ୍!

- ୧୦୦ କୋଟି ଟଙ୍କାର କଳାପଥର ଲୁଟ୍ ହୋଇଥିବା ଅଭିଯୋଗ
- ଯାଜପୁର ଡିଡିଏମଙ୍କ ନିର୍ଦ୍ଦେଶକୁ ମାନୁନାହାଁନ୍ତି ଥାନା ଅଧିକାରୀ

**ଯାଜପୁର,୧୭(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଜେନାପୁର ଥାନା ଏବେ ସବୁଠାରୁ ଲାଭଜନକ ଥାନାରେ ପରିଣତ ହୋଇଛି। ଏଠାରେ ପୁଲିସ, ପ୍ରଶାସନ ଓ ମାଫିଆଙ୍କ ମହାମେଣ୍ଟ ନିକଟରେ ଖଣି ବିଭାଗ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛି। ଏହି ଥାନା ଅଧୀନରେ ଥିବା ବିଛାଖଣ୍ଡି ପାହାଡ଼ରୁ ପ୍ରାୟ ୧୦୦ କୋଟି ଟଙ୍କାର କଳାପଥର ଲୁଟ୍ ହୋଇଛି । ବିଛାଖଣ୍ଡି ପାହାଡ଼ର ୧୧ ନମ୍ବର ଖାଦାନରୁ ବେଆଇନ ଭାବେ ଖଣି ଖନନ ଓ କଳାପଥର ଲୁଟ୍ ବେଳେ ଗତ ୬ ତାରିଖରେ ଏକ ଦୁର୍ଘଟଣାରେ ୩ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଥିଲେ। ଦୁର୍ଘଟଣାର ଦୁଇ ଦିନ ପର୍ଯ୍ୟନ୍ତ ପୃଷ୍ଠା-୬




## ଛାତ୍ରଛାତ୍ରୀଙ୍କୁ ମିଳିବ ତ୍ରୁଟିଶୂନ୍ୟ ନୂଆ ପାଠ୍ୟପୁସ୍ତକ

**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଚଳିତ ଶିକ୍ଷା ବର୍ଷ ୨୦୨୬-୨୭ରୁ ନୂତନ ଭାବେ ପ୍ରସ୍ତୁତ ପାଠ୍ୟପୁସ୍ତକଗୁଡ଼ିକରେ ତ୍ରୁଟି ପ୍ରସଙ୍ଗରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସମ୍ବୋଧନ କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ। ଯଥାଶୀଘ୍ର ତ୍ରୁଟିଶୂନ୍ୟ ନୂତନ ପାଠ୍ୟ ପୁସ୍ତକ ଯୋଗାଇ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଥିବା ସେ କହିଛନ୍ତି।

ପ୍ରଥମରୁ ଅଷ୍ଟମ ଶ୍ରେଣୀର ପାଠ୍ୟପୁସ୍ତକଗୁଡ଼ିକରେ ତ୍ରୁଟି ଥିବା ସରକାରଙ୍କ ନଜରକୁ ଆସିଥିଲା। ମୁଖ୍ୟମନ୍ତ୍ରୀ ଏହାର ଗୁରୁତ୍ୱକୁ ହୃଦୟଙ୍ଗମ କରି ପାଠ୍ୟପୁସ୍ତକରେ ଦେଖାଯାଇଥିବା ତ୍ରୁଟି କିପରି ହୋଇଥିଲା ଓ କେଉଁମାନେ ଏଥିରେ ଦାୟୀ, ସେ ସମ୍ବନ୍ଧରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ବିଚାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କମିଟିର ସୁପାରିସ୍ କ୍ରମେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେଇସାରିଛନ୍ତି ଓ ପରବର୍ତ୍ତୀ ସମୟରେ ଆବଶ୍ୟକ ସ୍ଥଳେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପାଠ୍ୟପୁସ୍ତକରେ ଦେଖାଯାଇଥିବା ତ୍ରୁଟିକୁ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଗୁରୁତର ସହ ନେଇଛନ୍ତି ଓ ଛାତ୍ରଛାତ୍ରୀମାନଙ୍କୁ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶାସନ ସଚିବ ଡ. ନାୟକ ଗଣମାଧ୍ୟମକୁ ପୃଷ୍ଠା-୬



- ମତାମତ ପାଇଁ ସଂଶୋଧିତ ବହି ବିଭାଗୀୟ ୱେବସାଇଟରେ ଦିଆଯିବ
- ପାଠ୍ୟପୁସ୍ତକ ଯୋଗାଇଦେବା ପର୍ଯ୍ୟନ୍ତ ସଂଶୋଧିତ ତଥ୍ୟ ଶିକ୍ଷକଙ୍କୁ ଦିଆଯାଇଛି

## ଇନଷ୍ଟାଗ୍ରାମ ପୋଷ୍ଟରେ ମହାପ୍ରଭୁଙ୍କୁ ଅପମାନ

### ଭକ୍ତ ମହଲରେ ଅସନ୍ତୋଷ

**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** କୋଟି କୋଟି ଓଡ଼ିଆଙ୍କ ଭାବର ଠାକୁର ମହାପ୍ରଭୁ ଜଗନ୍ନାଥ ଏବେ ଜ୍ୱରରେ ପୀଡ଼ିତ ଓ ଅଣସର ଘରେ ତାଙ୍କର ଚିକିତ୍ସା ଦଇତାପତି ଓ ପତି ମହାପାତ୍ରଙ୍କ ଦ୍ୱାରା ଗୁପ୍ତ ଚିକିତ୍ସା ଚାଲିଛି। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ମହାପ୍ରଭୁ ଅଣସର ଘରେ ରହିବେ। ତେବେ ଏହି ସମୟରେ ପୁଣିଥରେ ମହାପ୍ରଭୁଙ୍କ ପ୍ରତି ଅପମାନ ହୋଇଛି। ଅନେକ ସମୟରେ ଭକ୍ତ ମହାପ୍ରଭୁଙ୍କ ସହ ଖେଳ ଖେଳି କୋଟି କୋଟି ଭକ୍ତଙ୍କ ମଧ୍ୟରେ କ୍ଷୋଭ ସୃଷ୍ଟି କରୁଛନ୍ତି। ଏବେ ଏପରି ଜଣେ ବ୍ୟକ୍ତି ଶସ୍ତା ଲୋକପ୍ରିୟତା ପାଇଁ ମହାପ୍ରଭୁଙ୍କ ସହ ଖେଳ ଖେଳିଛନ୍ତି। ଉକ୍ତ ବ୍ୟକ୍ତିଙ୍କ ନାମ ହେଉଛି ଶୁଭମ୍ ଜ୍ୟୋତି ମାହାତୋ। ସେ କରିଥିବା ଏକ ଇନଷ୍ଟାଗ୍ରାମ ପୋଷ୍ଟରେ ଏକ ଫଟୋଚିତ୍ର ମାଧ୍ୟମରେ ଜଣେ ଡାକ୍ତର ହୋଇ ମହାପ୍ରଭୁଙ୍କ ପାଟି ଓ ଶରୀରରେ ଥର୍ମୋମିଟର ପକାଇ ଉତ୍ତାପ ମାପୁଛନ୍ତି। ଏହା ମହାନ୍ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଘୋର ଅପମାନ। ଏହା ଶ୍ରୀଜଗନ୍ନାଥ ସଂସ୍କୃତିପ୍ରେମୀଙ୍କ ମନରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ସେମାନେ ଏପରି ଏକ ପୋଷ୍ଟକୁ ନାପସନ୍ଦ କରିବା ସହ ଏଭଳି ହୀନ ମାନସିକତା ରଖୁଥିବା ବ୍ୟକ୍ତିଙ୍କ ପୃଷ୍ଠା-୬



### କାନ ଡେରିଥା

ନାମ ଧନୁର୍ଦ୍ଧର କାମ ଥିଲା ଚୋରି
ଭିଜିଲାନ୍ସ ଧରିଦେଲା
କୋଟିକୋଟି ଟଙ୍କା ପିସି
ନେଉନେଉ
ଏବେ ଧରା ପଡିଗଲା
ଧନ ଦେଖି ଆଖି ମେଲା...
ଏମିତି କାଢୁଆ ଅଫିସର ଥିଲେ
ସବୁ କାମ ହେବ ଢିଲା ।

*ଦେବାଶିଷ*

## ସୁଜାତାଙ୍କ ଆଗମନ ପରେ ଆଶ୍ଚର୍ଯ୍ୟଜନକ ଶୃଙ୍ଖଳା

**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ବିଜେଡିରେ ପୂର୍ବତନ ଆଇଏଏସ୍ ଅଫିସର ସୁଜତା ରାଉତ ଯୋଗ ଦେବା ପରେ କେବଳ ବିଜେଡି ନେତାମାନେ ଶୃଙ୍ଖଳିତ ଆଚରଣ କରୁଛନ୍ତି ତାହା ନୁହେଁ, ବିଜେଡି ରାଜନୀତିକୁ ନେଇ କଟାକ୍ଷ କରୁଥିବା ବିଜେପି ଓ କଂଗ୍ରେସର ନେତାମାନଙ୍କ ସ୍ୱର ବି ବଦଳିଯାଇଛି। ରାଜ୍ୟ ରାଜନୀତିରେ ହଠାତ୍ ଏଭଳି ପରିବର୍ତ୍ତନ ଆଗକୁ କି ରୂପ ନେଉଛି, ତା' ଉପରେ ଏବେ ସମସ୍ତେ ନଜର ରଖିଛନ୍ତି।

ସବୁ ଆଲୋଚନାର ପରିସମାପ୍ତି ଘଟାଇ ସୁଜାତା ବିଜେଡିରେ ଯୋଗ ଦେବା ପରେ ପାଣ୍ଡିଆନ ଦମ୍ପତିଙ୍କୁ ନେଇ ବିଷ ଓଗାଳୁଥିବା ବିଜେଡିର ବହୁ ନେତାଙ୍କ ସ୍ୱର ଆଉ ଶୁଣିବାକୁ ମିଳୁନାହିଁ। ଯେଉଁମାନେ କହୁଥିଲେ ସୁଜାତା ବିଜେଡିକୁ ଆସିଲେ ଦଳ ବୁଡ଼ିଯିବ ଓ ସେମାନେ ଦଳ ଛାଡ଼ିବାକୁ ଚିନ୍ତା କରିବେ, ସେହି ନେତାମାନେ ଏବେ ଅତ୍ୟନ୍ତ ଶୃଙ୍ଖଳିତ ଆଚରଣ କରୁଛନ୍ତି। ଯଦିଓ କିଛି ବରିଷ୍ଠ ନେତା ପରୋକ୍ଷରେ ଦଳକୁ ନେଇ ମତ ଦେଉଛନ୍ତି, କିନ୍ତୁ ଗଣମାଧ୍ୟମରେ ବୟାନବାଜି କରୁନାହାନ୍ତି କି ପାଣ୍ଡିଆନ ଦମ୍ପତିକୁ ନେଇ ମୁହଁ ଖୋଲୁନାହାନ୍ତି।

ସାଧାରଣ ନିର୍ବାଚନ ହାରିବା ପରେ ବିଜେଡିରେ ଅସନ୍ତୋଷ ବଢ଼ିଥିଲା। ହାରୁ ନେତାମାନେ ନିଜ ଅପାରଗତା ଲୁଚାଇବା ପାଇଁ ପାଣ୍ଡିଆନଙ୍କ ମୁଣ୍ଡରେ ସବୁ ଦୋଷ ଦେଇଥିଲେ। ସିଧାସଳଖ କହିଥିଲେ, ପାଣ୍ଡିଆନଙ୍କ ପାଇଁ ହାରିଗଲୁ। ହେଲେ ସମସ୍ତ ପ୍ରକାର ସହାୟତା ସତ୍ତ୍ୱେ କାହିଁକି ହାରିଲେ, ତାହାର ତର୍ଜମା ନିଜେ କଲେ ନାହିଁ କି ଦଳପତିଙ୍କୁ ଜଣାଇଲେ ବି ନାହିଁ। ସେହିଭଳି ବିଧାୟକ ହୋଇଥିବା କିଛି ନେତା ମଧ୍ୟ ଦଳର ପରାଜୟ ପାଇଁ ପାଣ୍ଡିଆନଙ୍କୁ ଦାୟୀ କରିଥିଲେ। ଯଦିଓ ଏହି ନେତାମାନେ ନିଜ ବଳରେ ଜଣେ ହେଲେ ବିଧାୟକଙ୍କୁ ଜିତାଇ ପାରିବେ ନାହିଁ ବୋଲି ଜାଣିଥିଲେ, କିନ୍ତୁ ମଉକା ଦେଖି ଚଉକା ମାରିବା ନୀତିରେ ଏମାନେ ବି ପାଣ୍ଡିଆନଙ୍କୁ ଘୋର ବିରୋଧ କରିଥିଲେ।

### ବିରୋଧ କରୁଥିବା ନେତାଙ୍କ ପାଟି ଚୁପ୍
### ବିଜେପି ଓ କଂଗ୍ରେସ ନେତାଙ୍କ ଭିନ୍ନ ସ୍ୱର

ଏହି ବିରୋଧ ଅଧିକ ତୀବ୍ର ହେବାରୁ ଗତ ରାଜ୍ୟସଭା ନିର୍ବାଚନ ସମୟରେ କ୍ରସଭୋଟିଂ ମଧ୍ୟ ହୋଇଥିଲା। ଦଳର ୮ ଜଣ ବିଧାୟକ ନିଲମ୍ବିତ ବି ହୋଇଛନ୍ତି। ତେବେ ସବୁ ବାଦବିବାଦର ଅନ୍ତ ଘଟାଇ ସୁଜାତା ବିଜେଡିରେ ଯୋଗଦେବା ପରେ ସ୍ଥିତି ବଦଳିବାରେ ଲାଗିଛି। ସିଧାସଳଖ ହେଉ କିମ୍ବା ପରୋକ୍ଷରେ ହେଉ ତାଙ୍କୁ ବିରୋଧ କରୁଥିବା ନେତାମାନଙ୍କ ପାଟି ଚୁପ୍ ହୋଇଯାଇଛି। ଅବସ୍ଥା ଏଭଳି ହୋଇଛି ଯେ ସୁଜାତାଙ୍କ ଯୋଗଦାନ ଦିବସରେ ବିଭିନ୍ନ ଆଳ ଦେଖାଇ ଅନୁପସ୍ଥିତ ଥିବା ଦଳୀୟ ନେତାମାନେ ଦିନକ ପରେ ନିଜ ଆଡୁ ସୁଜାତାଙ୍କ ସହ ଫଟୋ ଉଠାଇବାକୁ ବାଧ୍ୟ ହୋଇଛନ୍ତି।



ସେହିଭଳି ସୁଜାତାଙ୍କ ଓଡ଼ିଆତ୍ୱ ଉପରେ ବୁଲେଇ ବଙ୍କେଇ ପ୍ରଶ୍ନ ସୃଷ୍ଟି କରୁଥିବା ବିଜେଡି ଓ କଂଗ୍ରେସର କିଛି ନେତା ବି ଚୁପ୍। ବିଜେପି ଏହା ବିଜେଡିର ଘରକଥା ବୋଲି କହି ବିବାଦ ଟାଳିଥିବା ବେଳେ କଂଗ୍ରେସ ମହିଳାଙ୍କୁ ବିରୋଧ କରିବ ନାହିଁ ବୋଲି ନିଜ ହାତ ଝାଡ଼ି ଦେଇଛି। ଏଥିରୁ ସୁଜାତାଙ୍କ ପ୍ରଭାବ ବାରି ହୋଇପଡୁଛି ବୋଲି ବିଜେଡି କର୍ମୀମାନେ କହୁଛନ୍ତି।

ଅନ୍ୟ ପକ୍ଷରେ ବିଜେଡିର କିଛି ବରିଷ୍ଠ ନେତା କିନ୍ତୁ ନବୀନଙ୍କ ବ୍ୟତୀତ ଦଳର ଅନ୍ୟ ଗତି ନାହିଁ ବୋଲି ଆଲୋଚନା ଛଳରେ କହୁଛନ୍ତି। ଯଦିଓ ସେମାନେ ଗଣମାଧ୍ୟମରେ କିଛି କହୁନାହାନ୍ତି, କିନ୍ତୁ ବ୍ୟକ୍ତିଗତ ଆଲୋଚନା ସମୟରେ କହୁଛନ୍ତି ଯେ ଆଗାମୀ ୨୦୨୯ ନିର୍ବାଚନରେ ଯଦି ନବୀନ ରାଜ୍ୟ ଗସ୍ତ ନ କରନ୍ତି, ତା'ହେଲେ ବିଜେଡି ୨୦୨୪ର ଦଶା ଭୋଗିବ। ଗୋଟିଏ ପଟେ ଏହା ସେମାନଙ୍କ ଭିତରେ ଥିବା କ୍ଷୋଭକୁ ଦର୍ଶାଉଥିବା ବେଳେ ଅନ୍ୟ ପଟେ ଥିବା ଭୟକୁ ମଧ୍ୟ ସୂଚୀତ କରୁଛି।

ସଂଚାର SANCHAR

### ଅବକାରୀ ବିଭାଗରେ ଇତିହାସ ରଚିଲା ପ୍ରଥମ ବ୍ୟାଚ୍

## ଭବ୍ୟ ଦୀକ୍ଷାନ୍ତ ସମାରୋହରେ ୧୨୨ ଅଧିକାରୀଙ୍କ ପାସିଂ ଆଉଟ୍



**ଯାଜପୁର,୧।୭ (ସଂଚାର ବ୍ୟୁରୋ):** ଓଡ଼ିଶା ଅବକାରୀ ବିଭାଗର ଇତିହାସରେ ବୁଧବାର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି। ଯାଜପୁର ଜିଲ୍ଲାର ସୋଲର (ବୈରୀ)ସ୍ଥିତ ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଅବକାରୀ ବିଭାଗର ପ୍ରଥମ ବ୍ୟାଚ୍‌ର ୨୨ ଜଣ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଓ ୧୦୦ ଜଣ ସବ୍-ଇନ୍ସପେକ୍ଟର ପ୍ରଶିକ୍ଷାର୍ଥୀଙ୍କ ଭବ୍ୟ ପାସିଂ ଆଉଟ୍ ପରେଡ୍ ଓ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଥିଲା।

ଓଡ଼ିଶା ସରକାରଙ୍କ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡ୍‌ର ଅଭିବାଦନ ଗ୍ରହଣ କରିବା ସହ ନବନିଯୁକ୍ତ ଅଧିକାରୀମାନଙ୍କୁ କର୍ତ୍ତବ୍ୟନିଷ୍ଠା, ସାଧୁତା ଓ ସ୍ୱଚ୍ଛତାର ସହିତ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ନିଜ ଉଦ୍‌ବୋଧନରେ ମନ୍ତ୍ରୀ କହିଥିଲେ, ଅବକାରୀ ବିଭାଗ କେବଳ ସରକାରଙ୍କ ରାଜସ୍ୱ ସଂଗ୍ରହକାରୀ ସଂସ୍ଥା ନୁହେଁ, ବରଂ ସାମାଜିକ ଶୃଙ୍ଖଳା ଓ ଜନସୁରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଆଜିର ଶପଥ କେବଳ ଏକ ଔପଚାରିକତା ନୁହେଁ, ବରଂ ସାଢ଼େ ଚାରି କୋଟି ଓଡ଼ିଆଙ୍କ ପ୍ରତି ଥିବା ପବିତ୍ର ଦାୟିତ୍ୱର ପ୍ରତିଶ୍ରୁତି। ନିଶାମୁକ୍ତ, ସୁସ୍ଥ ଓ ସମୃଦ୍ଧ ଓଡ଼ିଶା ଗଠନରେ ଏହି ନବନିଯୁକ୍ତ ଅଧିକାରୀମାନେ ଉଲ୍ଲେଖନୀୟ ଭୂମିକା ନେବେ ବୋଲି ସେ ଆଶା ପ୍ରକାଶ କରିଥିଲେ।

## କୋରେଇ ବିଜେପିରେ ସାମିଲ ହେଲେ ଶତାଧିକ ଅନ୍ୟ ଦଳର କର୍ମୀ



**ଯାଜପୁର ରୋଡ଼,୧।୭(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରରେ ଥିବା ଟାଉନ ହଲରେ ଭାରତୀୟ ଜନତା ପାର୍ଟି କୋରେଇ ପକ୍ଷରୁ ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କୋରେଇ ନିର୍ବାଚନ ମଣ୍ଡଳୀର ଜହ୍ନା ଓ ଲକ୍ଷ୍ମୀନଗର ପଂଚାୟତର ଶତାଧିକ ପରିବାର ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି । ବିଜେଡି, କଂଗ୍ରେସ ଦଳର ଆଗୁଆ ନେତା ଓ କର୍ମୀ ଦଳ ଛାଡ଼ି ଭାରତୀୟ ଜନତା ପାର୍ଟିର ସର୍ବୋଚ୍ଚ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହେବା ସହ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ ଏବଂ କୋରେଇ ନିର୍ବାଚନ ମଣ୍ଡଳୀର ପ୍ରିୟ ବିଧାୟକ ଆକାଶ ଦାସନାୟକ୍‌ଙ୍କ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ଅନ୍ୟ ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ଏହାକୁ ନେଇ ବିଧାୟକ କହିଛନ୍ତି ଏହି ମିଶ୍ରଣ ପର୍ବର ପ୍ରଭାବ ଦଳ ବଢ଼ିବା ସହ ବିକାଶଧାରା କୋଣ ଅନୁକୋଣରେ ପହଂଚିବ ବୋଲି ଜଣାଇଛନ୍ତି। ଏହି ମିଶ୍ରଣ ପର୍ବ ବିରୋଧି ଶିବିରକୁ ଏକା ବଡ ଝଟକା ଦେଇଛି ବୋଲି ସାଧାରଣରେ ଚାରିଆଡ଼େ ଆଲୋଚନା ହେଉଛି।

## ଅରିଲୋ ଶାସନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୋଷାକ ବିତରଣ ଉତ୍ସବ



**ମାହାଙ୍ଗା,୧।୭(ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ସାହାପୁର ପଞ୍ଚାୟତସ୍ଥିତ ଅରିଲୋ ଶାସନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶେଫାଳିକା ବଳଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ବିଦ୍ୟାଳୟର ୮୦ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରିଥିଲେ। ବର୍ତମାନ ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ା ନିମନ୍ତେ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯାଉଥିବାରୁ ଗରିବ ପିଲାମାନେ ପାଠପଢ଼ି ଉଚ୍ଚ ଶିକ୍ଷା ଲାଭ କରିବା ସହ ସମାଜରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରୁଛନ୍ତି ବୋଲି କହିଥିଲେ। ଶିକ୍ଷୟିତ୍ରୀ ସଞ୍ଜିଦା ବେଗମ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ଦୂର୍ଲ୍ଲଭ କିଶୋର ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ କର୍ମକର୍ତା ଓ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବାଲି ବୋଝେଇ ହାଇୱା ଜବତ

**ମାର୍ଶାଘାଇ,୧।୭(ସଂଚାର ବ୍ୟୁରୋ):** ମାର୍ଶାଘାଇ ଅଂଚଳରେ ବେଆଇନ ଭାବରେ ବାଲି ଚୋରି ହେଉଥିବା ନେଇ ଖବର ପାଇ ମାର୍ଶାଘାଇ ତହସିଲ ପ୍ରଶାସନ ସଜାଗ ହୋଇ ଉଠିଛି । ମାର୍ଶାଘାଇ ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ଭୋଇ କେନାଲବ୍ରିଜ ନିକଟରୁ ଦୁଇଟି ବାଲି ବୋଝେଇ ହାଇୱାକୁ ମଙ୍ଗଳବାର ଅପରାହ୍ନରେ ଜବତ କରି ମାର୍ଶାଘାଇ ତହସିଲ କାର୍ଯ୍ୟାଳୟ କ୍ୟାମ୍ପସକୁ ନେଇଯାଇଥିଲେ ।

# ବଦଳିଲେ ୪ ଯନ୍ତ୍ରୀ, ୩ ବର୍ଷରୁ ଊର୍ଦ୍ଧ୍ୱ ହେବ 'ଗାଦି ମାଡ଼ି' ବସିଥିଲେ

**ମହାକାଳପଡ଼ା,୧।୭ (ସଂଚାର ବ୍ୟୁରୋ):** ସଂଚାରରେ ଖବର ପ୍ରକାଶ ପରେ ତିନି ବର୍ଷରୁ ଊର୍ଦ୍ଧ୍ୱ ହେବ ଗୋଟିଏ ଜାଗାରେ ଗାଦି ମାଡ଼ି ବସିଥିବା ଯନ୍ତ୍ରୀ ମାନଙ୍କୁ ଆଜି ବଦଳି କରିଛି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ। ସେମାନେ ଗୋଟିଏ ବ୍ଲକ ରେ କୋଠ ପୁଅ ଭଳି କାର୍ଯ୍ୟ କରି ଆସୁଥିଲେ ଯାହା ସରକାରଙ୍କ ବଦଳି ନିୟମକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଥିଲା।

କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକରେ ଜଣେ ଜଣେ ଅଧିକାରୀ ଦୀର୍ଘ ବର୍ଷ ଧରି ଗୋଟିଏ ଜାଗାରେ ଗାଦି ମାଡ଼ି ବସି ରହିଥିଲେ। ଯାହାଫଳରେ ସରକାରଙ୍କ ବଦଳି ନିର୍ଦ୍ଦେଶନାମାର ଧଜିୟା ଉଡୁଥିବା ଅଭିଯୋଗ ହୋଇ ଆସୁଥିଲା। ଏମିତି ତଥ୍ୟ ସୂଚନା ଅଧିକାର ଆଇନ ବଳରେ ମିଳିବା ପରେ ବ୍ଲକ୍ ରେ ଗାଦିମଡା ଅଧିକାରୀଙ୍କ ଚିଠା ସାମ୍ନାକୁ ଆସିଥିଲା।




ସୂଚନା ମୁତାବକ ଯନ୍ତ୍ରୀ ମନୋଜ କୁମାର ଜେନା ୧୯ ଜୁନ୍ ୨୦୧୭ରୁ ଅର୍ଥାତ୍ ଦୀର୍ଘ ଆଠବର୍ଷରୁ ଅଧିକ, ଯନ୍ତ୍ରୀ ବିଭୂତି ଚରଣ ବେହେରା ୩୦ ନଭେମ୍ବର ୨୦୧୯ ଠାରୁ ପ୍ରାୟ ୭ ବର୍ଷ, ଯନ୍ତ୍ରୀ ଗୋପାଳ ଚନ୍ଦ୍ର ଦାସ ୩୦ ଜୁନ୍ ୨୦୨୧ ଠାରୁ ପ୍ରାୟ ୪ ବର୍ଷରୁ ଅଧିକ, କମ୍ପ୍ୟୁଟର ପ୍ରୋଗ୍ରାମର ହିମାଂଶୁ ଶେଖର ଦାଶ ୩୦ ମାର୍ଚ୍ଚ ୨୦୨୧ ଠାରୁ ପ୍ରାୟ ୪ ବର୍ଷରୁ ଅଧିକ, ଖଲାସି ଭାବେ କାର୍ଯ୍ୟ କରୁଥିବା ସୁଭେନ୍ଦୁ ନାରାୟଣ ଦାସ ୦୧ ଜୁନ୍ ୨୦୧୯ ଠାରୁ ପ୍ରାୟ ୬ ବର୍ଷରୁ ଅଧିକ, ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀ ସୁବ୍ରତ କୁମାର ସାହୁ ୨୭

**'ସଂଚାର' ପ୍ରଭାବ**

ଡିସେମ୍ବର ୨୦୨୧ ଠାରୁ ପ୍ରାୟ ସାଢ଼େ ୪ ବର୍ଷ ଧରି ମହାକାଳପଡ଼ା ବ୍ଲକ୍ ରେ ରହିଛନ୍ତି। ଏହା ବ୍ୟତୀତ ଟିସି,ଏସ ଏସଏ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ଅତନୁ କୁମାର ଦାଶ ୨୬ ଜୁଲାଇ ୨୦୨୨ ଠାରୁ ପ୍ରାୟ ୩ ବର୍ଷରୁ ଅଧିକ ସମୟ ଧରି ଏଠାରେ କାର୍ଯ୍ୟରତ ଥିବା ତଥ୍ୟ ସୁଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଛି।

ସବୁଠାରୁ ବଡ଼ କଥା ହେଲା ୱାଚ୍ ମ୍ୟାନ ଭାବେ ନିରଞ୍ଜନ ଲେଙ୍କା ୧ ଅକ୍ଟୋବର ୧୯୯୪ ରେ ଯୋଗଦାନ କରିଛନ୍ତି ବୋଲି ସୂଚନା ରେ ଉଲ୍ଲେଖ ହୋଇଛି, ଯାହାକୁ ନେଇ ମଧ୍ୟ ଦ୍ୱନ୍ଦ ସୃଷ୍ଟି ହୋଇଥିଲା। ଏନେଇ ବୁଧବାର ସଂଚାରରେ "ମହାକାଳପଡ଼ା ବ୍ଲକରେ କାର୍ଯ୍ୟକାରୀ ହେଉନି ବଦଳି ନିୟମ" ଶୀର୍ଷକ ଖବର ପ୍ରକାଶ ପାଇବା ପରେ ତତ୍ପରତା ଦେଖାଇଛି ପ୍ରଶାସନ। ଯନ୍ତ୍ରୀ ମନୋଜ କୁମାର ଜେନା, ବିଭୂତି ଚରଣ ବେହେରା ଓ ସହାୟକ ଯନ୍ତ୍ରୀ ମୁକ୍ତିକାନ୍ତ ସାହୁ ଏବଂ ନର୍ମଦା ସ୍ୱାଇଁ ଙ୍କୁ ମହାକାଳପଡ଼ା ବ୍ଲକ୍ ରୁ ଅନ୍ୟ ବ୍ଲକ୍ କୁ ବଦଳି କରିଛି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ।

ତେବେ ଅନ୍ୟମାନଙ୍କ ଉପରେ କେବେ ପ୍ରଶାସନର ନଜର ପଡ଼ିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ପୋଲ କାମ ବିଳମ୍ବ ଲାଗି ଯନ୍ତ୍ରୀଙ୍କୁ ସମ୍ମାନୀତ କରିବେ ଗ୍ରାମବାସୀ

### ଡେରାବିଶରେ ମୂକ ପାଲଟିଛି ଗ୍ରାମ୍ୟ ଉନ୍ନୟନ ବିଭାଗ

### ପିଅନ କରୁଛି କାର୍ଯ୍ୟ ତଦାରଖ

**ଡେରାବିଶ,୧।୭(ସଂଚାର ବ୍ୟୁରୋ):** ସରକାର ବଦଳିଲେ ମଧ୍ୟ କିଛି ସରକାରୀ ବାବୁ ଓ ବିଭାଗର ମନମାନି ଏବଂ ଅରାଜକତାରେ କୌଣସି ସୁଧାର ଆସିନାହିଁ । କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅଧୀନସ୍ଥ ଚଣ୍ଡିବଜାର ଠାରୁ ବଡ଼ଫୋଗଲ ଭାୟା ଜହ୍ନିମୂଳ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ଗୁରୁତ୍ୱପୂର୍ଣ ପ୍ରକଳ୍ପ କାର୍ଯ୍ୟରେ ଅହେତୁକ ବିଳମ୍ବ ଓ ବ୍ୟାପକ ଅନିୟମିତତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ଏହି କାମ ଅତିକ୍ରମ କରୁଥିବା ୨୦ ନମ୍ବର ଡ୍ରେନେଜ୍ କଟ ଉପରେ ପୂର୍ବରୁ ଥିବା ପୋଲଟିକୁ ଚଳିତ ବର୍ଷ ଜାନୁଆରୀ ୧ ତାରିଖରେ ବିଭାଗ ପକ୍ଷରୁ ଭାଙ୍ଗି ଦିଆଯାଇଥିଲା । ପ୍ରାୟ ୪୦ ରୁ ୫୦



ଫୁଟ ଦୈର୍ଘ୍ୟ ବିଶିଷ୍ଟ ଏହି ନୂତନ ପୋଲ ନିର୍ମାଣ କାର୍ଯ୍ୟ ଦୀର୍ଘ ଦୁଇ ବର୍ଷ ଧରି ଅତି ମନ୍ଥର ଗତିରେ ଚାଲିଥିବା ବେଳେ ବର୍ତ୍ତମାନ ତାହା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି ।

ମୁତାବକ, ନିର୍ମାଣଧୀନ ପ୍ରକଳ୍ପ ସ୍ଥଳରେ ଗ୍ରାମ୍ୟ ଉନ୍ନୟନ ବିଭାଗର କୌଣସି ଅଧିକାରୀ ଯେପରିକି ଯେଇ କିମ୍ବା ଏସଡିଓ ଉପସ୍ଥିତ ରହୁନାହାନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସରକାରୀ ଯନ୍ତ୍ରୀମାନେ ନିଘୋଡ଼ ନିଦ୍ରାରେ ଶୋଇଥିବା ବେଳେ ଜଣେ ପିଅନ ହିଁ କାର୍ଯ୍ୟର ମାନ ପରୀକ୍ଷା ଓ ତଦାରଖ କରୁଛନ୍ତି । ଯାହା ସମ୍ପୂର୍ଣ ପ୍ରଶାସନିକ ବ୍ୟବସ୍ଥାକୁ ଉପହାସ କରୁଛି।

ଅପର ପକ୍ଷେ କାର୍ଯ୍ୟ କରିବା ସମୟରେ ସାମ୍ବାଦିକ ଫୋଟୋ ଭିଡ଼ିଓ କରିବାରୁ ସାମ୍ବାଦିକଙ୍କ ଫୋଟୋ ଉଠାଇ ନାଲି ଆଖି ଦେଖାଉଛି। ବିଭାଗୀୟ ଅବହେଳା ଯୋଗୁଁ ସ୍ଥାନୀୟ ଜହ୍ନିମୂଳ ଓ ଆଖପାଖ ଗ୍ରାମର ହଜାର ହଜାର ଜନସାଧାରଣ ଚରମ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ବିଭାଗର ଏଭଳି କାର୍ଯ୍ୟ ପାଇଁ ଗ୍ରାମବାସୀ ଏକ ଅଭିନବ ତଥା କଟାକ୍ଷପୂର୍ଣ୍ଣ ପ୍ରତିବାଦର ପନ୍ଥା ଆପଣାଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଯେଉଁଭଳି ଭାବେ ପ୍ରକଳ୍ପକୁ ଅଧାପାନ୍ତରିଆ କରି ରଖି ଗ୍ରାମବାସୀଙ୍କୁ ୫ କିଲୋମିଟର ଚଲାଇଛନ୍ତି ସେଥିଲାଗି ଜିଲ୍ଲାପାଳଙ୍କ ଉପସ୍ଥିତିରେ ଆସନ୍ତା ୬ ତାରିଖରେ ତାଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରିବାକୁ ଲୋକେ ଜିଲ୍ଲାପାଳଙ୍କୁ ଅନୁମତି ମାଗିଛନ୍ତି । ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି ।

## ମହାକାଳପଡ଼ା ଥାନା ତରଫରୁ ନିଶା ମୁକ୍ତ ଓଡିଶା ଅଭିଯାନ




**ମହାକାଳପଡ଼ା,୧।୭(ସଂଚାର ବ୍ୟୁରୋ):** ମହାକାଳପଡ଼ା ଥାନା ପରିସରରେ ଥାନା ଅଧିକାରୀ ମାନସ ମଲ୍ଲିକଙ୍କ ନେତୃତ୍ୱରେ 'ଆମ ପୁଲିସ ସମିତି' କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ଥାନା ଅଧୀନ ବିଭିନ୍ନ ପଞ୍ଚାୟତ ରୁ ଯୁବଗୋଷ୍ଠୀ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ନିଶାମୁକ୍ତ ସମାଜ ଗଠନ ଓ ନିଶା ନିବାରଣ ସମ୍ପର୍କରେ ବ୍ୟାପକ ସଚେତନତା କରାଇବା ସହ ଶପଥ ପାଠ କରାଯାଇଥିଲା। ବିଶେଷ କରି ବରିଷ୍ଠ ନାଗରିକମାନଙ୍କୁ ନିଶାର କୁପ୍ରଭାବ ଏବଂ ଯୁବପିଢୀ ଙ୍କୁ ଏଥିରୁ କିପରି ଦୂରେଇ ରଖାଯାଇପାରିବ ସେ ବିଷୟରେ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଶେଷରେ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନଙ୍କ ସହ ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା କରାଇବା ସହିତ ସାଇବର ଅପରାଧ, ମହିଳା ଓ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା, ଟ୍ରାଫିକ ନିୟମ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଅବଗତ କରାଯାଇଥିଲା। ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ଉପରେ ମଧ୍ୟ ଏକ ବିଶେଷ ଆଲୋଚନା କରିଥିଲେ ଥାନା ଅଧିକାରୀ।

## ପାଟକୁରା ଥାନାରେ ନିଶାମୁକ୍ତ ଅଭିଯାନ




**ଗରଦପୁର,୧।୭ (ସଂଚାର ବ୍ୟୁରୋ):** ପାଟକୁରା ଥାନା ପରିସରରେ ଏକ ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ସଫଳତାର ସହ ପାଳିତ ହୋଇଯାଇଛି। ସମାଜକୁ ନିଶାମୁକ୍ତ କରିବା ଏବଂ ସୁସ୍ଥ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟରେ ଏହି ସଚେତନତା ସଭାର ଆୟୋଜନ ହୋଇଥିଲା। ପାଟକୁରା ଭାରପ୍ରାପ୍ତ ଥାନା ଅଧିକାରୀ ସୋମ୍ୟ ରଞ୍ଜନ ବିଶ୍ୱାଳ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସ୍ଥାନୀୟ ଜନସାଧାରଣ ଓ ମହିଳାମାନଙ୍କୁ ନିଶାର ଭୟାବହତା ଏବଂ ଏହାର ଅପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅଭିଯାନରେ 'ସ୍ୱୟଂ ସହାୟକ ଗୋଷ୍ଠୀ ର ଅନେକ ମହିଳା ସଦସ୍ୟା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଥାନା ଅଞ୍ଚଳର ବହୁ ସଂଖ୍ୟକ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ନିଶାମୁକ୍ତ ସମାଜ ଗଠନ ପାଇଁ ସଂକଳ୍ପ ନେଇଥିଲେ।

## ମହିଳା କାଉନସିଲରଙ୍କ ନାମରେ ଦୁଇଟି ମଦ ଦୋକାନ

**କେନ୍ଦ୍ରାପଡ଼ା,୧।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରପାଳିକାର ଜଣେ ମହିଳା କାଉନସିଲରଙ୍କ ନାମରେ ଦୁଇଟି ମଦ ଦୋକାନ ଲାଇସେନ୍ସ ପ୍ରଦାନ କରାଯାଇଛି । ଏହାକୁ ନେଇ ବିଭିନ୍ନ ମହଲରେ ଆଲୋଡନ ସୃଷ୍ଟି ହୋଇଛି । ସଂପୃକ୍ତ ମହିଳା ଜଣେ ଜନ ପ୍ରତିନିଧି ହୋଇଥିବା ବେଳେ ସେ ଲାଭଜନକ ବ୍ୟବସାୟରେ ସଂପୃକ୍ତ ରହିପାରିବେ ନାହିଁ ବୋଲି ପୌରସଂସ୍ଥା ନିୟମରେ ବ୍ୟବସ୍ଥା ରହିଛି । ହେଲେ ସେ ନିୟମକୁ ଉଲ୍ଲଙ୍ଘନ କରି ମଦ ଦୋକାନ ଲାଇସେନ୍ସ ହାତେଇଛନ୍ତି। ଏପରିକି ମହିଳା କାଉନସିଲର ଜଣକ ଜିଲ୍ଲାର ୨୦ଟି ସ୍ଥାନରେ ମଦ ଦୋକାନ ଖୋଲିବା ପାଇଁ ଆବେଦନ କରିଥିଲେ। ଗୋଟିଏ ଆବେଦନ ପାଇଁ ୩ ଲକ୍ଷ ହିସାବରେ ସେ ୬୦ ଲକ୍ଷ ଟଙ୍କା ଜମା କରିଥିଲେ । ତେଣୁ ସେ ଏତେ ଟଙ୍କା କେଉଁଠାରୁ ଆଣିଲେ ତାହାର ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରାପଡ଼ାର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

ନିୟମ ଅନୁଯାୟୀ ଯଦି କୌଣସି ନିର୍ବାଚିତ ପ୍ରତିନିଧି ଲାଭ ଦାୟକ ବ୍ୟବସାୟରେ ଅଂଶଗ୍ରହଣ କରିବେ ତାହା ହେଲେ ମୁନିସିପାଲିଟି ଆକ୍ଟର ସେକସନ ୩୮ର ସବସେକ୍ସନ ୧୭(୧) ଅନୁଯାୟୀ ସେ ପଦବୀ ହରାଇବେ । ଯଦି ସେ ସ୍ୱଇଚ୍ଛାରେ ନିଜ ପଦବୀ ନ ଛାଡନ୍ତି ତାହା ହେଲେ ତାଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ ହେବାର ନିୟମ ରହିଛି। ସେହିପରି ଯଦି ଜଣେ ମହିଳାଙ୍କ ପାଖରେ ମଦ ଦୋକାନ ଖୋଲିବା ପାଇଁ କୋଟି କୋଟି ଟଙ୍କା ରହିଛି ଓ ଆବେଦନ କରିବା ପାଇଁ ସେ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ପାରନ୍ତି ତେବେ ନିର୍ବାଚନ ଲଢ଼ିବା ପୂର୍ବରୁ ସେ ତାଙ୍କ ଆୟର ଉତ୍ସ ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲେ କି ନାହିଁ ତାହାକୁ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଜିଲ୍ଲା ପ୍ରଶାସନର ଜଣେ ଅଧିକାରୀଙ୍କ କହିବାନୁଯାୟୀ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ରାଜ୍ୟ ସରକାର ଆବେଦନପତ୍ର ବାବଦକୁ ୩ ଲକ୍ଷ ଟଙ୍କା ଧାର୍ଯ୍ୟ କରିଥିଲେ । ମଦ ଦୋକାନ ଆବେଦନ ବାବଦରେ ଜିଲ୍ଲାରୁ ୩୦ କୋଟିରୁ ଅଧିକ ଟଙ୍କା ଆଦାୟ ହୋଇଛି । ଏହି ମହିଳା କାଉନସିଲର ଜଣକ ଜିଲ୍ଲାର ୨୦ ଟି ସ୍ଥାନରେ ମଦ ଦୋକାନ କରିବେ ବୋଲି ଆବେଦନ କରିଥିଲେ । ଏଥିପାଇଁ ୬୦ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ । ମଦ ଦୋକାନ ଆବେଦନ କରିବା ସମୟରେ ସେ ଜଣେ କାଉନସିଲର ଅଛନ୍ତି ବୋଲି ଉଲ୍ଲେଖ କରି ନ ଥିଲେ। ଜଣେ ସାଧାରଣ ମହିଳା ଭାବେ ସେ ଆବେଦନ କରିଥିଲେ । ତେଣୁ ଲଟେରୀ ମାଧ୍ୟମରେ ତାଙ୍କ ନାମରେ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀରେ ଗୋଟିଏ ସ୍ଥାନରେ ଓ ମହାକାଳପଡ଼ା ନିର୍ବାଚନମଣ୍ଡୀରେ ଆଉ ଏକ ସ୍ଥାନରେ ମଦ ଦୋକାନ କରିବା ପାଇଁ ଅନୁମତି ପାଇଛନ୍ତି । ଏହାର ତଦନ୍ତ ହେବାର ଆବଶ୍ୟକତା ରହିଛି।

## ଡାକ୍ତର ଦିବସରେ ସମ୍ବର୍ଦ୍ଧନା



**ମାର୍ଶାଘାଇ,୧।୭(ସଂଚାର ବ୍ୟୁରୋ):** ବୁଧବାର ଡାକ୍ତର ଦିବସ ଅବସରରେ ମାର୍ଶାଘାଇ ସାମ୍ବାଦିକ ସଙ୍ଘ ଏବଂ ଉତ୍କଳ ସାମ୍ବାଦିକ ସଙ୍ଘ ପକ୍ଷରୁ ଡାକ୍ତରମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘଦିନ ଧରି ଚିକିତ୍ସା ସେବା ଜାରି ରଖି ବେଶ ଲୋକପ୍ରିୟ ହୋଇଥିବା ଡାକ୍ତର ସ୍ୱର୍ଣ୍ଣପ୍ରଭା ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଶିଷ୍ଟ ହୋମିଓପାଥିକ ଡାକ୍ତର ଅନ୍ତର୍ଯ୍ୟାମୀ ସାହୁ, ଦନ୍ତ ବିଭାଗ ଡାକ୍ତର ସୌଭାଗ୍ୟ ରଞ୍ଜନ ସେଠୀ ଙ୍କୁ ମଧ୍ୟ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ବହୁ ପ୍ରତୀକ୍ଷିତ ସାନ୍ତାଳୀ ୱେବସାଇଟ୍ 'ସାନ୍ତାଲ୍ ଭଏସେସ'ର ଶୁଭାରମ୍ଭ

**ବାରିପଦା,୧।୭(ସଂଚାର ବ୍ୟୁରୋ):** ବହୁ ପ୍ରତୀକ୍ଷିତ ସାନ୍ତାଳୀ ଡିଜିଟାଲ ପୋର୍ଟାଲ 'ସାନ୍ତାଲ୍ ଭଏସେସ ' ହୁଲ ଦିବସ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଅନଲାଇନ କାର୍ଯ୍ୟକ୍ରମ ମାଧ୍ୟମରେ ଶୁଭାରମ୍ଭ ହୋଇଛି। ସାନ୍ତାଳୀ ଭାଷା, ସାହିତ୍ୟ, ଇତିହାସ ଓ ସଂସ୍କୃତିର ଡିଜିଟାଲ ସଂରକ୍ଷଣ ଏବଂ ବିଶ୍ୱସ୍ତରରେ ପ୍ରଚାର-ପ୍ରସାର ଦିଗରେ ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଉଛି।

ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଭାରତ, ନେପାଳ ଓ ବାଂଲାଦେଶର ବିଭିନ୍ନ ସମ୍ପାଦକ, ଅବଦାନକାରୀ ଏବଂ ସାନ୍ତାଳୀ ଭାଷାର ଡିଜିଟାଲ କର୍ମୀମାନେ ଯୋଗଦେଇଥିଲେ। ଏହି ତିନୋଟି ଦେଶର ସାନ୍ତାଳୀ ସମ୍ପ୍ରଦାୟର ସମ୍ମିଳିତ ପ୍ରୟାସରେ ଏହି ପୋର୍ଟାଲ କାର୍ଯ୍ୟକ୍ଷମ କରାଯାଇଛି।

'ସାନ୍ତାଲ୍ ଭଏସେସ' ସମ୍ପୂର୍ଣ୍ଣ ଇଂରାଜୀ ଭାଷାରେ ପରିଚାଳିତ ଏକ ୱେବସାଇଟ୍, ଯାହାର ମୁଖ୍ୟ ଉଦ୍ଦେଶ୍ୟ ସାନ୍ତାଳୀ ଭାଷା, ସଂସ୍କୃତି, ଇତିହାସ, ସାହିତ୍ୟ, ବିଶିଷ୍ଟ ବ୍ୟକ୍ତିତ୍ୱ ଓ ସମକାଳୀନ ଘଟଣାବଳୀ ସମ୍ବନ୍ଧୀୟ ପ୍ରାମାଣିକ ତଥ୍ୟକୁ ବିଶ୍ୱ ସମୁଦାୟଙ୍କ ସମ୍ମୁଖରେ ପହଞ୍ଚାଇବା। ଏହି ଅବସରରେ ସାନ୍ତାଳୀ ଭାଷାର ଡିଜିଟାଲ କର୍ମୀ ରାମଜିତ ଟୁଡୁ କହିଥିଲେ ଯେ ସମ୍ପ୍ରତି ଡିଜିଟାଲ ଯୁଗରେ ସାନ୍ତାଳ ସମାଜ ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଇଣ୍ଟରନେଟରେ ଅନୁପସ୍ଥିତ ଥିବାରୁ, ସେହି ଅଭାବକୁ ପୂରଣ କରିବା ଏହି ପୋର୍ଟାଲର ମୂଳ ଲକ୍ଷ୍ୟ। ସାନ୍ତାଳ ସମାଜ ସମ୍ବନ୍ଧୀୟ ବହୁ ମୂଲ୍ୟବାନ ତଥ୍ୟ ଏପର୍ଯ୍ୟନ୍ତ ଡିଜିଟାଲ ମାଧ୍ୟମରେ ଉପଲବ୍ଧ ନାହିଁ। ଏହି ତଥ୍ୟଗୁଡ଼ିକୁ ସଂଗ୍ରହ, ସଂରକ୍ଷଣ ଓ ବିଶ୍ୱସମ୍ମୁଖରେ ଉପସ୍ଥାପନ କରିବା ସାନ୍ତାଲ୍ ଭଏସେସର ପ୍ରମୁଖ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଏହି ପୋର୍ଟାଲର ପରାମର୍ଶଦାତା ମଣ୍ଡଳୀରେ ଭାରତର ଆର୍. ଅଶ୍ୱିନୀ ବଞ୍ଜନ ମୁର୍ମୁ, ରାମଜିତ ଟୁଡୁ ଓ ଫାଗୁ ବାସ୍କେ ଥିବାବେଳେ, ବାଂଲାଦେଶରୁ ମାନିକ ସୋରେନ ପରାମର୍ଶଦାତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ।

### ବିଭିନ୍ନ ଦାବିରେ ଡାକ୍ତରଙ୍କ ଆନ୍ଦୋଳନ

## ଓପିଡି ଅଚଳ, ରୋଗୀ ହନ୍ତସନ୍ତ



**କେନ୍ଦ୍ରାପଡ଼ା,୧।୭(ସଂଚାର ବ୍ୟୁରୋ):** ବିଭିନ୍ନ ଦାବି ନେଇ କେନ୍ଦ୍ରାପଡ଼ା ଜିଲାର ଡାକ୍ତରମାନେ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି। ଏହାଦ୍ୱାରା ଓପିଡି (ବର୍ହିବିଭାଗ) ଅଚଳ ହୋଇଯାଇଛି। ରୋଗୀମାନେ ଡାକ୍ତରଖାନା ଅରସି ଚିକିତ୍ସା ନ ପାଇ ଫେରିଛନ୍ତି । କେବଳ ଆୟୁସ ଡାକ୍ତରମାନଙ୍କ ହାତରେ ଡାକ୍ତରଖାନାକୁ ଛାଡି ଦିଆଯାଇଥିଲା । ଆୟୁସ ଡାକ୍ତରମାନେ ଯେତିକି ରୋଗୀଙ୍କୁ ଦେଖିବା କଥା ଦେଖିଥିଲେ । ବାଧ୍ୟହୋଇ ରୋଗୀମାନେ ଘରୋଇ ନର୍ସିଂହୋମ ଉପରେ ନିର୍ଭରଶୀଳ ହୋଇଥିଲେ । ମୋଟାମୋଟି ଭାବେ ଡାକ୍ତରଙ୍କ ଆନ୍ଦୋଳନ ଜିଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଚଳ କରି ଦେଇଥିଲା ।

ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ଡାକରାରେ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ଡାକ୍ତର ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରମାନେ ବୁଧବାର ଦିନ ଓପିଡିକୁ ଆସିନଥିଲେ ଏବଂ ରୋଗିଙ୍କୁ ଚିକିତ୍ସା କରିନଥିଲେ । ଶହଶହ ରୋଗୀ ଘଣ୍ଟା ଘଣ୍ଟା ଧରି ଧାଡିରେ ଛିଡା ହୋଇ ହଟହଟା ହୋଇଥିଲେ ।

# ନିଆଁ ଲଗା ରାଜନୀତି, ଛାରଖାର ବିଶ୍ୱାସ




**କାକଟପୁର /ଅସ୍ତରଙ୍ଗ,୧।୭ (ସଂଚାର ବ୍ୟୁରୋ):** ଗୋଟିଏ କ୍ଲବ ଘରକୁ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମ ପଞ୍ଚାୟତରେ ଏବେ ନିଆଁ ଲାଗିଛି ନେତାଙ୍କ ମୁହଁରେ। ୨୫ ବର୍ଷର ଐତିହ୍ୟ ସମ୍ପନ୍ନ ମା' ଶ୍ୟାମାକାଳୀ ପୂଜା କମିଟିର କ୍ଲବ ଘର ଅନ୍ୟତ୍ର ସ୍ଥାନାନ୍ତର କରାଯିବା ଅଭିଯୋଗରେ ଗାଁ ଦୁଇ ଫାଳ ହୋଇଯାଇଛି, କେବଳ ରାଜନୀତି ପଶାପାଲିରେ। ଆଉ ଦୁଇ ଦିନରେ ଦୁଇ ଥର ଜଳିଲା ନେତାଙ୍କ କୁଶପୁତ୍ତଳିକା।

ରବିବାର ସ୍ଥାନୀୟ ଅଂଚଳର କିଛି ଯୁବକ କମିଟି ପଶ୍ଚିମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ ନଗର ପଞ୍ଚାୟତ ସରପଞ୍ଚ ବିଜୟ ଖଣ୍ଡୁଆଳଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ନଡା ଓ ଚେକ୍ ସାର୍ଟରେ ତିଆରି କୁଶପୁତ୍ତଳିକାର ଛାତି ଉପରେ ସରପଞ୍ଚଙ୍କ ଫଟୋ, ଚପଲ, ପାଣି ବୋତଲ ରଖି "ବିଜୟ ଖଣ୍ଡୁଆଳ ମୁର୍ଦାବାଦ", "ଆମ କ୍ଲବ ଆମକୁ ଦିଅ" ସ୍ଲୋଗାନ ଦିଆଯାଇଥିଲା। ଭିଡ଼ିଓ ଭାଇରାଲ ହେବା ପରେ ଶାସକ ଦଳ ଚିନ୍ତାରେ।

ଅନ୍ୟପଟେ ବୁଧବାର ଅପରାହ୍ନ ରେ ସରପଞ୍ଚଙ୍କ କୁଶପୁତ୍ତଳିକା ଜଳିବାର ୩ ଦିନ ପରେ ପଶା ପଲଟିଗଲା। ବୁଧବାର ସରପଞ୍ଚଙ୍କ ସମର୍ଥକ ଓ ଅସ୍ତରଙ୍ଗରୁ ଯାଇଥିବା ଶତାଧିକ ଲୋକ ନଗର ରେଡକ୍ରସ ଛକରେ ଏକାଠି ହୋଇ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଓ ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକଙ୍କ ଫ୍ଲେକ୍ସ ମାଧ୍ୟମରେ କୁଶପୁତ୍ତଳିକା ଜାଳିଛନ୍ତି। ଅଭିଯୋଗ - "ଉପର ନେତାଙ୍କ ଇସାରାରେ ହିଁ କ୍ଲବ ଘର ଛଡା ଯାଉଛି।" ଏ ସମ୍ପର୍କରେ ବିଧାୟକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନାହିଁ।

ଦୀପକ ପଣ୍ଡା କହିଛନ୍ତି, "ଏହା କେବଳ କ୍ଲବ ନୁହେଁ, ଏଠାରେ ନାଟକ, ପାଲା, ପାଠାଗାର ଓ ବିପର୍ଯ୍ୟୟ ସମୟରେ ଲୋକଙ୍କ ଆଶ୍ରୟସ୍ଥଳୀ। ବଡ଼ ବଡ଼ ପ୍ରଶାସନିକ ଅଧିକାରୀ, ପୋଲିସ ଅଫିସର ଓ ନେତା ଆମ ମଞ୍ଚରେ ଅତିଥି ହୋଇଛନ୍ତି। ଆଜି ସେହି ଅନୁଷ୍ଠାନକୁ ଅବହେଳା କରାଯାଉଛି। ୧୫ ଦିନ ଭିତରେ ଦାବୀ ପୂରଣ ନ ହେଲେ ବ୍ଲକ ଘେରାଉ ଓ ରାସ୍ତା ରୋକ ହେବ।"

## ଇଣ୍ଡିଆନ୍ ଅଏଲ୍ ପାରାଦ୍ୱୀପ ରିଫାଇନାରୀରେ 'ସ୍ୱଚ୍ଛତା ପଖୱାଡା-୨୦୨୬' ଶୁଭାରମ୍ଭ




**ପାରାଦ୍ୱୀପ,୧।୭(ସଂଚାର ବ୍ୟୁରୋ):** ଇଣ୍ଡିଆନଅଏଲ୍ ପାରାଦୀପ ରିଫାଇନରୀରେ ୦୧ ଜୁଲାଇ ୨୦୨୬ ରେ ସ୍ୱଚ୍ଛତା ପଖୱାଡା- ୨୦୨୬ ଉତ୍ସାହର ସହ ଶୁଭାରମ୍ଭ ହେଲା। ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁ, ରିଫାଇନରୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କ ଉପସ୍ଥିତିରେ ସମସ୍ତଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଲେ। ଏହି ଅବସରରେ ଶ୍ରୀ ବସୁ, ସ୍ୱଚ୍ଛ ଭାରତ ଗଠନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ସ୍ୱଚ୍ଛତା ପ୍ରତି ସକ୍ରିୟ ଭାବେ ଭୂମିକା ଗ୍ରହଣ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁ 'ସ୍ୱଚ୍ଛତା ରଥ'କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜୁଲାଇ ୧ ରୁ ୧୫, ୨୦୨୬ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଏହି ସ୍ୱଚ୍ଛତା ପଖୱାଡା ଅବସରରେ, ସ୍ୱଚ୍ଛତା ସମ୍ପର୍କରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯିବ।



## ବିଜେପିରେ ମିଶିଲେ ମଣ୍ଡଳ ଦମ୍ପତି

ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ)ଃ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ବୁଧବାର ବିଜେପିରେ ମିଶିଛନ୍ତି। ତାଙ୍କ ସ୍ୱାମୀ ତଥା ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମଧ୍ୟ ପଦ୍ମ ଧରିଛନ୍ତି। ମଣ୍ଡଳ ଦମ୍ପତିଙ୍କ ସହିତ ଗତ ନିର୍ବାଚନରେ ସିମୁଳିଆ ବିଧାନସଭା ଆସନରୁ ବିଜେଡି ଟିକେଟରେ ପ୍ରାର୍ଥୀ ହୋଇଥିବା ସୁବାସିନୀ ସାହୁ ବିଜେପିରେ ମିଶିଛନ୍ତି। ଭୁବନେଶ୍ୱରରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସମର୍ଥକଙ୍କ ସହିତ ସେମାନେ ବିଜେପିରେ ଯୋଗ ଦେଇଛନ୍ତି। ଗତ ଏପ୍ରିଲ ୨୪ ତାରିଖରେ ବିଜେଡିର ପ୍ରାଥମିକ ସଦସ୍ୟତାରୁ ସମର୍ଥକଙ୍କ ସହ ଇସ୍ତଫା ଦେଇଥିଲେ ମଣ୍ଡଳ ଦମ୍ପତି। ତାଙ୍କ ସହ ସଂସଦୀୟ କ୍ଷେତ୍ରର ଅନେକ ନେତା ଇସ୍ତଫା ଦେଇଥିଲେ। ତା'ପୂର୍ବରୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡି ଉଭୟ ମଣ୍ଡଳ ଦମ୍ପତିଙ୍କୁ ଦଳରୁ ନିଲମ୍ବନ କରିଥିଲା। ୨୦୧୯ରେ ବିଜେଡି ଟିକେଟରେ ଭଦ୍ରକ ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ ମଞ୍ଜୁଲତା ମଣ୍ଡଳ। ୨୦୨୪ ନିର୍ବାଚନରେ ମଧ୍ୟ ବିଜେଡି ତାଙ୍କୁ ଟିକେଟ ଦେଇଥିଲା। ତେବେ ସେ ବିଜେପିର ଅଭିମନ୍ୟୁ ସେଠୀଙ୍କଠାରୁ ପରାସ୍ତ ହୋଇଥିଲେ। ଅନ୍ୟପକ୍ଷରେ ମୁକ୍ତିକାନ୍ତ ମଣ୍ଡଳ ୨୦୧୪ରେ ବିଜେଡି ଟିକେଟରେ ଧାମନଗରରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୪ ନିର୍ବାଚନରେ ସିମୁଳିଆ ବିଧାନସଭା ଆସନରୁ ବିଜେଡି ଟିକେଟରେ ପ୍ରାର୍ଥୀ ହୋଇଥିବା ସୁବାସିନୀ ସାହୁ ବିଜେପି ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡାଙ୍କଠାରୁ ପରାସ୍ତ ହୋଇଥିବା ବେଳେ ଆଜି ପଦ୍ମ ଧରିଛନ୍ତି। ଅନ୍ୟପକ୍ଷରେ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀର ବହୁ ବିଜେଡି କର୍ମୀ ମଧ୍ୟ ଆଜି ବିଜେପିରେ ଯୋଗ ଦେଇଛନ୍ତି।

## ବିଜେପି ନେତାଙ୍କ ମହାନତା



ହାଟଡ଼ିହି,୧୭(ସଂଚାର ବ୍ୟୁରୋ)ଃ ସାହାଯ୍ୟ ଓ ମହାନତାର ପ୍ରମାଣ ଦେଖାଇଛନ୍ତି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ବିଜେପି ନେତା ଆଲୋକ ସେଠୀ। ବୁଧବାର ଆଲୋକ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆନନ୍ଦପୁର ଯାଉଥିବା ସମୟରେ ଛେନାପଦିଅଣା ରାସ୍ତାରେ ସଡ଼କ ଦୁର୍ଘଟଣା ଘଟିଥିଲା। ଗୁରୁତର ହୋଇଥିବା ଆମ୍ବୋ ଗ୍ରାମର ମହିଳା ଶାନ୍ତିଲତା ରାଉତଙ୍କୁ ଦୁର୍ଘଟଣାସ୍ଥଳରୁ ଉଦ୍ଧାର କରି ନିଜ ଗାଡ଼ିରେ ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ। ଆମ୍ବୁଲାନ୍ସ ଆସିବା ପୂର୍ବରୁ ଆଲୋକ ଗୁରୁତରଙ୍କୁ ଏପରି ସାହାଯ୍ୟ କରିବା ନେଇ ନେଇ ସାଧାରଣରେ ପ୍ରଶଂସା କରାଯାଉଛି।

## 'ଆଫା'କୁ କରମୁକ୍ତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ)ଃ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରୀତିରାଜ ଶତପଥୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ନୈନା ଦାଶ ତିୱାରୀଙ୍କ ଦ୍ୱାରା ପ୍ରଯୋଜିତ ଓଡ଼ିଆ ଚଳଚ୍ଚିତ୍ର 'ଆଫା'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରମୁକ୍ତ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଆଜି ଅନୁମୋଦନ କରିଛନ୍ତି। ସୂଚନାଯୋଗ୍ୟ ଯେ ଏହି ଚଳଚ୍ଚିତ୍ରଟି ଅଙ୍ଗଦାନର ବିଷୟବସ୍ତୁ ଉପରେ ଆଧାରିତ। ମାନବିକତାକୁ ପ୍ରେରଣା ଦେବା ଓ ଯୁବସମାଜ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ଏହି ଚଳଚ୍ଚିତ୍ରର କାହାଣୀ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ଚଳଚ୍ଚିତ୍ରରେ ଦୀର୍ଘ ଦିନ ଧରି ଗୁରୁତର ରୋଗରେ ପୀଡ଼ିତ ଏକ ୧୬ ବର୍ଷର ଝିଅ ନିଜ ଅଙ୍ଗଦାନ କରିବା ପାଇଁ ଆଗେଇ ଆସିଛି। ଜୀବନର ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ଅସୀମ ସାହସର ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ରଟି ଏକ ସାମାଜିକ ଆଦର୍ଶ ସୃଷ୍ଟି କରିବାରେ ସଫଳ ହେବ ବୋଲି ଆଶା କରାଯାଉଛି।




■ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

# ଝାରସୁଗୁଡ଼ାରେ ୨୫ ପ୍ରମୁଖ ପ୍ରକଳ୍ପ ପାଇଁ ରୋଡମ୍ୟାପ

ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ)ଃ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି।

**ପ୍ରମାଣଭିତ୍ତିକ ନୀତି ପ୍ରଣୟନ, ଏଆଇ ବ୍ୟବହାରକୁ ଗୁରୁତ୍ୱ**



ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ ସବୁ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ବୈଠକରେ ମୁଖ୍ୟ ଶାସନ ସଚିବ ମହିଳା ଉଦ୍ୟୋଗୀ ପ୍ଲାଟଫର୍ମର ଶୁଭାରମ୍ଭ, କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ପୁଷ୍ଟିକର ଖାଦ୍ୟ ବ୍ୟବସ୍ଥାର ସୁଦୃଢ଼ୀକରଣ, ଯାନ୍ତ୍ରିକ ଓ ବୈଷୟିକ ଶିକ୍ଷାରେ ସଂରକ୍ଷଣ ବୃଦ୍ଧି ଏବଂ ରାଜ୍ୟର କ୍ରୀଡ଼ା, ଶିଳ୍ପ ଓ ଷ୍ଟାର୍ଟଅପ କ୍ଷେତ୍ର ଭଳି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟରେ ଶାସନ ବ୍ୟବସ୍ଥାକୁ ଅଧିକ ଫଳପ୍ରଦ, ସ୍ୱଚ୍ଛ ଓ ନାଗରିକକେନ୍ଦ୍ରିକ, ପ୍ରଯୁକ୍ତି ଓ ପ୍ରମାଣଭିତ୍ତିକ ନୀତି ନିର୍ମାଣକୁ ପ୍ରୋତ୍ସାହନ ଦେବା, ବିଭାଗୀୟ କାର୍ଯ୍ୟଦକ୍ଷତାର ସମୀକ୍ଷା ସହ ବିଭିନ୍ନ ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ବୈଜ୍ଞାନିକ ଗବେଷଣା, ତଥ୍ୟ ବିଶ୍ଳେଷଣ ଓ କ୍ଷେତ୍ରସ୍ତରୀୟ ପରୀକ୍ଷଣ ମାଧ୍ୟମରେ ସରକାରୀ ଯୋଜନାର ପ୍ରଭାବକୁ ଅଧିକ ସୁଦୃଢ଼ କରିବା ସହ ସମ୍ବଳର ସଠିକ୍ ବ୍ୟବହାର ଓ ଉତ୍ତମ ନୀତି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଅର୍ଥ ବିଭାଗ ପକ୍ଷରୁ ଜୁନ ୩୦ ସୁଦ୍ଧା ରାଜ୍ୟର ବ୍ୟୟ ଓ ରାଜସ୍ୱ ସ୍ଥିତିର ସମୀକ୍ଷା କରାଯାଇଥିଲା। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ମୋଟ କାର୍ଯ୍ୟକ୍ରମ ବ୍ୟୟ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାବେଳେ କୃଷି, ସାମାଜିକ କ୍ଷେତ୍ର ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ବିଭାଗକୁ ବଜେଟର ଫଳପ୍ରଦ ବ୍ୟବହାର, ପୁଞ୍ଜି ବ୍ୟୟରେ ଗତି ଆଣିବା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଝାରସୁଗୁଡ଼ାକୁ ଏକ ସମନ୍ୱିତ ବିକାଶ ମଡେଲ ଭାବେ ଗଢ଼ି ତୋଳିବା ପାଇଁ ୨୫ଟି ରଣନୀତିକ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନେଇ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, ଗମନାଗମନ, ବିମାନବନ୍ଦର ସମ୍ପ୍ରସାରଣ, ଡିଜିଟାଲ୍ ସେବା ଓ ସବୁଜ ଶକ୍ତି ଭଳି କ୍ଷେତ୍ରରେ ପଦକ୍ଷେପ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଏବଂ ନୂତନ ରୋଜଗାରର ଦ୍ୱାର ଖୋଲିବ। ଏ ସମ୍ପର୍କରେ ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାନ ସୂଚନା ଦେଇଥିଲେ।

■ ୨୦୨୩ ବ୍ୟାଚ୍ ଓଡ଼ିଶା ରାଜସ୍ୱ ସେବା ଅଧିକାରୀଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

## ରାଜଧର୍ମର ପାଳନ କରି ଲୋକଙ୍କ ସେବା କରଃ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ)ଃ ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଆରଓଟିଆଇ), ଗୋଠପାଟଣାଠାରେ ଓଡ଼ିଶା ରାଜସ୍ୱ ସେବା (ସିଧାସଳଖ ନିଯୁକ୍ତି)- ୨୦୨୩ ବ୍ୟାଚ୍‌ର ଅଧିକାରୀଙ୍କ ପାଇଁ ଆୟୋଜିତ ୨୧ତମ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟତମ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଯୋଗଦେଇଥିଲେ। ନବନିଯୁକ୍ତ ଅଧିକାରୀଙ୍କୁ ଉଦବୋଧନ ଦେଇ ଶ୍ରୀ ପୂଜାରୀ କହିଥିଲେ ଯେ ରାଜଧର୍ମର ରକ୍ଷା ପାଇଁ ଚାପକୁ ନ ଡରି ଅଧିକାରୀମାନେ ଜନତାଙ୍କ ସେବା କରିବା ଉଚିତ। ସଭିଙ୍କର ସମ୍ମିଳିତ ନିଷ୍ଠାପୂର୍ଣ୍ଣ ଓ ଦାୟିତ୍ୱସମ୍ପନ୍ନ ସେବା ତଥା କର୍ତ୍ତବ୍ୟ ସମ୍ପାଦନ ହିଁ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଦିଗରେ ପ୍ରମୁଖ ଉପାଦାନ ହେବ।



ସେହିପରି ଡ. ପାଢ଼ୀ ପ୍ରଶିକ୍ଷାର୍ଥୀ ଅଧିକାରୀମାନଙ୍କୁ ପ୍ରେରଣା ଦେଇ ଆଇପିଏସ୍ ମନ୍ତ୍ର ତଥା ସଚ୍ଚୋଟତା (ଇଣ୍ଟିଗ୍ରିଟି), ବୃତ୍ତିଗତ ଦକ୍ଷତା (ପ୍ରଫେସନାଲିଜମ୍), ସହାନୁଭୂତି (ସେନ୍‌ସିଟିଭିଟି)କୁ ପାଥେୟ କରି ଲୋକସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ୨ସି (କନ୍‌ସାଇନ୍- ବିବେକ ଓ କନ୍‌ଷ୍ଟିଚ୍ୟୁସନ୍- ସମ୍ବିଧାନ) ସହ କେବେହେଲେ ସାଲିସ୍ ନ କରିବାର ମନ୍ତ୍ରକୁ ଅବତାରଣା କରି ସଭିଙ୍କୁ ଲୋକସେବା ନିମନ୍ତେ ଅନୁପ୍ରାଣିତ କରିଥିଲେ।

ଏହି ଅବସରରେ ରୋଟି ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ କହିଥିଲେ ଯେ ଆଇନଗତ ଜ୍ଞାନ, ବ୍ୟାବହାରିକ ପ୍ରଶିକ୍ଷଣ, ଡିଜିଟାଲ୍ ଶାସନ, କ୍ଷେତ୍ର ପରିଦର୍ଶନ ଓ ବ୍ୟକ୍ତିତ୍ୱ ବିକାଶର ସମନ୍ୱିତ ଆଭିମୁଖ୍ୟ ମାଧ୍ୟମରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନବନିଯୁକ୍ତ ଅଧିକାରୀମାନଙ୍କୁ ସୁଦକ୍ଷ, ସଚ୍ଚୋଟ, ଦାୟିତ୍ୱସମ୍ପନ୍ନ ଓ ଲୋକାଭିମୁଖୀ ପ୍ରଶାସକ ଭାବେ ଗଢ଼ି ତୋଳିବାରେ ସଫଳ ହୋଇଛି। ଗତ ମାର୍ଚ୍ଚ ୧୬ରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣରେ ମୋଟ ୭୪ ଜଣ ଅଧିକାରୀ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ୪୫ ଜଣ ପୁରୁଷ ଓ ୨୯ ଜଣ ମହିଳା ଅଧିକାରୀ ରହିଥିଲେ। ଏଥିସହ ପ୍ରମୋସନ ବ୍ୟାଚ୍‌ର ମଧ୍ୟ ଦୁଇ ଜଣ ଅଧିକାରୀ ଏହି ୪୫ଦିନିଆ ପ୍ରଶିକ୍ଷଣ ସଫଳତାର ସହ ସମାପ୍ତ କରିଥିବା ବେଳେ ଜଣେ ଅଧିକାରୀ ଓଡ଼ିଶା ବନ ସେବାରେ ଯୋଗଦେଇଛନ୍ତି।

## ଲଗାଣ ବର୍ଷାଃ ସବୁ ପୌରାଞ୍ଚଳକୁ ହାଇ ଆଲର୍ଟ

**ଅଭିଯୋଗ ଦାଖଲ ପାଇଁ ଜାରି ହେଲ ହେଲ୍ପ ଲାଇନ**



ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ)ଃ ରାଜ୍ୟରେ ଲଗାଣ ମୌସୁମୀ ବର୍ଷା ଜାରି ରହିଥିବା ବେଳେ ସହରାଞ୍ଚଳରେ ଜଳବନ୍ଦୀ ଓ ଜଳ ଜମିବାର ଆଶଙ୍କାକୁ ଦୃଷ୍ଟିରେ ରଖି ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ହାଇ ଆଲର୍ଟରେ ରହିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ବିଭାଗ ଓ ସମସ୍ତ ୟୁଏଲବିକୁ ଯେକୌଣସି ବର୍ଷାଜନିତ ପରିସ୍ଥିତିର ମୁକାବିଲା ପାଇଁ ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ କହିଛନ୍ତି।

ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି ଯେ ମୌସୁମୀ ଋତୁରେ ନାଗରିକଙ୍କ ସୁରକ୍ଷା ଓ ନିରବଚ୍ଛିନ୍ନ ନାଗରିକ ସେବା ଯୋଗାଣ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ତେଣୁ ଜରୁରୀ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସମସ୍ତ ୟୁଏଲବିକୁ ସଜାଗ ଓ ସତର୍କ ରହିବା ଆବଶ୍ୟକ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସମସ୍ତ ମହାନଗର ନିଗମ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଏକ ପରାମର୍ଶ ଜାରି କରିଛି। ଏଥିରେ ଚିହ୍ନଟ ହୋଇଥିବା ହଟସ୍ପଟ୍ ଓ ନିମ୍ନାଞ୍ଚଳରେ ଜଳବନ୍ଦୀ ଏବଂ ଜଳ ଜମିବାକୁ ରୋକିବା ପାଇଁ ସମସ୍ତ ପ୍ରତିଷେଧକ ପଦକ୍ଷେପ ନେବାକୁ କୁହାଯାଇଛି।

ବିଭାଗ ପକ୍ଷରୁ ସମସ୍ତ ୟୁଏଲବିକୁ ୨୪ଘଣ୍ଟିଆ ପରିସ୍ଥିତି ନିରୀକ୍ଷଣ, ର୍ୟାପିଡ୍ ଆକ୍ସନ ଟିମକୁ ପୂର୍ଣ୍ଣ ସକ୍ରିୟ ରଖିବା, ପମ୍ପ ଓ ଡି-ୱାଟରିଂ ଉପକରଣକୁ କାର୍ଯ୍ୟକ୍ଷମ ରଖିବା ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି। ପୌର ଅଧିକାରୀ, ଯନ୍ତ୍ରୀ ଓ ପରିମଳ କର୍ମଚାରୀମାନଙ୍କୁ କ୍ଷେତ୍ର ପରିଦର୍ଶନ ବଢ଼ାଇ ଜଳ ଜମିବା, ନାଳ ଅବରୋଧ, ସମସ୍ୟା ଓ ଗଛ ଉପୁଡ଼ିବା ଭଳି ଘଟଣାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ସହରାଞ୍ଚଳ ଅଭିଯୋଗ ନିବାରଣ ହେଲ୍ପଲାଇନ 'ସହର ସାଥୀ-୧୯୨୯'କୁ ସକ୍ରିୟ କରାଯାଇଛି। ଜଳବନ୍ଦୀ, ଡ୍ରେନେଜ୍ ସମସ୍ୟା କିମ୍ବା ଅନ୍ୟାନ୍ୟ ନାଗରିକ ସମସ୍ୟା ନେଇ ଲୋକେ ଏହି ହେଲ୍ପଲାଇନରେ ଅଭିଯୋଗ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

**ସିଟିଏଜିଙ୍କ ନିକଟରେ ଦାବିକଲା ମହାନଦୀ ବଞ୍ଚାଅ ଅଭିଯାନ**

## ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତ ବ୍ୟୟର ସ୍ୱତନ୍ତ୍ର ଅଡିଟ୍ ହେଉ

ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ)ଃ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଆଜି ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି)ଙ୍କ ନିକଟରେ ଏକ ଜନସ୍ୱାର୍ଥ ସମ୍ବଳିତ ଦାବିପତ୍ର ଦାଖଲ କରାଯାଇଛି। ଏହି ଦାବିପତ୍ରରେ ଗତ ଫେବ୍ରୁଆରୀ ୨୬ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତ ଅବସରରେ ରାଜ୍ୟ ସରକାର କରିଥିବା ୨ କୋଟି ୪୧ ଲକ୍ଷ ୧୩ ହଜାର ୯୫୦ ଟଙ୍କା ବ୍ୟୟର ସ୍ୱତନ୍ତ୍ର ଅଡିଟ ଓ କମ୍ପ୍ଲାଏନ୍ସ ଅଡିଟ୍ କରିବାକୁ ନିବେଦନ କରାଯାଇଛି।

ଏହି ଦାବିପତ୍ର ସମ୍ପୂର୍ଣ୍ଣ ଭାବେ ସୂଚନା ଅଧିକାର ଆଇନ ଅନୁଯାୟୀ ଜଳସମ୍ପଦ ବିଭାଗରୁ ପ୍ରାପ୍ତ ସରକାରୀ ଦସ୍ତାବିଜ ଉପରେ ଆଧାରିତ। ଆରଟିଆଇ ଦସ୍ତାବିଜ ଅନୁସାରେ, ଟ୍ରିବ୍ୟୁନାଲଙ୍କ ଗସ୍ତ ପାଇଁ ରାଜ୍ୟ ସରକାର ମୋଟ ୨,୪୧,୧୩,୯୫୦ ଟଙ୍କା ମଞ୍ଜୁର କରିଥିଲେ। ସେଥିରୁ ୧,୪୫,୫୫,୪୮୦ ଉପର ମହାନଦୀ ଅଞ୍ଚଳ ଗସ୍ତ ପାଇଁ ଓ ୯୫,୫୮,୪୭୦ ତଳ ମହାନଦୀ ଅଞ୍ଚଳ ଗସ୍ତ ପାଇଁ ବ୍ୟୟ କରାଯାଇଥିବା ଉଲ୍ଲେଖ ରହିଛି। ଆରଟିଆଇ ମାଧ୍ୟମରେ ଉପର



ମହାନଦୀ ଗସ୍ତର ବ୍ୟୟ ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ମିଳିଥିବା ବେଳେ ସେଥିରେ ଏମଏମ ଇଭେଣ୍ଟ ମ୍ୟାନେଜମେଣ୍ଟକୁ ପ୍ରାୟ ୮୪.୧୧ ଲକ୍ଷ, ମେ ଫେୟାର ହୋଟେଲ୍ସ ଆଣ୍ଡ ରିସର୍ଟ୍ସ ୫୩.୯୫ ଲକ୍ଷ ସମେତ ଅନ୍ୟାନ୍ୟ ବ୍ୟୟର ବିବରଣୀ ରହିଛି। କିନ୍ତୁ ତଳ ମହାନଦୀ ଅଞ୍ଚଳ ପାଇଁ ଦର୍ଶାଯାଇଥିବା ୯୫.୫୮ ଲକ୍ଷ ବ୍ୟୟର ସବିଶେଷ ହିସାବ ଆରଟିଆଇରେ ପ୍ରଦାନ କରାଯାଇନାହିଁ।

ଏହି ପରିପ୍ରେକ୍ଷୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ସିଏଜିଙ୍କୁ ନିବେଦନ କରିଛି ଯେ ସମଗ୍ର ବ୍ୟୟ ସାଧାରଣ ଆର୍ଥିକ ନିୟମ, ଓଡ଼ିଶା ଆର୍ଥିକ ନିୟମ ଓ ପ୍ରଚଳିତ କ୍ରୟ ପ୍ରକ୍ରିୟା ଅନୁଯାୟୀ ହୋଇଛି କି ନାହିଁ, ସରକାରୀ ଅର୍ଥ ବ୍ୟବହାରରେ ସଞ୍ଚୟ, ସ୍ୱଚ୍ଛତା ଓ ଆର୍ଥିକ ଶୃଙ୍ଖଳାର ନୀତି ପାଳନ କରାଯାଇଛି କି ନାହିଁ, ବେସରକାରୀ ସଂସ୍ଥାମାନଙ୍କୁ ନିୟୋଜନରେ ନିୟମାନୁସାରେ ପ୍ରକ୍ରିୟା ଅନୁସରଣ କରାଯାଇଛି କି ନାହିଁ ସେ ସମ୍ବନ୍ଧରେ ଯାଞ୍ଚ କରାଯାଉ ଓ ତଳ ମହାନଦୀ ଗସ୍ତର ବ୍ୟୟର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଉ। ଏହି ଅବସରରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି ଯେ ଏହି ଦାବିପତ୍ର କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ବିରୋଧରେ ଅଭିଯୋଗ ନୁହେଁ। ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ଅର୍ଥର ସ୍ୱଚ୍ଛ ଓ ଜବାବଦେହିତାପୂର୍ଣ୍ଣ ଉପଯୋଗକୁ ସୁନିଶ୍ଚିତ କରିବା।

● ନିଶାମୁକ୍ତ ଓଡ଼ିଶା ଅଭିଯାନରେ ଐତିହାସିକ ସଫଳତା

# ୧,୯୧୧ କୋଟିର ଗଞ୍ଜେଇ ଚାଷ ନଷ୍ଟ

**■ ୨,୧୦୬ କୋଟିର ଗଞ୍ଜେଇ ଓ ୨୨୫ କୋଟିର ଗଞ୍ଜେଇ ତେଲ ଜବତ**

ଭୁବନେଶ୍ୱର, ୧୭ (ସଂଚାର ବ୍ୟୁରୋ)ଃ ବୁଧବାର ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ଜାତୀୟସ୍ତରୀୟ ପ୍ରାକ-ବିଚାରାଧୀନ ଜବତ ମାଦକଦ୍ରବ୍ୟ ବିନଷ୍ଟୀକରଣ ସ୍ୱତନ୍ତ୍ର ଅଭିଯାନ ସମ୍ପର୍କୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି ଯେ, ନିଶାମୁକ୍ତ, ସୁରକ୍ଷିତ ଓ ସଶକ୍ତ ଓଡ଼ିଶା ଗଠନ ହେଉଛି ଓଡ଼ିଶା ପୁଲିସର ସର୍ବୋଚ୍ଚ ପ୍ରାଥମିକତା। ନିଶା କାରବାର ସମ୍ପର୍କୀତ ମାମଲାର ଦ୍ରୁତ ବିଚାର ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ଭୁବନେଶ୍ୱର, ଖୋର୍ଦ୍ଧା, ଅନୁଗୁଳ ଓ ସମ୍ବଲପୁରରେ ୪ଟି ସ୍ୱତନ୍ତ୍ର ଏନଡିପିଏସ୍ କୋର୍ଟ ସ୍ଥାପନ କରିବାକୁ ରାଜ୍ୟ ସରକାର ଅନୁମୋଦନ କରିଥିବା ଡିଜିପି ସୂଚନା ଦେଇଛନ୍ତି।

ଏହି ଅବସରରେ 'ନିଶାମୁକ୍ତ ଓଡ଼ିଶା' ଅଭିଯାନରେ ଓଡ଼ିଶା ପୁଲିସର ଐତିହାସିକ ସଫଳତା ସମ୍ପର୍କରେ ସୂଚନା ଦେଇ ଡିଜିପି




କହିଛନ୍ତି ଯେ, ବେଆଇନ ଗଞ୍ଜେଇ ଚାଷ ପଛରେ ଥିବା ମାଷ୍ଟରମାଇଣ୍ଡ ଓ ଅର୍ଥଦାତାଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ଆର୍ଥିକ ତଦନ୍ତକୁ ଗୁରୁତ୍ୱ ଦିଆଯାଉଛି।

୨୦୨୪ ଜୁଲାଇରୁ ୨୦୨୬ ମାର୍ଚ୍ଚ ମଧ୍ୟରେ ରାଜ୍ୟବ୍ୟାପୀ ଅଭିଯାନରେ ୬୩,୭୨୦ ଏକରରୁ ଅଧିକ ବେଆଇନ ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧,୯୧୧ କୋଟି ଟଙ୍କା ହେବ। ୨,୪୪୫ଟି ଏନଡିପିଏସ ମାମଲା ରୁଜୁ କରାଯାଇ ୪୨୧ ଟନ୍ ଗଞ୍ଜେଇ (ଆନୁମାନିକ ମୂଲ୍ୟ ୨,୧୦୬ କୋଟି ଟଙ୍କା) ଜବତ କରାଯାଇଥିବା ବେଳେ ୩,୫୦୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। କୋରାପୁଟ ଜିଲ୍ଲା ପୁଲିସ ବେଆଇନ ଗଞ୍ଜେଇ ତେଲ ପ୍ରସ୍ତୁତ କରୁଥିବା ଏକ ୟୁନିଟ୍ ଉପରେ ଚଢ଼ାଉ କରି ପ୍ରାୟ ୧,୮୦୦ ଲିଟର ଗଞ୍ଜେଇ ତେଲ (ଆନୁମାନିକ ମୂଲ୍ୟ ୨୨୫ କୋଟି ଟଙ୍କା) ଓ ପ୍ରାୟ ୫ କୋଟି ଟଙ୍କାର ଗଞ୍ଜେଇ ଜବତ କରିଛି। ଏହି ରାକେଟର ୪ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ କେରଳରୁ ଗିରଫ କରାଯାଇଛି।

ରାଜ୍ୟର ଖୋର୍ଦ୍ଧା, ଅନୁଗୁଳ, ବାଲେଶ୍ୱର, ଗଞ୍ଜାମ, ବଲାଙ୍ଗିର, କୋରାପୁଟ ଓ ସୁନ୍ଦରଗଡ଼ସ୍ଥିତ ୭ଟି ଅନୁମୋଦିତ ଇନ୍ସିନେରେଟର କେନ୍ଦ୍ରରେ ପ୍ରାୟ ୮୦ ଟନ୍ ଗଞ୍ଜେଇ, ୧୧.୪ କିଲୋଗ୍ରାମ ବ୍ରାଉନ୍ ସୁଗାର ଏବଂ ୩,୬୩୮ ବୋତଲ କଫ୍ ସିରପ (ଆନୁମାନିକ ବଜାର ମୂଲ୍ୟ ୪୧୦ କୋଟି ଟଙ୍କା) ବିନଷ୍ଟ କରିବାର ଲକ୍ଷ୍ୟ ରଖାଯାଇଛି। ଅଭିଯାନ ଆରମ୍ଭ ହେବା ପରଠାରୁ ୩୬ ଟନ୍ ଗଞ୍ଜେଇ ସଫଳତାର ସହ ବିନଷ୍ଟ କରାଯାଇଥିବା ବେଳେ ଅବଶିଷ୍ଟ ଜବତ ମାଦକଦ୍ରବ୍ୟକୁ ଆଇନଗତ ପ୍ରକ୍ରିୟାରେ ପର୍ଯ୍ୟାୟକ୍ରମେ ଧ୍ୱଂସ କରାଯିବ।

ମିଳିତ କାର୍ଯ୍ୟାନୁଷ୍ଠାନ, ଅତ୍ୟାଧୁନିକ ପ୍ରଯୁକ୍ତି, ଜନସାଧାରଣଙ୍କ ସହଯୋଗ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ନିଶାମୁକ୍ତ, ସୁରକ୍ଷିତ ଓ ସଶକ୍ତ ଓଡ଼ିଶା ଗଠନ ହିଁ ଓଡ଼ିଶା ପୁଲିସର ଅତୁଟ ସଂକଳ୍ପ ବୋଲି ଡିଜିପି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ୍ ବ୍ରାଞ୍ଚ) ବିନୟ ତୋଷ ମିଶ୍ର, ଆଇଜିପି (କ୍ରାଇମ୍ ବ୍ରାଞ୍ଚ) ସାର୍ଥକ ଷଡଙ୍ଗୀ, ଡିଆଇଜିପି (ଏସଟିଏଫ) କନୱର ବିଶାଳ ସିଂଙ୍କ ସହିତ ପୁଲିସ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନୂଆ ପୁସ୍ତକ ଯୋଗାଣ ପାଇଁ ଧାର୍ଯ୍ୟ ହେଉ ସମୟସୀମା

ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ)ଃ ନୂଆ ପାଠ୍ୟପୁସ୍ତକର ଯୋଗାଣ ପାଇଁ ରାଜ୍ୟ ସରକାରଙ୍କୁ ୭ ଦିନର ମହଲତ ଦେଇଛି ଓଡ଼ିଶା ସ୍ୱାଭିମାନ ମଞ୍ଚ। ୭ ଦିନ ଭିତରେ ସରକାର ଲିଖିତ ଭାବେ ଜଣାନ୍ତୁ କିଭଳି ଏହାର ସମାଧାନର ରାସ୍ତା ବାହାର କରିବେ। ନଚେତ୍ ୬୦ ଲକ୍ଷ ପିଲାଙ୍କ ଭବିଷ୍ୟତ ଅନ୍ଧାର ହୋଇଯିବ। ଯଦି ସରକାର ଆସନ୍ତା ୭ ଦିନ ମଧ୍ୟରେ କୌଣସି ଠୋସ ପଦକ୍ଷେପ ନେବେ ନାହିଁ, ତା'ହେଲେ ଓଡ଼ିଶା ସ୍ୱାଭିମାନ ମଞ୍ଚ ରାଜ୍ୟର ବୁଦ୍ଧିଜୀବୀ, ଶିକ୍ଷକ, ଅଭିଭାବକ ଓ ବିଭିନ୍ନ ସଂଗଠନର ସହଯୋଗରେ 'ଜନତା ସଂସ୍କରଣ' ପ୍ରକାଶ କରିବ, ଯେଉଁଥିରେ ସମସ୍ତ ବହିକୁ ସଂଶୋଧିତ କରି ଅନାବଶ୍ୟକ ବିଷୟ ବସ୍ତୁକୁ ବାଦ ଦେଇ ଚଳିତ ବର୍ଷ ସୀମିତ ବିଷୟବସ୍ତୁକୁ ନେଇ ପିଲାଙ୍କୁ ପାଠ ପଢ଼ିବାକୁ ସୁଯୋଗ ଦେବାରେ ସହଯୋଗ କରିବ। ଏନେଇ ଓଡ଼ିଶା ସ୍ୱାଭିମାନ ମଞ୍ଚ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖାଯାଇଛି। କେବଳ ସେତିକି ନୁହେଁ, ଓଡ଼ିଶା ସ୍ୱାଭିମାନ ମଞ୍ଚର ଦାବିକୁ ଜାତୀୟ ଅଭିଭାବକ ସଂଗଠନ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଓ ରାଜ୍ୟ ବେସରକାରୀ ବିଦ୍ୟାଳୟ ସଂଗଠନର ସଭାପତି ସ୍ୱପ୍ନେନ୍ଦୁ ସାମନ୍ତରାୟ ସମର୍ଥନ ଜଣାଇଛନ୍ତି।

# ନିମ୍ବୁଡାରେ ଅଟକିଛି ବିରୋଧଙ୍କ ବିରୋଧ

ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ)ଃ ରାଜ୍ୟରେ ଲକ୍ଷାଧିକ ଛାତ୍ରଛାତ୍ରୀ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ଧରି ପଢ଼ା ଆରମ୍ଭ କରିଥିବା ବେଳେ ବିରୋଧୀଙ୍କ ବିରୋଧ କିନ୍ତୁ ନିମ୍ବୁଡା ଗୀତରେ ଅଟକିଯାଇଛି। ବିଜେଡିର ଛାତ୍ର ଶାଖା ରାଜଭବନ ସମ୍ମୁଖରେ ନିମ୍ବୁଡା ଗୀତର ତାଳେ ତାଳେ ନାଚି ବିରୋଧ ପ୍ରକଟ କରିଥିବା ବେଳେ କଂଗ୍ରେସର ବିରୋଧ ବିବୃତିରେ ଅଟକିଛି। ଅନ୍ୟ ପକ୍ଷରେ ରାଜ୍ୟ ସରକାର ଏବେ ବି ପାଠ୍ୟପୁସ୍ତକରୁ ଭୁଲ୍ ଖୋଜୁଥିବା ଜଣାଯାଇଛି।

ଖରାଛୁଟି ପରେ ବିଦ୍ୟାଳୟ ଖୋଲିବା ସହ ଜୁନ୍ ମଧ୍ୟଭାଗରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନେ ପ୍ରାୟ ୧୫ ଦିନ ହେଲା ଯେଉଁ ପାଠ୍ୟପୁସ୍ତକ ଧରି ପଢୁଛନ୍ତି, ସେଥିରେ ମାଳ ମାଳ ଭୁଲ୍। ଭୁଲ୍ ସଂଖ୍ୟା ୨ ହଜାରରୁ ଅଧିକ ହୋଇଥିବା ବେଳେ ଏଥିରେ ଏଭଳି କିଛି ଭୁଲ୍ ରହିଛି ତାହାକୁ ଶିକ୍ଷକମାନେ ଠିକ୍ କରି ପଢ଼ାଇବା ବି କାଠିକର ପାଠ। ଖୋଦ୍ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଏଭଳି ଭୁଲ୍‌କୁ ଗୁରୁ ଚଣ୍ଡାଳ ଦୋଷ ବୋଲି କହିଛନ୍ତି।

**● ଏବେ ବି ଭୁଲ୍ ଖୋଜା ଚାଲିଛି**

**● ପରୀକ୍ଷାକୁ ନେଇ ପ୍ରଶ୍ନବାଚୀ**



ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଏତେ ବଡ଼ ବ୍ୟତିକ୍ରମ ହୋଇଥିବା ବେଳେ ଦୁଇ ପ୍ରମୁଖ ବିରୋଧୀ ଦଳ କିନ୍ତୁ ରାସ୍ତାକୁ ଓହ୍ଲାଇବାକୁ କୁଣ୍ଠକୁଣ୍ଠ ହେଉଛନ୍ତି। ଦୁଇ ଦଳର କୁହାଳିଆ ନେତାମାନେ ନିଜ ନିଜ ଦପ୍ତରରେ ବସି ଗଣମାଧ୍ୟମରେ ବିବୃତିବାଜି କରିବା ପରେ ବହୁ ବିଳମ୍ବରେ ଛାତ୍ର ବିଜେଡି ପ୍ରତିବାଦ ପାଇଁ ରାସ୍ତାକୁ ଓହ୍ଲାଇଥିଲା। ହେଲେ ପ୍ରତିବାଦ କରିବେ କ'ଣ, ରାଜଭବନ ସମ୍ମୁଖରେ ଅଷ୍ଟମ ଶ୍ରେଣୀ ପାଠ ବହିରେ ଥିବା ନିମ୍ବୁଡା ଗୀତ ବଜାଇ ନାଚିଥିଲେ। ଗୀତର ତାଳେ ତାଳେ ଛାତ୍ର ବିଜେଡିର ଯୁବକମାନେ ଏଭଳି ନାଚିଥିଲେ ଯେ ତାହା ବରଯାତ୍ରୀର ଭ୍ରମ ସୃଷ୍ଟି କରିଥିଲା। ଏହି ପ୍ରତିବାଦରେ ଦଳର କୌଣସି ବରିଷ୍ଠ କିମ୍ବା ଆଗଧାଡ଼ିର ନେତାଙ୍କୁ ବି ଦେଖିବାକୁ ମିଳିନଥିଲା।

ସେହିଭଳି କଂଗ୍ରେସ ମଧ୍ୟ ଏ କ୍ଷେତ୍ରରେ ସମାନ ନୀତି ଆପଣେଇଛି। ଛାତ୍ର କଂଗ୍ରେସ ମାଷ୍ଟର କ୍ୟାଣ୍ଟିନ ଛକରେ ଛୋଟକାଟର ପ୍ରତିବାଦଟିଏ କରିଦେଇ ଚୁପ୍ ଦଳର କିଛି ମୁଖପାତ୍ର ମଝିରେ ମଝିରେ ଗଣମାଧ୍ୟମରେ ବାଇଟ୍ ଦେଇ କାମ ସାରିଦେଉଛନ୍ତି। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କଂଗ୍ରେସର ଛାତ୍ର ସଂଗଠନ ଯେଉଁଭଳି ଭାବେ ଆଗକୁ ଆସିବା କଥା, ତାହା ପରିଲକ୍ଷିତ ହେଉ ନ ଥିବା ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି। ଦଳ ଭିତରେ ଚାଲିଥିବା କନ୍ଦଳ ଯୋଗୁଁ ଏଭଳି ଅବସ୍ଥା ବୋଲି କର୍ମୀମାନେ ବି କହୁଛନ୍ତି। ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ରାଜ୍ୟର ବିଭିନ୍ନ ସ୍ଥାନରେ ଅଭିଭାବକମାନେ ଭୁଲ୍ ପାଠ୍ୟପୁସ୍ତକକୁ ନେଇ ବିବ୍ରତ ହୋଇ ଅସନ୍ତୋଷ ପ୍ରକଟ କରୁଥିବା ବେଳେ ଦୁଇ ବିରୋଧୀ ଦଳ କିନ୍ତୁ ନିରବତା ଅବଲମ୍ବନ କରୁଛନ୍ତି। ସେମାନଙ୍କର ପ୍ରତିବାଦ କେବଳ ରାଜ୍ୟ ରାଜଧାନୀରେ ସୀମିତ ରହିଛି। ସବୁରି ଭିତରେ ଭୁଲ୍ ବହିକୁ ନେଇ ଛାତ୍ରଛାତ୍ରୀମାନେ ପାଠ ପଢୁଥିବା ବେଳେ ଆଉ କିଛିଦିନ ପରେ ସେମାନେ ପରୀକ୍ଷା ଦେବେ। ତେବେ ଛାତ୍ରଛାତ୍ରୀମାନେ ପଢୁଥିବା ବହି ଅନୁଯାୟୀ ପରୀକ୍ଷାରେ ଲେଖିଲେ ସେମାନଙ୍କୁ କିଭଳି ନମ୍ବର ଦିଆଯିବ, ସେହି ଚିନ୍ତା ଏବେ ଶିକ୍ଷକମାନଙ୍କୁ ଘାରିଲାଣି।

## ଭୁବନେଶ୍ୱରରେ ମିସ୍ ୟୁନିଭର୍ସ ଓଡ଼ିଶା ପୁନମ



ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ)ଃ ଭୁବନେଶ୍ୱରରେ ପହଞ୍ଚିଛନ୍ତି ମିସ୍ ୟୁନିଭର୍ସ ଓଡ଼ିଶା ୨୦୨୬ ପୁନମ ମହାରଣା। ମିସ୍ ୟୁନିଭର୍ସ ଓଡ଼ିଶା ୨୦୨୬ ଓ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ ଗଞ୍ଜାମ ଝିଅ ପୁନମ ମହାରଣା। ଏହି ଅବସରରେ ଭୁବନେଶ୍ୱର ବିମାନବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି ପରିବାର ଲୋକେ। ଏହି ବିଶ୍ୱସୁନ୍ଦରୀ ପ୍ରତିଯୋଗିତାରେ ଝିଅ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ସବୁଠି ଖୁସି ଆଣିଦେଇଛି। ଏହି ସଫଳତାର ଶ୍ରେୟ ନିଜ ପିତାମାତାଙ୍କୁ ଦେବା ସହ ମିସ୍ ଇଣ୍ଡିଆ ବନି ମିସ୍ ୱାର୍ଲ୍ଡ ହେବାର ଇଚ୍ଛା ରହିଛି ବୋଲି କହିଛନ୍ତି ପୁନମ। ପ୍ରଥମେ ଓଡ଼ିଶାର ୧୦୦ ଜଣ ପ୍ରତିଯୋଗୀଙ୍କୁ ନେଇ ମିସ୍ ୟୁନିଭର୍ସ ଓଡ଼ିଶା ୨୦୨୬ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବିଜୟ ଲାଭ କରିବା ସହ ବିଜୟୀ ମୁକୁଟ ପିନ୍ଧିଛନ୍ତି ପୁନମ। ଆସନ୍ତା ଅଗଷ୍ଟରେ ଆୟୋଜିତ ହେବାକୁ ଥିବା ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ ପୁନମ। ସାରା ଭାରତରୁ ୫୫ ଜଣ ସୁନ୍ଦରୀ ଏଥିରେ ବିଭିନ୍ନ ବିଭାଗରେ ଭାଗ ନେଉଥିବା ସେ କହିଛନ୍ତି।

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ପାକିସ୍ତାନ ପାଇଁ ସତର୍କ ସଙ୍କେତ



ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ପରେ ପାକିସ୍ତାନରେ ଜଳ ସଙ୍କଟକୁ ନେଇ ଚର୍ଚ୍ଚା ଆହୁରି ତୀବ୍ର ହୋଇଛି। ଯଦିଓ ଏହି ଚୁକ୍ତି ସ୍ଥଗିତ ହେବାମାତ୍ରେ ପାକିସ୍ତାନକୁ ମିଳୁଥିବା ଜଳ ପ୍ରବାହ ତୁରନ୍ତ ବନ୍ଦ ହୋଇଯାଏ ନାହିଁ, ତଥାପି ଭବିଷ୍ୟତରେ ଜଳ ପରିଚାଳନା, ନୂତନ ଜଳ ପ୍ରକଳ୍ପ ଏବଂ ଦୁଇ ଦେଶ ମଧ୍ୟରେ ସହଯୋଗ ଉପରେ ଏହାର ପ୍ରଭାବ ପଡ଼ିଛି। ଏହା ପାକିସ୍ତାନର ପୂର୍ବରୁ ରହିଥିବା ଜଳ ସମସ୍ୟାକୁ ଆହୁରି ଜଟିଳ କରିବାର ଯଥେଷ୍ଟ ଆଶଙ୍କା ରହିଛି। ପାକିସ୍ତାନର କୃଷି, ପାନୀୟ ଜଳ ଏବଂ ବିଦ୍ୟୁତ ଉତ୍ପାଦନ ବହୁ ପରିମାଣରେ ସିନ୍ଧୁ ନଦୀ ବ୍ୟବସ୍ଥା ଉପରେ ନିର୍ଭରଶୀଳ। ଦେଶର ଅଧିକାଂଶ କୃଷି ଜମି ସିଚାଇ ପାଇଁ ଏହି ନଦୀ ବ୍ୟବସ୍ଥାର ଜଳ ବ୍ୟବହାର କରେ। ଏପରି ପରିସ୍ଥିତିରେ ଜଳ ଉପଲବ୍ଧତା ସମ୍ପର୍କିତ ଅନିଶ୍ଚିତତା କୃଷି ଉତ୍ପାଦନ, ଖାଦ୍ୟ ସୁରକ୍ଷା ଏବଂ ଗ୍ରାମୀଣ ଅର୍ଥନୀତି ପାଇଁ ଚିନ୍ତାର ବିଷୟ ହୋଇପାରେ।

ତେବେ ପାକିସ୍ତାନର ଜଳ ସଙ୍କଟ ପାଇଁ କେବଳ ବାହ୍ୟ କାରଣକୁ ଦାୟୀ କରିବା ଯଥେଷ୍ଟ ହେବ ନାହିଁ। ବର୍ଷ ବର୍ଷ ଧରି ସେଠାରେ ଜଳ ପରିଚାଳନାରେ ଦୁର୍ବଳତା, ପୁରୁଣା କେନାଲ ବ୍ୟବସ୍ଥା, ଜଳର ଅପଚୟ, ଭୂତଳ ଜଳର ଅତ୍ୟଧିକ ବ୍ୟବହାର ଏବଂ ପର୍ଯ୍ୟାପ୍ତ ଜଳାଶୟର ଅଭାବ ସମସ୍ୟାକୁ ଗଭୀର କରିଛି। ଜଳ ସଂରକ୍ଷଣ ଓ ଆଧୁନିକ ସିଚାଇ ବ୍ୟବସ୍ଥାରେ ଆବଶ୍ୟକ ନିବେଶ ନ ହେବାରୁ ଉପଲବ୍ଧ ଜଳର ଏକ ବଡ଼ ଅଂଶ ନଷ୍ଟ ହେଉଥିବା କଥା ବିଭିନ୍ନ ଅଧ୍ୟୟନରେ ଉଲ୍ଲେଖ ହୋଇଛି।

ଏହା ସହିତ ଜଳବାୟୁ ପରିବର୍ତ୍ତନ ମଧ୍ୟ ପରିସ୍ଥିତିକୁ କଠିନ କରିଦେଇଛି। ହିମବାହ ଗଳିବାର ଧାରା, ଅନିୟମିତ ବର୍ଷା, ଦୀର୍ଘସ୍ଥାୟୀ ମରୁଡ଼ି ଏବଂ ବନ୍ୟା ପରି ଘଟଣା ଜଳ ସମ୍ପଦର ସନ୍ତୁଳନକୁ ପ୍ରଭାବିତ କରୁଛି। ତେଣୁ ଜଳ ସଙ୍କଟକୁ କେବଳ ଏକ ରାଜନୈତିକ ପ୍ରସଙ୍ଗ ଭାବେ ନୁହେଁ, ବରଂ ପରିବେଶ, ଅର୍ଥନୀତି ଓ ସୁଶାସନ ସହ ଜଡ଼ିତ ଏକ ବହୁମାତ୍ରିକ ଚ୍ୟାଲେଞ୍ଜ ଭାବେ ଦେଖିବା ଦରକାର। ଭାରତର ଦୃଷ୍ଟିକୋଣରୁ ଜଳ ଏକ ଜାତୀୟ ସମ୍ପଦ ଏବଂ ଜାତୀୟ ସୁରକ୍ଷା ସହ ଜଡ଼ିତ ବିଷୟ। ସୀମାପାର ଆତଙ୍କବାଦ ଏବଂ ଦ୍ୱିପାକ୍ଷିକ ସମ୍ପର୍କରେ ତିକ୍ତତା ଦୃଷ୍ଟିରେ ଭାରତ ସିନ୍ଧୁ ଜଳ ଚୁକ୍ତି ସମ୍ପର୍କରେ ନିଜର ନୀତିର ପୁନର୍ବିଚାର କରିବାକୁ ବାଛିଛି। ତଥାପି, ଆନ୍ତର୍ଜାତିକ ନଦୀଗୁଡ଼ିକର ପରିଚାଳନା ସମ୍ପର୍କିତ ଯେକୌଣସି ପଦକ୍ଷେପ ଆନ୍ତର୍ଜାତିକ ଆଇନ, କୂଟନୈତିକ ଦାୟିତ୍ୱ ଏବଂ ବାସ୍ତବ ପରିସ୍ଥିତିକୁ ବିଚାର କରି ଗ୍ରହଣ କରାଯିବା ଆବଶ୍ୟକ।

ପାକିସ୍ତାନ ପାଇଁ ଏହି ପରିସ୍ଥିତି ଏକ ସତର୍କ ସଙ୍କେତ। କେବଳ କୂଟନୈତିକ ପ୍ରତିକ୍ରିୟା ଦେଇ ଏହି ସମସ୍ୟାର ସମାଧାନ ହେବ ନାହିଁ। ଜଳ ସଂରକ୍ଷଣ, ବର୍ଷାଜଳ ସଂଗ୍ରହ, ଆଧୁନିକ ସିଚାଇ ପ୍ରଣାଳୀ, ଜଳାଶୟ ନିର୍ମାଣ ଏବଂ ସୁଦୃଢ଼ ଜଳ ପରିଚାଳନା ଉପରେ ଗୁରୁତ୍ୱ ଦେବା ହିଁ ଦୀର୍ଘମିଆଦି ସମାଧାନ। ନଚେତ ବଢ଼ୁଥିବା ଜନସଂଖ୍ୟା ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଦେଶକୁ ଆହୁରି ଗୁରୁତର ଜଳ ସଙ୍କଟ ଆଡ଼କୁ ଠେଲିଦେଇପାରେ। ଜଳ କେବଳ ପ୍ରାକୃତିକ ସମ୍ପଦ ନୁହେଁ; ଏହା ଜୀବନ, ଖାଦ୍ୟ ସୁରକ୍ଷା ଏବଂ ଆଞ୍ଚଳିକ ସ୍ଥିରତାର ଆଧାର। ତେଣୁ ଜଳକୁ ସଂଘର୍ଷର ଅସ୍ତ୍ର ନୁହେଁ, ବରଂ ଦାୟିତ୍ୱବୋଧ ଓ ସୁବିବେଚନାର ସହ ପରିଚାଳନା କରିବା ଦକ୍ଷିଣ ଏସିଆର ସମସ୍ତ ଦେଶର ସାମୂହିକ ହିତରେ ରହିଛି। ଭାରତ ଓ ପାକିସ୍ତାନ ଉଭୟଙ୍କ ପାଇଁ ଜଳ ସମ୍ପଦର ଦୀର୍ଘସ୍ଥାୟୀ ଓ ବୈଜ୍ଞାନିକ ପରିଚାଳନା ହିଁ ଭବିଷ୍ୟତର ସ୍ଥିରତାର ପ୍ରମୁଖ ଚାବିକାଠି ହୋଇପାରେ।

# 'ପରିବେଶ ସୁରକ୍ଷା ପ୍ରତି ଆମର ଦାୟିତ୍ୱବୋଧ'



**ଡଃ ଅମୂଲ୍ୟ କୁମାର ପଣ୍ଡା**

"ପରିବେଶ ହିଁ ଜୀବନ", ଏହି ଚିରନ୍ତନ ସତ୍ୟକୁ ଆଧାର କରି ପୃଥିବୀ ପୃଷ୍ଠରେ ସମସ୍ତ ସୃଷ୍ଟିର ବିକାଶ ହୋଇଛି । ପରିବେଶ ହେଉଛି ପ୍ରକୃତିର ଏକ ଅମୂଲ୍ୟ ଉପହାର, ଯାହା ମଧ୍ୟରେ ବାୟୁ, ଜଳ, ମୃତ୍ତିକା, ଉଦ୍ଭିଦ ଓ ପ୍ରାଣୀଜଗତ ଅନ୍ତର୍ଭୁକ୍ତ । ଆମର ଚତୁଃପାର୍ଶ୍ୱରେ ଥିବା ଏହି ସଜୀବ ଓ ନିର୍ଜୀବ ଉପାଦାନଗୁଡ଼ିକର ସମାହାରକୁ ଆମେ ପରିବେଶ ବୋଲି କହିଥାଉ । ମାନବ ସଭ୍ୟତାର ଆରମ୍ଭରୁ ପ୍ରକୃତି ଓ ମଣିଷ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଆସିଛି । ମାତ୍ର ବର୍ତ୍ତମାନର ଆଧୁନିକ ଓ ସ୍ୱାର୍ଥପର ମଣିଷ ନିଜର ସୁଖ-ସୁବିଧା ପାଇଁ ଏହି ସୁନ୍ଦର ପରିବେଶକୁ ଧ୍ୱଂସ କରିବାରେ ଲାଗିଛି । ଫଳରେ ସମଗ୍ର ବିଶ୍ୱ ଆଜି ଗୁରୁତର ପରିବେଶ ସଙ୍କଟର ସମ୍ମୁଖୀନ । ଏଭଳି ପରିସ୍ଥିତିରେ ପରିବେଶର ସୁରକ୍ଷା କରିବା କେବଳ ସରକାରଙ୍କର ନୁହେଁ, ବରଂ ଆମ ପ୍ରତ୍ୟେକ ନାଗରିକର ପରମ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଅଟେ । ପରିବେଶର ଗୁରୁତ୍ୱ ଓ ପ୍ରକୃତି ସହ ମାନବର ସମ୍ପର୍କ ପରିବେଶ ଆମକୁ ବଞ୍ଚିବା ପାଇଁ ଅମ୍ଳଜାନ, ପିଇବା ପାଇଁ ଜଳ ଏବଂ କ୍ଷୁଧା ନିବାରଣ ପାଇଁ ଅନ୍ନ ଯୋଗାଇଥାଏ । ଆମର ପ୍ରତ୍ୟେକ ମୌଳିକ ଆବଶ୍ୟକତା ପ୍ରକୃତି ଉପରେ ନିର୍ଭର କରେ । ପ୍ରାଚୀନ ଭାରତୀୟ ସଂସ୍କୃତିରେ ପ୍ରକୃତିକୁ ଦେବତା ଭାବେ ପୂଜା କରାଯାଉଥିଲା । ଗଛଲତାକୁ ମା' ଏବଂ ନଦୀକୁ ପବିତ୍ର ଗଙ୍ଗା ମାତା ଭାବେ ସମ୍ମାନ ଦିଆଯାଉଥିଲା । ଋଷିମୁନିମାନେ ଅରଣ୍ୟ ମଧ୍ୟରେ ରହି ପରିବେଶ ସହିତ ସନ୍ତୁଳନ ରକ୍ଷା କରୁଥିଲେ । କିନ୍ତୁ କାଳକ୍ରମେ ମଣିଷ ପ୍ରକୃତିକୁ ଉପଭୋଗର ସାମଗ୍ରୀ ମନେକଲା, ଯାହା ଆଜିର ବିପର୍ଯ୍ୟୟର ମୁଖ୍ୟ କାରଣ ସାଜିଛି । ବର୍ତ୍ତମାନ ସମୟରେ ପରିବେଶ ମୁଖ୍ୟତଃ ଚାରୋଟି ଉପାୟରେ ପ୍ରଦୂଷିତ ହେଉଛି। ପ୍ରଥମ, ବାୟୁ ପ୍ରଦୂଷଣ (AIR POLLUTION) । କଳକାରଖାନା ଏବଂ ଗାଡ଼ି ମୋଟରରୁ ନିର୍ଗତ କଳାଧୂଆଁ ବାୟୁମଣ୍ଡଳକୁ ବିଷାକ୍ତ କରୁଛି । ଯାହାଫଳରେ ଶ୍ୱାସକ୍ରିୟା ଜନିତ ରୋଗ ବଢ଼ିବାରେ ଲାଗିଛି ।ଦ୍ୱିତୀୟ ହେଉଛି ଜଳ ପ୍ରଦୂଷଣ (WATER POLLUTION) ।ସହରର ବର୍ଜ୍ୟବସ୍ତୁ ଏବଂ କାରଖାନାର ଦୂଷିତ ରାସାୟନିକ ଜଳ ନଦୀ, ପୋଖରୀ ଓ ସମୁଦ୍ରରେ ମିଶି ଜଳକୁ ବ୍ୟବହାର ଅନୁପଯୋଗୀ କରୁଛି । ତୃତୀୟରେ ହେଉଛି ମୃତ୍ତିକା ପ୍ରଦୂଷଣ (SOIL POLLUTION)। କୃଷି କ୍ଷେତ୍ରରେ ଅତ୍ୟଧିକ ରାସାୟନିକ ସାର ଏବଂ କୀଟନାଶକର ପ୍ରୟୋଗ ଯୋଗୁଁ ମାଟିର ଉର୍ବରତା ନଷ୍ଟ ହେଉଛି । ଚତୁର୍ଥରେ ହେଉଛି ଶବ୍ଦ ପ୍ରଦୂଷଣ (NOISE POLLUTION)।ଯାନବାହନର ହର୍ଣ୍ଣ ଏବଂ ଉଚ୍ଚ ସ୍ୱରରେ ବାଜୁଥିବା ଲାଉଡ଼ସ୍ପିକର ମାନସିକ ଚାପ ଓ ବଧିରତା ସୃଷ୍ଟି କରୁଛି । ଯଦି ଆମେ ଏବେଠାରୁ ସଚେତନ ନ ହେବା, ତେବେ ପ୍ରକୃତିର କୋପରୁ କେହି ବଞ୍ଚିପାରିବେ ନାହିଁ । ଏହାର କେତେକ ଭୟାବହ ପରିଣାମ ନିମ୍ନଭାବେ ଦେଖାଦେଇଛି । ପୃଥିବୀର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଛି, ଯାହାଦ୍ୱାରା ମେରୁ ଅଞ୍ଚଳର ବରଫ ତରଳି ସମୁଦ୍ର ପତନ ବଢ଼ୁଛି । ସମୟରେ ବର୍ଷା ନହେବା, ଅତ୍ୟଧିକ ଗରମ ଏବଂ ବାରମ୍ବାର ବାତ୍ୟା ଓ ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ଏହାର ଜ୍ୱଳନ୍ତ ଉଦାହରଣ। ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଆମକୁ ବ୍ୟକ୍ତିଗତ ଏବଂ ସାମାଜିକ ସ୍ତରରେ ଦାୟିତ୍ୱବାନ ହେବାକୁ ପଡ଼ିବ । ଆମର ପ୍ରମୁଖ ଦାୟିତ୍ୱଗୁଡ଼ିକ ହେଲା - ପ୍ରଥମ ଦାୟିତ୍ୱ ହେଉଛି ପୃଥିବୀର ସବୁଜ ବନାନୀ କୁ ସୁରକ୍ଷିତ ରଖିବା ଯାହା ହେଉଛି ପରିବେଶର ଫୁସଫୁସ । ଗୋଟିଏ ଗଛ କାଟିଲେ ତା' ବଦଳରେ ପାଞ୍ଚଟି ନୂଆ ଗଛ ଲଗାଇବା ଉଚିତ । ପ୍ରତ୍ୟେକ ବ୍ୟକ୍ତି ନିଜ ଜନ୍ମଦିନ କିମ୍ବା କୌଣସି ଶୁଭ ଅବସରରେ ଅତିକମରେ ଗୋଟିଏ ଗଛ ଲଗାଇବାକୁ ସଂକଳ୍ପ ନେବା ଆବଶ୍ୟକ । ପ୍ଲାଷ୍ଟିକ ଓ ପଲିଥିନ ମାଟିରେ ସହଜରେ ମିଶେ ନାହିଁ ଏବଂ ଏହା ଶହ ଶହ ବର୍ଷ ପର୍ଯ୍ୟନ୍ତ ପରିବେଶକୁ ଦୂଷିତ କରି ରଖେ । ବଜାରକୁ ଗଲାବେଳେ ସଦାସର୍ବଦା କପଡ଼ା କିମ୍ବା ଝୋଟ ବ୍ୟାଗ ବ୍ୟବହାର କରିବା ଉଚିତ। ଜଳର ଅପଚୟ ରୋକିବା ଆମର ପରମ କର୍ତ୍ତବ୍ୟ । ବର୍ଷା ଜଳ ଅମଳ (RAINWATER HARVESTING) ପଦ୍ଧତି ଆପଣାଇ ଭୂତଳ ଜଳ ସ୍ତରକୁ ବୃଦ୍ଧି କରାଯାଇପାରିବ । ନଦୀ ଓ ପୋଖରୀକୁ ସ୍ୱଚ୍ଛ ରଖିବା ଆବଶ୍ୟକ । ଆମ ଜୀବନଶୈଳୀରେ REDUCE (କମ ବ୍ୟବହାର), REUSE (ପୁନଃ ବ୍ୟବହାର) ଏବଂ RECYCLE (ପୁନଃ ଚକ୍ରଣ) ନୀତି ଅବଲମ୍ବନ କରିବା ଉଚିତ । ଏହାଦ୍ୱାରା ଆବର୍ଜନା କମ ସୃଷ୍ଟି ହେବ । ପରିବେଶ ସୁରକ୍ଷା କେବଳ ଏକ ସ୍ଲୋଗାନ ବା ସଭାସମିତି ମଧ୍ୟରେ ସୀମିତ ନରହି ଏହାକୁ କାର୍ଯ୍ୟକାରୀ କରିବାର ସମୟ ଆସିଯାଇଛି । ଆମର ଆଜିର ଛୋଟ ପଦକ୍ଷେପ ଆସନ୍ତାକାଲିର ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ଓ ସୁସ୍ଥ ପୃଥିବୀ ଉପହାର ଦେଇପାରିବ । ଆସନ୍ତୁ ସମସ୍ତେ ମିଶି ଏ ପଦକ୍ଷେପ ଗୁଡିକୁ ନେଲେ ପରିବେଶ ସୁରକ୍ଷିତ ହୋଇପାରିବ। ଏହା ତ୍ୱରାନ୍ୱିତ ଭାବେ କରିବା ଉଚିତ୍, କାରଣ ପ୍ରକୃତିର ସୁରକ୍ଷା ହିଁ ପ୍ରକୃତରେ ମାନବ ଜାତିର ସୁରକ୍ଷା ଅଟେ ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ - ୮୨୪୯୫୦୨୭୭୬

# 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡାଇବ ହେ...'



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ମହାପ୍ରଭୁଙ୍କ ପତିତପାବନ ବାନା ଆଲେଖ୍ୟ ସମୟରେ କବି ଆର୍ତ୍ତଦାସଙ୍କ କାଳଜୟୀ କବିତାଟି ମନେପଡୁଛି - 'ପତିତପାବନ ଆଉ କେତେ ବେଳକୁ, ଭାସିଗଲି ଭବ ଜଳେ ନାବ ଦିଅ କୂଳକୁ। ଦୂରେ ଥାଇ ଡାକଦେଲେ ଡେରିଥାଅ କର୍ଣ୍ଣକୁ, ନିକଟରେ ନ ଶୁଣିଲମୋ କର୍ମ ଅବଳକୁ। ଲକ୍ଷ ଯୋଜନରେ ଗଜ ଚିନ୍ତକଲା ପ୍ରଭୁଙ୍କୁ, ଚକ୍ର ପେଶି ଗ୍ରାହ ନାଶି ରଖିଲ ତ ଗଜକୁ। ଦ୍ରୌପଦୀ ଯେ ଚିନ୍ତା କଲା ବିବସନ ବେଳକୁ, କୋଟି ବସ୍ତ୍ର ଦେଇ ପ୍ରଭୁ ତୁମ୍ଭେ ସେତେବେଳକୁ'। ଯେମିତି ଦେଉଳକୁ ସେମିତି ବାନା। ଶ୍ରୀକ୍ଷେତ୍ର ଖାଲି ବଡ଼ଦେଉଳ, ବଡ଼ଦାଣ୍ଡ, ବଡ଼ଠାକୁରରେ ସୀମିତ ନୁହେଁ, ବରଂ ଶ୍ରୀମନ୍ଦିର ନୀଳଚକ୍ରରେ ଫର ଫର ଉଡୁଥିବା ବାନା ମଧ୍ୟ ଥିଲା ସବୁଠୁ ବଡ଼। ଅତୀତରେ ପତିତପାବନ ବାନା ନୀଳଚକ୍ରରୁ ଯାଇ ମହୋଦଧିରେ ପଡୁଥିଲା। ଉକ୍ତ ବାନାର ଅଗ୍ରଭାଗକୁ ଧରି ବୁଡ଼ ପକାଉଥିଲେ ଭକ୍ତ। ପରବର୍ତ୍ତୀ ସମୟରେ ୧୫୧ହାତର ବାନା ଉଡିବାର ନଜିର ରହିଛି। ଧୀରେ ଧୀରେ ଏହା ୫୧ ହାତ, ୨୯ ହାତ, ୨୧ ହାତ, ୧୯ହାତ ପରେ ଏବେ ୧୪ ହାତରେ ସୀମିତ ରହିଛି। ସ୍ଥୂଳ ଦୃଷ୍ଟିରୁ ଦେଖିଲେ ଖଣ୍ଡେ ତ୍ରିକୋଣାକାର ନାଲି କିମ୍ବା ହଳଦିଆ ରଙ୍ଗର କପଡ଼ା ମାତ୍ର, ତାର ନାମ ଧ୍ୱଜା, ନେତ, ପତାକା ଓ ବାନା ମଝିରେ ଚନ୍ଦ୍ରବିନ୍ଦୁ ଚିହ୍ନ ଥିବା ଦୁଇଧାରର ସେ ବିନ୍ଦୁରେ ଏକ ଫୁଲ ଲାଗିଥିବା ସେହି କପଡ଼ାର ଲମ୍ବ ହୋଇପାରେ ଚାରିହାତ ବା ଚଉଦହାତ ଅଥବା ୧୧୨ ହାତ। କାହିଁ କେତେ କୋଷ ଦୂରରୁ ତାକୁ ଦର୍ଶନ କଲେ ମନରେ ଦିବ୍ୟ ଚେତନା ଜାଗିଉଠେ ଆଉ ଦୁଇ ହାତ ଆପଣା ଛାଏଁ ଉଠିଯାଏ ଭକ୍ତିରେ ପ୍ରଣିପାତମୁଦ୍ରାରେ। ସେ ହେଉଛି ଶ୍ରୀମନ୍ଦିର ଚୂଡ଼ାରେ ନୀଳଚକ୍ର ଉପରେ ନିରନ୍ତର ଫର ଫର ଉଡୁଥିବା ପତିତପାବନ ବାନା। ମହାପ୍ରଭୁଙ୍କ ବଡ଼ଦେଉଳର ବାନା ବନ୍ଧା ଚୂନରା ସେବକ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ବିଜ୍ଞ ଡ. ଶରତ ମହାନ୍ତିଙ୍କ ତଥ୍ୟ ମୁତାବକ ୧୯୯୬ ମସିହା ପର୍ଯ୍ୟନ୍ତ ୧୫୧ ହାତ ବାନା ଉଡିଛି। ବଲିଉଡ ହିରୋ ସଞ୍ଜୟ ଦତ୍ତ ଟାଡ଼ା ମାମଲାରେ ପଡ଼ିଥିବା ବେଳେ ତାଙ୍କ ବାପା ସୁନୀଲ ଦତ୍ତ ଚିନ୍ତାରେ ପଡ଼ିଥିଲେ। ସେ ଆସି ଶ୍ରୀମନ୍ଦିରରେ ମା'ବିମଳାଙ୍କ ପୀଠରେ ଚଣ୍ଡୀ ପାଠ କରିଥିଲେ। ଏଥି ସହ ନୀଳଚକ୍ରରେ ୧୫୧ ହାତ ପତିତପାବନ ବାନା ବାନ୍ଧିଥିଲେ। ଏହାପରେ ତାଙ୍କ ପୁଅ ଉକ୍ତ ମାମଲାରୁ ମୁକୁଳିଥିଲେ। ତାଙ୍କ କହିବା ମୁତାବକ ୧୫୧ହାତ ବାନା ପାଦୁକ କୁଣ୍ଡରେ ପଡୁଥିବାରୁ, ଏହାକୁ ପାଦୁକ ଖିଆ ବାନା ମଧ୍ୟ କୁହାଯାଏ। ମାନସିକଧାରୀ ପାଦୁକ କୁଣ୍ଡ ପାରେ ବାନାକୁ ଧରି ସଂକଳ୍ପ କରନ୍ତି। ଏହା କୋଇଲି ବୈକୁଣ୍ଠ ପର୍ଯ୍ୟନ୍ତ ଫର ଫର ହୋଇ ଉଡ଼େ। ଅତୀତରେ ସମୁଦ୍ର ପର୍ଯ୍ୟନ୍ତ ବାନା ଉଡୁଥିଲା ବୋଲି ସେ ପୂର୍ବଜଙ୍କ ଠାରୁ ଶୁଣିଥିବା କହିଛନ୍ତି। ଶ୍ରୀମନ୍ଦିର ଚୂଡ଼ାରେ ଲାଗୁଥିବା ବାନା ସାଧାରଣତଃ ନାଲି, ହଳଦିଆ ବା ଧଳା ରଙ୍ଗର ହୋଇଥାଏ। ମଝିରେ ଚନ୍ଦ୍ରବିନ୍ଦୁ ଚିହ୍ନ ରହି ଆଗରେ ଏକ ଫୁଲ ଲାଗିଥାଏ। ବଡ଼ ବାନା ପବନ ମାଡ଼ରେ ନୀଳଚକ୍ରକୁ ଟାଣି ମନ୍ଦିର କାନ୍ଥ କ୍ଷତ ପହଞ୍ଚାଉଥିବାର ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପରାମର୍ଶରେ ବାନାର ଦୈର୍ଘ୍ୟକୁ ୧୪ ହାତରେ ସୀମିତ ରଖାଗଲା। ଶ୍ରୀ ପୁରୁଷୋତ୍ତମ ହେଉଛି ପତିତ ମାନଙ୍କର ପ୍ରଭୁ। ଶ୍ରୀମାନ ପତିତପାବନ। ପତିତ ଅର୍ଥକୁ ସେଠି ଜାତି ଅର୍ଥରେ ଗ୍ରହଣ ନ କରି ପତିତ ମାନସିକତା ଅର୍ଥରେ ଗ୍ରହଣ କରାଯାଏ। ମଣିଷର ମାନସିକତା ପତିତ ବା ନିମ୍ନାଭିମୁଖୀ ହେଲେ ତାହାକୁ ଉପରକୁ ଉଠାଇବାକୁ ହେଲେ ଏକମାତ୍ର ଉପାୟ ହେଉଛି ପତିତପାବନ ଶ୍ରୀଜଗନ୍ନାଥଙ୍କ ଉପାସନା। ମହାପ୍ରଭୁଙ୍କ ପତିତପାବନ ବାନାର ଲୀଳା ଆଲୋଚନା ସମୟରେ ମନେପଡୁଛି ବିଂଶ ଶତାବ୍ଦୀର କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସେହି ଆବେଗପୂର୍ଣ୍ଣ କାଳଜୟୀ ସୃଷ୍ଟି - 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡାଇବ ହେ'।

ନୀଳଚକ୍ରର ଆକୃତି ଏବଂ ତତ୍ ସହିତ ପବନରେ ଦୋଳାୟମାନ ପତିତପାବନ ବାନା ଉଭୟ ଏକତ୍ର ଶ୍ରୀମନ୍ଦିର ଆଧ୍ୟାତ୍ମିକ ଆକର୍ଷଣକୁ ବହୁ ଗୁଣିତ କରିଥାନ୍ତି। ନୀଳଚକ୍ରରେ ଦୈନିକ ବାନା ବନ୍ଧା ନୀତି ଅସଂଖ୍ୟ ଭକ୍ତଙ୍କ ପାଇଁ ଏକ ଦର୍ଶନୀୟ ଅଧ୍ୟାୟ। ପ୍ରତିଦିନ ଚୁନରା ସେବକ ଲାଗିବାକୁ ଥିବା ସମସ୍ତ ବାନା ଗଣ୍ଠିଲି ନେଇ ଅଭ୍ୟାସଗତ କୌଶଳକ୍ରମେ ଦଧିନଉତି ଉପରକୁ ଉଠି ନିୟମ ଅନୁସାରେ ବାନାସବୁ ବଦଳାଇବା ପରେ ପୁଣି ସମସ୍ତ ପୁରୁଣା ବାନାର ଗଣ୍ଠିଲି ଅଣ୍ଟାରେ ବାନ୍ଧି ତଳକୁ ଓହ୍ଲାଇବା ପର୍ଯ୍ୟନ୍ତ ସମଗ୍ର ପାଟଅଗଣା ତଥା ପରିକ୍ରମା ମାର୍ଗ ଲୋକାରଣ୍ୟ ରହିଥାଏ। ଏହି ପ୍ରକ୍ରିୟା ପ୍ରତ୍ୟକ୍ଷକରିବା ପାଇଁ ବହୁ ସଂଖ୍ୟାରେ ଭକ୍ତ ଉର୍ଦ୍ଧ୍ୱମୁଖୀ ହୋଇ ଚାହିଁ ରହିଥାଆନ୍ତି। ସେ ଯେତେବେଳେ ଧ୍ୱଜାଦଣ୍ଡ ଖୋଲି ସେଥିରେ ମୁଖ୍ୟ ବାନାଟିକୁ ସଂଯୋଗ କରନ୍ତି ସେତେବେଳେ ଶ୍ରୀମନ୍ଦିର ପରିସର ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୁଏ। ପୂର୍ବରୁ ୫୦ ୬୦ଟି ବାନା ଦୈନିକ ଲାଗୁଥିଲା। ଏବେ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପରେ ଦୈନିକ ପ୍ରାୟ ଦେଢ଼ ହଜାରରୁ ୨ ହଜାର ବାନା ବନ୍ଧାଯାଉଛି। କିଛି ୧୪ ହାତିଆ ବାନା ମାଳ କରି ବନ୍ଧାଯାଏ, ଅନ୍ୟ ସବୁ ମାନସିକଧାରୀଙ୍କ ବାନା ଗଣ୍ଠିଲିରେ ପୁଟୁଳି କରି ନୀଳଚକ୍ର ପାଖରେ ରଖାଯାଏ। ଶ୍ରୀମନ୍ଦିର ନୀତିକାନ୍ତି ସହିତ ନୀଳଚକ୍ର ତଥା ପତିତପାବନ ବାନା ସମ୍ପର୍କ ଅଭେଦ୍ୟ। ବାନା ଉଡିଗଲେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଭୋଗ ପୂଜା ହୋଇପାରେ ନାହିଁ। ବାନା ବିନା ନୀଳଚକ୍ର ଓ ଶ୍ରୀମନ୍ଦିର ସାମହିକ ଭାବରେ ଶ୍ରୀହୀନ ହୋଇଯାଏ। ସବୁ ନୀତିକାନ୍ତି ଅଟକି ରହେ ପୁଣି ନୂଆ ବାନା ଲାଗିବା ପର୍ଯ୍ୟନ୍ତ। ପ୍ରତି ୨୪ ଘଣ୍ଟାରେ ବାନା ପରିବର୍ତ୍ତନ ହୁଏ। ଏବେ ଶ୍ୱେତ, ପିତ୍ତ ଓ ଲୋହିତ ତଥା ଧଳା, ଲାଲ ଓ ହଳଦିଆ ରଙ୍ଗର ବାନା ବନ୍ଧାଯାଉଛି। ଶାନ୍ତିର ପ୍ରତୀକ ଭାବେ ଏହି ରଙ୍ଗର ବାନା ବନ୍ଧାଯାଉଛି। ଦରଜୀ ସେବକମାନେ ଅମୁଣିଆ ତଥା ନୂଆବାନା ତିଆରି କରନ୍ତି। ଚୂନରା ସେବକ ବାନା ବାନ୍ଧନ୍ତି। ସମ୍ପ୍ରତି ୪୦ ଚୂନରା ସେବକ ଏହି ବାନା ବନ୍ଧା କାର୍ଯ୍ୟରେ ନିୟୋଜିତ। ପାଳି କରି ବାନା ବାନ୍ଧନ୍ତି। ଭକ୍ତମାନେ ଅମୁଣିଆ ବାନା ଆଣି ରସିଦ କାଟି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପଇଠ କରନ୍ତି। ଲେଙ୍କା ସେବକଙ୍କ ମାର୍ଫତରେ ଏହା ଚୂନରା ସେବକଙ୍କ ପାଖକୁ ଆସେ। ଶୀତ ଦିନେ ଅପରାହ୍ନ ୪ଟାରେ ଏବଂ ଖରାଦିନ ୫ଟାରେ ବାନା ବାନ୍ଧିବା ପାଇଁ ଚୂନରା ସେବକ ମନ୍ଦିର ଉପରକୁ ଚଢ଼ନ୍ତି।

ଏତେ ବଡ଼ ଦେଉଳକୁ ଚଢ଼ିବା ପାଇଁ ପିଲାବେଳୁ ଚୂନରା ସେବକ ପରିବାରର ବଡ଼ମାନେ ସାନ ମାନଙ୍କୁ ପ୍ରଶିକ୍ଷଣ ଦିଅନ୍ତି। ୧୨ ବର୍ଷ ବୟସରୁ ଏହା ଶିଖିବା ଆରମ୍ଭ ହୁଏ। ଶୁଦ୍ଧପୂତ ଭାବେ ବାନା ବାନ୍ଧିବାକୁ ଚଢ଼ିଥାଆନ୍ତି। କୂଅ ଭିତରକୁ ଓହ୍ଲାଇବା ଲାଗି ଯେମିତିନନ୍ଦର ସାହାରା ନିଆଯାଏ, ସେହିପରି ମନ୍ଦିର ଚୂଡ଼ାକୁ ଚଢ଼ିବାକୁ ଚୂନରା ସେବକମାନେ ଅଣ୍ଟାରେ ବାନାର ପୁଟୁଳି ବାନ୍ଧି କାନ୍ଥ ଗାତ୍ରରେ ଗୋଡ଼ ହାତ ରଖି ଚଢ଼ିଥାନ୍ତି। ନୀଳଚକ୍ରରୁ ବାନା ଓଲାଗି ପରେ ଏହାକୁ ଚୂନରା ସେବକମାନେ ପ୍ରାପ୍ୟ ଭାବେ ନିଅନ୍ତି। ବାନାର ଲମ୍ବ ପର୍ଯ୍ୟାୟ କ୍ରମେ କମିଯାଇ ସର୍ବାଧିକ ଏବେ ଚଉଦ ହାତ ଲମ୍ବା ବାନା ବନ୍ଧାଯାଉଛି। ଭକ୍ତମାନେ ବିଭିନ୍ନ ଦେବଦେବୀ ମନ୍ଦିର, ଇଶାଣ, ଗୁରୁବାର ମାଣବାସ ପେଡ଼ି, ଘରର ଐଶାନ୍ୟ କୋଣ ଓ ଟ୍ରେଜେରିରେ ରଖିଲେ ଶୁଭ ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଅନେକ ଭକ୍ତଙ୍କର ବିଶ୍ୱାସ ରହିଛି ଏହି ମହିମାପୂର୍ଣ୍ଣ ପତିତପାବନ ବାନାକୁ ନେଇ। ରାଜା ବୀରକେଶରୀଦେବ ଘୋର ନୈରାଶ୍ୟରେ ହାତ ଟେକି ଜଣାଇଛନ୍ତି - 'ପତିତପାବନ ବାନା ଆଉ କେତେବେଳକୁ, ଭାସି ଗଲି ଭବ ଜଳେ ନାବ ଦି କୂଳକୁ।'

ପ୍ରତିରତ୍ନିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭



# ଶ୍ରୀ ଜଗନ୍ନାଥଙ୍କ ବିଷ୍ଣୁ ସ୍ୱରୂପ ବ୍ରହ୍ମଗିରିର ଶ୍ରୀ ଅଲାରନାଥ



**ସନ୍ତୋଷ କୁମାର ଦାଶ**

ଶ୍ରୀ କ୍ଷେତ୍ର ପୁରୀ ଠାରୁ ପଶ୍ଚିମ ଆଡକୁ ଗଲେ ଅଳ୍ପ ଦୁରରେ ପଡ଼େ ବ୍ରହ୍ମଗିରି। ସେଠାରେ ପୂଜା ପାଇ ଆସୁଛନ୍ତି ଶ୍ରୀ ଅଲାରନାଥ। ସ୍ନାନ ପୂର୍ଣ୍ଣିମା ରେ ଦିବ୍ୟ ସ୍ନାନ କରିବା ପରେ ଶ୍ରୀ ଜିଉ ମାନେ ଜ୍ୱର ରେ ପୀଡ଼ିତ ହୋଇ ପଡ଼ି ଅଣସର ଗୃହ ରେ ଗୁପ୍ତ ଭାବ ରେ ଦଇତାପତି ସେବକ ମାନଙ୍କ ଦ୍ୱାରା ଚିକିତ୍ସିତ ହୋଇଥାନ୍ତି। ଏହି ସମୟରେ ଶ୍ରୀ ମନ୍ଦିର ରେ ଶ୍ରୀ ଜିଉ ମାନଙ୍କର ଦର୍ଶନ ମିଳି ନ ଥାଏ। ବ୍ରହ୍ମଗିରି ରେ ପୂଜା ପାଉଥିବା ଶ୍ରୀ ଅଲାରନାଥ ଙ୍କୁ ଏହି ସମୟ ରେ ଦର୍ଶନ ଓ ପୂଜାର୍ଚ୍ଚନା କଲେ ଶ୍ରୀ ଜଗନ୍ନାଥ ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ର ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହି ବିଶ୍ୱାସ ପାଇଁ ଅଣସର ୧୫ ଦିନ ବ୍ରହ୍ମଗିରି ର ଶ୍ରୀ ଅଲାରନାଥ ଙ୍କ ମନ୍ଦିର ରେ ଭକ୍ତମାନଙ୍କ ଭିଡ଼ ହୁଏ।ଶ୍ରୀ ଅଲାରନାଥ ଙ୍କ ସମ୍ପର୍କ ରେ ଅନେକ କିମ୍ବଦନ୍ତୀ ରହିଛି। ସତ୍ୟଯୁଗ ସମୟର କଥା, ଏକଦା ସୃଷ୍ଟିକର୍ତ୍ତା ବ୍ରହ୍ମା ଭଗବାନ ବିଷ୍ଣୁଙ୍କ ଦର୍ଶନ ଲାଭ କରିବା ଲାଗି ଘୋର ତପସ୍ୟା କଲେ। ବ୍ରହ୍ମାଙ୍କ ତପସ୍ୟା ରେ ସନ୍ତୁଷ୍ଟ ହୋଇ ଭଗବାନ ବିଷ୍ଣୁ ଚତୁର୍ଭୁଜ ରୂପ ଧାରଣ କରି ତାଙ୍କ ସମ୍ମୁଖରେ ପ୍ରକଟହେଲେ ଓ କହିଲେ ମୁଁ ତୁମ ତପସ୍ୟା ରେ ସନ୍ତୁଷ୍ଟ। ତୁମେ ମୋର ଏକ ଚତୁର୍ଭୁଜ ମୂର୍ତ୍ତି ନିର୍ମାଣ କରି ଏଠାରେ ପୂଜାର୍ଚ୍ଚନା କର।ଭଗବାନଙ୍କ ଆଜ୍ଞା ପାଳନ କରି ବ୍ରହ୍ମା କଳା ମୁଗୁନି ପଥରରେ ବିଷ୍ଣୁଙ୍କ ପ୍ରତିମା ଟିଏ ନିର୍ମାଣ କରି ସେଠାରେ ପୂଜାର୍ଚ୍ଚନା କଲେ। ସେହି ପ୍ରତିମୂର୍ତ୍ତି ସମ୍ପ୍ରତି ଅଲାରନାଥ ନାମ ରେ ପୂଜା ପାଇ ଆସୁଛନ୍ତି।ଯେଉଁ ପର୍ବତ ଉପରେ ବ୍ରହ୍ମା ତପସ୍ୟା କରିଥିଲେ ସେହି ସ୍ଥାନଟି ପରବର୍ତ୍ତୀ କାଳରେ ବ୍ରହ୍ମଗିରି ନାମରେ ବିଖ୍ୟାତ ହେଲା। ପୌରାଣିକ କଥା ରହିଛି ଯେ, ରାଜା ଇନ୍ଦ୍ରଦ୍ୟୁମ୍ନ ଙ୍କ ରାଜତ୍ୱ କାଳରେ ସୃଷ୍ଟିକର୍ତ୍ତା ବ୍ରହ୍ମା ଶ୍ରୀମନ୍ଦିର ପ୍ରତିଷ୍ଠା ଲାଗି ମର୍ତ୍ତ୍ୟଭୂମିକୁ ଆସିଥିଲେ। ସେ ପ୍ରଥମେ ଯେଉଁ ସ୍ଥାନରେ ମର୍ତ୍ତ୍ୟଭୂମି କୁ ଓହ୍ଲାଇଲେ ସେହି ସ୍ଥାନକୁ ପରବର୍ତ୍ତୀ ସମୟରେ ବ୍ରହ୍ମଗିରି ବୋଲି କୁହାଗଲା। ସୃଷ୍ଟିକର୍ତ୍ତା ମର୍ତ୍ତ୍ୟଭୂମିରେ ପାଦ ଦେବା ପରେ ବିଷ୍ଣୁଙ୍କ ପୂଜା କରିଥିଲେ।ଯେଉଁ ବିଷ୍ଣୁଙ୍କ ପୂଜା ସେ କରିଥିଲେ ପରବର୍ତ୍ତୀ ସମୟରେ ସେ ଅଲାରନାଥ ଙ୍କ ନାମରେ ପରିଚିତ ହେଲେ।ଭଗବାନ ଅଲାରନାଥ ହେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି ନାରାୟଣ। ମୂର୍ତ୍ତୀ ଟି ସାଢେ ପାଞ୍ଚଫୁଟ ଉଚ୍ଚତା। ଶ୍ରୀଦେବୀ ଏବଂ ଭୂ ଦେବୀ ପାଖରେ ବିଦ୍ୟମାନ କରିଛନ୍ତି। ପଦଯୁଗ ତଳେ ଗରୁଡ଼ ପ୍ରାର୍ଥନାରତ। ଦଣ୍ଡାୟମାନ ଭଙ୍ଗୀରେ ଥିବା ଏହି ବିଗ୍ରହ ଙ୍କର ହସ୍ତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ସୁଶୋଭିତ।ଶ୍ରୀ ଜୀଉଙ୍କ ଉର୍ଦ୍ଧ୍ୱ ବାମ ହସ୍ତରେ ଶଙ୍ଖ, ଡାହଣ ହସ୍ତରେ ଚକ୍ର ଅଛି। ନିମ୍ନ ବାମ ହସ୍ତରେ ଗଦା ଓ ଡାହାଣ ହସ୍ତରେ ପଦ୍ମ ରହିଛି। ଏହି ଠାକୁର ଙ୍କ ମୁହଁରେ ଫୋଟକା ଚିହ୍ନ ଦେଖିବାକୁ ମିଳେ। ଏ ସମ୍ପର୍କ ରେ ବି ଏକ ଲୋକକଥା ଶୁଣିବାକୁ ମିଳେ। ବହୁ ପୁରାତନ କାଳରେ ଶ୍ରୀ କେତନ ନାମକ ଜଣେ ବ୍ରାହ୍ମଣ ଠାକୁର ଙ୍କୁ ପୂଜା କରୁଥିଲେ। ସେ ପୂଜକ କାର୍ଯ୍ୟବଶତଃ ଅନ୍ୟ ଗ୍ରାମକୁ କେତେଦିନ ପାଇଁ ଚାଲି ଯାଇଥିଲେ। ଯିବା ପୂର୍ବରୁ ସେ ତାଙ୍କର ନାବାଳକ ପୁତ୍ର କୁ ଠାକୁରଙ୍କ ନିକଟରେ କ୍ଷୀରିଭୋଗ କରିବା ପାଇଁ କହି ଯାଇଥିଲେ। ଅଜ୍ଞାନ ବାଳକ ପୂଜା ପଦ୍ଧତି ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ। କ୍ଷୀରି ହାଣ୍ଡି ଧରି ଠାକୁରଙ୍କ ପାଖରେ ପହଞ୍ଚି ତାର ଚପଳ ବୁଦ୍ଧି ଓ ଭକ୍ତି ସହକାରେ ନିଜ ଆଖି ବନ୍ଦ କରି ଠାକୁରଙ୍କୁ ଆବାହନ କଲା ' ଆସ ଅଲାର ଖାଅ ଖିରି, ବାପା ଯାଇଛନ୍ତି ତୀର୍ଥ କରି '। ଆଖି ଖୋଲି ସେ ଦେଖିଲା ହାଣ୍ଡିରେ କିଛି କ୍ଷୀରି ନାହିଁ। ଘରକୁ ଖାଲି ହାଣ୍ଡି ଧରି ଫେରି ତା'ମା ଆଗରେ ସମସ୍ତ ଘଟଣା କହିଲା। କିନ୍ତୁ ତା ମା'ର ଏହି କଥା ବିଶ୍ୱାସ ହେଲା ନାହିଁ। ବିଲେଇ କ୍ଷୀରି ବୋଧହୁଏ ଖାଇ ଦେଇଥିବ କିମ୍ବା ଅନ୍ୟ କୌଣସି ଅଘଟଣ ଘଟିଥିବ, ଏହି ଆଶଙ୍କାରେ ପୁତ୍ରର ମା' ରାତ୍ରି ସାରା ଶୋଇ ପାରି ନ ଥିଲେ।ତାପର ଦିନ ପୁଅକୁ କ୍ଷୀରି ହାଣ୍ଡି ସହ ପଠାଇ ବାଳକଟିର ମା ଅଲାରନାଥ ବିଗ୍ରହ ଙ୍କର ପଶ୍ଚାତ୍ ଭାଗରେ ଲୁଚି ରହି ଥିଲେ। କ୍ଷୀରି ଖାଇବା ପାଇଁ ବାଳକ ଟି ଠାକୁରଙ୍କୁ ଆବାହନ କରିବା ମାତ୍ରେ ପ୍ରଭୁ ଅଲାରନାଥ ଆସି ନଇଁ ପଡ଼ି କ୍ଷୀରି ଖାଉଥିବା ବେଳେ ବାଳକଟିର ମା' ଭୟରେ ଚିତ୍କାର କରିଥିଲେ। ଗରମ କ୍ଷୀରି ପ୍ରଭୁ ଙ୍କ ହାତ ଓ ମୁହଁରେ ପଡ଼ି ଫୋଟକା ହୋଇଯାଇଥିଲା। ଅଦ୍ୟାବଧି ଏହାର ସ୍ମୃତି ସ୍ୱରୂପ ସ୍ଥାନୀୟ ପୂଜକମାନେ ବିଗ୍ରହଙ୍କର ମୁହଁରେ ଥିବା ଫୋଟକା ଚିହ୍ନ ଦେଖାଇଥାନ୍ତି। ସ୍ଥାନୀୟ ଅଧିବାସୀଙ୍କ ବିଶ୍ୱାସ ଯେ, ପ୍ରଭୁ ଅଲାରନାଥ ସ୍ୱୟଂ କ୍ଷୀରିକୁ ଏଠାରେ ଆଘ୍ରାଣ କରି ଥାଆନ୍ତି, ଯାହାଫଳରେ କି ଏଠାର କ୍ଷୀରି ଭୋଗ ଅତ୍ୟନ୍ତ ସୁସ୍ୱାଦୁ ଓ ପ୍ରସାଦ ରୂପେ ସମସ୍ତ ଭକ୍ତମାନଙ୍କ ଗ୍ରହଣୀୟ ହୋଇଛି। ପୁରୁଷୋତ୍ତମ ଚନ୍ଦ୍ରିକାରୁ ଜଣାପଡ଼େ ଯେ, ଅଲବନ୍ଦ ଆଚାର୍ଯ୍ୟ ନାମକ ଏକ ତାନ୍ତ୍ରିକ ବ୍ରାହ୍ମଣ ଅନବସର ସମୟରେ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ସ୍ୱର୍ଗଦ୍ୱାର ନିକଟ ସୋଲାଖିଆ ବଟବୃକ୍ଷରେ ମହୁମାଛି ହୋଇ ଶ୍ରୀମନ୍ଦିରକୁ ଯାଆନ୍ତେ ସେଠାରେ ବାଧାପ୍ରାପ୍ତ ହୋଇ ସମୁଦ୍ରରେ ଝାସ ଦେବାକୁ ଯିବା ସମୟରେ ଏକ ମର୍କଟ ବାଧାଦେବାରୁ ସେ ଶ୍ରୀ ଅଲାରନାଥ ଙ୍କ ପୀଠରେ ଆସି ପଡ଼ିଲେ। ଅଲବନ୍ଦାରନାଥଙ୍କ ଠାକୁରଙ୍କୁ କାଳକ୍ରମେ ଶ୍ରୀ ଅଲାରନାଥ ଭାବେ ପୂଜା ହେଉଥିବା କୁହାଯାଏ। ଗବେଷକମାନଙ୍କ ମତାନୁଯାୟୀ 'ଅଲାରନାଥ' ନାଁ ଟି ଏକ ଦ୍ରାବିଡ଼ ଶବ୍ଦରୁ ଆସିଛି। ଦ୍ରାବିଡ଼ ଶବ୍ଦ 'ଆଲୋୟାର'ର ଅର୍ଥ ଭକ୍ତ। ଏଣୁ ଆଲୋୟାରନାଥ ପ୍ରକୃତରେ ଭକ୍ତଙ୍କର ନାଥ। କାଳକ୍ରମେ ଆଲୋୟାରନାଥ ଶବ୍ଦର ଅପଭ୍ରଂଶ ଘଟି ଆଲବନ୍ଦାନାଥ, ଅଲବରନାଥ, ଆଲାଲାନାଥ ଏବଂ ପରିଶେଷରେ ସ୍ଥାନୀୟ ଲୋକମୁଖରେ ଏହା 'ଅଲାରନାଥ' ନାମରେ ପ୍ରସିଦ୍ଧି ଲାଭ କରିଛି। ସତ୍ୟ ଯୁଗରେ ମହାପ୍ରଭୁଙ୍କ ଲୀଳା ବ୍ରହ୍ମଗିରି ରେ ପ୍ରକଟ ହୋଇ ଥିଲା। ତେବେ ଅନେକ କାଳ ଧରି ଏହି ଲୀଳା ଗୁପ୍ତ ହୋଇ ରହିବା ପରେ ମହାନ ବୈଷ୍ଣବ ସନ୍ଥ ଚୈତନ୍ୟଙ୍କ ଶ୍ରୀକ୍ଷେତ୍ରକୁ ଆଗମନ ସମୟ ରେ ଅଲାରନାଥଙ୍କ ମହିମା ପୁନର୍ବାର ଲୋକମୁଖରେ ପ୍ରଚାରିତ ହୋଇଥିଲା। ଶ୍ରୀ ଚୈତନ୍ୟ ତାଙ୍କ ଜୀବନର ଶେଷ ୧୮ବର୍ଷ ଶ୍ରୀକ୍ଷେତ୍ର ରେ କଟାଇଥିଲେ। କାଶୀ ମିଶ୍ରାଳୟ ର ଗମ୍ଭୀରା ଘରେ ସେ ଅବସ୍ଥାନ ପୂର୍ବକ ପ୍ରତ୍ୟହ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ନିମିତ୍ତ ଶ୍ରୀମନ୍ଦିରକୁ ଯାଉଥିଲେ। ଅଣସର ସମୟରେ ପ୍ରଭୁଙ୍କର ଦର୍ଶନ ନ ପାଇ ବିରହ ଜ୍ୱାଳାରେ ମ୍ରିୟମ୍ରାଣ ହୋଇ ପଡ଼ିଥିଲେ। ପ୍ରଭୁଙ୍କ ନିର୍ଦ୍ଦେଶରେ ସେ ବ୍ରହ୍ମଗିରିସ୍ଥ ଅଲାରନାଥଙ୍କ ପୀଠରେ ପହଞ୍ଚି ନାରାୟଣ ମୂର୍ତ୍ତିଙ୍କୁ ଦର୍ଶନ କରି ଭାବ ବିହ୍ୱଳିତ ହୋଇଯାଇଥିଲେ। ସେଠାରେ ପଡ଼ିଥିବା ଏକ ପ୍ରସ୍ତର ଖଣ୍ଡ ଉପରେ ଦଣ୍ଡବତ ପ୍ରଣିପାତ କରିଥିଲେ। ଶ୍ରୀ ବିଗ୍ରହଙ୍କ ଦର୍ଶନ ନ ପାଇ ବିରହ ଜ୍ୱାଳାରେ ତାଙ୍କ ଶରୀର ଏତେ ଉତ୍ତପ୍ତ ହୋଇ ଯାଇଥିଲା ଯେ ଉକ୍ତ ପ୍ରସ୍ତର ଖଣ୍ଡକ ତାଙ୍କ ଶରୀରର ଆକାର ଅନୁଯାୟୀ ତରଳି ଯାଇ ଥିଲା। ଏବେ ବି ସେହି ପ୍ରସ୍ତର ଖଣ୍ଡିକ ସର୍ବାଙ୍ଗ ଶିଳା ଭାବେ ମନ୍ଦିର ପରିସରରେ ପୂଜିତ ହେଉଛି। ଶ୍ରୀଚୈତନ୍ୟ ପନ୍ଥୀ ଗୌଡ଼ୀୟ ବୈଷ୍ଣବମାନେ ଏହି ପୀଠକୁ ଆଗମନ କରି ପ୍ରଭୁ ଅଲରନାଥଙ୍କୁ ଦର୍ଶନ କରିବା ସହିତ ସେହି ସର୍ବାଙ୍ଗ ଶିଳାକୁ ପ୍ରଣିପାତ କରିଥାନ୍ତି। ଶ୍ରୀ ମନ୍ଦିର ଭୋଗନୀତି ପରି ଏଠାରେ ମଧ ଭୋଗ ଅନୁଷ୍ଠିତ ହୁଏ। ସକାଳ ୮ ଟାରେ ବାଳଭୋଗ, ସକାଳ ଧୂପରେ ଅଣ୍ଡି, ଖେଚେଡ଼ି, ଡାଲି ଓ ତରକାରୀ ଭୋଗ କରାଯାଏ। ମାଧାହ୍ନରେ କ୍ଷୀରି ଭୋଗ କରାଯାଇ ପହୁଡ଼ ପଡ଼େ। ରାତିରେ ଦହି ପଖାଳ ଓ ଭଜା ଭୋଗ କରାଯାଏ। ଶ୍ରୀଅଲାରନାଥଙ୍କ କ୍ଷୀରି ଭୋଗ ସବୁଠାରୁ ପ୍ରିୟ। ଶ୍ରୀମନ୍ଦିର ଭଳି ଏଠାରେ ପ୍ରଭୁ ଅଲାରନାଥଙ୍କ ଦୈନନ୍ଦିନ ଆଳତୀ, ଅବକାଶ, ବଲ୍ଲଭ, ଅନ୍ନଭୋଗ, ଚନ୍ଦନ ଲାଗି, ବଡ଼ସିଂହାର ବେଶ, ପହୁଡ଼ ଇତ୍ୟାଦି ନୀତି ଅନୁଷ୍ଠିତ ହୋଇଥାଏ।ବିଶେଷ କରି ଅଣସର ସମୟରେ ଉକ୍ତ ମନ୍ଦିରରେ ଦ୍ୱାର ଫିଟା, ମଙ୍ଗଳ ଆରତୀ, ଅବକାଶ, ଅଣସର ବେଶ, ଚନ୍ଦନ ତୁଳସୀ ଲାଗି, ବଲ୍ଲଭ ଭୋଗ, ସର୍ବସାଧାରଣ ଦର୍ଶନ, ସକାଳ ଧୂପ, ଦ୍ୱିପହର ଧୂପ (କ୍ଷୀରି ଭୋଗ), ଦିବା ପହୁଡ଼, ଚିଆଁ ପହୁଡ଼, ସର୍ବସାଧାରଣ ଦର୍ଶନ, ସନ୍ଧ୍ୟା ଆଳତୀ, ମଇଲମ, ଅଣସର ବେଶ, ସର୍ବସାଧାରଣ ଦର୍ଶନ, ସନ୍ଧ୍ୟା ଧୂପ, ବଡ଼ ସିଂହାର ବେଶ ଓ ତତ୍ପରେ ପହୁଡ଼ ନୀତି ହୋଇ ମନ୍ଦିର ଦ୍ୱାର ବନ୍ଦ ହୋଇଥାଏ। ଅନବସର ସମୟରେ ଅନବସର ବେଶ, ଚନ୍ଦନ ଯାତ୍ରା ସମୟରେ ଚନ୍ଦନ ବେଶ, କାର୍ତ୍ତିକ ମାସରେ ରାଧାଦାମୋଦର ବେଶ, ଦଶହରା ଦିନ ରାଜବେଶ, ବସନ୍ତ ପଞ୍ଚମୀ ଦିନ ଘୋଡ଼ାଲାଗି ବେଶ ଓ ଅନ୍ୟାନ୍ୟ ବେଶ କରାଯାଏ। ସେହିଭଳି ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଅନବସର ଉତ୍ସବ, ଚିତାଲାଗି ଅମାବାସ୍ୟା, ଗହ୍ମାପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ବିଜୟା ଦଶମୀ, ଦେବ ଦୀପାବଳୀ, ଧନୁ ସଂକ୍ରାନ୍ତି, ପହିଲି ଭୋଗ, ମକର ସଂକ୍ରାନ୍ତି, ବକୁଳ ଅମାବାସ୍ୟା, ବସନ୍ତ ପଞ୍ଚମୀ, ଦୋଳ ପୂର୍ଣ୍ଣମୀ, ପୁଷ୍ୟାଭିଷେକ, ପଣାସଂକ୍ରାନ୍ତି, ଚନ୍ଦନ ଯାତ୍ରା ଆଦି ଅନୁଷ୍ଠିତ ହୋଇଥାଏ।

**ଜୟ ଜଗନ୍ନାଥ ସ୍ୱାମୀ। ଜୟ ପ୍ରଭୁ ଶ୍ରୀ ଅଲାରନାଥ।।**

ତୁଳସୀପୁର। ପୁରୀ।
୯୪୩୯୩୬୧୮୮୮



# ଦାରିଦ୍ର୍ୟ କଷାଘାତରେ ଶଢ଼ିବେ ୪୫ ମିଲିୟନ୍



## ୟୁଏନଡିପିର ଚିନ୍ତାଜନକ ରିପୋର୍ଟ

ନୂଆଦିଲ୍ଲୀ,୧।୭: ଜାତିସଂଘର ପ୍ରମୁଖ ବିଶ୍ୱ ବିକାଶ ନେଟୱାର୍କ 'ୟୁଏନଡିପି' ଆର୍ଥିକ ଅନିଶ୍ଚିତତା ବୃଦ୍ଧି ଓ ବିଶ୍ୱ ଅଭିବୃଦ୍ଧି ହ୍ରାସ ବିଷୟରେ ଚେତାବନୀ ଦେଇଛି। ୟୁଏନଡିପି ଅନୁଯାୟୀ, ଯଦି ବିଶ୍ୱ ଅଭିବୃଦ୍ଧି ଦୁର୍ବଳ ରହେ ତେବେ ଉଚ୍ଚ-ମଧ୍ୟମ-ଆୟ ମାନଦଣ୍ଡ ଆଧାରରେ ବିଶ୍ୱବ୍ୟାପୀ ଅତିରିକ୍ତ ୧.୭ କୋଟି ଲୋକ ଦାରିଦ୍ର୍ୟରେ ପଡ଼ିପାରନ୍ତି। ଯଦି ପରିସ୍ଥିତି ଆହୁରି ଖରାପ ହୁଏ, ତେବେ ଏହି ସଂଖ୍ୟା ୪୫ ନିୟୁତକୁ ବୃଦ୍ଧି ପାଇପାରେ।

ଏପ୍ରିଲ ମାସରେ ଅନେକ ବିକାଶଶୀଳ ଦେଶ ସବସିଡି, ମୂଲ୍ୟ ସୀମା, ଟିକସ ହ୍ରାସ ଓ ବାହିବା ନିୟନ୍ତ୍ରଣ ପଦକ୍ଷେପ ମାଧ୍ୟମରେ ପରିବାର ଏବଂ ବ୍ୟବସାୟଗୁଡ଼ିକୁ ବୃଦ୍ଧି ପାଉଥିବା ଶକ୍ତିମୂଲ୍ୟରୁ ସୁରକ୍ଷା ଦେବାକୁ ଚେଷ୍ଟା କରିଥିଲେ। ତଥାପି ଏହି ପଦକ୍ଷେପଗୁଡ଼ିକ ଏକ ଭାରୀ ଆର୍ଥିକ ମୂଲ୍ୟ ଦେଇ ଆସୁଛି।

ଜାତିସଂଘର ବିଶ୍ୱ ବିକାଶ ନେଟୱାର୍କ ୟୁଏନଡିପି ଅନୁଯାୟୀ, ଆଗାମୀ ବର୍ଷଗୁଡ଼ିକରେ ଦାରିଦ୍ର୍ୟ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏକ ଦୁର୍ବଳ ବିଶ୍ୱ ବିକାଶ ପରିସ୍ଥିତି ଅଧୀନରେ ଉଚ୍ଚ-ମଧ୍ୟମ-ଆୟ ମାନଦଣ୍ଡ ଅନୁଯାୟୀ ଅତିରିକ୍ତ ୧.୭ କୋଟିରୁ ଲୋକ ଦାରିଦ୍ର୍ୟ ମଧ୍ୟରେ ପଡ଼ିପାରନ୍ତି। ପରିସ୍ଥିତି ଗମ୍ଭୀର ହେଲେ ଏହି ସଂଖ୍ୟା ୪.୫ କୋଟିରେ ପହଞ୍ଚିପାରେ। ଏହି ପରିସ୍ଥିତି ଏପରି ସମୟରେ ଆସିଛି ଯେତେବେଳେ ବିଶ୍ୱର ପ୍ରାୟ ଅଧା ଗରିବ ଦେଶ ପୂର୍ବରୁ ଋଣ ସଙ୍କଟରେ ଅଛନ୍ତି କିମ୍ବା ବିପଦରେ ଅଛନ୍ତି। ଋଣ ପରିଶୋଧ ଖର୍ଚ୍ଚ ବୃଦ୍ଧି ପାଇବା ଓ ଆର୍ଥିକ ସଂରକ୍ଷଣ ହ୍ରାସ ପାଇବା ସହିତ, ଅନେକ ସରକାର ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଭିତ୍ତିଭୂମିରୁ ଅମୂଲ ସ୍ଥାନାନ୍ତର କରିବାକୁ ବାଧ୍ୟ ହେଉଛନ୍ତି। ସଙ୍କଟରେ ମୁକାବିଲା କରିବା ଏବଂ ବିକାଶ ସଫଳତାକୁ ସଂରକ୍ଷଣ କରିବା ପାଇଁ, ଦୁର୍ବଳ ଦେଶଗୁଡ଼ିକୁ ନିରନ୍ତର ବହୁପାକ୍ଷିକ ସମର୍ଥନ ଆବଶ୍ୟକ ହୋଇପାରେ। ବିଶ୍ୱ ବ୍ୟାଙ୍କ ରିପୋର୍ଟରେ ୨୦୨୬ ଶେଷ ସୁଦ୍ଧା ସାର ମୂଲ୍ୟରେ ୩୧% ବୃଦ୍ଧି ଘଟିବ ବୋଲି ପୂର୍ବାନୁମାନ କରିଛି। ସଂଗଠନ ଅନୁଯାୟୀ, ଚାଷୀଙ୍କ ଆୟ ହ୍ରାସ ପାଇବ ଓ ଭବିଷ୍ୟତରେ ଫସଲ ଉତ୍ପାଦନ କମିବ। ଇରାନ-ଆମେରିକା ଯୁଦ୍ଧ ଶେଷ ହୋଇଗଲେ ମଧ୍ୟ ଏହାର କୁପ୍ରଭାବ ବିଶ୍ୱ ଉପରେ ପଡ଼ିବ। ଖାଦ୍ୟ ଯୋଗାଣ ଉପରେ ପ୍ରଭାବ ଚଳିତ ବର୍ଷ ୪୫ ନିୟୁତ ଲୋକଙ୍କୁ ଗୁରୁତର ଖାଦ୍ୟ ଅସୁରକ୍ଷା ଭିତରକୁ ଠେଲି ଦେଇପାରେ।

## ନୀତୀଶଙ୍କୁ ଉପପ୍ରଧାନମନ୍ତ୍ରୀ କରିବାକୁ ଦାବି



ନୂଆଦିଲ୍ଲୀ,୧।୭: ଆରଜେଡି ପରେ, ଜେଡି(ୟୁ) ଏବେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଉପପ୍ରଧାନମନ୍ତ୍ରୀ ନିଯୁକ୍ତ କରିବାକୁ ଦାବି କରିଛି। ଜେଡି(ୟୁ) ବିଧାୟକ ପଙ୍କଜ ମିଶ୍ର କହିଛନ୍ତି ଯେ ନୀତୀଶ କୁମାରଙ୍କୁ ଉପପ୍ରଧାନମନ୍ତ୍ରୀ କରାଯିବା ଉଚିତ। ଏହା ହେଉଛି ବିହାର ଲୋକଙ୍କ ଇଚ୍ଛା। ସେ କହିଛନ୍ତି ଯେ, ନୀତୀଶ କୁମାର ୨୦ ବର୍ଷ ଧରି ବିହାରର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ସେ କେନ୍ଦ୍ରରେ ମନ୍ତ୍ରୀ ପଦରେ ରହିଥିଲେ। ତେଣୁ ତାଙ୍କ ଅଭିଜ୍ଞତାକୁ ଉପଯୋଗ କରାଯିବା ଉଚିତ।

ପୂର୍ବରୁ ବରିଷ୍ଠ ଆରଜେଡି ନେତା ମୁକେଶ ରୋଶନ ମଧ୍ୟ ନୀତୀଶ କୁମାରଙ୍କୁ କେନ୍ଦ୍ରରେ ଏକ ପ୍ରମୁଖ ଦାୟିତ୍ୱ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ସେ ପ୍ରସ୍ତାବ ଦେଇଥିଲେ ଯେ ନୀତୀଶ କୁମାରଙ୍କୁ ରେଳ ଏବଂ କୃଷି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ପ୍ରଦାନ କରାଯାଉ କିମ୍ବା ଉପପ୍ରଧାନମନ୍ତ୍ରୀ ଭାବରେ ନିଯୁକ୍ତ କରାଯିବା, ଏହା ବିହାର ପାଇଁ ଗର୍ବର ବିଷୟ ହେବ।

## ମହୁଆ ମୋଇତ୍ରଙ୍କୁ ଅଣ୍ଡା ଓ ବାଇଗଣ ମାଡ଼



ନୂଆଦିଲ୍ଲୀ,୧।୭: ପଶ୍ଚିମବଙ୍ଗର ଟିଏମସି ସାଂସଦ ମହୁଆ ମୋଇତ୍ର ଆଣିଛନ୍ତି ସାଙ୍ଘାତିକ ଅଭିଯୋଗ। ବିଜେପି ସମର୍ଥକମାନେ ତାଙ୍କ ଉପରକୁ ଜାଣିଶୁଣି ଅଣ୍ଡା-ବାଇଗଣ ମାଡ଼ କରିଥିବା ଅଭିଯୋଗ କରିଛନ୍ତି। ନାଦିଆର କାଳିଗଞ୍ଜରେ ଥିବା ପାର୍ଟି ଅଫିସ ଉପରେ ଅଣ୍ଡା-ବାଇଗଣ ଫୋପାଡ଼ା ଯାଇଛି। ସୋସିଆଲ ମିଡିଆରେ ଏ ସମ୍ପର୍କରେ ପୋଷ୍ଟ କରି କହିଛନ୍ତି କି, ପୁଲିସକୁ ଅଭିଯୋଗ କରାଯାଇଥିଲେ ସୁଦ୍ଧା ବହୁ ବିଳମ୍ବରେ ପହଞ୍ଚିଥିଲେ। ଯଦିଓ ପୁଲିସ ପହଞ୍ଚିଥିଲା ତଥାପି ପୁଲିସ ନିରବଦ୍ରଷ୍ଟା ସାଜିଥିଲା ଏବଂ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି କହିଛନ୍ତି ମହୁଆ। ସେ ଫେସବୁକରେ ଆସି ପ୍ରକାଶ କରିଛନ୍ତି ପୁଲିସ ନିଜର ଦାୟିତ୍ୱ ବହନ କରିବାରେ ବିଫଳ ହୋଇଛି। ପୁଲିସ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାବେଳେ କ୍ଷୋଭ ପ୍ରକାଶ କରିଛନ୍ତି। ସେପଟେ ଏହି ସମୟରେ କୋଲକାତା ହାଇକୋର୍ଟ ପଶ୍ଚିମବଙ୍ଗରେ ବିରୋଧୀ ଉପରେ ବଢୁଥିବା ଅଣ୍ଡାମାଡ଼ ଘଟଣାକୁ ନିନ୍ଦା କରିଛନ୍ତି। ମଙ୍ଗଳବାର ଏକ ଜନସ୍ୱାର୍ଥ ମାମଲାର ଶୁଣାଣିବେଳେ କୋର୍ଟ କହିଛନ୍ତି କି, ରାଜ୍ୟରେ ହେଉଥିବା ଅଣ୍ଡାମାଡ଼ ଘଟଣାରେ ପୁଲିସ ହସ୍ତକ୍ଷେପ କରିବା ଜରୁରୀ। ପ୍ରତ୍ୟେକ ମାମଲା ପଞ୍ଜିକରଣ ହେବା ବାଧ୍ୟତାମୂଳକ। କୋଲକାତା ହାଇକୋର୍ଟ ରାଜ୍ୟର ଶୁଭେନ୍ଦୁ ସରକାରଙ୍କୁ ଜୁଲାଇ ୨୦ ତାରିଖ ସୁଦ୍ଧା ଏକ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ରାଜ୍ୟରେ ଏଯାବତ କେତେ ଅଣ୍ଡାମାଡ଼ ଘଟଣା ଘଟିଛି ଏବଂ ଏହାକୁ ରୋକିବା ପାଇଁ କଣ ପଦକ୍ଷେପ ନିଆଯାଇଛି ଏହାର ବିସ୍ତୃତ ରିପୋର୍ଟ ପ୍ରକାଶ କରିବାକୁ କୁହାଯାଇଛି। ଏସହ ପରବର୍ତ୍ତୀ ସମୟରେ ଯେଭଳି ଏଭଳି ଘଟଣା ନ ଘଟେ ଏହା ଉପରେ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

## ବସ୍-ଟ୍ରକ୍ ଧକ୍କା: ୭ ମୃତ, ୨୨ ଆହତ



ନୂଆଦିଲ୍ଲୀ,୧।୭: ମର୍ମନ୍ତୁଦ ସଡକ ଦୁର୍ଘଟଣା। ଧକ୍କା ହେଲେ ବସ୍ ଏବଂ ଟ୍ରକ୍। ଚାଲିଗଲା ୭ ଜୀବନ। ଏପରି ଭୟଙ୍କର ଦୁର୍ଘଟଣା ଘଟିଛି ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ୍ ୱେରେ। ରିପୋର୍ଟ ଅନୁସାରେ, ମଙ୍ଗଳବାର ରାତିରେ ରାଜସ୍ଥାନର ଦୋସା ଜିଲ୍ଲାର ମେଏଙ୍କ୍ ଠାରେ ଦୁର୍ଘଟଣା ଘଟିଛି। ବସଟି ଇନ୍ଦୋରରୁ ଋଷିକେଶ ଅଭିମୁଖେ ଯାତ୍ରା କରୁଥିଲା। ତେବେ ଏହି ଅଞ୍ଚଳ ଦେଇ ଯାଇଥିବା ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ୍ ଓ୍ୱେରେ ବସଟି ଟ୍ରକକୁ ପଛରୁ ଧକ୍କା ଦେଇଥିଲା। ଏଥିରେ ୭ ଜଣ ପ୍ରାଣ ହରାଇଛନ୍ତି। ଏହାସହ ୨୨ ଜଣ ଆହତ ମଧ୍ୟ ହୋଇଛନ୍ତି। ସମସ୍ତଙ୍କୁ ଦୋସା ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ କେଉଁ କାରଣରୁ ଦୁର୍ଘଟଣା ଘଟିଛି ତାହା ଜଣା ପଡିନାହିଁ। ତେବେ ଭାରସାମ୍ୟ ହରାଇ ଗାଡି ଦୁଇଟି ଦୁର୍ଘଟଣାର ଶିକାର ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଘଟଣାସ୍ଥଳରେ ପୋଲିସ ଏବଂ ପ୍ରଶାସନ ପହଁଚି ମୃତାହତଙ୍କୁ ଉଦ୍ଧାର କରିଥିଲେ। ତେବେ ଦୁର୍ଘଟଣା ପରେ ବସରେ ନିଆଁ ଲାଗିଯାଇଥିବା ମଧ୍ୟ ଦେଖିବାକୁ ମିଳିଥିଲା।

### ଶିଶୁଙ୍କ ସହ ପାଶବିକତା

## ୫ ମହିଳାଙ୍କ ବିରୋଧରେ ମାମଲା



ବେଙ୍ଗାଲୁରୁ,୧।୭: କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏଠାକାର ପ୍ରସିଦ୍ଧ ଆଇଟି କମ୍ପାନୀ କ୍ୟାପ ଜେମିନିର ଏଚଏଏଲ କ୍ୟାମ୍ପସରେ ଥିବା ଡେ କେୟାର ସେଣ୍ଟରରେ ଶିଶୁଙ୍କ ସହିତ ମାରପିଟ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓ ଆଧାରରେ ୫ ମହିଳା କେୟାର ଗିଭର୍ସଙ୍କ ବିରୋଧରେ ଏଫଆଇଆର ରୁଜୁ ହୋଇଛି। ଏବେ ପୋଲିସ ପିଲାଙ୍କ ସହ ହୋଇଥିବା ଦୁର୍ବ୍ୟବହାରର ଯାଞ୍ଚ କରୁଛି। ପୋଲିସ କହିଛି ଯେ ଭିଡିଓରେ ନାନୀ ୨/୩ ବର୍ଷର ଶିଶୁଙ୍କୁ ଧମକାଉଥିବା ଦେଖା ଯାଉଛି। ଅଭିଯୋଗ ଅନୁସାରେ କେୟାର ଗିଭର୍ସ ପିଲାଙ୍କୁ ଫ୍ରଣ୍ଟ ଲୋଡିଂ ୱାସିଂମେସିନରେ ଭର୍ତ୍ତି କରୁଥିବା, ପିଲାଙ୍କୁ ଟୟେଲଟରେ ବସାଉଥିବା, ଟୟଲେଟ ଜେଟ୍ ସ୍ପ୍ରେରୁ ପିଲା ମୁହଁକୁ ପାଣି ମାଡ଼ କରିବା, ପିଲାଙ୍କୁ ବାଥରୁମରେ ବନ୍ଦ କରିଦେଉଥିବା ଓ ଚୁପ୍ ରହିବା ପାଇଁ ଧମକାଉଥିବା ଦେଖା ଯାଉଛି।

## ଟ୍ୟୁସନ୍ ସେଣ୍ଟରର ଛାତ ଭୁଶୁଡ଼ି ୧୪ ମୃତ



ଇସଲାମାବାଦ, ୧।୭: ପାକିସ୍ତାନର ଲାହୋରରେ ଏକ ନିର୍ମାଣାଧୀନ କୋଠାରେ ପରିଚାଳିତ ହେଉଥିବା ଘରୋଇ ଟ୍ୟୁସନ୍ ସେଣ୍ଟରର ଛାତ ଭୁଶୁଡ଼ିବା ଫଳରେ ୧୪ ଜଣ ସ୍କୁଲ ପିଲାଙ୍କ ମୃତ୍ୟୁ ହୋଇଛି। ଅନ୍ୟ ପାଞ୍ଚ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଲାହୋରର କାହ୍ନା ଜିଲ୍ଲାର ଇଦଗାହ ବସ୍ତି ଅଞ୍ଚଳରେ ଏହି ଘଟଣା ଘଟିଛି। ସାତରୁ ୧୩ ବର୍ଷ ବୟସର ପିଲାମାନେ କ୍ଲାସ୍ ରୁମ୍‌ରେ ବସିଥିବା ବେଳେ ଛାତ ଭୁଶୁଡ଼ି ପଡ଼ିଥିଲା। ସେମାନେ ଭଗ୍ନାବଶେଷ ତଳେ ପୋତି ହୋଇଯାଇଥିଲେ। ଘଟଣା ପରେ ତୁରନ୍ତ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ୨୦ ଜଣଙ୍କୁ ଭଗ୍ନାବଶେଷରୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଥିଲା। ଆହତଙ୍କ ମଧ୍ୟରେ ଜଣେ ମହିଳା ଶିକ୍ଷୟିତ୍ରୀ ଥିବା ନେଇ ପୋଲିସ କହିଛି। ଲାହୋର କମିସନର ମରିୟମ ଖାନ ୧୪ ଜଣଙ୍କ ମୃତ୍ୟୁର ନିଶ୍ଚିତ କରିଛନ୍ତି । ସେ କହିଛନ୍ତି ଯେ ଏବେ ଘଟଣାର ତଦନ୍ତ ଚାଲିଛି। ଦୁର୍ଘଟଣା ସମ୍ପର୍କରେ ଦୁଇଜଣଙ୍କୁ ଅଟକ ରଖାଯାଇଛି। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଘଟଣାକୁ ନେ ଦୁଃଖ ପ୍ରକାଶ କରିଛନ୍ତି। ତାଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି ଏକ ବିବୃତ୍ତି ଅନୁଯାୟୀ, ସରିଫ ଲାହୋରର କାହ୍ନା ଅଞ୍ଚଳରେ ଟ୍ୟୁସନ୍ ସେଣ୍ଟରର ଛାତ ଭୁଶୁଡ଼ି ପଡ଼ିବା ଯୋଗୁଁ ମୂଲ୍ୟବାନ ଜୀବନ ହାନି ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ସେ ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି ଏବଂ ସେମାନଙ୍କୁ ସମସ୍ତ ସମ୍ଭାବ୍ୟ ଚିକିତ୍ସା ସହାୟତା ଯୋଗାଇ ଦେବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବୋରୱେଲକୁ ଖସିପଡ଼ିଲା ଶିଶୁ, ମୃତାବସ୍ଥାରେ ଉଦ୍ଧାର

ଅମ୍ବାଲା, ୧।୭: ହରିୟାଣାର ଧନୌରା ଗାଁରେ ୨୨୦ ଫୁଟ ଗଭୀର ଖୋଲା ବୋରୱେଲରେ ଖସି ପଡ଼ିଥିବା ଜଣେ ଚାରି ବର୍ଷର ଶିଶୁର ମୃତ୍ୟୁ ଘଟିଛି। ଶିଶୁଟିକୁ ବୋରୱେଲରୁ ଉଦ୍ଧାର କରିବାକୁ ୧୯ ଘଣ୍ଟା ଧରି ଚାଲିଥିବା ଅପରେସନ ବିଫଳ ହୋଇଥିଲା। ଶିଶୁଟିକୁ ଉଦ୍ଧାର କରାଯିବା ପରେ ମୃତ ଘୋଷଣା କରାଯାଇଥିଲା। ସୂଚନାଯୋଗ୍ୟ, ମଙ୍ଗଳବାର ସକାଳେ ଶିଶୁଟି ବୋରୱେଲକୁ ଖସି ପଡ଼ିଥିବା ଜଣାପଡ଼ିବା ପରେ ଭାରତୀୟ ସେନା, ଏନ୍‌ଡିଆର୍‌ଏଫ୍ ଓ ଏସ୍‌ଡିଆର୍‌ଏଫ୍ ସହିତ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଶିଶୁଟିକୁ ଉଦ୍ଧାର କରିବାକୁ ବଡ଼ଧରଣର ଅପରେସନ ଚାଲିଥିଲା। ଏହି ଉଦ୍ଧାର କାର୍ଯ୍ୟ ପାଇଁ ଅପରେସନ ଚାଲିଥିବାବେଳେ ଉଦ୍ଧାରକାରୀ ଦଳଗୁଡ଼ିକ ବିଭିନ୍ନ ବୈଷୟିକ ଓ ପରିବେଶଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ଲଗାତାର ବର୍ଷା ଯୋଗୁଁ ସଂକୀର୍ଣ୍ଣ ବୋରୱେଲ ଭିତରକୁ ପାଣି ପଶିଯାଇଥିଲା। ନ୍ୟୁଜ ଏଜେନ୍ସି ଏଏନ୍‌ଆଇ ଅନୁଯାୟୀ, ଜଳସ୍ତର ଲଗାତାର ବୃଦ୍ଧି ଯୋଗୁ ୭୦ ଫୁଟ ଗଭୀରତାରେ ଫସି ରହିଥିବା ପିଲାଟି ଖାତ ଭିତରେ ପାଣିରେ ବୁଡ଼ିବାରେ ଲାଗିଥିଲା।

## ଦିଲ୍ଲୀ ହାଇକୋର୍ଟରେ ରାଘବ ଚଢ଼ା ନିରାଶ



ନୂଆଦିଲ୍ଲୀ,୧।୭: ବ୍ୟକ୍ତିଗତ ଅଧିକାର ସୁରକ୍ଷା ପାଇଁ ବିଜେପି ସାଂସଦ ରାଘବ ଚଢ଼ାଙ୍କ ଆବେଦନ ଉପରେ ସମସ୍ତ ବିଷୟବସ୍ତୁ ହଟାଇବାକୁ ଦିଲ୍ଲୀ ହାଇକୋର୍ଟ ମନା କରିଦେଇଛନ୍ତି। ତେବେ କୋର୍ଟ ପାଞ୍ଚଟି ଜାଲ୍ ଦସ୍ତାବିଜ୍‌କୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଧ୍ୟବର୍ତ୍ତୀକାଳୀନ ଆଦେଶ ଘୋଷଣା କରି ବିଚାରପତି ସୁବ୍ରମୋନିୟମ୍ ପ୍ରସାଦ କହିଛନ୍ତି, ଅବଶିଷ୍ଟ ବିଷୟବସ୍ତୁ ମାନହାନିକାରକ ନୁହେଁ। ବ୍ୟକ୍ତିଗତ ଅଧିକାରକୁ ସୁରକ୍ଷା ଦେବା ଓ ମାନହାନିକାରକ ସାମଗ୍ରୀକୁ ଅପସାରଣ କରିବା ପାଇଁ କୌଣସି ବ୍ୟାପକ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଜାରି କରିବାକୁ ମଧ୍ୟ ହାଇକୋର୍ଟ ମନା କରିଦେଇଛନ୍ତି। ମେ' ୨୧ ତାରିଖରେ, ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଆବେଦନ ଉପରେ ଶୁଣାଣି ସମୟରେ, କୋର୍ଟ ପ୍ରାରମ୍ଭରେ ଟିପ୍ପଣୀ ଦେଇଥିଲେ ଯେ, ଚଢ଼ାଙ୍କ ଦ୍ୱାରା ଉଦ୍ଧୃତ ବିଷୟବସ୍ତୁ କୌଣସି ବ୍ୟକ୍ତିଗତ ଅଧିକାର ଉଲ୍ଲଂଘନ କରିନାହିଁ। କୋର୍ଟ ଏହା ମଧ୍ୟ କହିଥିଲେ ଯେ, ଏହା ରାଜନୈତିକ ସମାଲୋଚନା ଭଳି ଥିଲା।

ସାଂସଦ ରାଘବ ଚଢ଼ା ଆମ ଆଦମୀ ପାର୍ଟିରୁ ବିଜେପିରେ ଯୋଗ ଦେବା ପରେ ସୋସିଆଲ ମିଡିଆରେ ଟ୍ରୋଲିଂର ଶିକାର ହୋଇଥିଲେ। ସେ ଯୁକ୍ତି ଦେଇଥିଲେ ଯେ, ଏହି ବିଷୟବସ୍ତୁ ସୂଚାଇ ଦେଉଛି ଯେ,ସେ ଟଙ୍କା ପାଇଁ ନିଜକୁ ବିକ୍ରି କରିଦେଇଛନ୍ତି। ତେବେ ଦିଲ୍ଲୀ ହାଇକୋର୍ଟ କହିଛନ୍ତି ଯେ, ତାଙ୍କ ମାମଲାରେ କୌଣସି ବ୍ୟକ୍ତିତ୍ୱ ଅଧିକାର ଜଡିତ ନାହିଁ।

## ପାକିସ୍ତାନରେ ତାଲିବାନର ଏୟାରଷ୍ଟ୍ରାଇକ୍

କାବୁଲ,୧।୭: ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ପରିସ୍ଥିତି ଅଧିକ ସଙ୍ଗୀନ ହେବାକୁ ଲାଗିଲାଣି। ପୂର୍ବରୁ ଲଗାତାର ଭାବେ ଆଫଗାନିସ୍ତାନ ମଧ୍ୟରେ ପଶି ପାକ୍ ଏୟାରଷ୍ଟ୍ରାଇକ୍ କରିଛି। ନୀରିହମାନଙ୍କୁ ହତ୍ୟା କରିଛି। ଯାହାର ଜବାବ ତାଲିବାନ ପକ୍ଷରୁ ଦିଆଯାଇଛି।



ତାଲିବାନ ସରକାର ପାକ୍ ସୀମାରେ ପଶି ଆଇଏସଆଇଏସର ଅନେକ ଆଡ୍ଡା ଉପରେ ଷ୍ଟ୍ରାଇକ୍ କରିଥିବା ଦାବି କରିଛି। ତାଲିବାନର କହିବାନୁସାରେ, ପାକିସ୍ତାନ ସୀମାରେ ଆଇଏସଆଇଏସର ଅନେକ କ୍ୟାମ୍ପ୍ ରହିଛି। ଏଠାରେ ଆଫଗାନିସ୍ତାନ ଉପରେ ଆକ୍ରମଣ ନେଇ ଷଡଯନ୍ତ୍ର ରଚନା କରାଯାଉଥିଲା। ବେଲୁଚିସ୍ତାନ ଓ ଖାଇବର ପଖତୁନଖ୍ୱା ପ୍ରାନ୍ତରେ ଏୟାରଷ୍ଟ୍ରାଇକ୍ ହୋଇଛି।

ଟୋଲୋ ନ୍ୟୁଜ୍ ଅନୁସାରେ, ଆଫଗାନିସ୍ତାନର ଡ୍ରୋନ୍ ଆଇଏସଆଇଏସ କ୍ୟାମ୍ପକୁ ଟାର୍ଗେଟ୍ କରିଛି। ଏଥିରେ ଆଇଏସଆଇଏସ-କେର ଅନେକ ଆତଙ୍କବାଦୀ ଲୁଚି ରହିଥିଲେ। ଏଥିରେ ଅନେକ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ଏକ ସ୍କୁଲରେ ସେମାନେ ଲୁଚି ରହିଥିଲେ। ଯାହାର ଖବର ଆଫଗାନିସ୍ତାନକୁ ମିଳିଥିଲା। ଏଥିରେ କୌଣସି ସାଧାରଣ ନାଗରିକଙ୍କ କୌଣସି କ୍ଷୟକ୍ଷତି ହୋଇନାହିଁ। ସୂଚନାଯୋଗ୍ୟ, ତାଲିବାନର ଏହି ଆକ୍ରମଣ ପାକିସ୍ତାନର ଏୟାରଷ୍ଟ୍ରାଇକର ପାଲଟା ଜବାବ ଅଟେ।

### ବିଜୟଙ୍କ ସରକାର ଭାଙ୍ଗିବାକୁ ଷଡ଼ଯନ୍ତ୍ର

## ବିଧାୟକଙ୍କୁ ୩୫ କୋଟିର ଅଫ୍‌ର, ୩ ଗିରଫ



ଚେନ୍ନାଇ,୧।୭: ତାମିଲନାଡୁରେ ନୂଆ ସରକାର ଗଠନ ହେଉହେଉ ପତନ ପାଇଁ ଷଡ଼ଯନ୍ତ୍ର ଆରମ୍ଭ ହୋଇଛି। ରାଜ୍ୟ ଗୁଇନ୍ଦା ବିଭାଗ ଏକ ବଡ଼ ରାଜନୈତିକ ଚକ୍ରାନ୍ତର ପର୍ଦ୍ଦାଫାଶ କରିଛି। ଟିଭିକେ ମୁଖ୍ୟ ଥାଲାପତି ବିଜୟଙ୍କ ନୂଆ ସରକାରକୁ ଭାଙ୍ଗିବା ପାଇଁ ଏକ ଷଡ଼ଯନ୍ତ୍ର କରାଯାଇଥିବା ଦାବି ହେଉଛି। ଗୁଇନ୍ଦା ବିଭାଗ ଅନୁସାରେ ଟିଭିକେର ୧୫ ଜଣ ବିଧାୟକ ଏକାସଙ୍ଗେ ଇସ୍ତଫା ପାଇଁ ଯୋଜନା କରାଯାଇଥିଲା।

ଉଥଙ୍ଗରଇରୁ ଟିଭିକେ ବିଧାୟକ ଏନ୍. ଇଲୈୟାରାଜା ଚେନ୍ନାଇ ପୁଲିସରେ ଅଭିଯୋଗ କରିବା ପରେ ଏହି ମାମଲା ସାମ୍ନାକୁ ଆସିଥିଲା। ଇଲୈୟାରାଜାଙ୍କ ଅଭିଯୋଗ ଅନୁସାରେ, ଆଇପିଡିଏସ୍ ନାମକ ଏକ କନ୍‌ସଲଟେନ୍ସି ଫାର୍ମର ଜଣେ ବ୍ୟକ୍ତି ତାଙ୍କୁ ବିଧାନସଭା ବାଚସ୍ପତି ଜେ.ସି.ଡି. ପ୍ରଭାକରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି ୩୫ କୋଟି ଟଙ୍କାର ଲାଞ୍ଚ ଯାଚିଥିଲେ। ଏହା ସହିତ ମୁହଁ ବନ୍ଦ ରଖିବାକୁ ତାଙ୍କୁ ଧମକ ମଧ୍ୟ ଦିଆଯାଇଥିଲା।

ଏହି ହାଇ-ପ୍ରୋଫାଇଲ୍ ମାମଲାରେ ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତିମାନଙ୍କର ସମ୍ପର୍କ ଡିଏମକେ ସରକାରର ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସେନ୍ଥିଲ ବାଲାଜୀ ଏବଂ ତାଙ୍କ ଭାଇ ଅଶୋକଙ୍କ ସହ ଥିବା ଦାବି କରାଯାଉଛି। ଟିଭିକେ ବିଧାୟକଙ୍କ ଅଭିଯୋଗ ଆଧାରରେ ଚେନ୍ନାଇରୁ ଜଣେ ଓ କରୁରରୁ ଅନ୍ୟ ଦୁଇଜଣଙ୍କୁ ଗିରଫ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ସେନ୍ଥିଲ ବାଲାଜୀ ଓ ତାଙ୍କ ଭାଇଙ୍କର ଅତି ନିକଟତର।

ଟିଭିକେ ସରକାରର ମନ୍ତ୍ରୀ ସି.ଟି. ନିର୍ମଳ କୁମାର ଡିଏମକେ ଉପରେ ସିଧାସଳଖ ଆକ୍ରମଣ କରିଛନ୍ତି। ସେ କହିଛନ୍ତି ଯେ 'କରୁର ଗ୍ୟାଙ୍ଗ'ର ଲୋକେ ଏହି ଚକ୍ରାନ୍ତରେ ସାମିଲ ଅଛନ୍ତି। ସେ ଅଭିଯୋଗ ଆଣିଛନ୍ତି ଯେ ଡିଏମକେ ନେତା ଏମ୍.କେ. ଷ୍ଟାଲିନ ଏବଂ ଉଦୟନିଧିଙ୍କ ନିର୍ଦ୍ଦେଶରେ ସେନ୍ଥିଲ ବାଲାଜୀ ବିଧାୟକମାନଙ୍କ ସହ ଯୋଗାଯୋଗ କରୁଛନ୍ତି। ସେମାନଙ୍କୁ ୧୦ କୋଟିରୁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଅଫର ଦିଆଯାଉଛି।

## ଟ୍ରମ୍ପଙ୍କୁ ଛୋଟା ବତକ କହିଲେ ଆମେରିକା ସାଂସଦ



ୱାଶିଂଟନ ଡିସି,୧।୭: ଗତ ୩୦ ବର୍ଷ ମଧ୍ୟରେ ଭାରତ-ଆମେରିକା ସମ୍ପର୍କ ସବୁଠୁ ଖରାପ ସ୍ଥିତିରେ ରହିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ନୀତି ଓ ଏକତରଫା ନିଷ୍ପତ୍ତି ଯୋଗୁ ଆପୋସ ବିଶ୍ୱାସକୁ କ୍ଷତି ପହଞ୍ଚିଛି। ୱାଶିଂଟନ ଡିସିରେ ଆୟୋଜିତ ଆମେରିକା-ଭାରତ ରଣନୀତିକ ସହଯୋଗିତା ଫୋରମ (ୟୁ ଏସ୍ ଆଇଏସ୍ ପି ଏଫ୍) ଲିଡରସିପ୍ ସମିଟ୍ ୨୦୨୬ରେ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ଡେମୋକ୍ରାଟିକ ସାଂସଦ ରୋ ଖାନ୍ନା ଏହି ବୟାନ ଦେଇଛନ୍ତି।

ଖାନ୍ନା କହିଛନ୍ତି, ଟ୍ରମ୍ପଙ୍କ ଟାରିଫ ନୀତି, ଇରାନ ସହ ଯୁଦ୍ଧ ଏବଂ ସହଯୋଗୀ ଦେଶଗୁଡ଼ିକର ପରାମର୍ଶ ନିଆ ନ ଯିବା ଯୋଗୁ ଆମେରିକାର ମୂଳଭିତ୍ତିକୁ କ୍ଷତି ପହଞ୍ଚିଛି। ଇରାନ ଯୁଦ୍ଧ ପ୍ରଭାବ ଭାରତରେ ଗ୍ୟାସ ଦର ଉପରେ ପଡ଼ିଛି। ମୋ କଥାରେ ଯଦି ବିଶ୍ୱାସ ହେଉନାହିଁ, ତେବେ ଭାରତର ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ପଚାରିପାର ବୋଲି ଖାନ୍ନା କହିଛନ୍ତି।

ଏହି ପରିପ୍ରେକ୍ଷୀରେ ଖାନ୍ନା ଟ୍ରମ୍ପଙ୍କ ଟାରିଫ ନୀତିକୁ ବି ଭୁଲ ଦର୍ଶାଇଛନ୍ତି। କହିଛନ୍ତି, ମୋର ସଦ୍ୟ ଚୀନ୍ ଯାତ୍ରା ବେଳେ ଭାରତର ଜଣେ ରାଷ୍ଟ୍ରଦୂତଙ୍କ ସହ ସାକ୍ଷାତ ହୋଇଥିଲା। ରାଷ୍ଟ୍ରପତି ଟ୍ରମ୍ପଙ୍କ ଯୋଗୁ ବିଶ୍ୱାସର ଏକ ପିଢ଼ି ଶେଷ ହୋଇଯାଇଥିବା ସେ କହିଥିଲେ । ଟ୍ରମ୍ପଙ୍କ ନୀତି ଯୋଗୁ ହୋଇଥିବା କ୍ଷତିକୁ ଯଦି ସ୍ୱୀକାର କରା ନ ଯାଏ, ତେବେ ଏହା ବାସ୍ତବତାକୁ ଆଖି ବୁଜି ଦିଆଯିବା ଭଳି ହେବ।

ଟ୍ରମ୍ପଙ୍କୁ 'ଛୋଟା ବତକ' ରାଷ୍ଟ୍ରପତି ଦର୍ଶାଇ ଖାନ୍ନା କହିଛନ୍ତି, ଡେମୋକ୍ରାଟିକ ପାର୍ଟି ଆଗାମୀ ମଧ୍ୟବର୍ତ୍ତୀ ନିର୍ବାଚନରେ ପ୍ରତିନିଧି ସଭାରେ ବହୁମତ ହାସଲ କରିନେବ ଏବଂ ୨୦୨୮ର ରାଷ୍ଟ୍ରପତି ନିର୍ବାଚନ ବି ଜିତିବ। ନୂଆ ପିଢ଼ିଙ୍କୁ ଆମେରିକା ଓ ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କକୁ ମଜଭୁତ କରିବାକୁ ହେବ। ଖାନ୍ନାଙ୍କ ଅନୁଯାୟୀ, ପୂର୍ବତନ ରାଷ୍ଟ୍ରପତି ଫ୍ରାଙ୍କଲିନ ଡି ରୁଜଭେଲ୍ଟ ବିଶ୍ୱବ୍ୟାପୀ ଦେଶଗୁଡ଼ିକ ସହ ମିଶି କାମ କରିବାରେ ବିଶ୍ୱାସ ରଖୁଥିଲେ। ଭାରତର ସ୍ୱାଧୀନତା ଆନ୍ଦୋଳନକୁ ବି ସେ ସମର୍ଥନ କରୁଥିଲେ।

### ● ପୁଣି ଧମକଦେଲା ପାକିସ୍ତାନ

## ଭାରତ ପାଣି ନଦେଲେ ଅନ୍ତର୍ଜାତୀୟ ଚୁକ୍ତିକୁ ମାନିବୁନି

ଇସଲାମାବାଦ,୧।୭: ଭାରତ ସିନ୍ଧୁନଦୀ ଚୁକ୍ତି ବାତିଲ କରିବା ପରେ ପାକିସ୍ତାନ ଔଷଧ ରାଗରେ ତାଟିଆ କାମୁଡୁଛି। ଏସବୁ ଭିତରେ ପାକିସ୍ତାନ ଧମକ ଦେବା ଆରମ୍ଭ କରିଛି। ଯଦି ସିନ୍ଧୁ ଜଳ ଚୁକ୍ତିକୁ ଭାରତ ପୁନଃକାର୍ଯ୍ୟକ୍ଷମ ନକରେ ତେବେ ପାକ୍ ଅନ୍ୟ ସମସ୍ତ ଅନ୍ତର୍ଜାତୀୟ ଚୁକ୍ତିକୁ ଭାଙ୍ଗିଦେବ ବୋଲି କହିଛି। ଇସଲାମାବାଦରେ ଆୟୋଜିତ ଦି ଇଣ୍ଡସ୍ ୱାଟର୍ ଟ୍ରିଟି-ଏ କି ଇନଷ୍ଟ୍ରୁମେଣ୍ଟ ଫର୍ ପିସ୍ ସେମିନାରରେ ପାକ୍ ଉପ ପ୍ରଧାନମନ୍ତ୍ରୀ ଇସାକ୍ ଦାର୍ କହିଛନ୍ତି ଯେ, ଭାରତ ସିନ୍ଧୁ ନଦୀ ଜଳକୁ ନେଇ ଯେଉଁ ନିଷ୍ପତ୍ତି ନେଇଛି ତାହା ବେଆଇନ୍। ପାଣିକୁ କେବେହେଲେ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରିହେବ ନାହିଁ। ଏହି ଚୁକ୍ତିକୁ କେହି ବାତିଲ କରିପାରିବେ ନାହିଁ। ସେ ଆହୁରି କହିଛନ୍ତି ଯେ, ଜଳକୁ ଅସ୍ତ୍ର ଭାବେ ବ୍ୟବହାର କରିହେବ ନାହିଁ। ଏହା ଦେଶମାନଙ୍କ ମଧ୍ୟରେ ଏକ ବ୍ରିଜ୍ ଭାବେ କାମ କରେ। ତେଣୁ ଅନ୍ତର୍ଜାତୀୟ ନିୟମକୁ ସମସ୍ତେ ମାନିବା ଉଚିତ। ଭବିଷ୍ୟତ ପିଢ଼ି ପାଇଁ ଜଳର ଆବଶ୍ୟକତା ରହିଛି। ଯଦି ପାକିସ୍ତାନକୁ



ମିଳୁଥିବା ପାଣିରେ ହ୍ରାସ କରାଯାଏ ତାହାଲେ ଏହାକୁ ଆକ୍ଟ ଅଫ୍ ୱାର ଭାବେ ବିବେଚନା କରାଯିବ। ପାକିସ୍ତାନ ପିପୁଲ୍ସ ପାର୍ଟିର ମୁଖ୍ୟ ବିଲାୱଲ ଭୁଟୋ କହିଛନ୍ତି ଯେ, ସିନ୍ଧୁ ନଦୀର ପାଣିକୁ ନେଇ କୌଣସି ସାଲିସ କରିହେବ ନାହିଁ।

## ଭାରତର ପ୍ରଥମ ହାଇବ୍ରିଡ୍ ଭାସମାନ ପାୱାରହାଉସ୍




ନୂଆଦିଲ୍ଲୀ,୧।୭: ଗୋଆର ସିଏସ୍‌ଆଇଆର୍-ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସେନୋଗ୍ରାଫି (ଏନ୍‌ଆଇଓ) ବେଳାଭୂମିରେ ଏକ ହାଇବ୍ରିଡ୍ ଭାସମାନ ପ୍ଲାଟ୍‌ଫର୍ମ ନିର୍ମାଣ କରୁଛି। ଏହି ଗୋଟିଏ ସଂରଚନାରୁ ବିଭିନ୍ନ ପ୍ରକାର ନବୀକରଣଯୋଗ୍ୟ ଶକ୍ତି ଉତ୍ପନ୍ନ ହେବ। ଏହି ପ୍ରସ୍ତାବିତ ପ୍ରକଳ୍ପ ୫ ନବୀକରଣଯୋଗ୍ୟ ଶକ୍ତି ଟେକ୍ନୋଲୋଜି ଯଥା- ସୌର, ପବନ, ତରଙ୍ଗ, ଜୁଆର ଓ ସମୁଦ୍ର ପ୍ରବାହ ଶକ୍ତିକୁ ଗୋଟିଏ ଭାସମାନ ପ୍ରଣାଳୀରେ ଏକୀକୃତ କରିବ। ଏକସଙ୍ଗେ ଏକାଧିକ ସାମୁଦ୍ରିକ ଶକ୍ତି ସମ୍ପଦର ଉପଯୋଗ କରି ସ୍ୱଚ୍ଛ ଶକ୍ତି ଉତ୍ପାଦନକୁ ସର୍ବାଧିକ କରିବା ଏବଂ ନବୀକରଣଯୋଗ୍ୟ ଉର୍ଜ୍ଜା ଉତ୍ପାଦନର ଦକ୍ଷତା ଓ ଭରସାଯୋଗ୍ୟତାକୁ ବଢ଼ାଇବା ଏହି ପ୍ରକଳ୍ପର ଲକ୍ଷ୍ୟ।

ଏହି ପ୍ରସ୍ତାବିତ ପ୍ରକଳ୍ପ ସ୍ଥାୟୀ ଶକ୍ତି ନିମନ୍ତେ ଏକ ଅଗ୍ରଣୀ ମଡେଲ ରୂପେ କାମ କରିବ ବୋଲି ଆଶା କରାଯାଉଛି। ସାମୁଦ୍ରିକ ଅନୁସନ୍ଧାନ ଓ ସବୁଜ ଟେକ୍ନୋଲୋଜିରେ ଭାରତର ବୃଦ୍ଧି ପାଉଥିବା ସାମର୍ଥ୍ୟକୁ ଏହା ଦର୍ଶାଉଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଭାରତର ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ। ବୈଜ୍ଞାନିକ ଅନୁସନ୍ଧାନ, ପ୍ରଯୁକ୍ତିଗତ ଉଦ୍ଭାବନ ଏବଂ ଅପେକ୍ଷାକୃତ ସ୍ୱଚ୍ଛ ଓ ଶକ୍ତିର ଅଧିକ ସ୍ଥାୟୀ ସ୍ରୋତ ଅଭିମୁଖେ

### ଏକୀକୃତ ହେବ ୫ ନବୀକରଣଯୋଗ୍ୟ ଶକ୍ତି

ଭାରତର ପରିବର୍ତ୍ତନକୁ ଏହା ମଜଭୁତ କରିବ। ସିଏସ୍‌ଆଇଆର୍-ଏନ୍‌ଆଇଓର ନିର୍ଦ୍ଦେଶକ କହିଛନ୍ତି, ଏହି ହାଇବ୍ରିଡ୍ ଟେକ୍ନୋଲୋଜି କେବଳ ଉର୍ଜ୍ଜା ପ୍ରଦାନ କରିବ ନାହିଁ, ବରଂ ବିଜୁଳି ସଙ୍କଟର ମଧ୍ୟ ସ୍ଥାୟୀ ସମାଧାନ ହେବ। ଏହା ଦ୍ୱାରା ସମୁଦ୍ର ମଧ୍ୟରେ ହିଁ ଗ୍ରୀନ୍ ହାଇଡ୍ରୋଜେନ୍ ଗ୍ୟାସ୍ ଉତ୍ପନ୍ନ କରାଯାଇ ପାରିବ। ଫଳରେ କାରଖାନା ପାଇଁ ମହଙ୍ଗା ତାର ବିଛାଇବାକୁ ପଡ଼ିବ ନାହିଁ ଏବଂ ଶକ୍ତି ସଞ୍ଚୟ ଖୁବ୍ ସହଜ ହୋଇଯିବ। ଏହି ଟେକ୍ନୋଲୋଜି ସ୍ଥାପନା ଲାଗି ପ୍ରଥମେ ଏକ ଛୋଟ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରି ପରୀକ୍ଷା କରାଯିବ। ବର୍ଷାରେ ପାଣିପାଗ ଅଧିକ ଖରାପ ହେଲେ, ସୁରକ୍ଷା ପାଇଁ ଏହାକୁ କୂଳକୁ ସ୍ଥାନାନ୍ତର କରାଯାଇ ପାରିବ। ଭବିଷ୍ୟତରେ ଏହା ବର୍ଷତମାମ ଅଲଗା ଅଲଗା ଋତୁ ଅନୁସାରେ ସମୁଦ୍ରରେ ରହି କାମ କରିବ। ଅର୍ଥାତ୍ ପାଣିପାଗ ହିସାବରେ ଏହା ତାଳମେଳ ରକ୍ଷା କରିବ। ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ସମୁଦ୍ର ମଝିରେ ସ୍ୱଚ୍ଛ ଉଦ୍‌ଯାନ ଉତ୍ପନ୍ନ ଲାଗି ମେସିନ୍ ସଂଲଗ୍ନ ହେବ।

ଭୁବନେଶ୍ୱର ଗୁରୁବାର, ୨ ଜୁଲାଇ ୨୦୨୬ ସଂଚାର SANCHAR

### ଇରାନ-ଆମେରିକା ପରୋକ୍ଷ ବୈଷୟିକ ଆଲୋଚନା

# କତାର ମୁଖ୍ୟଙ୍କୁ ଭେଟିଲେ ଆମେରିକା ପ୍ରତିନିଧି

**ଦୋହା,୧।୭:** ଏକ ଉଲ୍ଲେଖନୀୟ ଘଟଣାକ୍ରମରେ କତାର ରାଜଧାନୀ ଦୋହାରେ ଇରାନ ଓ ଆମେରିକା ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। ଆମେରିକା ଓ ଇରାନର ପ୍ରତିନିଧିମାନେ ପରସ୍ପରକୁ ପ୍ରତ୍ୟକ୍ଷ ଭାବରେ ଭେଟି ନଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ପରୋକ୍ଷରେ ବୈଷୟିକ ଆଲୋଚନା (ଟେକ୍ନିକାଲ ଟକ୍) ହୋଇଥିବା କତାରର ଗଣମାଧ୍ୟମଗୁଡ଼ିକ ଜଣାଇଛନ୍ତି।

ଆମେରିକାର ପ୍ରତିନିଧି ଭାବେ କତାର ଗସ୍ତ କରିଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ୍ କୁଶନର ଏବଂ ଆମେରିକାର ରାଷ୍ଟ୍ରଦୂତ ଷ୍ଟିଭ୍ ୱିଟ୍‌କଫ୍ ବୁଧବାର କାତାରର ଆମୀର ଶେଖ୍ ତାମିମ୍ ବିନ୍ ହମାଦ ଅଲ୍ ଥାନିଙ୍କୁ ଭେଟିଥିବା ଆମିରଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ କରାଯାଇଛି। ଏହି ସାକ୍ଷାତ ଅବସରରେ ଦୁଇଦେଶ ମଧ୍ୟରେ କଥାବାର୍ତ୍ତାରେ ହୋଇଥିବା ଅଗ୍ରଗତି ବିଷୟରେ ସେମାନେ ଆମୀରଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଲେବାନନର ସାମ୍ପ୍ରତିକ ସ୍ଥିତି ବିଷୟରେ ଆଲୋଚନା ହୋଇଥିବା ଆମୀରଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି। ଆମେରିକାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, କତାରର ଆଞ୍ଚଳିକ ନେତାଙ୍କ ସହିତ ଉଭୟ ୱିଟ୍‌କଫ ଓ କୁଶନର ବହୁତ ଭଲ ଆଲୋଚନା କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ବୈଷୟିକ ଆଲୋଚନା ଚାଲିଛି ଆଉ ଆଲୋଚନାରେ ଭଲ ପ୍ରଗତି ଜାରି ରହିଛି।

ବୁଧବାର ସାମ୍ବାଦିକମାନଙ୍କୁ ସୂଚନା ଦେଇ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି ଯେ, ଇରାନ ଓ ଆମେରିକାର ସମ୍ପର୍କ ସୁଧୁରୁଛି। କତାରାରେ ଜାରି ରହିଥିବା ଆଲୋଚନା ସକାରାତ୍ମକ ରହିଛି। ଏହି ଆଲୋଚନା ଇରାନର ପରମାଣୁ କାର୍ଯ୍ୟକ୍ରମକୁ ଏକ ଉତ୍ତମ ଦିଶା ଦେବ ବୋଲି ଟ୍ରମ୍ପ ଆଶା ପ୍ରକାଶ କରିଛନ୍ତି। ଇରାନ ଓ ଆମେରିକା ମଧ୍ୟରେ ପରୋକ୍ଷ ବୈଷୟିକ ଆଲୋଚନା ଜାରି ରହିଛି ବୋଲି ବୁଧବାର ରଏଟର ତା'ର ବିବୃତ୍ତିରେ ପ୍ରକାଶ କରିଛି। ରଏଟର କହିଛି ଯେ, ଦୁଇଟି ପ୍ରମୁଖ ବିଷୟ ଉପରେ ପ୍ରତିନିଧି ଦଳ ଆଲୋଚନାକୁ କେନ୍ଦ୍ରୀଭୂତ କରିଛନ୍ତି। ଗୋଟିଏ ହେଉଛି, ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ସୁରକ୍ଷିତ ଭାବେ ବ୍ୟାବସାୟିକ ଜାହାଜ ଚଳାଚଳକୁ ନିଶ୍ଚିତ କରିବା ଏବଂ ଦ୍ୱିତୀୟଟି ହେଉଛି ସପ୍ତାହକର ଆକ୍ରମଣ ପରେ ଯୁଦ୍ଧବିରତିକୁ ସୁରକ୍ଷିତ ରଖିବା। ଉଭୟ କତାର ଓ ପାକିସ୍ତାନର ପ୍ରତିନିଧିଦଳ ଏହି ଆଲୋଚନାକୁ ଆଗକୁ ନେଉଛନ୍ତି। ତେବେ ଟ୍ରମ୍ପ ପରମାଣୁ ପ୍ରସଙ୍ଗକୁ ନେଇ ସକାରାତ୍ମକ ଆଲୋଚନା ହେଉଛି ବୋଲି କହିଥିବା ବେଳେ ମଧ୍ୟସ୍ଥତା କରୁଥିବା ପ୍ରତିନିଧି ଦଳ ଏ ନେଇ କୌଣସି ସଂକେତ ଦେଇନାହାନ୍ତି।

## ମହାତ୍ମା ଗାନ୍ଧିଙ୍କ ମୂର୍ତ୍ତିରେ କପଡ଼ା ଢାଙ୍କିବାକୁ ନେଇ ଉତ୍ତେଜନା



**କୋଲକାତା,୧।୭ (ସଂଚାର ବ୍ୟୁରୋ):** ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର ମୁହଁ ଓ ହାତକୁ କଳା କପଡାରେ ଘୋଡ଼ାଇ ଦିଆଯାଇଥିବା ଘଟଣାକୁ ନେଇ ପୂର୍ବ ବର୍ଦ୍ଧମାନର କାଟୱା ସହରରେ ଉତ୍ତେଜନା ସୃଷ୍ଟି ହୋଇଛି। ବୁଧବାର ସକାଳେ ସ୍ଥାନୀୟ ବାସିନ୍ଦା ଓ ପଥଚାରୀମାନେ ଷ୍ଟେସନ ବଜାର ମୋଡରେ ମହାତ୍ମା ଗାନ୍ଧୀଙ୍କ ପୂର୍ଣ୍ଣ ଲମ୍ବା ପ୍ରତିମୂର୍ତ୍ତିକୁ କଳା କପଡାରେ ଘୋଡ଼ାଇ ଦିଆଯାଇଥିବାର ଦେଖିଥିଲେ। ଏହା ଜଣାପଡ଼ିବା ମାତ୍ରେ ପ୍ରତିମୂର୍ତ୍ତି ସମ୍ମୁଖରେ ଭିଡ଼ ଜମା ହୋଇଥିଲା। ଏହି ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ବ୍ୟାପକ ଚାଞ୍ଚଲ୍ୟ ବ୍ୟାପିଛି। ସ୍ଥାନୀୟ ଲୋକମାନେ ଏହାକୁ ଏକ ଅତ୍ୟନ୍ତ ନିନ୍ଦନୀୟ ବୋଲି କହି ଏହାର ଶୀଘ୍ର ତଦନ୍ତ ଦାବି କରିଛନ୍ତି। ବାସିନ୍ଦାମାନେ କହିଛନ୍ତି ଯେ, ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ଏକ ସିସିଟିଭି କ୍ୟାମେରା ଅଛି, ଯାହା ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସମ୍ଭବ। କାଟୱା ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି।

## ଅନ୍ନପୂର୍ଣ୍ଣା ଯୋଜନା ପାଣ୍ଠି ସ୍ଥାନାନ୍ତରିତ ହୋଇଛି: ମୁଖ୍ୟମନ୍ତ୍ରୀ

**କୋଲକାତା,୧।୭(ସଂଚାର ବ୍ୟୁରୋ):** ନେତାଜୀ ଇଣ୍ଡୋର ଷ୍ଟାଡିୟମ୍ ମଞ୍ଚରୁ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ଅନ୍ନପୂର୍ଣ୍ଣା ଯୋଜନା ପାଇଁ ୨୭ ଲକ୍ଷ ଆବେଦନ ପ୍ରତ୍ୟାଖ୍ୟାନ କରାଯାଇଛି, ଏକ ଯାଞ୍ଚ ପ୍ରକ୍ରିୟା ଆବଶ୍ୟକ ଥିଲା। ୧ କୋଟି ୩୦ ଲକ୍ଷରୁ ଅଧିକ ଆକାଉଣ୍ଟକୁ ପାଣ୍ଠି ସ୍ଥାନାନ୍ତର କରାଯାଇଛି। ବୁଧବାର ସକାଳେ ୧ କୋଟି ୧୦ ଲକ୍ଷ ଆକାଉଣ୍ଟରେ ଟଙ୍କା ପହଞ୍ଚିଛି ଏବଂ ବାକି ଆକାଉଣ୍ଟଗୁଡ଼ିକରେ ଖୁବ ଶୀଘ୍ର ପାଣ୍ଠି ପାଇଯିବ। ତେବେ ଆମକୁ ନିଶ୍ଚିତ କରିବାକୁ ପଡ଼ିବ ଯେ ନିୟମ ଉଲ୍ଲଂଘନ କରି କେହି ଟଙ୍କା ଯେମିତି କେହି ଗ୍ରହଣ କରିବେ ନାହିଁ।

## ଗରମ ଚା' ପିଇ ଛାତ୍ର ମୃତ

**କୋଲକାତା,୧।୭(ସଂଚାର ବ୍ୟୁରୋ):** ଫ୍ଲାସ୍କର ଗରମ ଚା' ପିଇବାରୁ ଅସୁସ୍ଥ ହୋଇ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ବୁଧବାର ଅପରାହ୍ଣରେ ଘଟିଛି। ମୃତ ଛାତ୍ରଙ୍କ ନାମ ଦୀପାଂଶୁ ମାହାତୋ। ସେ ନରେନ୍ଦ୍ରପୁର ରାମକୃଷ୍ଣ ମିଶନରେ ଦ୍ୱାଦଶ ଶ୍ରେଣୀର ଛାତ୍ର। ବୁଧବାର ଅପରାହ୍ଣରେ ସେ ଫ୍ଲାସ୍କରୁ ଚା' ପିଇ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ଓ୍ୱାର୍ଡେନ ତାଙ୍କୁ ଶୀଘ୍ର ହଷ୍ଟେଲ ଡାକ୍ତରଙ୍କ ପାଖକୁ ନେଇଯାଇଥିଲେ। ପରେ ବାଇପାସ୍ ପାର୍ଶ୍ୱସ୍ଥ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିବା ସମୟରେ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ବାପା ନରେନ୍ଦ୍ରପୁର ଥାନାରେ ଇମେଲ୍ ମାଧ୍ୟମରେ ଅଭିଯୋଗ କରିଛନ୍ତି। ପ୍ରାଥମିକ ତଦନ୍ତରୁ ହଷ୍ଟେଲ ଓ୍ୱାର୍ଡେନଙ୍କ ଅବହେଳାର ପ୍ରମାଣ ମିଳିଛି। ମାମଲାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଉଛି।

## ନିର୍ବାଚନ କମିଶନଙ୍କୁ ଭେଟିବେ ରୀତବ୍ରତ

**କୋଲକାତା,୧।୭(ସଂଚାର ବ୍ୟୁରୋ):** ରୀତବ୍ରତ ଓ ତୃଣମୂଳ ଗୋଷ୍ଠୀ ଗୁରୁବାର ଦିନ ୧୨ଟା ସମୟରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ସମେତ ନିର୍ବାଚନ କମିଶନର ପୂର୍ଣ୍ଣାଙ୍ଗ ଖଣ୍ଡପୀଠଙ୍କୁ ଭେଟିବାକୁ ଯାଉଛନ୍ତି। ପୂର୍ବରୁ ରୀତବ୍ରତ ବାନାର୍ଜୀ ଏବଂ 'ନୂତନ ତୃଣମୂଳ'ର ଏକ ଅଂଶ ଦଳୀୟ ପ୍ରତୀକର ଅଧିକାର ସମ୍ପର୍କରେ ସେମାନଙ୍କର ମତ ସ୍ପଷ୍ଟ କରିବା ପାଇଁ ରାଜ୍ୟ ସିଇଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଏଥର ସେମାନେ ଗୁରୁବାର ଦିଲ୍ଲୀରେ ଜ୍ଞାନେଶ କୁମାରଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

## ଦୁର୍ନୀତି ମାମଲାରେ ୨ ଗିରଫ

**କୋଲକାତା,୧।୭(ସଂଚାର ବ୍ୟୁରୋ):** ଗତ ରବିବାର ପାଞ୍ଚଲା ଥାନା ପୁଲିସ ସରକାରୀ ପାଣ୍ଠିର ଅପବ୍ୟବହାର ଅଭିଯୋଗରେ ପାଞ୍ଚଲା ବ୍ଲକର ଗଙ୍ଗାଧରପୁର ଗ୍ରାମ ପଞ୍ଚାୟତର ପ୍ରଧାନ ଉତ୍ପଳ ଦଳପତି ଏବଂ ପଞ୍ଚାୟତ ସଦସ୍ୟ ଅଞ୍ଜଳି ଦାସଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ପାଞ୍ଚଲା ପଞ୍ଚାୟତ ସମିତିର କର୍ମଧ୍ୟକ୍ଷ ମୋମିନ ମଲ୍ଲିକଙ୍କୁ ଦୁର୍ନୀତି ଏବଂ ଧମକ ଦେବା ସମେତ ବହୁ ଅଭିଯୋଗରେ ଗିରଫ କରାଯାଇଛି। ମଙ୍ଗଳବାର ରାତିରେ ପାଞ୍ଚଲା ଥାନାର ପୁଲିସ ତାଙ୍କୁ ଗିରଫ କରିଛି।

## ବଳପୂର୍ବକ ନାବାଳିକାକୁ ବିବାହ, ଯୁବକ ଗିରଫ

**କୋଲକାତା,୧।୭(ସଂଚାର ବ୍ୟୁରୋ):** ମଙ୍ଗଳବାର ଜୋଡାବାଗାନ ଥାନା ପୁଲିସ ଜଣେ ନାବାଳିକା ଝିଅକୁ ବଳପୂର୍ବକ ଅପହରଣ ଏବଂ ବିବାହ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିଙ୍କ ନାମ ରାଜ ଶଙ୍କର। ତାଙ୍କୁ ବିଚାର ଭବନର ସ୍ୱତନ୍ତ୍ର ପୋସ୍କୋ କୋର୍ଟର ଅଧ୍ୟକ୍ଷ ବିଚାରପତି ଦୀପ୍ତେନ୍ଦ୍ରନାଥ ମିତ୍ରଙ୍କ କୋର୍ଟରେ ହାଜର କରାଯାଇଥିଲା। ବିଚାରପତି ତାଙ୍କୁ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି। ସରକାରୀ ଓକିଲ ସୈକତ ପାଣ୍ଡେ କହିଛନ୍ତି ଯେ ସୋମବାର ଏକ ଅଭିଯୋଗ ଦାଖଲ କରାଯାଇଥିଲା, ଯାହା ଆଧାରରେ ଯୁବକଙ୍କ ବିରୁଦ୍ଧରେ ବାଲ୍ୟ ବିବାହ ନିଷେଧ ଆଇନ ଏବଂ ପୋସ୍କୋ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ଅଭିଯୋଗକାରୀଙ୍କ ମା' ସମେତ ଦୁଇ ଜଣଙ୍କ ଗୋପନୀୟ ବୟାନ ରେକର୍ଡ କରିବା ପାଇଁ କୋର୍ଟ ଆବେଦନକୁ ମଧ୍ୟ ମଞ୍ଜୁର କରିଛନ୍ତି। କୋର୍ଟ ସୂତ୍ରରୁ ଜଣାପଡିଛି ଯେ ଏହି ଆଇନଗତ ପ୍ରକ୍ରିୟା ଚଳିତ ସପ୍ତାହ ମଧ୍ୟରେ ସମାପ୍ତ ହେବ ବୋଲି ଆଶା କରାଯାଉଛି।

## ୨୦ ଘଣ୍ଟା ପରେ ନିଆଁ ନିୟନ୍ତ୍ରଣ

**କୋଲକାତା,୧।୭(ସଂଚାର ବ୍ୟୁରୋ):** ମଙ୍ଗଳବାର ଭୋର ସାଢେ ୪ଟା ସମୟରେ ହଳଦିଆ ପୌରସଭାର ୧୩ ନମ୍ବର ୱାର୍ଡ ଅନ୍ତର୍ଗତ ଚିରଞ୍ଜିବପୁରରେ ହଳଦିଆ ପେଟ୍ରୋକେମିକାଲ୍ସ ପାଇପଲାଇନରୁ ନାଫଥା ଲିକ୍ ହେବା ପରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ନିଆଁକୁ ନିୟନ୍ତ୍ରଣ କରିବାକୁ ପ୍ରାୟ ୧୫ଟି ଦମକଳ ଗାଡ଼ି ଏବଂ ୨୦ ଘଣ୍ଟା ପରିଶ୍ରମ ଲାଗିଥିଲା। ବର୍ତ୍ତମାନ ସ୍ଥାନଟିକୁ ଘେରାବନ୍ଦୀ କରାଯାଇଛି। ନିଆଁ ଯେମିତି ପୁନର୍ବାର ନ ଲାଗିବ ସେଥି ପାଇଁ ମଝିରେ ମଝିରେ ପାଣି ସିଞ୍ଚନ କରାଯାଉଛି।

## ଥାନାରେ ହାଜର ହେଲେନି ତୃଣମୂଳ ସାଂସଦ

**କୋଲକାତା,୧।୭ (ସଂଚାର ବ୍ୟୁରୋ):** ଆରାମବାଗର ପୂର୍ବତନ ତୃଣମୂଳ ସାଂସଦ ଅପରୂପା ପୋଦ୍ଦାର ପୁଲିସ ନିର୍ଦ୍ଦେଶକୁ ଅବମାନନା କରି ସମନ ଅନୁଯାୟୀ ହାଜିରାକୁ ଏଡାଇ ଯାଇଛନ୍ତି। ପୁଲିସ ତାଙ୍କୁ ବୁଧବାର ଦିନ ୧୨ଟାରେ ଶ୍ରୀରାମପୁର ଥାନାରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟ ଅତିକ୍ରମ କରିବା ପରେ ମଧ୍ୟ ପୂର୍ବତନ ସାଂସଦ ହାଜର ହୋଇ ନଥିଲେ।

## କପିଳେନ୍ଦ୍ର ଦେବଙ୍କ ୫୯୧ତମ ସିଂହାସନ ଆରୋହଣ ଦିବସ

**ଭୁବନେଶ୍ୱର,୧।୬(ସଂଚାର ବ୍ୟୁରୋ):** ମଧ୍ୟଯୁଗୀୟ ପୂର୍ବ ଭାରତର ଅନ୍ୟତମ ଶ୍ରେଷ୍ଠ ଶାସକ ତଥା ଓଡ଼ିଶାର ସୂର୍ଯ୍ୟବଂଶର ପ୍ରତିଷ୍ଠାତା ଗଜପତି କପିଳେନ୍ଦ୍ର ଦେବଙ୍କ ୫୯୧ତମ ସିଂହାସନ ଆରୋହଣ ଦିବସ ସ୍ଥାନୀୟ ଓଲ୍ଡ ଟାଉନସ୍ଥିତ ଶ୍ରୀ କପିଳେଶ୍ୱର ମନ୍ଦିର ପରିସରରେ ପାଳିତ ହୋଇଛି। ଏହି ଅବସରରେ ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର ଶ୍ରୀ କପିଳେଶ୍ୱର ମନ୍ଦିର ପରିସରରେ ଅବସ୍ଥିତ କପିଳେନ୍ଦ୍ର ଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିବା ସହ ଅମର ଅବଦାନ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶ୍ରୀ ମହାନ୍ତି ଓ ଶ୍ରୀ ମହାପାତ୍ର କହିଥିଲେ ଯେ ଓଡ଼ିଶାର ସ୍ୱାଭିମାନ, ବୀରତ୍ୱ ଓ ସାଂସ୍କୃତିକ ଗୌରବର ପ୍ରତୀକ ଗଜପତି କପିଳେନ୍ଦ୍ର ଦେବଙ୍କ ଜୀବନ ଓ କାର୍ଯ୍ୟ ଆଜିର ଯୁବପିଢ଼ି ପାଇଁ ଚିରନ୍ତନ ପ୍ରେରଣା। ତାଙ୍କ ଆଦର୍ଶ ଓ ଇତିହାସକୁ ନୂତନ ପିଢ଼ି ନିକଟରେ ପହଞ୍ଚାଇବା ସମସ୍ତଙ୍କର ଦାୟିତ୍ୱ। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି, ଇତିହାସବିତ୍, ସାହିତ୍ୟିକ, ସମାଜସେବୀ ଓ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଗଜପତି କପିଳେନ୍ଦ୍ର ଦେବଙ୍କ ଅମର କୀର୍ତ୍ତି ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



## ରାସ୍ତାକଡ଼ ଖାଦ୍ୟ ବିକ୍ରେତାଙ୍କ ପାଇଁ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**କଟକ,୧।୭(ସଂଚାର ବ୍ୟୁରୋ):** ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ)ର ପୂର୍ବାଞ୍ଚଳ କ୍ଷେତ୍ରୀୟ କାର୍ଯ୍ୟାଳୟ, କୋଲକାତା ପକ୍ଷରୁ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଏସ୍‌ୟୁଡିଏ), ଓଡ଼ିଶା ଓ କଟକ ମହାନଗର ନିଗମର ସହଯୋଗରେ ସ୍ଥାନୀୟ ସହିଦ ଭବନରେ ରାସ୍ତାକଡ଼ ଖାଦ୍ୟ ବିକ୍ରେତାଙ୍କ ପାଇଁ ଖାଦ୍ୟ ସୁରକ୍ଷା ଓ ସ୍ୱଚ୍ଛତା ସଚେତନତା ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କଟକ ସହରର ପ୍ରାୟ ୫୦୦ ଜଣ ରାସ୍ତାକଡ଼ ଖାଦ୍ୟ ବିକ୍ରେତା ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟ ସୁରକ୍ଷା ଓ ସ୍ୱଚ୍ଛତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ରାସ୍ତାକଡ଼ ଖାଦ୍ୟ ବିକ୍ରେତାଙ୍କୁ ଏଫ୍‌ଏସ୍‌ଏସ୍‌ଏଆଇ ପଞ୍ଜୀକରଣ କରିବା, ସୁରକ୍ଷିତ ଖାଦ୍ୟ ପରିବେଷଣ ପ୍ରଣାଳୀ ଅନୁସରଣ କରିବା ଓ ଗ୍ରାହକଙ୍କୁ ଗୁଣବତ୍ତାସମ୍ପନ୍ନ ଖାଦ୍ୟ ଦେବାକୁ ଆହ୍ୱାନ କରିଥିଲେ। କଟକ ମେୟର ସୁବାସ ସିଂହ ସମ୍ମାନିତ ଅତିଥି ଥିଲେ। କମିଶନର କିରନଦୀପ୍ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, ଏସ୍‌ୟୁଡିଏ ଓଡ଼ିଶାର ରାଜ୍ୟ ମିଶନ ନିର୍ଦ୍ଦେଶକ ରବୀନ୍ଦ୍ର ସାହୁ, ଏଫ୍‌ଏସ୍‌ଏସ୍‌ଏଆଇର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ପଞ୍ଜୀକରଣ କାର୍ଯ୍ୟାଳୟରେ ସ୍ମାର୍ଟ ନିରୀକ୍ଷଣ ବ୍ୟବସ୍ଥାର ସମୀକ୍ଷା

# ଦୁର୍ନୀତିମୁକ୍ତ ରାଜସ୍ୱ ପ୍ରଶାସନ ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୧।୭(ସଂଚାର ବ୍ୟୁରୋ):** ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଇଜିଆର୍ ନିରୀକ୍ଷଣ ବ୍ୟବସ୍ଥା ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି।

**'ସ୍ମାର୍ଟ ସର୍ଭେଲାନ୍ସ ସିଷ୍ଟମ୍' ମାଧ୍ୟମରେ ଦଣ୍ଡିତ ହେବେ ଦୁର୍ନୀତିଖୋର୍**

ବୈଠକରେ ଓଡ଼ିଶାର ସମସ୍ତ ପଞ୍ଜୀକରଣ କାର୍ଯ୍ୟାଳୟରେ ଉନ୍ନତ ସିସିଟିଭି କ୍ୟାମେରା ମାଧ୍ୟମରେ ସ୍ମାର୍ଟ ନିରୀକ୍ଷଣ ବ୍ୟବସ୍ଥା, ଏହାର ସୁପରିଚାଳନା ଓ ରକ୍ଷଣାବେକ୍ଷଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମନ୍ୱିତ ନିରୀକ୍ଷଣ ଏବଂ ମନିଟରିଂ ମାଧ୍ୟମରେ ରାଜ୍ୟର ସମସ୍ତ ପଞ୍ଜୀକରଣ କାର୍ଯ୍ୟାଳୟରେ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ମନ୍ତ୍ରୀ ଗୁରୁତ୍ୱାରୋପ କରିବା ସହ ଦୁର୍ନୀତିମୁକ୍ତ ସେବା ସୁନିଶ୍ଚିତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ ଅଧିକାରୀ ଓ କର୍ମଚାରୀମାନଙ୍କୁ ବାଦ୍ ଦେଇ ପଞ୍ଜୀକରଣ କାର୍ଯ୍ୟାଳୟକୁ ବିନା କୌଣସି କାରଣରେ ପ୍ରତ୍ୟହ ବାରମ୍ବାର ଆସୁଥିବା ମଧ୍ୟସ୍ଥିଙ୍କ ଦ୍ୱାରା ହିଁ ଦୁର୍ନୀତି ସମ୍ଭାବନା ଥାଏ। ଏଥିନିମନ୍ତେ ସିସିଟିଭି କ୍ୟାମେରା ମାଧ୍ୟମରେ ସ୍ମାର୍ଟ ସର୍ଭେଲାନ୍ସ ସିଷ୍ଟମର ବ୍ୟବସ୍ଥା କରାଯାଇ ମଧ୍ୟସ୍ଥିମାନଙ୍କୁ ଚିହ୍ନଟ କରାଯିବ। ସ୍ମାର୍ଟ ସର୍ଭଲାନ୍ସ ସିଷ୍ଟମକୁ ଏଆଇର ଉପଯୋଗ କରି ଅଧିକ ସୁଦୃଢ଼ ଓ ପ୍ରଭାବଶାଳୀ କରାଯିବା ସହ ଏଇ ମଧ୍ୟସ୍ଥିମାନଙ୍କୁ ଚିହ୍ନଟ କରି ଦଣ୍ଡିତ ମଧ୍ୟ କରାଯିବ। ଜମି କିଣାବିକା ଓ ପଞ୍ଜିକରଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ମଧ୍ୟସ୍ଥିଙ୍କ ପ୍ରଭାବରୁ ଦୂରରେ ରଖାଯିବ ଓ ଦୁର୍ନୀତିକୁ କୌଣସିମତେ ପ୍ରଶ୍ରୟ ଦିଆଯିବ ନାହିଁ। ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଓ ପାରଦର୍ଶୀ ରାଜସ୍ୱ ପ୍ରଶାସନକୁ ସୁନିଶ୍ଚିତ କରିବା ଦିଗରେ ସର୍ବାଧିକ ଗୁରୁତ୍ୱ ଦିଆଯାଇ ପ୍ରଥମେ ପଞ୍ଜୀକରଣ ବ୍ୟବସ୍ଥାକୁ ମଧ୍ୟସ୍ଥିଙ୍କଠାରୁ ମୁକ୍ତ କରାଯିବ।

ପଞ୍ଜୀକରଣ କାର୍ଯ୍ୟାଳୟରେ ସକାରାତ୍ମକ ପ୍ରଭାବକୁ ଲକ୍ଷ୍ୟ କରି ଆଗକୁ ମଧ୍ୟ ରାଜସ୍ୱ ବିଭାଗର ସମସ୍ତ କାର୍ଯ୍ୟାଳୟ, ତହସିଲ୍ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସ୍ମାର୍ଟ ସର୍ଭେଲାନ୍ସ ବ୍ୟବସ୍ଥା ଗ୍ରହଣ କରାଯିବ। ସେହିପରି ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତି ଓ କାର୍ଯ୍ୟରତ ସମୟ ସମ୍ପର୍କରେ ବିଶଦ ଦୃଷ୍ଟି ରଖାଯିବା ସହ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ ଟ୍ରାକିଂ କରାଯିବ। ରାଜ୍ୟ ମୁଖ୍ୟାଳୟରେ ମନ୍ତ୍ରୀ ଓ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସ୍ତରରେ ସମୟାନୁକ୍ରମେ ଏହାର ନିରୀକ୍ଷଣ କରାଯିବ। ସ୍ମାର୍ଟ ସର୍ଭେଲାନ୍ସ ସିଷ୍ଟମର କଣ୍ଟ୍ରୋଲ୍ ରୁମ୍ ବା ନିୟନ୍ତ୍ରଣ କକ୍ଷର ସାମର୍ଥ୍ୟ ବୃଦ୍ଧି କରାଯିବ। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ରାଜ୍ୟ ପଞ୍ଜୀକରଣ ମହାନିର୍ଦ୍ଦେଶକ ପି. ଅନ୍ୱେଷା ରେଡ୍ଡୀ, ରାଜସ୍ୱ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରକାଶ ମିଶ୍ର, ଅତିରିକ୍ତ ଶାସନ ସଚିବ ଦିଗନ୍ତ ରାଉତରାୟ, ସୁରଞ୍ଜନ ପ୍ରଧାନ ଓ ଓକାକର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କମିଲା ବାଣିଜ୍ୟିକ...

'ନାୟରା ଏନର୍ଜି' ବୁଧବାର ଦେଶବ୍ୟାପୀ ପେଟ୍ରୋଲ ଲିଟର ପ୍ରତି ୫ ଟଙ୍କା ଓ ଡିଜେଲ ଲିଟର ପ୍ରତି ୩ ଟଙ୍କା ହ୍ରାସ କରିଛି। ଏହି ସଂଶୋଧିତ ପେଟ୍ରୋଲ ଓ ଡିଜେଲ ମୂଲ୍ୟହ୍ରାସ କେବଳ ଦେଶରେ ଥିବା ନାୟରାର ୬୦୦୦ ଏନର୍ଜି ଫୁଏଲ ଷ୍ଟେସନରେ ଉପଲବ୍ଧ ହେବ। ତେବେ ରାଜ୍ୟ ଅନୁସାରେ ଆଞ୍ଚଳିକ ଟିକସ, ଶୁଳ୍କ ତଥା ମୂଲ୍ୟଯୁକ୍ତ ଟିକସ (ଭାଟ)କୁ ଭିତ୍ତିକରି ଏହି ମୂଲ୍ୟ ଭିନ୍ନଭିନ୍ନ ହେବ ବୋଲି ନାୟରା ପକ୍ଷରୁ କୁହାଯାଇଛି। ତେବେ ରାଷ୍ଟ୍ରାୟତ୍ତ ଇନ୍ଧନ ଖୁଚୁରା ବ୍ୟବସାୟୀଙ୍କ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ଅପରିବର୍ତ୍ତିତ ରହିଛି। ଅନୁରୂପ ଭାବରେ, ବିଶ୍ୱ ତୈଳ ଦର ହ୍ରାସ ପାଇବା ପରେ ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍) ବା ଜେଟ୍ ଇନ୍ଧନ ମୂଲ୍ୟରେ ମଧ୍ୟ ୫ ଟଙ୍କା ହ୍ରାସ ପାଇଛି। କିଲୋରେ ଲିଟର ପିଛା ଜେଟ୍ ଇନ୍ଧନ ମୂଲ୍ୟ ହ୍ରାସ ପାଇଥିବା ନେଇ ଇଣ୍ଡଷ୍ଟ୍ରିଗୁଡ଼ିକର ସୂତ୍ରକୁ ଉଦ୍ଧାର କରି ପିଟିଆଇ ପ୍ରକାଶ କରିଛି। ଫେବୃଆରି ୨୮ ମଧ୍ୟପ୍ରାଚ୍ୟ ଉତ୍ତେଜନା ପରଠାରୁ ଏହା ହେଉଛି ଜେଟ ଇନ୍ଧନର ପ୍ରଥମ ହ୍ରାସ।

## ଶିକ୍ଷାରେ ବାଧକ...

ପର୍ଯ୍ୟନ୍ତ ଶିକ୍ଷା ପୂର୍ଣ୍ଣ ହୋଇପାରୁ ନଥିବାରୁ ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ପ୍ରଦାନର ସ୍ୱପ୍ନକୁ ସାକାର କରିବ। ଆର୍ଥିକ ଅଭାବ ଅନାଟନ ଯୋଗୁଁ ଯେପରି କୌଣସି ଯୋଗ୍ୟ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବା ପାଇଁ ଏହି ଯୋଜନାର ପରିକଳ୍ପନା କରାଯାଇଛି। ପରିବାର ବିଶେଷଜ୍ଞଙ୍କ ମତରେ ସମାଜର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଓ ପଛୁଆ ବର୍ଗର ପରିବାରଗୁଡ଼ିକ ଉପରୁ ଆର୍ଥିକ ବୋଝ ହ୍ରାସ କରି ଏହି ଯୋଜନା ନାମଲେଖା ବୃଦ୍ଧି କରିବ, ସ୍କୁଲ ଓ କଲେଜରେ ଉପସ୍ଥାନରେ ସୁଧାର ଆସିବ, ପାଠପଢ଼ା ଅଧାରୁ ଛାଡ଼ିବା ହାର ହ୍ରାସ ହେବ ଏବଂ ଅଧିକରୁ ଅଧିକ ଛାତ୍ରଛାତ୍ରୀ ବିନା କୌଣସି ବାଧାରେ ଉଚ୍ଚଶିକ୍ଷା ଜାରି ରଖିବାରେ ସକ୍ଷମ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାର ଲାଭ କେବଳ ଯୋଗ୍ୟ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପରିଚାଳିତ ନିୟମିତ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନଙ୍କୁ ହିଁ ମିଳିବ। ସେଲ୍ଫ-ଫାଇନାନ୍ସିଂ ପାଠ୍ୟକ୍ରମ କିମ୍ବା ଅନୁଷ୍ଠାନ, ବେସରକାରୀ ଅଣଅନୁଦାନପ୍ରାପ୍ତ ଅନୁଷ୍ଠାନ, ପିପିପି ମୋଡ୍‌ର ଅନୁଷ୍ଠାନ ଓ ପାଠ୍ୟକ୍ରମ ଏବଂ ବୃତ୍ତିଗତ ଓ ବୈଷୟିକ କାର୍ଯ୍ୟକ୍ରମଗୁଡ଼ିକୁ ଏହି ଯୋଜନାର ପରିସରଭୁକ୍ତ କରାଯାଇନାହିଁ। ଜ୍ଞାନୋଦୟ - ଶିକ୍ଷାରୁ ସମୃଦ୍ଧି କେବଳ ଏକ ଫି' ଛାଡ଼ କାର୍ଯ୍ୟକ୍ରମ ନୁହେଁ। ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ଓଡ଼ିଶାର ପ୍ରତ୍ୟେକ ଶିଶୁ ଏବଂ ଯୁବକଯୁବତୀଙ୍କୁ ଶିକ୍ଷା ଗ୍ରହଣର ସମାନ ସୁଯୋଗ ମିଳିବା ନିଶ୍ଚିତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରୟାସ ଶିକ୍ଷା ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ସଶକ୍ତ କରିବ ଏବଂ ଜ୍ଞାନ, ସୁଯୋଗ ଓ ସାମଗ୍ରିକ ବିକାଶ ଉପରେ ଆଧାରିତ ଏକ ବିକଶିତ ଓଡ଼ିଶାର ସଂକଳ୍ପକୁ ସାକାର କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ।

## ଗଭୀର ସମୁଦ୍ର ମାଛଧରା ...

କାର୍ଯ୍ୟକାରୀ ହେଲେ ପ୍ରତିବର୍ଷ ୨ ଲକ୍ଷ ମେଟ୍ରିକ ଟନ ଅତିରିକ୍ତ ସାମୁଦ୍ରିକ ମାଛ ଉତ୍ପାଦନ ସହ ୫୦ ହଜାରରୁ ଅଧିକ ନୂଆ ନିଯୁକ୍ତି ସୃଷ୍ଟି ହୋଇପାରିବ। ଏଥିସହ ୨୦୩୬ ସୁଦ୍ଧା ୫ ହଜାର କୋଟିର ସାମୁଦ୍ରିକ ଖାଦ୍ୟ ରପ୍ତାନୀ ଲକ୍ଷ୍ୟ ପୂରଣ ହେବ ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ଦେଇଛନ୍ତି। ଏହି ମିଶନରେ ୨୨୯୫ କୋଟି ୪୫ ଲକ୍ଷ ଟଙ୍କା ବିଭିନ୍ନ ପର୍ଯ୍ୟାୟରେ ଖର୍ଚ୍ଚ କରାଯିବ। ସେହିଭଳି ରାଜ୍ୟ କ୍ୟାବିନେଟ ଆଜି ରାଜ୍ୟ ଡାଟା ସେଣ୍ଟର-୨.୦ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ମଞ୍ଜୁର କରିଛି। ରାଜ୍ୟ ଡାଟା ସେଣ୍ଟର ୨୦୧୧ରୁ କାର୍ଯ୍ୟ କରୁଛି। ଏଥିରେ ୩୯ଟି ବିଭାଗର ୬୦୦ରୁ ଅଧିକ ଆପ୍ଲିକେସନ ଓ ସଫ୍ଟୱାର ସହ ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି। ବର୍ତ୍ତମାନର ଡାଟା ସେଣ୍ଟରର କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାରୁ ଡାଟା ସେଣ୍ଟର-୨.୦ ପ୍ରତିଷ୍ଠା କରାଯିବ। ଏଥିପାଇଁ ୨୬୮ କୋଟି ୪୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ୨୦୨୫-୨୬ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ହୋଇଥିବା ୬୬୫ କୋଟି ୩୬ ଲକ୍ଷର ବ୍ୟୟ ବରାଦକୁ ଆଜି ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେବା ସହ ଆଗାମୀ ୪ ବର୍ଷରେ ଏହି ଯୋଜନାରେ ୩୫୦୬ କୋଟି ୯୯ ଲକ୍ଷ ବ୍ୟୟ ବରାଦରେ ୪୬.୬ ଲକ୍ଷ ମାଧ୍ୟମିକ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଦେବା ପ୍ରସ୍ତାବକୁ ବି ଅନୁମୋଦନ ମିଳିଛି। ଜୟଦେବ ବିହାର-ନନ୍ଦନକାନନ ରାସ୍ତାର ବିଭିନ୍ନ ଛକରେ ଫ୍ଲାଏଓଭର ନିର୍ମାଣ ସମ୍ପର୍କିତ ପ୍ରସ୍ତାବକୁ ମଧ୍ୟ ଆଜି କ୍ୟାବିନେଟ ମଞ୍ଜୁରୀ ଦେଇଛି। ୯.୫ କିମି ଲମ୍ବା ଏହି ୮ ଲେନ ବିଶିଷ୍ଟ ଫ୍ଲାଏଓଭର ଓ ସର୍ଭିସ ରୋଡ ଦ୍ୱାରା ଏହି ରାସ୍ତାରେ ଭିଡ଼ ନିୟନ୍ତ୍ରିତ ହେବା ସହ କଟକ ଓ ଭୁବନେଶ୍ୱର ମଧ୍ୟରେ ଯାତାୟାତ ସୁବିଧା ହୋଇପାରିବ। କଳିଙ୍ଗ ଷ୍ଟାଡିୟମ ଗେଟ୍ ନମ୍ବର ୪ରୁ ରଘୁନାଥପୁର ସେତୁ ପର୍ଯ୍ୟନ୍ତ ସଂଯୋଗ କରୁଥିବା ବର୍ତ୍ତମାନର ୬ ଲେନ ବିଶିଷ୍ଟ ରାସ୍ତାକୁ ୮ ଲେନ କରାଯିବ। ଏଥିରେ ଜୟଦେବ ବିହାର ଜାତୀୟ ରାଜପଥ ୧୬ ଉପରେ ୪ ଲେନ କେବୁଲ-ଷ୍ଟେଡ ସେତୁ କରାଯିବ। କଳିଙ୍ଗ ହସ୍ପିଟାଲ, ଡମଣା, କିଟ, କଳାରାହାଙ୍ଗ ଛକରେ ୪ ଲେନ ଫ୍ଲାଏଓଭର ହେବ। ଏଥିପାଇଁ ମୋଟ ୫୬୯ କୋଟିର ବ୍ୟୟବରାଦ କରାଯାଇଥିବା ବେଳେ ମେସର୍ସ ଦୀନେଶଚନ୍ଦ୍ର ଆର ଅଗ୍ରୱାଲ ଇନଫ୍ରାଷ୍ଟ୍ରକ୍ଚରକୁ ଏହି କାମ ଦିଆଯିବ ବୋଲି କ୍ୟାବିନେଟରେ ନିଷ୍ପତ୍ତି ହୋଇଛି। ୨୪ ମାସ ଭିତରେ କାମ ସାରିବାକୁ ବି ଲକ୍ଷ୍ୟ ରହିଛି।

## ବରଗଡ଼କୁ ବଡ଼...

ଲହରୀ ଖେଳିଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଓଡ଼ିଶା ଗସ୍ତକୁ ନେଇ ତୃଣମୂଳ ସ୍ତରରୁ ଜୋରଦାର ପ୍ରସ୍ତୁତି ଚାଲିଛି। ୪ ଓ ୫ ତାରିଖ ଦୁଇଦିନ ଧରି ପଶ୍ଚିମ ଓଡ଼ିଶା ସମେତ ବଡ଼ମ୍ବାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବେ। ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର କହିଛନ୍ତି ଯେ ସମ୍ବଲପୁରର ଗ୍ରେଟର ରିଂ-ରୋଡର ସୌନ୍ଦର୍ଯ୍ୟକରଣ ଓ ସମ୍ପ୍ରସାରଣ କାର୍ଯ୍ୟର ଶୁଭ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟର ବିଜେପି ସରକାରଙ୍କ ସଫଳତା ବାବଦରେ ଆୟୋଜିତ ସାଧାରଣ ସଭାରେ ସେ ଯୋଗଦେବେ।

## ଆଖି ବୁଜିଲେ...

ଏହିଘଟଣା ପରେ ଜିଲ୍ଲା ଶ୍ରମ ବିଭାଗ ଦଲାଲ ଶ୍ରୀକାନ୍ତଜୁ ଆଙ୍ଗକୁ ଦାୟୀ କରି ତେଲକୋଇ ଥାନାରେ ଏତଲା ଦେଇଛି। ଶ୍ରୀକାନ୍ତ ପ୍ରଲୋଭିତ କରି ନାବାଳିକା ଶ୍ରମିକଙ୍କୁ କାମ କରିବାକୁ ନେଇଥିବା ଏତଲାରେ ଶ୍ରମବିଭାଗ ଦର୍ଶାଇଛି। ଶ୍ରୀକାନ୍ତ ଜୁଆଙ୍ଗ ସମ୍ପ୍ରଦାୟର ହୋଇଥିବାରୁ ଜିଲ୍ଲାର କମ୍ ବୟସ୍କ ଶ୍ରମିକ ମାନଙ୍କୁ ମୋଟାଅଙ୍କର ଦରମା ଲୋଭରେ କାମ କରିବାକୁ ନେଇଥିବା ଅଭିଯୋଗ ହୋଇଥିଲା। ଶ୍ରମ ବିଭାଗରଏତଲା ପରେ ଘଟଣା ଭିନ୍ନମୋଡ଼ ନେଇଛି। ତେବେ ଶ୍ରମବିଭାଗ ଏତଲା ପରେ ଘଟଣାର ଗୁରୁତ୍ୱ ବଢ଼ିଯାଇଛି। ପ୍ରଥମ ପର୍ଯ୍ୟାୟରେ ତେଲକୋଇ ଥାନାରେ ଏତଲା ଦିଆଯାଇ ଥିବା ବେଳେ ପରେ କେନ୍ଦୁଝର ଟାଉନ ଥାନା ହରିଚନ୍ଦନପୁର ଥାନାରେ ଏତଲା ଦିଆଯିବ ବୋଲି ସୂଚନା ମିଳିଛି। ତାମିଲନାଡୁରେ ଏହି ଦୁର୍ଘଟଣା ପରେ ସେଠାକାର ପୁଲିସ ଶ୍ରୀକାନ୍ତ ଜୁଆଙ୍ଗ ନାମରେ ମାମଲା ରୁଜୁକରି ଅଟକ ରଖିଥିବା ସୂଚନା ମିଳିଛି।

## ଇନଷ୍ଟାଗ୍ରାମ ପୋଷ୍ଟରେ...

ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ବ୍ୟକ୍ତି ଓ ଭକ୍ତଙ୍କ କହିବା ଅନୁସାରେ, ସୋସିଆଲ୍ ମିଡିଆରେ ଏଭଳି ଚିତ୍ର ପୋଷ୍ଟ କରିବା ଦ୍ୱାରା ମହାପ୍ରଭୁ ଓ ଓଡ଼ିଆ ସଂସ୍କୃତିର ଭାବନାକୁ ଆଘାତ ପହଞ୍ଚିଛି। ସେମାନେ ଏହାକୁ ଅପମାନଜନକ ବୋଲି କହିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନେବା ଉଚିତ ବୋଲି କହିଛନ୍ତି।

## ଜେନାପୁର ପୁଲିସ...

ଏହି ଶ୍ରମିକଙ୍କ କୌଣସି ପତ୍ତା ମିଳି ନ ଥିଲା। ଏହା ପରଦିନ ଦୁଇ ଜଣ ଶ୍ରମିକ ଗୁରୁତର ଆହତାବସ୍ଥାରେ କଟକର ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଥିଲା। ହେଲେ ଆଉ ଜଣେ ଶ୍ରମିକଙ୍କର ଅଦ୍ୟାବଧି କୌଣସି ପତ୍ତା ମିଳୁନାହିଁ। ଏନେଇ ଘଟଣାରେ ହସ୍ତକ୍ଷେପ କରି ତୁରନ୍ତ ଏଠାରୁ ବେଆଇନ କଳାପଥର ଲୁଟ୍‌ର ତଦନ୍ତ ପାଇଁ ଖଣି ବିଭାଗର ଯାଜପୁର ସର୍କଲର ଉପନିର୍ଦ୍ଦେଶକ ଗତ ଜୁନ ୯ ତାରିଖରେ ଚିଠି ସଂଖ୍ୟା-୩୭୨୬ରେ ଜେନାପୁର ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ସେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ ଯେ ଏହି ଖାଦାନକୁ ଯାଜପୁର ଏସଡିପିଓ, ଥାନାଧିକାରୀ, ତହସିଲଦାର ଧର୍ମଶାଳା, ରାଜସ୍ୱ ବିଭାଗ କର୍ମଚାରୀଙ୍କ ସହ ଖଣି ବିଭାଗ କର୍ମଚାରୀମାନେ ଗତ ୭ ତାରିଖରେ ତଦନ୍ତ ପାଇଁ ଯାଇଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ ଏହି ଖାଦାନରୁ କଳାପଥର ଲୁଟ୍ ହେଉଛି। ଏହାକୁ ଦୃଷ୍ଟିରେ ରଖି ପୁଲିସ ବିସ୍ତୃତ ତଦନ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ଏଥିସହ ଯାଜପୁର ଡିଡିଏମ ସେହି ଜୁନ ୯ ତାରିଖରେ ଚିଠି ସଂଖ୍ୟା-୩୭୩୭ରେ ଯାଜପୁର ଉପଜିଲ୍ଲାପାଳଙ୍କୁ ଏହି ଖାଦାନରୁ ନିୟମିତ କଳାପଥର ଲୁଟ୍ ପାଇଁ ସରକାର ରାଜସ୍ୱ ହେଉଥିବାରୁ ଭାରତୀୟ ନ୍ୟାୟ ସଂହିତାରର ୧୬୩ ଧାରା ଲାଗୁ କରିବା ପାଇଁ ପରାମର୍ଶ ଦେଇଥିଲେ। ହେଲେ ଏଯାଏଁ ଏହି ଖାଦାନ ଉପରେ ୧୬୩ ଧାରା ଲାଗୁ ହୋଇ ନ ଥିବା ବେଳେ ଏଠାରୁ ନିୟମିତ କଳାପଥର ଲୁଟ୍ ଚାଲିଛି। ପୁଲିସର ଛତ୍ରଛାୟାରେ ଏଠାରୁ କୋଟି କୋଟି ଟଙ୍କାର କଳାପଥର ଲୁଟ୍ ଚାଲିଥିବା ବେଳେ ସରକାରଙ୍କ ସମସ୍ତ ପ୍ରକାର ନିର୍ଦ୍ଦେଶ ଜେନାପୁର ଥାନାରେ ମାଟି କାମୁଡ଼ିଛି ବୋଲି ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ସଭାପତି ସତୀଶ ବିଶ୍ୱାଳ ଅଭିଯୋଗ କରିଛନ୍ତି।

## ଛାତ୍ରଛାତ୍ରୀଙ୍କୁ ମିଳିବ...

ସୂଚନା ଦେଇ କହିଛନ୍ତି ଯେ ବର୍ତ୍ତମାନ ଏହି ତ୍ରୁଟିଗୁଡ଼ିକୁ ତର୍ଜମା କରାଯାଉଛି ଓ ବିଶେଷଜ୍ଞମାନଙ୍କର ପରାମର୍ଶ ନିଆଯାଉଛି। ଖୁବଶୀଘ୍ର ସଂଶୋଧିତ ବହି ବିଭାଗୀୟ ୱେବସାଇଟରେ ଶିକ୍ଷାବିତ ତଥା ଜନସାଧାରଣଙ୍କ ମତାମତ ନିମନ୍ତେ ଦିଆଯିବ। ସମସ୍ତଙ୍କର ମତାମତକୁ ବିଚାର କରି ଛାତ୍ରଛାତ୍ରୀମାନଙ୍କୁ ସଂଶୋଧିତ ବହି ପ୍ରଦାନ କରାଯିବ। ରାଜ୍ୟର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ନୂତନ ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ଓ ନୂତନ ପାଠ୍ୟପୁସ୍ତକ ଯୋଗାଇଦେବା ପର୍ଯ୍ୟନ୍ତ ସଂଶୋଧିତ ତଥ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପ୍ରଦାନ କରାଯାଇ ପାଠପଢ଼ା ଚାଲୁ ରହିବ। ସରକାର ଯଥା ଶୀଘ୍ର ପୁନର୍ବାର ତ୍ରୁଟିଶୂନ୍ୟ ନୂତନ ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ଶାସନ ସଚିବ ଡ. ନାୟକ କହିଛନ୍ତି।

# ଶିକ୍ଷକ ସଙ୍କଟ, ପାଠ୍ୟପୁସ୍ତକ ସଂଶୋଧନ ହେବ କେମିତି ?

**ଭୁବନେଶ୍ୱର,୧।୭:** ରାଜ୍ୟରେ ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ପ୍ରାୟ ଏକ ତୃତୀୟାଂଶ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ତ୍ରୁଟିପୂର୍ଣ୍ଣ ମୁଦ୍ରିତ ପାଠ୍ୟ ପୁସ୍ତକ କିଭଳି ଶିକ୍ଷକମାନେ ସଂଶୋଧନ କରିପାରିବେ ସେଥିଘେନି ପ୍ରଶ୍ନବାଚୀ ଉଠିଛି। ଏହାଛଡ଼ା ଅନେକ ବିଦ୍ୟାଳୟ ଜଣେ ମାତ୍ର ଶିକ୍ଷକଙ୍କ ଦ୍ୱାରା ଚାଲୁଥିବାବେଳେ ଆଉ ଗୁଡ଼ିଏ ବିଦ୍ୟାଳୟର ସମସ୍ତ ଶ୍ରେଣୀ ପାଇଁ ମାତ୍ର ବଖରାଟିଏ ଶ୍ରେଣୀ ଗୃହ ଥିବାରୁ ଏ ସଂକ୍ରାନ୍ତରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମାନସିକ ଚାପ ବଢ଼ିଯାଇଛି।

ଅନେକ ଶିକ୍ଷକଶିକ୍ଷୟିତ୍ରୀ ଅଭିଯୋଗ କରୁଛନ୍ତି ଯେ ଭୋଟର ତାଲିକା ସଂଶୋଧନ ପାଇଁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ (ଏସ୍‌ଆଇଆର୍) କାମରେ ଯେଉଁମାନେ ବ୍ୟସ୍ତ ରହିଛନ୍ତି ସେମାନେ ପାଠ୍ୟପୁସ୍ତକ ସଂଶୋଧନ କରିବା ତ ଦୂରର କଥା, ପାଠ ପଢ଼ାଇବାକୁ ବି ସମୟ ପାଉ ନାହାନ୍ତି।



ଅନ୍ୟପକ୍ଷରେ ଏହି ବିଭ୍ରାଟକୁ ସରକାରୀ କଳରେ କିଏ ସାମାନ୍ୟ ତ୍ରୁଟି ବୋଲି କହୁଛି ତ ଆଉ କିଏ ନିର୍ଦ୍ଦେଶନାମା ଜାରି କରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ଥିବା ତ୍ରୁଟିଗୁଡ଼ିକୁ ଶିକ୍ଷକମାନେ ସଂଶୋଧନ କରିବା ଲାଗି ଶୁଦ୍ଧିପତ୍ର ଜାରି କରୁଛି। ଏଭଳି ସ୍ଥିତିରେ ଆଉ କେହିକେହି ବି ସାନି ବହି ଛପାଇ ପିଲାଙ୍କୁ ଯୋଗାଇ ଦିଆଯିବ ବୋଲି ଗଣମାଧ୍ୟମକୁ କହୁଥିବାବେଳେ କେତେଦିନ ଭିତରେ ନୂଆ ନିର୍ଭୁଲ ପାଠ୍ୟ ପୁସ୍ତକ ମିଳିବ ସେ ସଂକ୍ରାନ୍ତରେ କିନ୍ତୁ କେହି କିଛି ସ୍ପଷ୍ଟ ଭାବେ କହୁନାହାନ୍ତି।

୨୦୨୪ ଆରମ୍ଭ ବେଳକୁ ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ସରକାରୀ ପଦପଦବୀରୁ ପ୍ରାୟ ୨ଲକ୍ଷ ୫ ହଜାର ଖାଲି ପଡିଥିବା ସରକାରୀ ଭାବେ କୁହାଯାଉଛି। ଅଢ଼େଇ ବର୍ଷ ଭିତରେ ଯେତେ ପଦବୀ ଖାଲି ହୋଇଛି ଓ ଯେତିକିରେ ନିଯୁକ୍ତି ଦିଆଯାଇଛି ତାହାର ନିର୍ଦ୍ଦିଷ୍ଟ ପରିସଂଖ୍ୟାନ ଦିଆଯାଉନଥିଲେ ମଧ୍ୟ ଖାଲି ପଦବୀ ସଂଖ୍ୟା ବଢ଼ିଥାଇପାରେ ବୋଲି ଆଶଙ୍କା କରାଯାଉଛି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ପାଇଁ ପ୍ରାୟ ଦେଢ଼ଲକ୍ଷ ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ଥିବାବେଳେ ସେଥିରୁ ପ୍ରାୟ ୫୦ ହଜାର ଖାଲି ଥିବା ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ କହୁଛନ୍ତି।

ସେହିପରି ହଜାରେରୁ ଅଧିକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ ମାତ୍ର ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି। ପାଖାପାଖି ୨ ହଜାର ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଘର ବ୍ୟବସ୍ଥା କରାଯାଇପାରି ନାହିଁ। ଫଳରେ ଏଗୁଡ଼ିକରେ ନିୟୋଜିତ ଶିକ୍ଷକ ଶିକ୍ଷୟିତ୍ରୀମାନେ ପାଠ ପଢ଼ାଇବା ଅପେକ୍ଷା ପିଲାମାନଙ୍କୁ ଜଗିବାରେ ବେଶି ସମୟ ଦେବାକୁ ବାଧ୍ୟ ହେଉଛନ୍ତି। ଏହାଛଡ଼ା ମଧ୍ୟାହ୍ନ ଭୋଜନ, ଭୋଟର ତାଲିକା ସଂଶୋଧନ ଓ ଅନ୍ୟାନ୍ୟ ସରକାରୀ କାମ ସହିତ ବିଦ୍ୟାଳୟ ସଂକ୍ରାନ୍ତୀୟ ବୈଠକରେ ସେମାନଙ୍କୁ ଯୋଗ ଦେବାକୁ ପଡୁଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏଭଳି ବିଭ୍ରାଟ ଦେଇ ଗତି କରୁଥିବାବେଳେ ଏଠାରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଲାଗି ସରକାର ଯୋଗାଇଥିବା ନୂଆ ପାଠ୍ୟପୁସ୍ତକର ତ୍ରୁଟି କିଭଳି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଶୁଦ୍ଧିପତ୍ର ଆଧାରରେ ସଂଶୋଧିତ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

କେତେକ ଶିକ୍ଷକଶିକ୍ଷୟିତ୍ରୀ କହୁଛନ୍ତି ଯେ ଏହି ପାଠ୍ୟପୁସ୍ତକରେ ଏଭଳି ଅନେକ ତ୍ରୁଟି ରହିଛି ଯାହା ସଂଶୋଧନ କରିବା ସମ୍ଭବପର ନୁହେଁ। ତେଣୁ ପିଲାମାନଙ୍କୁ ଗତବର୍ଷର ପାଠ୍ୟପୁସ୍ତକ ଯୋଗାଇ ଦେଇ ଠିକଣା ସଂପାଦନା ଓ ସଂଶୋଧନ ଆଧାରରେ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯିବା ଆବଶ୍ୟକ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ବହି ଛାପିବା ଲାଗି ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ପାଠ୍ୟ ପୁସ୍ତକ ମୁଦ୍ରାଳୟ ରହିଛି। ଏହାଛଡ଼ା ସରକାରୀ ଛାପାଖାନାମାନ ବି ଚାଲୁଛି। କିନ୍ତୁ ସରକାରୀ ଛାପାଖାନାରେ ବହି ନଛପାଇ କାହିଁକି ବେସରକାରୀ ସଂସ୍ଥାନ ମାଧ୍ୟମରେ ବହି ଛପାଯାଉଛି ଏବଂ ଏହାର ପ୍ରସ୍ତୁତି, ତନଖି ଓ ସଂପାଦନା ଦାୟିତ୍ୱ ବିଷୟ ବିଶେଷଜ୍ଞମାନଙ୍କୁ ନଦେଇ କାହିଁକି ଓ କିପରି ଅନ୍ୟମାନଙ୍କ ହାତରେ ଟେକିଦେଇ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ସେ ସଂକ୍ରାନ୍ତରେ ବି ଏବେ ବିଭିନ୍ନ ମହଲରୁ ପ୍ରଶ୍ନବାଚୀ ଉଠୁଛି। (ତଥ୍ୟ)

## ବାଲିଆପାଳ ଥାନାରେ ନିଶାମୁକ୍ତ ଅଭିଯାନ



ବାଲିଆପାଳ,୧୭ (ସଂଚାର ବ୍ୟୁରୋ)ଃ ବାଲିଆପାଳ ଥାନା ପରିସରରେ ଆଜି ଏକ ନିଶାମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଲିଆପାଳ ଥାନାର ଭାରପ୍ରାପ୍ତ ଥାନା ଅଧିକାରୀ ସାଲଖାନ ମୁର୍ମୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଲିଆପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ ସଭାପତିତ୍ୱ କରିଥିଲେ । ଏହି ଅବସରରେ ବାଲିଆପାଳ ଥାନା ଅଞ୍ଚଳର ବହୁ ଜନସାଧାରଣ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ନିଶା ସେବନର କୁପ୍ରଭାବ ସମ୍ପର୍କରେ ନିଜ ନିଜ ମତ ରଖିଥିଲେ ।

ବକ୍ତାମାନେ କହିଥିଲେ ଯେ, ନିଶା ସେବନ ବ୍ୟକ୍ତିଙ୍କୁ ବିପଥଗାମୀ କରିବା ସହିତ ନାରୀ ନିର୍ଯାତନା, ସଡ଼କ ଦୁର୍ଘଟଣା, ପାରିବାରିକ ଅଶାନ୍ତି ଏବଂ ସାମାଜିକ ଅବକ୍ଷୟର ଏକ ପ୍ରମୁଖ କାରଣ ପାଲଟିଛି। ନିଜ ବକ୍ତବ୍ୟରେ ଥାନା ଅଧିକାରୀ ସାଲଖାନ ମୁର୍ମୁ କହିଥିଲେ ଯେ, ନିଶା ସେବନ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ । ଏହା ପରିବାରରେ ବିଶୃଙ୍ଖଳା ସୃଷ୍ଟି କରିବା ସହ ଆର୍ଥିକ ବୋଝ ବଢ଼ାଇଥାଏ। ସେ ପ୍ରତ୍ୟେକ ନାଗରିକଙ୍କୁ ନିଶାର ଅପକାରିତା ସମ୍ପର୍କରେ ସଚେତନ ହେବା ସହ ନିଜ ଅଞ୍ଚଳରେ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମ ଶେଷରେ ଜନସାଧାରଣଙ୍କୁ ନିଶାଠୁ ଦୁରେଇ ରହିବା ପାଇଁ ଏକ ଶପଥପାଠ କରାଇଥିଲେ ।

## ସତ୍ୟବାଦୀ ଥାନାରେ 'ନିଶା ମୁକ୍ତ ଭାରତ' ଅଭିଯାନ



ସତ୍ୟବାଦୀ,୧୭ (ସଂଚାର ବ୍ୟୁରୋ)ଃ ନିଶାଦ୍ରବ୍ୟର କୁପ୍ରଭାବରୁ ସମାଜକୁ ମୁକ୍ତ କରିବା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ନିଶା ବିରୋଧୀ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସତ୍ୟବାଦୀ ଥାନା ପରିସରରେ 'ନିଶା ମୁକ୍ତ ଭାରତ' ଅଭିଯାନ ମୁତାବକ ସଂକଳ୍ପ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ପୁଲିସ ଅଧିକାରୀ (ଏସ୍‌ଡିପିଓ)ଙ୍କ ଉପସ୍ଥିତି ଓ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ମହାଲିକ ଓ କର୍ମଚାରୀଙ୍କ ସହ ସାମାଜିକ କର୍ମୀ ଭବାନୀ ଶଙ୍କର ନନ୍ଦ, ଦେବଦତ୍ତ ସାମନ୍ତରାୟ, ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ଯୁବକ ଏବଂ 'ଆମ ପୋଲିସ'ର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତେ ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରହିବା ସହ ଅନ୍ୟମାନଙ୍କୁ ମଧ୍ୟ ନିଶାମୁକ୍ତ ଜୀବନଯାପନ ପାଇଁ ପ୍ରେରିତ କରିବାକୁ ସାମୂହିକ ଭାବେ ସଂକଳ୍ପ ପାଠ କରିଥିଲେ। ଏହି ଅବସରରେ ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ସୃଷ୍ଟି, ଯୁବପିଢ଼ିଙ୍କୁ ସକାରାତ୍ମକ ଦିଗରେ ପ୍ରେରିତ କରିବା ଏବଂ ନିଶାଦ୍ରବ୍ୟ ବିରୋଧୀ ଅଭିଯାନକୁ ଆହୁରି ଜୋରଦାର କରିବାକୁ ଆହ୍ୱାନ ଦିଆଯାଇଥିଲା।

## ସଦର ଥାନା ପରିସରରେ ନିଶା ମୁକ୍ତ ଓଡ଼ିଶାର ଅଭିଯାନ



ସୁନ୍ଦରଗଡ଼,୧୭ (ସଂଚାର ବ୍ୟୁରୋ)ଃ ଜୁଲାଇ ୧ ତାରିଖ ରାଜ୍ୟ ବ୍ୟାପି ନିଶାମୁକ୍ତ ଓଡ଼ିଶାର ଅଭିଯାନ ଆରମ୍ଭ ହୋଇଛି। ଗୃହ ବିଭାଗ ବା ହୋମ ମିନିଷ୍ଟ୍ରିର ନିର୍ଦ୍ଦେଶରେ ଆରମ୍ଭ ହୋଇଛି ଏହି ଅଭିଯାନ। ଆଜି ରାଜ୍ୟର ସମସ୍ତ ଥାନା ପରିସରରେ ପୁଲିସ ବିଭାଗ ତରଫରୁ ଆରମ୍ଭ ହୋଇଛି ଏହି ଅଭିଯାନ। ଦେଶର ଭବିଷ୍ୟତ ବା ଛାତ୍ର ଛାତ୍ରୀଙ୍କୁ ଏହାର କୁପରିଣତି, କୁପ୍ରଭାବ ସମ୍ପର୍କରେ ସଚେତନ କରିଛନ୍ତି। ନିଜକୁ, ନିଜ ସମାଜ ଓ ପରିବେଶକୁ ନିଶା ମୁକ୍ତ ତଥା ଓଡ଼ିଶା ରାଜ୍ୟକୁ ସଂପୂର୍ଣ୍ଣ ନିଶା ମୁକ୍ତ କରିବା ନେଇ ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଶପଥ ଗ୍ରହଣ କରିଛନ୍ତି। ତେବେ ସଦର ଥାନା ପରିସରରେ ହୋଇଥିବା ଏହି କାର୍ଯ୍ୟକ୍ରମ ଦୀର୍ଘ ଦୁଇ ଘଣ୍ଟା ଧରି ଚାଲିଥିଲା। ଛାତ୍ର ଛାତ୍ରୀଙ୍କ ଯୋଗଦାନ ଓ ଶପଥ ଗ୍ରହଣ ଏହି ଅଭିଯାନକୁ ସଫଳ କରିଛି ।

# ବିଦେଶୀ ମଦ ଦୋକାନକୁ ନେଇ ଜନଅସନ୍ତୋଷ

### ମହିଳା, ଛାତ୍ରଛାତ୍ରୀ ଓ ଲୋକଙ୍କ ସୁରକ୍ଷାକୁ ନେଇ ବଢ଼ିଲା ଚିନ୍ତା

### ପ୍ରସ୍ତାବିତ ସ୍ଥାନକୁ ନେଇ ବଢୁଛି ବିବାଦ



ଛତ୍ରପୁର,୧୭ (ସଂଚାର ବ୍ୟୁରୋ)ଃ ଗଞ୍ଜାମ ସହରର ମୁଖ୍ୟ ପ୍ରବେଶ ପଥରେ ପ୍ରସ୍ତାବିତ ଏକ ବିଦେଶୀ ମଦ ଦୋକାନର ସ୍ଥାନ ଚୟନକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ତୀବ୍ର ହୋଇଛି। ଜୟଗୁରୁ ମନ୍ଦିର ନିକଟରେ ଏବଂ ଶତାଧିକ ଛାତ୍ରଛାତ୍ରୀଙ୍କ ନିୟମିତ ଯାତାୟାତ ଥିବା ସ୍ଥାନରେ ମଦ ଦୋକାନ ସ୍ଥାପନ ପ୍ରସ୍ତାବକୁ ନେଇ ସ୍ଥାନୀୟ ବାସିନ୍ଦା, ଅଭିଭାବକ ଓ ମନ୍ଦିର ପରିଚାଳନା କମିଟି ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରସ୍ତାବିତ ସ୍ଥାନ ନିକଟରେ ଜୟଗୁରୁ ମନ୍ଦିର ରହିଥିବାରୁ ପ୍ରତିଦିନ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଯାତାୟାତ ହୋଇଥାଏ। ସେହିପରି ଗୋଖରକୁଦା, ପାଳିବନ୍ଧ, ପୁରୁଣାବନ୍ଧ, ଲକ୍ଷ୍ମୀପୁର, ମୟୂରପଦା, ପୁରୁଣା ବନ୍ଧ , କୁଣ୍ଡାପୁଟୁ ଓ ପୁଇଁତଳା ଅଞ୍ଚଳର ଶତାଧିକ ଛାତ୍ରଛାତ୍ରୀ ପ୍ରତିଦିନ ଏହି ରାସ୍ତା ଦେଇ ସ୍କୁଲ, କଲେଜ ଓ ଟ୍ୟୁସନକୁ ଯାତାୟାତ କରୁଛନ୍ତି। ଏହା ସହ ପ୍ରତିଦିନ ପ୍ରାତଃ ଓ ସନ୍ଧ୍ୟା ସମୟରେ ବହୁ ମହିଳା, ବୃଦ୍ଧବୃଦ୍ଧା ଏବଂ ବରିଷ୍ଠ ନାଗରିକ ଏହି ରାସ୍ତାରେ ଭ୍ରମଣ କରୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି।

ପ୍ରସ୍ତାବିତ ସ୍ଥାନଟି ଅପେକ୍ଷାକୃତ ନିଛାଟିଆ ହୋଇଥିବାରୁ ସନ୍ଧ୍ୟା ଓ ରାତି ସମୟରେ ସୁରକ୍ଷା ନେଇ ଆଶଙ୍କା ରହିଛି। ସେହିପରି ଗଞ୍ଜାମ ଥାନା ସମ୍ମୁଖରେ ଥିବା ତ୍ରିକୋଣୀୟ ଛକଟି ଦୁର୍ଘଟଣାପ୍ରବଣ ଅଞ୍ଚଳ ହୋଇଥିବାରୁ ସେଠାରେ ବର୍ତ୍ତମାନ ଅସ୍ଥାୟୀ ବ୍ୟାରିକେଡ୍ ବ୍ୟବସ୍ଥା ରହିଛି। ଏଭଳି ସ୍ଥାନରେ ମଦ ଦୋକାନ ଖୋଲିଲେ ଯାତାୟାତରେ ଅସୁବିଧା ସହ ଟ୍ରାଫିକ ସୁରକ୍ଷା ସମସ୍ୟା ଆହୁରି ବଢ଼ିପାରେ ବୋଲି ସ୍ଥାନୀୟ ଲୋକ ଆଶଙ୍କା ପ୍ରକାଶ କରିଛନ୍ତି।

ଏହି ପ୍ରସଙ୍ଗକୁ ନେଇ ଅଞ୍ଚଳରେ ବିଭିନ୍ନ ଚର୍ଚ୍ଚା ଚାଲିଥିବା ବେଳେ, କେତେକ ସ୍ଥାନୀୟ ଲୋକଙ୍କ ମଧ୍ୟରେ କିଛି ରାଜନୈତିକ ବ୍ୟକ୍ତିଙ୍କ ନୀରବତାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି।

ଜନସ୍ୱାର୍ଥ, ମହିଳାଙ୍କ ସୁରକ୍ଷା, ଛାତ୍ରଛାତ୍ରୀଙ୍କ ହିତ ଓ ଯାତାୟାତ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ସମଗ୍ର ପ୍ରସଙ୍ଗର ପୁନଃ ସମୀକ୍ଷା କରି ଉପଯୁକ୍ତ ନିଷ୍ପତ୍ତି ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## କୋଟିଆ ବିକାଶକୁ ନେଇ ସମୀକ୍ଷା ବୈଠକ



କୋରାପୁଟ,୧୭ (ସଂଚାର ବ୍ୟୁରୋ)ଃ ସୀମାନ୍ତ କୋଟିଆ ଅଞ୍ଚଳର ସର୍ବାଙ୍ଗୀନ ବିକାଶକୁ ଆହୁରି ଗତିଶୀଳ କରିବା ଲକ୍ଷ୍ୟରେ ବୁଧବାର କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ କୋଟିଆର ବିକାଶ ପାଇଁ ପ୍ରସ୍ତୁତ "ବିକଶିତ କୋଟିଆ ଆକ୍ସନ ପ୍ଲାନ୍"ର କାର୍ଯ୍ୟକାରିତା ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବୈଠକରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ରାସ୍ତାଘାଟ, ଭିତ୍ତିଭୂମି ବିକାଶ, ପାନୀୟ ଜଳ, ଜୀବିକା ସୃଷ୍ଟି ଓ ଅନ୍ୟାନ୍ୟ ମୌଳିକ ସୁବିଧାର ଉନ୍ନତି ମାଧ୍ୟମରେ କୋଟିଆର ସାମଗ୍ରିକ ଆର୍ଥିକ ଓ ସାମାଜିକ ବିକାଶକୁ କିପରି ଆହୁରି ତ୍ୱରାନ୍ୱିତ କରାଯାଇପାରିବ, ସେନେଇ ବିଭିନ୍ନ ବିଭାଗ ସହ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ସମସ୍ତ ବିଭାଗକୁ ପରସ୍ପର ସମନ୍ୱୟ ରକ୍ଷା କରି ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ବିଡିଓ ରାମକୃଷ୍ଣ ନାୟକ, କୋଟିଆ ପାଇଁ ସ୍ୱତନ୍ତ୍ର ଦାୟିତ୍ୱପ୍ରାପ୍ତ ଅଧିକାରୀ ସୌରଭ କାନ୍ତ ଦାଶଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମତାମତ ରଖିଥିଲେ।

### ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ଜାତୀୟ ଡାକ୍ତର ଦିବସ ପାଳିତ

## ରୋଗୀମାନେ ଡାକ୍ତରଙ୍କୁ ଭଗବାନ ସଦୃଶ ମାନନ୍ତି



ଭୁବନେଶ୍ୱର,୧୭ (ସଂଚାର ବ୍ୟୁରୋ)ଃ ପ୍ରତ୍ୟେକ ସଫଳ ଚିକିତ୍ସାର ପ୍ରଚ୍ଛଦପଟରେ ଡାକ୍ତରମାନଙ୍କର ବର୍ଷ ବର୍ଷର ଉତ୍ସର୍ଗ, ନିରନ୍ତର ଜ୍ଞାନ ଆହରଣ ଏବଂ ଅଦୃଶ୍ୟ ତ୍ୟାଗ ରହିଥାଏ। ରୋଗୀମାନେ ଡାକ୍ତରମାନଙ୍କୁ ଭଗବାନ ସଦୃଶ ମାନିଥାନ୍ତି ବୋଲି ମତ ଦେଇଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶାଶ୍ୱତି ଦାସ।

ଜୁଲାଇ ୧ ତାରିଖ ଜାତୀୟ ଡାକ୍ତର ଦିବସ ଅବସରରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ ୧ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଥିଲେ ଯେ ପ୍ରତ୍ୟେକ ଦିନ ଡାକ୍ତରମାନେ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଗଭୀର ଭାବେ ରୋଗୀ ଏବଂ ତାଙ୍କ ପରିବାର ଉପରେ ପ୍ରଭାବ ପକାଇଥାଏ। ତେଣୁ ଡାକ୍ତରମାନେ ରୋଗୀମାନଙ୍କୁ ନିଜର ଆତ୍ମୀୟ ଭଳି ବିବେଚନା କରି ଚିକିତ୍ସା କରନ୍ତୁ ବୋଲି ଶ୍ରୀମତି ଦାସ ଆଶାବ୍ୟକ୍ତ କରିଥିଲେ।

ଆଇଏମଏସ୍ ଆଣ୍ଡ ସମ ଡାକ୍ତରମାନଙ୍କର ରୋଗୀ ସେବା କ୍ଷେତ୍ରରେ ବେଶ ଖ୍ୟାତି ରହିଥିବା ବେଳେ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ଶ୍ରୀମତି ଦାସ।

ଏହି ଅବସରରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଇଏମଏସ ଆଣ୍ଡ ସମ ହସ୍ପିଟାଲ ଦେଶର ଶ୍ରେଷ୍ଠ ୧୦ ଟି ହସ୍ପିଟାଲ ମଧ୍ୟରେ ପରିଗଣିତ ହେବା ନେଇ ଆଶା ରଖିଥିବା ନିଜ ବକ୍ତବ୍ୟରେ କହିଥିଲେ।

କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୧ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ ଭାରତ ରତ୍ନ ଡାକ୍ତର ବିଧାନଚନ୍ଦ୍ର ରାୟଙ୍କର ଉଭୟ ଜନ୍ମ ଏବଂ ମୃତ୍ୟୁ ଦିବସକୁ ଜାତୀୟ ଡାକ୍ତର ଦିବସ ଭାବେ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ଡାକ୍ତରମାନଙ୍କୁ ସମ୍ମାନିତ କରାଯାଇଥିବା ଡିନ୍ କହିଥିଲେ।

ଏହି ଅବସରରେ ମେଡିକାଲ୍ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପସନ୍ଦ କରାଯାଇଥିବା ଓ ମନୋନୀତ ହୋଇଥିବା ପ୍ରାୟ ୩୫ ଜଣ ଡାକ୍ତର ଓ ବିଭାଗୀ ମୁଖ୍ୟମାନଙ୍କୁ ଉପସଭାପତି ସମ୍ମାନିତ କରିଥିଲେ। ଡାକ୍ତରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ଦିବସ ପାଳନର ପ୍ରମୁଖ ଆକର୍ଷଣ ରହିଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମୁଖ୍ୟ, ପ୍ରଫେସର, ବରିଷ୍ଠ ଡାକ୍ତର ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଦେଢ଼ ମାସ ହେଲା ଅନ୍ଧାରରେ ସିପାଞ୍ଜିରୀ ଗାଁ

### ଟ୍ରାନ୍ସଫର୍ମର ପୋଡ଼ିଯିବାରୁ ଅନ୍ଧାରରେ ୨୫ ପରିବାର

### ଅଭିଯୋଗ ପରେ ବି ହୋଇପାରୁନି ସମାଧାନ



ଫୁଲବାଣୀ,୧୭ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳ କୁହାଯାଉଥିବା ପକାରୀ ପଞ୍ଚାୟତ ଅଧୀନରେ ଥିବା ସିପାଞ୍ଜିରୀ ଗାଁର ପଚିଶଟି ପରିବାର ଦୀର୍ଘ ଦୁଇ ମାସ ହେବ ଅନ୍ଧାରରେ ରହି ଆସୁଛନ୍ତି ।

ସୂଚନା ଅନୁସାରେ ଏହି ସିପାଞ୍ଜିର ଗାଁ ସ୍କୁଲ ପାଖରେ ଥିବା ବିଦ୍ୟୁତ ଟ୍ରାନ୍ସଫରମର ଟି ଗତ ଦୁଇମାସ ତଳେ ହୋଇଥିବା କାଳ ବୈଶାଖୀ ରେ ପୋଡି ଯାଇଛି । ଯାହା ଫଳରେ ଏହି ଗାଁ ରେ ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଯାହା ଫଳରେ ଛାତ୍ରଛାତ୍ରୀଙ୍କ ପାଠ ପଢା ଠାରୁ ଆରମ୍ଭ କରି ପାନୀୟ ଜଳ ଓ ବିଭିନ୍ନ ଜରୁରୀ କାମ ସମ୍ପୂର୍ଣ୍ଣ ଠପ ହୋଇଯାଇଛି । ସେପଟେ ଏହି ଟ୍ରାନ୍ସଫରମର ପୋଡି ଯିବା ଫଳରେ ସିପାଞ୍ଜିରୀ ଗାଁ ପାଖରେ ଥିବା ଯାର୍ଗୀଗୁଡା, କ୍ଲିକା ଓ ପାଦେରି ପଡା ସାହି ରେ ମଧ୍ୟ ବିଦ୍ୟୁତ ଦୁଇମାସ ହେଲା ନଥିବା ଅଭିଯୋଗ ହୋଇଛି ।

ସ୍ଥାନୀୟ ବିଜେପିର ଯୁବ ମୋର୍ଚ୍ଚା ସଭାପତି ବାବୁଲା କହଁରଙ୍କ ସହ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ ବିଭାଗ ପାଖରେ ଅଭଯୋଗ କରି ଆସୁଥିଲେ ମଧ୍ୟ କୌଣସି ସମାଧାନ ହୋଇପାରୁନାହିଁ । ଯାହାଫଳରେ ଗ୍ରାମବାସୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଯଦି ଶୀଘ୍ର ସମସ୍ୟାର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମଧ୍ୟ କହିଛନ୍ତି ଗ୍ରାମବାସୀ ।

## ଟ୍ରାଫିକ ସମସ୍ୟା ପାଇଁ ଉଚ୍ଚସ୍ତରୀୟ ବୈଠକ



ହିଞ୍ଜିଳିକାଟୁ,୧୭ (ସଂଚାର ବ୍ୟୁରୋ)ଃ ଦିନକୁ ଦିନ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଥିବା ବେଳେ ଆଜି ହିଞ୍ଜିଳିକାଟୁ ପୌରପରିଷଦର ସଭା କକ୍ଷ ଗୃହରେ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲାଇଙ୍କ ତତ୍ତ୍ୱାବଧାନରେ ଟ୍ରାଫିକ ସମସ୍ୟାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୌରପରିଷଦର ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ପ୍ରୋବେସନାରୀ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସ୍ୱରନୟା ଏସ, ବିଡ଼ିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ, ପୌର ପରିଷଦର ପୌର ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ତହସିଲଦାର ତପନ କୁମାର ମହାପାତ୍ର ମଞ୍ଚାସୀନ ରହିଥିଲେ। ଏଥିରେ ମୁଖ୍ୟତଃ ଜାତୀୟ ରାଜପଥରେ ଟ୍ରାଫିକ ବ୍ୟବସ୍ଥା ସୁଧାରିବା ନେଇ ଆଲୋଚନା କରାଯାଇଥିଲା। ଦୂରଦୁରାନ୍ତରକୁ ଯିବା ଆସିବା କରୁଥିବା ବସମାନେ ବସଷ୍ଟାଣ୍ଡ ଭିତରକୁ ପ୍ରବେଶ କରୁନଥିବା ବେଳେ ଟ୍ରାଫିକ ସମସ୍ୟା ଉପୁଜୁଛି ନେଇ ଅଭିଯୋଗ ହୋଇଥିଲା। ସହରର ମୁଖ୍ୟତଃ ବିଜୁ ପଟ୍ଟନାୟକ ଛକ ଠାରୁ କାଳୀ ମନ୍ଦିର ଛକ, ଘୋଡ଼ାହାଡ଼ ବ୍ରିଜ, ଆରଏମସି ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଦିନକୁ ଦିନ ସମସ୍ୟା ବୃଦ୍ଧି ପାଉଥିବାରୁ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ଖୁବ ଶୀଘ୍ର ଏହାର ସମାଧାନ କରାଯିବ ନେଇ ସ୍ଥିର ହୋଇଥିଲା । ସେଇଭଳି ପରିବା ବଜାରରେ ପାର୍କିଂ ବ୍ୟବସ୍ଥା ନଥିବାରୁ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବା ଖୁବ ଶୀଘ୍ର ଦୁଇଟି ପାର୍କିଂ ବ୍ୟବସ୍ଥା କରାଯିବ ନେଇ ବୈଠକରେ କୁହାଯାଇଛି ।

## ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



ବେତନଟୀ,୧୭ (ସଂଚାର ବ୍ୟୁରୋ)ଃ ବୁଧବାର ସ୍ଥାନୀୟ ଦୁର୍ଗାପୁର ପଞ୍ଚାୟତର ଦୁର୍ଗାପୁର ଗ୍ରାମରେ ଥିବା ମାର୍କେଟ କମ୍ପ୍ଲେକ୍ସ ଠାରେ ନୂତନ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଦିବ୍ୟଜ୍ୟୋତି ଫାଉଣ୍ଡେସନ ତରଫରୁ ଶୁଭ ଉଦଘାଟନ ଅନୁଷ୍ଠିତ ହୋଇଯାଇଛି। ଏହି କେନ୍ଦ୍ରକୁ ମୁଖ୍ୟ ଅତିଥି ଦିବ୍ୟଜ୍ୟୋତି ଫାଉଣ୍ଡେସନର ମ୍ୟାନେଜିଙ୍ଗ ଟ୍ରଷ୍ଟି ମଦର ଟେସିନା ଫିତା କାଟି ଓ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି କହିଥିଲେ ଯେ, ସିଲେଇ ପ୍ରଶିକ୍ଷଣ ମହିଳା ଓ ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରିବା ସହ ସ୍ୱରୋଜଗାରର ସୁଯୋଗ ସୃଷ୍ଟି କରିବ। କେନ୍ଦ୍ରରେ ଆଧୁନିକ ସିଲେଇ ପ୍ରଶିକ୍ଷଣ ସହ ବିଭିନ୍ନ ପୋଷାକ ପ୍ରସ୍ତୁତିର ଶିକ୍ଷା ଦିଆଯିବ ଏବଂ ଏହି ତାଲିମ ସମ୍ପୂର୍ଣ୍ଣ ମାଗଣାରେ ଦିଆଯିବ ।

## ଓଏମଏସଏର କାର୍ଯ୍ୟବନ୍ଦ ଆନ୍ଦୋଳନ

*ବିଭିନ୍ନ ବିଭାଗରେ ଝୁଲିଲା ତାଲା, ସେବା ନ ପାଇ ହଇରାଣ ରୋଗୀ*

ଢେଙ୍କାନାଳ, ୧୭ (ସଂଚାର ବ୍ୟୁରୋ)ଃଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ୍ (ଓମ୍‌ସା) ପକ୍ଷରୁ ରାଜ୍ୟବ୍ୟାପୀ ଆହ୍ୱାନ ଅନୁଯାୟୀ ଆଜିଠାରୁ ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଏହାର ପ୍ରଭାବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ପଷ୍ଟ ଭାବେ ପରିଲକ୍ଷିତ ହୋଇଛି। ଅନେକ ବିଭାଗରେ ତାଲା ଝୁଲିଥିବା ବେଳେ ସାଧାରଣ ଚିକିତ୍ସା ସେବା ବାଧାପ୍ରାପ୍ତ ହୋଇଛି। କାର୍ଯ୍ୟବନ୍ଦ ଯୋଗୁଁ ବହୁ ସଂଖ୍ୟକ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଚିକିତ୍ସା ସେବା ନ ପାଇ ହଇରାଣ ହୋଇପଡ଼ିଛନ୍ତି। ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସିଥିବା ରୋଗୀମାନେ ଡାକ୍ତରଙ୍କୁ ନ ପାଇ ନିରାଶ ହୋଇ ଫେରିଯାଉଥିବା ଦେଖିବାକୁ ମିଳିଛି। ବାହ୍ୟ ରୋଗୀ ବିଭାଗ (ଓପିଡ଼ି) ସେବା ପ୍ରାୟତଃ ପ୍ରଭାବିତ ହୋଇଥିବାରୁ ରୋଗୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



### ବହିସ୍କୃତ ସୋସାଇଟି ସଭାପତିଙ୍କୁ ପୁନଃ ନିଯୁକ୍ତି ପ୍ରସଙ୍ଗ

## ଅନ୍ତରୀଣ ରହିତାଦେଶ ଜାରି କଲେ ମାନ୍ୟବର ଉଚ୍ଚ ନ୍ୟାୟାଳୟ




ନୀଳଗିରି, ୧୭ (ସଂଚାର ବ୍ୟୁରୋ)ଃ ବହିସ୍କୃତ ସୋସାଇଟି ସଭାପତିଙ୍କ ପୁନଃ ନିଯୁକ୍ତିକୁ ନେଇ ଚାଷୀମାନେ ଉଚ୍ଚ ନ୍ୟାୟାଳୟରେ ଫେରାଦ ହୋଇଥିବା ବେଳେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ସଭାପତିଙ୍କୁ ପୁନଃ ନିଯୁକ୍ତିରେ ଅନ୍ତରୀଣ ରହିତାଦେଶ ଜାରି କରିଥିବା ଜଣାପଡ଼ିଛି।

ସୂଚନା ଯୋଗ୍ୟ ନୀଳଗିରି ନିର୍ବାଚନ ମଣ୍ଡଳୀ ତଥା ଔପଦା ବ୍ଲକ ଅଧିନସ୍ଥ ଈଶ୍ୱରପୁର ସେବା ସମବାୟ ସମିତିରେ ସଭାପତି ଭାବେ ନିର୍ବାଚିତ ହୋଇଥିବା ଭାଗବତ ଖିଲାରଙ୍କ ବ୍ୟାପକ ଅନିୟମିତତା ଓ ବେଆଇନ କାର୍ଯ୍ୟକଳାପକୁ ନେଇ ଚାଷୀମାନେ ଅଭିଯୋଗ ଆଣିଥିଲେ। ଏନେଇ ବାଲେଶ୍ୱର ଡିଆରସିଏସ ସରୋଜିନୀ ନାୟକ ତା ୨୮/୧/୨୬ରିଖରେ ଚିଠି ନମ୍ବର ୩୧୦ ମୂଳେ ଶ୍ରୀଯୁକ୍ତ ଖିଲାରଙ୍କୁ ସଭାପତି ପଦବୀରୁ ବହିସ୍କୃତ କରିଥିଲେ। ଡିଆରସିଏସଙ୍କ ବହିଷ୍କାର ନିର୍ଦ୍ଦେଶକୁ ବିରୋଧ କରି ଶ୍ରୀଯୁକ୍ତ ଖିଲାର ଓଡିଶା ସମବାୟ ଟ୍ରିବ୍ୟୁନାଲ କୋର୍ଟରେ ଆବେଦନ ନମ୍ବର ୯/୨୦୨୬ରେ ଅଭିଯୋଗ କରିଥିଲେ। ତେବେ ଟ୍ରିବ୍ୟୁନାଲ କୋର୍ଟ ୧୨.୦୫.୨୦୨୬ରେ ବାଲେଶ୍ୱର ଡିଆରସିଏସଙ୍କ ନିର୍ଦ୍ଦେଶକୁ ରଦ୍ଧ କଥିଲେ। ତେବେ ଉକ୍ତ ସମବାୟ ସମିତିର ଚାଷୀ ଦିବାକର ବିଶ୍ୱାଳ, ଲମ୍ବୋଧର ବର୍ସଲ, ଗୌରାଙ୍ଗ ଚରଣ ପରିଡ଼ା, ଦେବନାରାୟଣ ପାତ୍ର ଟ୍ରିବ୍ୟୁନାଲ ନିର୍ଦ୍ଦେଶକୁ ବିରୋଧ କରି ୨୫/୫/୨୬ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ଚାଷୀ ମାନଙ୍କ ଅଭିଯୋଗ ଅନୁସାରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଟ୍ରିବ୍ୟୁନାଲ ନିର୍ଦ୍ଦେଶକୁ ଡବ୍ଲୁପି (ଏସ) ନମ୍ବର ୧୦୪୪୬ ଏବଂ ୨୨.୦୬.୨୦୨୬ରେ ସଭାପତିଙ୍କ ପୁନଃ ନିଯୁକ୍ତିରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି ।

## ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ଉପଲକ୍ଷେ ପ୍ରତିଯୋଗିତା



ମାଲକାନଗିରି, ୧୭ (ସଂଚାର ବ୍ୟୁରୋ)ଃ ମାଲକାନଗିରି ମହାବିଦ୍ୟାଳୟର ସଭା ଗୃହରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ-୨୦୨୬ ଅବସରରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚିତ୍ତରଞ୍ଜନ ବାରିକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଅମ୍ରିତ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ସହକାରୀ ବିଦ୍ୟୁତ ନିରୀକ୍ଷକ, କୋରାପୁଟ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିଦ୍ୟୁତ ସୁରକ୍ଷା ଉପରେ ବିଶେଷଜ୍ଞମାନଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିଲେ। ବକ୍ତୃତା ପ୍ରତିଯୋଗିତାର ବିଷୟ ଥିଲା "ଆଜିର ସଚେତନତା, ଆସନ୍ତାକାଲିର ସୁରକ୍ଷା" । ଏହି ପ୍ରତିଯୋଗିତାରେ ମିନି ସାରଙ୍ଗିଆ, ଚନ୍ଦ୍ରମା ଖରା ଓ ମନୋରମା ପଡାଲ, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଏକ ରାଲି ଅନୁଷ୍ଠିତ ହୋଇଥିଲା ଏବଂ ଶପଥ ପାଠ କରାଯାଇଥିଲା ।

## ୭୭ତମ ବନ ମହୋତ୍ସବ-୨୦୨୬ ପାଳିତ




ବାଲିଅନ୍ତା,୧୭ (ସଂଚାର ବ୍ୟୁରୋ)ଃ ଆଜି ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ, ଗ୍ରିନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଓ ଉତ୍କଳ ଜୟଦେବ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ସୁଦର୍ଶନ ଦାରୁ ପୀଠସ୍ଥିତ ମୋଦୀ ଅରଣ୍ୟ ବାଟିକାରେ ୭୭ତମ ବନ ମହୋତ୍ସବ- ୨୦୨୬ ପାଳିତ ହୋଇଯାଇଛି।

ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ମନ୍ତ୍ରୀ ଡ଼. ଅରବିନ୍ଦ ଢାଲି ଯୋଗଦେଇ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆମ୍ବ, ନଡ଼ିଆ, ଲେମ୍ବୁ ଆଦିର ୨୦ରୁ ଅଧିକ ଚାରା ରୋପଣ କରାଯାଇଥିଲା। ପରିବେଶ ସୁରକ୍ଷା ଓ ସବୁଜ ବନାନୀ ସୃଷ୍ଟି ପାଇଁ ସମସ୍ତଙ୍କୁ ବୃକ୍ଷରୋପଣ କରିବାକୁ ଅତିଥିମାନେ ଆହ୍ୱାନ ଜଣାଇଥିଲେ।

# ରାସ୍ତା ଓ ଡ୍ରେନ୍ କାମକୁ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ



**ମନ୍ଥର ଗତିରେ ଚାଲିଛି କାମ**

**ବଢୁଛି ଠିକାଦାରର ମନମାନି**

**ଜମି ରହୁଛି ପାଣି, ଯାତାୟାତ ବାଧାପ୍ରାପ୍ତ**

ଆନନ୍ଦପୁର,୧୭ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଚାଲିଥିବା ରାସ୍ତା ଓ ଡ୍ରେନ୍ ନିର୍ମାଣ କାମକୁ ନେଇ ଦେଖାଦେଇଛି ଅସନ୍ତୋଷ। କାମ ମନ୍ଥର ଗତିରେ ଚାଲୁଚି, ନିର୍ମାଣ ସ୍ଥଳରେ ଠିକାଦାର ଓ ଯନ୍ତ୍ରୀଙ୍କ ଅନୁପସ୍ଥିତି, ଏବଂ କାମର ଗୁଣମାନକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ବର୍ଷା ଦିନରେ ପାଣି ଜମି ଯାତାୟାତ ବାଧାପ୍ରାପ୍ତ ହେଉଥିବା ବେଳେ ସ୍କୁଲ ଛାତ୍ରଛାତ୍ରୀମାନେ ମଧ୍ୟ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି।

କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକର ୨୦ ନମ୍ବର ଜାତୀୟ ରାଜପଥରୁ ଖଲଣା ପର୍ଯ୍ୟନ୍ତ ରାସ୍ତା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ପ୍ରାୟ ୪ କୋଟି ୮୬ ଲକ୍ଷ ୪୧ ହଜାର ୫୧୫ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କାମ ଚାଲିଛି। କିନ୍ତୁ ଅଭିଯୋଗ ହେଉଛି, କାମ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଥିବାରୁ ବର୍ଷା ପାଣି ରାସ୍ତାରେ ଜମି ରହୁଛି। ଫଳରେ ସାଧାରଣ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବା ବେଳେ ସ୍କୁଲ ଛାତ୍ରଛାତ୍ରୀମାନେ ମଧ୍ୟ ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କରୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ନିର୍ମାଣ ସ୍ଥଳରେ ଠିକାଦାର କିମ୍ବା ସମ୍ପୃକ୍ତ ଯନ୍ତ୍ରୀଙ୍କୁ ପ୍ରାୟ ଦେଖିବାକୁ ମିଳୁନାହିଁ। ତେଣୁ କାମର ଗୁଣମାନ ଏବଂ ସ୍ୱଚ୍ଛତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ଗ୍ରାମବାସୀଙ୍କ ଅଭିଯୋଗ, କୋଟି କୋଟି ଟଙ୍କାର ପ୍ରକଳ୍ପ ହୋଇଥିଲେ ମଧ୍ୟ ଯଦି ସ୍ଥଳ ପରିଦର୍ଶନ ଓ ତଦାରଖ ଠିକ୍ ଭାବେ ନ ହୁଏ, ତେବେ କାମର ଗୁଣମାନ ଉପରେ ପ୍ରଭାବ ପଡ଼ିବା ସ୍ୱାଭାବିକ। ତେବେ ପୂର୍ବରୁ ମଧ୍ୟ କାମର ଗୁଣମାନ ଏତେ ଖରାପ ଥିଲା ଯେ କାମ ସରିବାର ୨୪ଘଣ୍ଟା ନପୂରୁଣୁ ଡ୍ରେନ୍ ଫାଟି ଆଁ କରିଥିଲା। ଗ୍ରାମବାସୀ କାମକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଉକ୍ତ ସ୍ଥାନକୁ ପୁନର୍ବାର ମରାମତି କରାଯାଇଥିଲା। ତେଣୁ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ହସ୍ତକ୍ଷେପ କରି କାମକୁ ତ୍ୱରାନ୍ୱିତ କରିବା ସହ ଗୁଣମାନର ଯାଞ୍ଚ କରିବାକୁ ସେମାନେ ଦାବି କରିଛନ୍ତି।

ବିଧାନସଭାରେ କଫିଟେବୁଲ ବୁକ ଓ ଫିଜିଓଥେରାପି ସେଣ୍ଟର ଉଦ୍‌ଘାଟିତ

# ବିଧାନସଭାର ଗରିମାକୁ ଆହୁରି ଉଜ୍ଜ୍ୱଳ କରିବ ଦୁଇ ପୁସ୍ତକ

- ଯୁବପିଢ଼ି ଓ ଗବେଷକଙ୍କ ପାଇଁ ଅମୂଲ୍ୟ ହେବ
- ଫିଜିଓଥେରାପି ସେଣ୍ଟରରୁ ଉପକୃତ ହେବେ ପୂର୍ବତନ ବିଧାୟକ



**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ଆଜି ବିଧାନସଭା ପକ୍ଷରୁ ପ୍ରସ୍ତୁତ ଦୁଇଟି ମୂଲ୍ୟବାନ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ ଓ ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଫିଟେବୁଲ ବୁକ 'ପ୍ରିଜାଇଡିଂ ୱିଥ ପର୍ପୋଜ-ଟୁ ୟର୍ସ ଲେଜିସଲେଟିଭ ଜର୍ଣ୍ଣି ଅଫ ସ୍ପିକର ସୁରମା ପାଢ଼ୀ' ଓ 'ଟୁ ୟର୍ସ ଅଫ ଟ୍ରାନ୍ସଫର୍ମେଟିଭ ଲିଡରସିପ ଅଣ୍ଡର ସ୍ପିକର ସୁରମା ପାଢ଼ୀ' ଉନ୍ମୋଚନ କରିବା ସହ ଗୋଟିଏ ନୂଆ ଫିଜିଓଥେରାପି ସେଣ୍ଟରକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବାଚସ୍ପତି ସୁରମା ପାଢ଼ୀଙ୍କ ନେତୃତ୍ୱରେ ବିଗତ ଦୁଇ ବର୍ଷ ଭିତରେ ବିଧାନସଭାରେ ଅନେକ ଐତିହାସିକ ଘଟଣା ଘଟିଯାଇଛି। ଅନେକ ପ୍ରଭାବଶାଳୀ ଆଇନ ପାରିତ ହେବା ସହ ବିଧାନସଭାର ସମସ୍ତ ପ୍ରକ୍ରିୟା ଡିଜିଟାଇଜ କରାଯାଇପାରିଛି। ତାଙ୍କର ଜ୍ଞାନ, ଅନୁଭବ ଓ ସଂସଦୀୟ ଗଣତନ୍ତ୍ରର ଗରିମା ପ୍ରତି ତାଙ୍କର ନିଷ୍ଠା ଆମ ବିଧାନସଭାର ଦୁଇ ବର୍ଷର ଇତିହାସକୁ ଆହୁରି ଋଦ୍ଧିମନ୍ତ କରିଛି ବୋଲି ସେ କହିଥିଲେ। ଆଗାମୀ ଦିନରେ ତାଙ୍କ ନେତୃତ୍ୱରେ ଓଡ଼ିଶା ବିଧାନସଭା ଏକ ଆଦର୍ଶ ବିଧାନସଭା ଭାବରେ ସବୁ ରାଜ୍ୟ ପାଇଁ ଅନୁକରଣୀୟ ହେବ।

ଆଜି ଉନ୍ମୋଚିତ ହୋଇଥିବା ପୁସ୍ତକରେ ବିଧାନସଭାର ଦୁଇ ବର୍ଷର କାର୍ଯ୍ୟକଳାପକୁ ନିଖୁଣ ଭାବରେ ଫଟୋଚିତ୍ର ମାଧ୍ୟମରେ ପ୍ରକାଶ କରାଯାଇଛି ଏବଂ ଏହି ଦୁଇଟି ପୁସ୍ତକରେ ବିଧାନସଭାର ବିଭିନ୍ନ କାର୍ଯ୍ୟକ୍ରମ ସଠିକ ଭାବେ ଚିତ୍ରଣ କରାଯାଇଛି। ସାଧାରଣ ଜନତା, ବୁଦ୍ଧିଜୀବୀ, ଗବେଷକ, ବିଶେଷକରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣତନ୍ତ୍ର ପ୍ରତି ଆଗ୍ରହ ବଢ଼ାଇବା ସହ ବିଧାନସଭାର ଗରିମାକୁ ଏହି ପୁସ୍ତକଦ୍ୱୟ ଆହୁରି ଉଜ୍ଜ୍ୱଳ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଗତ ଦୁଇ ବର୍ଷ ମଧ୍ୟରେ ନୂତନ ବିଧାୟକମାନଙ୍କ ପାଇଁ ଆୟୋଜିତ ପ୍ରଶିକ୍ଷଣ ଶିବିର ଓ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀର ସୁନ୍ଦର ଚିତ୍ର ଏଥିରେ ସ୍ଥାନ ପାଇଛି। ରାଷ୍ଟ୍ରପତିଙ୍କ ଓଡ଼ିଶା ଆଗମନ ଓ ବିଧାନସଭାରେ ତାଙ୍କର ପ୍ରଥମ ଅଭିଭାଷଣ ଓଡ଼ିଶାର ସଂସଦୀୟ ଇତିହାସର ଏକ ବିରଳ ଓ ଚିରସ୍ମରଣୀୟ ଘଟଣା। ଏହି ପୁସ୍ତକରେ ସନ୍ନିବେଶିତ ହୋଇଥିବା ତାଙ୍କର ପ୍ରେରଣାଦାୟୀ ଅଭିଭାଷଣର ଫଟୋଚିତ୍ର ସମସ୍ତଙ୍କୁ ନିଶ୍ଚିତ ରୂପେ ଉତ୍ସାହିତ କରିବ। ଆଗାମୀ ଦିନରେ ଏହି ପୁସ୍ତକ ଆମ ଯୁବପିଢ଼ି ଓ ଗବେଷକମାନଙ୍କ ପାଇଁ ଏକ ଅମୂଲ୍ୟ ପୁସ୍ତକ ହେବା ସହ ଓଡ଼ିଶା ବିଧାନସଭାର ଯଶ ଓ ଗୌରବକୁ ଏହା ଆହୁରି ଆଗକୁ ନେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ବିଧାନସଭା ପରିସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନୂଆ କରି ଆରମ୍ଭ ହୋଇଥିବା ଫିଜିଓଥେରାପି ସେଣ୍ଟରରେ କ୍ୟାପିଟାଲ ହସ୍ପିଟାଲ ଏବଂ ନିରତାରର ଡାକ୍ତର ଓ ପାରାମେଡିକାଲ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଫିଜିଓଥେରାପି କେନ୍ଦ୍ର ମାଧ୍ୟମରେ ସମସ୍ତ ବିଧାୟକ, ପୂର୍ବତନ ବିଧାୟକ ସେମାନଙ୍କ ସମ୍ପର୍କୀୟ ଓ ଓଡ଼ିଶା ବିଧାନସଭା ଅଧିକାରୀ ଓ କର୍ମଚାରୀମାନେ ଉପକୃତ ହେବେ ବୋଲି ସେ କହିଛନ୍ତି। ଏହି ଅବସରରେ ବାଚସ୍ପତି ପୁସ୍ତକ ସମ୍ପର୍କରେ ମଧ୍ୟ ନିଜ ମତ ରଖିଥିଲେ।

- ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବଡ଼ ଟ୍ୱିଷ୍ଟ

## ବିକ୍ରମ ପଣ୍ଡାଙ୍କ ସମେତ ୧୪ ଅଭିଯୁକ୍ତଙ୍କ ଉପରୁ ଉଠିଲା ହତ୍ୟା ଦଫା

**ବ୍ରହ୍ମପୁର,୧୭(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଦ୍ୱିତୀୟ ପର୍ଯ୍ୟାୟ ଚାର୍ଜସିଟ୍ ଦାଖଲ ପରେ ଗୋଟିଏ ପରେ ଗୋଟିଏ ଟ୍ୱିଷ୍ଟ ସାମ୍ନାକୁ ଆସୁଛି। ପୁଲିସ ହତ୍ୟା ମାମଲାରେ ସାକ୍ଷ୍ୟ ପ୍ରମାଣକୁ ବଳିଷ୍ଠ କରିବା ପାଇଁ ନୂଆ ୨୭ ଜଣ ସାକ୍ଷୀ ଓ କେତେକ ସାକ୍ଷୀଙ୍କ ବୟାନ କୋର୍ଟରେ ଦାଖଲ କରିଛି। ଏବେ ହତ୍ୟା ମାମଲାରେ ମୁଖ୍ୟ କୁହାଯାଉଥିବା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ବିରୋଧରେ ଥିବା ହତ୍ୟା ଦଫା (ବିଏନ୍‌ଏସ୍୧୦୩) କୁ ବାଦ୍ ଦେଇଛି ପୁଲିସ। ବିକ୍ରମଙ୍କ ସମେତ ୧୪ ଜଣ ଅଭିଯୁକ୍ତ





ପୂର୍ବତନ ମେୟର ଶିବ ଶଙ୍କର ଦାଶ, କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳେଇ, ସୀମାଞ୍ଚଳ ନାୟକ, ବିପିନ ସ୍ୱାଇଁ, ଯୋଗେନ୍ଦ୍ର ରାଉତ, କାଳୁଚରଣ ବେହେରା, ରାଜେନ୍ଦ୍ର ସାହୁ, ବିହାରରୁ ଆସିଥିବା ସହଯୋଗୀ ଶିଶୁପାଲ କୁମାର ପାଶୱାନ, କୁନ୍ଦନ ପାଶୱାନ, ଶୂନ୍ୟଚନ୍ଦ୍ର ଦାସ, ସୁନୀଲ ହୋତା, ଉମା ବିଷୋୟୀଙ୍କ ଉପରୁ ହତ୍ୟା ଦଫା ଉଠିଥିବା ଦାଖଲ ଚାର୍ଜସିଟ୍‌ରୁ ସ୍ପଷ୍ଟ ହୋଇଛି। ପୁଲିସ ପ୍ରାଥମିକ ଭାବେ ଯେଉଁ ଚାର୍ଜସିଟ୍ ଦେଇଥିଲା ସେଥିରେ ସମସ୍ତଙ୍କ ନାମରେ ହତ୍ୟା ଦଫା ରହିଥିଲା। କିନ୍ତୁ ତଦନ୍ତ ପରେ ଦ୍ୱିତୀୟ ପର୍ଯ୍ୟାୟ ଚାର୍ଜସିଟ୍ ଦାଖଲ କରିବା ସମୟରେ ଉପରୋକ୍ତ ଅଭିଯୁକ୍ତଙ୍କ ଉପରୁ ହତ୍ୟା ଦଫା ଉଠିଥିବା ଜଣାପଡ଼ିଛି। ପୀତବାସଙ୍କୁ ଗୁଳି କରିଥିବା ମୁଖ୍ୟ ଅଭିଯୁକ୍ତ କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନଙ୍କ ନାମରେ ରହିଛି ହତ୍ୟା ଦଫା। ସେପଟେ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ସଂଗଠିତ ଅପରାଧ (ବିଏନ୍‌ଏସ୍ ୧୧୧) ଦଫା ରହିଛି।

## ବନ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ ମାମଲା: ୭ ଗିରଫ



**କଣ୍ଟାବାଞ୍ଜି, ୧୭ (ସଂଚାର ବ୍ୟୁରୋ):** ବନ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ ମାମଲାରେ ୭ ଜଣଙ୍କୁ ଗିରଫ କରାଯାଇଛି। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହି ଗିରଫଦାରୀ ହୋଇଛି। ବଲାଙ୍ଗୀର ବଙ୍ଗୋମୁଣ୍ଡା ରେଞ୍ଜ ଯୁବାମାଲ ଗାଁରେ ଚାରା ରୋପଣ ଚାଲିଥିବା ସମୟରେ ବନ ବିଭାଗର ୬ ଜଣ କର୍ମଚାରୀଙ୍କୁ ଆକ୍ରମଣ ହୋଇଥିଲା, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚର୍ଚ୍ଚା ବଢ଼ିଛି। ଘଟଣାରେ ସମ୍ପୃକ୍ତ ୭ ଜଣଙ୍କୁ ଗିରଫ କରିଛି ସ୍ଥାନୀୟ ପୁଲିସ। ମିଳିଥିବା ସୂଚନାନୁସାରେ, ଗାଁର ମୁଣ୍ଡାପଡ଼ା ଅଞ୍ଚଳରେ ପୂର୍ବରୁ ଜଙ୍ଗଲ ଜମି ଦଖଲ ହୋଇଥିବା ସ୍ଥାନରେ ଚାରା ରୋପଣ କରାଯାଉଥିବା ବେଳେ ତଦାରଖ ପାଇଁ ଯାଇଥିବା ଜଣେ ଫରେଷ୍ଟରଙ୍କୁ ଗ୍ରାମବାସୀ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଅନ୍ୟ ବନ କର୍ମଚାରୀ ପହଞ୍ଚିବା ପରେ ସେମାନଙ୍କୁ ମଧ୍ୟ ମାଡ଼ ମରାଯାଇଥିଲା। ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଜି ଆଉ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। କେତେକ ଅଭିଯୁକ୍ତ ଫେରାର ଥିବା ବେଳେ ସେମାନଙ୍କୁ ଗିରଫ କରିବା ସକାଶେ ପୁଲିସ ତନାଘନା ଜାରି ରଖିଛି।

ଇନ୍‌ଷ୍ଟାଗ୍ରାମରୁ ପ୍ରେମ

## ବିବାହ ପାଇଁ ଜିଦ୍ କରିବାରୁ ପ୍ରେମିକାଙ୍କୁ ହତ୍ୟା

### ପୁଲିସ ଆଗରେ ପ୍ରେମିକର ସ୍ୱୀକାରୋକ୍ତି



**ହାଟଡ଼ିହି,୧୭(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗ ପ୍ରେମିକାକୁ ଓଡ଼ିଶା ଡାକି ଝାଡ଼ଖଣ୍ଡ ପ୍ରେମିକ କେନ୍ଦୁଝର ଜିଲ୍ଲା ସୋସୋ ଥାନାଞ୍ଚଳରେ ଗତ ମଙ୍ଗଳବାର ହତ୍ୟା କରିଥିବା ଘଟଣାର ପର୍ଦ୍ଦାଫାସ ହୋଇଛି। ବିବାହ କରିବାକୁ ପ୍ରେମିକା ଜଣଙ୍କ ଜିଦ୍ କରିବାରୁ ଏପରି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡା ଏନେଇ କହିଛନ୍ତି ଯେ ଆଜି ଅଭିଯୁକ୍ତ ପ୍ରେମିକକୁ ରିମାଣ୍ଡରେ ଅଣାଯାଇ ଘଟଣାସ୍ଥଳକୁ ନିଆଯାଇଥିଲା। ସେଠାରେ ସିନ୍ ରିକ୍ରିଏସନ କରାଯାଇଥିଲା। ଉଭୟଙ୍କ ମଧ୍ୟରେ ଇନ୍‌ଷ୍ଟାଗ୍ରାମରୁ ପ୍ରେମ ଆରମ୍ଭ ହୋଇ ଘନିଷ୍ଠତା ବଢ଼ିଥିଲା। ପ୍ରେମିକା ଜଣକ ପ୍ରେମିକ ନିକଟରେ ବିବାହ କରିବାକୁ ଜିଦ୍ ଧରିଥିଲେ। ଫଳରେ ପ୍ରେମିକ ପ୍ରେମିକାଙ୍କୁ ଓଡ଼ିଶା ଆସିବାକୁ କହିଥିଲା। ପ୍ରେମିକା ଟ୍ରେନ୍‌ରେ ଆସିବା ପରେ ତାକୁ ଅଭିଯୁକ୍ତ ପ୍ରେମିକ ସୋସୋ ଥାନା ଅଞ୍ଚଳକୁ ନେଇ ଏକ ବାଉଁଶ ଲାଠିରେ ଆକ୍ରମଣ କରିଥିଲା। ପୁଲିସ୍ ଉକ୍ତ ବାଉଁଶ ଲାଠିକୁ ମଧ୍ୟ ଜବତ କରିଛି। ହତ୍ୟା କରିବା ପରେ ପ୍ରେମିକାଙ୍କୁ ପାଣି, କାଦୁଅ ବିଲରେ ପକାଇ ପ୍ରେମିକ ଜଣଙ୍କ ଫେରାର ହୋଇଯାଇଥିବା ସ୍ୱୀକାର କରିଛି।

ପ୍ରେମିକା ଜଣଙ୍କ ପଶ୍ଚିମବଙ୍ଗର ବୀରଭୂମି ଜିଲ୍ଲା ନାଲହାଟି ଥାନା ଲୁହପୁର ବଜାର ଗ୍ରାମର ଚାନ୍ଦ ଶେଖଙ୍କ ପତ୍ନୀ ଆସମା ବିବି ବୋଲି ଜଣାପଡ଼ିଛି। ନାଲହାଟି ଥାନାରେ ତାଙ୍କ ନିଖୋଜ ନେଇ ଏକ ମାମଲା ମଧ୍ୟ ରୁଜୁ ହୋଇଛି। ଆସ୍‌ମା ବିବି ପୂର୍ବରୁ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ନିଜ ସମୁଦୀ (ଝିଅର ଶ୍ୱଶୂର) କୁ ଦ୍ୱିତୀୟ ଥର ପାଇଁ ବିବାହ କରିଥିଲେ। ବୁଧବାର ମୃତ ମହିଳାଙ୍କ ମା', ବାପା, ସ୍ୱାମୀ ସୋସୋ ଥାନାରେ ପହଞ୍ଚିଛନ୍ତି। ସୂଚନାଯୋଗ୍ୟ ଯେ ଅଭିଯୁକ୍ତ ଝାଡ଼ଖଣ୍ଡ ପ୍ରେମିକକୁ କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶରେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଗତ ଶନିବାର ଝାଡ଼ଖଣ୍ଡରୁ ଗିରଫ କରି କେନ୍ଦୁଝର ଆଣିଥିଲା। ଅଭିଯୁକ୍ତ ଜଣକ ସାହେବଗଞ୍ଜ ଜିଲ୍ଲା ରାଜମହଲ ଥାନା କୋଚପଡ଼ା ପୂର୍ବୀ ନାରାୟଣପୁର ଗ୍ରାମର ତମ୍ବା ଶେଖଙ୍କ ପୁଅ ମହମ୍ମଦ ଟୁନୁ ଶେଖ। ପୁଲିସ ଏକ ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ଝାଡ଼ଖଣ୍ଡ ପ୍ରେମିକଙ୍କ ସହଯୋଗୀକୁ ଭଦ୍ରକ ଜିଲ୍ଲା ରୁରାଲ ଥାନା ନାରାୟଣପୁର ଗ୍ରାମର କାଳନ୍ଦୀ ଜେନାଙ୍କ ପୁଅ ଅକ୍ଷୟ(୨୨)ଙ୍କୁ ପ୍ରଥମେ ଗିରଫ କରିଥିଲା।

## ବନ୍ଧାହେଲେ ୨ ଭିମସାର ବାବୁ

### ଠୁଳ କରିଥିଲେ ଆୟ ବହିର୍ଭୂତ ସମ୍ପତ୍ତି



**ଭୁବନେଶ୍ୱର,୧୬(ସଂଚାର ବ୍ୟୁରୋ):** ବନ୍ଧା ହେଲେ ୨ ଭିମସାର ବାବୁ। ଭୀମସାରର ୨ କୋଟିପତି ବାବୁ ଗିରଫ ହୋଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସେମାନଙ୍କୁ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ଭିମସାର ସୁପରିଣ୍ଟେଣ୍ଡେଣ୍ଟ୍ କାର୍ଯ୍ୟାଳୟର ଷ୍ଟିୱାର୍ଡ ଅଶ୍ୱିନୀ ମେହେର ଓ ଏଷ୍ଟାବ୍ଲିସ୍‌ମେଣ୍ଟ ଅଫିସର ଧନୁର୍ଦ୍ଧର ବିଶ୍ୱାଳଙ୍କ ସହ ଜଡ଼ିତ ଏକାଧିକ ସ୍ଥାନରେ ଗତକାଲି ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ହୋଇଥିଲା। ଉଭୟଙ୍କ ଘରୁ ଆୟ ବହିର୍ଭୂତ ସମ୍ପତ୍ତି ଜବତ ହୋଇଥିଲା। ଶ୍ରୀ ମେହେର ତାଙ୍କ ଆୟର ୧୦୪ ପ୍ରତିଶତ ସମ୍ପତ୍ତି ଠୁଳ କରିଥିବା ବେଳେ ଜବତ ସମ୍ପତ୍ତିର ହିସାବ ଦେଇ ପାରି ନ ଥିଲେ। ତାଙ୍କ ଘରୁ ୧ କୋଟି ୪୯ ଲକ୍ଷ ଟଙ୍କାର ସମ୍ପତ୍ତି ଜବତ ହୋଇଛି। ଚଢ଼ାଉ ସମୟରେ ତାଙ୍କର ତିନିଟି କୋଠା ସହ ଗୋଟିଏ ଷ୍ଟୋର୍ ରୁମ ଠାବ ହୋଇଥିଲା। ତା'ଛଡ଼ା ତାଙ୍କ ନାମରେ ୧୦ଟି ମୂଲ୍ୟବାନ ପ୍ଲଟ୍ ମଧ୍ୟ ଠାବ ହୋଇଥିଲା। ଏଥିସହ ତାଙ୍କ ଘରୁ ସୁନା ଓ ୧୬ ଲକ୍ଷ ୧୭ ହଜାର ଟଙ୍କାର ସାମଗ୍ରୀ ଜବତ ହୋଇଥିଲା। ସେହିପରି ଶ୍ରୀ ବିଶ୍ୱାଳ ତାଙ୍କ ଆୟର ୨୩୪ ପ୍ରତିଶତ ସମ୍ପତ୍ତି ଠୁଳ କରିଛନ୍ତି। ତାଙ୍କର ୩୨ଟି ଦାମୀ ପ୍ଲଟ୍ ଓ ଦୁଇଟି ବହୁତଳ ପ୍ରାସାଦ ଅଛି। ଚଢ଼ାଉ ସମୟରେ ତାଙ୍କ ଘରୁ ମିଳିଛି ନଗଦ ୧୯ ଲକ୍ଷ ୮୦ ହଜାର ଟଙ୍କା। ସେହିପରି ବିଭିନ୍ନ ବ୍ୟାଙ୍କରେ ତାଙ୍କର ଜମା ରହିଛି ୪୮ ଲକ୍ଷ ଟଙ୍କା। ଏହାଛଡ଼ା ଦୁଇଟି ଟ୍ରକ୍, ଦୁଇଟି ଟ୍ରାକ୍ଟର ଓ ଗୋଟିଏ ଚାରିଚକିଆ ଗାଡ଼ିର ମାଲିକ ହେଉଛନ୍ତି ଶ୍ରୀ ବିଶ୍ୱାଳ। ଆହୁରି ତାଙ୍କ ଘରୁ ୮୩ ଗ୍ରାମ ଓଜନର ସୁନା ଅଳଙ୍କାର ମଧ୍ୟ ଜବତ ହୋଇଛି।

## ବନ୍ଧାହେଲେ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ

- ମନରେଗା ଯୋଜନାରେ ଟଙ୍କା ହେରଫେର ଅଭିଯୋଗ





**ଫୁଲବାଣୀ,୧୭(ସଂଚାର ବ୍ୟୁରୋ):** ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକ୍ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପାତ୍ର ଓ କନିଷ୍ଠ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରା। ମନରେଗା ଯୋଜନାରେ ୪୨ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଅର୍ଥ ହେରଫେର ଅଭିଯୋଗରେ ସେମାନଙ୍କୁ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ୨୦୨୩-୨୪ରୁ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ ଧରାକୋଟ ପଞ୍ଚାୟତର ଅମୃତ ସରୋବର ପ୍ରକଳ୍ପ ସମେତ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିଲା। ସରକାରୀ ରେକର୍ଡରେ ପ୍ରକଳ୍ପ ପାଇଁ ୪୯ ଲକ୍ଷ ୮୩ ହଜାର ୯୯୫ ଟଙ୍କା ଖର୍ଚ୍ଚ ଦର୍ଶାଯାଇଥିବା ବେଳେ ବୈଷୟିକ ଯାଞ୍ଚରେ ପ୍ରକୃତ କାମର ମୂଲ୍ୟ ମାତ୍ର ୭ ଲକ୍ଷ ୪୨ ହଜାର ୩୫୭ ଟଙ୍କା ବୋଲି ଜଣାପଡ଼ିଛି। ଅବଶିଷ୍ଟ ୪୨ ଲକ୍ଷରୁ ଅଧିକ ଟଙ୍କା କୌଣସି କାମ ନ କରି ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ମନରେଗା ନିୟମ ଅନୁସାରେ ବିଲ୍ ପାସ୍ ପୂର୍ବରୁ କାର୍ଯ୍ୟର ବିଭିନ୍ନ ପର୍ଯ୍ୟାୟର ଜିଓ-ଟ୍ୟାଗ୍ ଫଟୋ ଅପଲୋଡ୍ କରିବା ବାଧ୍ୟତାମୂଳକ। କିନ୍ତୁ ଏହି ପ୍ରକଳ୍ପରେ କୌଣସି ଜିଓ-ଟ୍ୟାଗ୍ ଫଟୋ ଅପଲୋଡ୍ କରାଯାଇ ନ ଥିଲା। ଘଟଣାରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନ-୨୦୧୮ ଓ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଘଟଣାରେ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ଭୂମିକା ନେଇ ମଧ୍ୟ ତଦନ୍ତ ଜାରି ରହିଛି।

## ବାୟୋ ପ୍ଲାଣ୍ଟ କାମକୁ ବିରୋଧ, ପୁଲିସ-ଜନତା ଧସ୍ତାଧସ୍ତି



**ରାଉରକେଲା,୧୭(ସଂଚାର ବ୍ୟୁରୋ):** ରାଉରକେଲାରେ ବାୟୋ ପ୍ଲାଣ୍ଟ କାମକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏହାକୁ ନେଇ ପୁଲିସ୍ ସହ ଜନସାଧାରଣଙ୍କ ଧସ୍ତାଧସ୍ତି ହୋଇଛି। ରାଉରକେଲାରେ ଅଏଲ୍ ଇଣ୍ଡିଆ ପକ୍ଷରୁ ଲୁହାକେରାଠାରେ ସ୍ଥାପନ କରିବାକୁ ଯାଉଥିବା ବାୟୋ ପ୍ଲାଣ୍ଟ କାର୍ଯ୍ୟକୁ ନେଇ ଚାପା ଉତ୍ତେଜନା ଦେଖାଦେବାରୁ ମାଜିଷ୍ଟ୍ରେଟଙ୍କ ସହ ପୁଲିସ ଫୋର୍ସ ମୁତୟନ କରାଯାଇଛି। ରାଉରକେଲା ଲୁହାକେରା ନିକଟରେ ଅଏଲ ଇଣ୍ଡିଆ ପକ୍ଷରୁ ଏକ ବାୟୋ ପ୍ଲାଣ୍ଟ ୧୦ ଏକର ପରିମିତ ଜାଗାରେ ପ୍ରତିଷ୍ଠା କରାଯିବାକୁ ଥିବା ବେଳେ ଏହାର କାମ ଆରମ୍ଭକୁ ସ୍ଥାନୀୟ ବାସିନ୍ଦା ବିରୋଧ କରୁଛନ୍ତି। ଦୀର୍ଘଦିନଠାରୁ ଚାଷବାସ କରିଆସୁଥିବା ଗ୍ରାମବାସୀଙ୍କ ସହ କୌଣସି ଆଲୋଚନା ନ କରି ସିଧାସଳଖ କାମ ଆରମ୍ଭ କରାଯାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ରାଉରକେଲା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ସମୟରେ ମଧ୍ୟ ସରକାରଙ୍କ ଦ୍ୱାରା ବିସ୍ଥାପିତ ହୋଇ ଥଇଥାନ ନୀତିରୁ ବାଦ୍ ପଡ଼ିଥିବା ଅଭିଯୋଗ କରି ବିନା କ୍ଷତିପୂରଣରେ ଚାଷ ଜମିରେ ବାୟୋ ପ୍ଲାଣ୍ଟ ପ୍ରତିଷ୍ଠାକୁ ଲୁହାକେରା ଗ୍ରାମବାସୀ ବିରୋଧ କରିଛନ୍ତି। ପ୍ରଥମେ ମାଟି ପରୀକ୍ଷା ପାଇଁ ଇଣ୍ଡିଆନ ଅଏଲ କର୍ତ୍ତୃପକ୍ଷ ଉଦ୍ୟମ କରୁଥିବା ସମୟରେ ସେଠାରେ ଲୁହାକେରା ଗ୍ରାମବାସୀ ଓ ପୋଲିସ୍ ପ୍ରଶାସନର ଅଧିକାରୀ ମୁହାଁମୁହିଁ ହୋଇଛନ୍ତି। ରାଉରକେଲା ତହସିଲଦାର ଓ ପୁଲିସ ପ୍ରଶାସନ ସହ ଇଣ୍ଡିଆନ ଅଏଲର ଅଧିକାରୀମାନେ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଥିବା ବେଳେ ଚାଷଜମି ବଦଳରେ ଚାଷଜମି ଦାବିରେ ଲୁହାକେରା ଗ୍ରାମବାସୀ ଅଟଳ ରହିଛନ୍ତି।

## ଧରାପଡ଼ିଲେ ପକ୍ଷୀ ଶିକାରୀ, ୨୯୭ ଜୀବନ୍ତ ପକ୍ଷୀ ଉଦ୍ଧାର



**ବାଲେଶ୍ୱର,୧୭(ସଂଚାର ବ୍ୟୁରୋ):** ବାଲେଶ୍ୱର କୀର୍ତ୍ତନିଆ ସମୁଦ୍ର ମଝିରେ ଉଦୟପୁର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିବା ବେଳେ ଏଥିରେ ଜଣେ ପକ୍ଷୀ ଶିକାରୀଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କ ନିକଟରୁ ୨୯୭ଟି ଜୀବନ୍ତ ପକ୍ଷୀ ଉଦ୍ଧାର ହୋଇଥିବା ବେଳେ ୧୧୩ଟି ମୃତ ପକ୍ଷୀ ଜବତ କରାଯାଇଛି। ଏଥିସହ ତାଙ୍କଠାରୁ ଏକ ଇଞ୍ଜିନଚାଳିତ ଡଙ୍ଗା ବି ଜବତ କରାଯାଇଛି। ମିଳିଥିବା ସୂଚନାନୁସାରେ, ବାଲିଆପାଳ ଅଞ୍ଚଳର କାଳିଚରଣ ମଣ୍ଡଳ ଓ ତାଙ୍କ ସହଯୋଗୀମାନେ ସବୁଦିନ ସୁବର୍ଣ୍ଣରେଖା ନଦୀ ପାର ହୋଇ ପକ୍ଷୀ ଧରିବାକୁ ଆସିଥାନ୍ତି। ତେବେ ଗତକାଲି ରାତିରେ ଏନେଇ ଖବର ପାଇବା ପରେ ବନ ବିଭାଗ ଏକ ସ୍ୱତନ୍ତ୍ର ଟିମ ଗଠନ କରି ସେମାନଙ୍କୁ ଛକି ରହିଥିଲା। ଭୋର ୪ଟାରେ ସମୟରେ ଉକ୍ତ ପକ୍ଷୀ ଶିକାରୀକୁ ବନ ବିଭାଗର କର୍ମଚାରୀମାନେ ଧରିବାରେ ସଫଳ ହୋଇଥିଲେ।

## କଫସିରପ୍ ର୍ୟାକେଟର ପର୍ଦ୍ଦାଫାସ: ୬ ଗିରଫ





**ସମ୍ବଲପୁର, ୧୬ (ସଂଚାର ବ୍ୟୁରୋ) :** ସମ୍ବଲପୁର ସହର ଓ ଏହାର ଆଖପାଖ ଅଞ୍ଚଳରେ କଫସିରପ କାରବାରରେ ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ଅଇଁଠାପାଲି ଥାନା ପୁଲିସ ଗିରଫ କରିଛି। ସେମାନେ ହେଲେ ଜମନକିରା ଥାନା ଅନ୍ତର୍ଗତ କୁମକାପାଲର ଚନ୍ଦନ ବେହେରା, କୁମକୁପାଲିର ସୂରଜ ମୁଣ୍ଡା, ସମାପଦାର ପିଣ୍ଟୁ ମୁଣ୍ଡା, ବୁର୍ଲା ଥାନା ବୈଜାମୁଣ୍ଡାର ଦୀପକ ଥେଥୁଆର, କାହ୍ନୁ ବେହେରା ଓ ଶାସନ ଥାନା ଖୁଲିଆ ଅଞ୍ଚଳର ମାନସ ବେସନ।

ସୂଚନାନୁସାରେ, ସିଂହପାଲି ଅଞ୍ଚଳ ଦେଇ ବିପୁଳ ପରିମାଣର ନିଷିଦ୍ଧ ନିଶା କଫସିରପ ଚୋରା ଚାଲାଣ ହେଉଥିବା ନେଇ ଅଇଁଠାପାଲି ଥାନା ସ୍ୱତନ୍ତ୍ର ପୁଲିସ ପାଟ୍ରୋଲିଂ ଦଳ ଗୁପ୍ତ ସୂଚନା ମିଳିଥିଲା। ଉକ୍ତ ସୂଚନା ଆଧାରରେ ପୁଲିସ ପାଟ୍ରୋଲିଂ ଦଳ ସିଂହପାଲି ନିକଟରେ ଏକ କାର (ଓଡି-୦୭-ଏଇ-୬୨୬୨) ଓ ଇଭି ସ୍କୁଟିକୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ କାର ଓ ସ୍କୁଟିରୁ ୧୦ଟି ବଡ଼ କାର୍ଟୁନରେ ଥିବା ୧୦୦ ମିଲିଲିଟର ବିଶିଷ୍ଟ ୧୨୦୦ ବୋତଲ ସିଲ୍‌ଡିଆ ନିଷିଦ୍ଧ କୋଡିନଯୁକ୍ତ କଫସିରପକୁ ଜବତ କରିଯାଇଥିଲା। ଏଥିସହ ବେଆଇନ ପରିବହନରେ ବ୍ୟବହୃତ କାର ଓ ଇଭି ସ୍କୁଟି ସହ ଗ୍ରାହକ ଓ ଚୋରା ନିଶା ବେପାରୀଙ୍କ ସହିତ ଯୋଗାଯୋଗ ପାଇଁ ବ୍ୟବହୃତ ୭ଟି ମୋବାଇଲ୍ ଫୋନ୍ ଓ ନଗଦ ୫୫୪୦ ଟଙ୍କା ଜବତ କରାଯାଇଛି। ଏହି ଅଭିଯୁକ୍ତମାନେ ଏକ ବଡ଼ ଆନ୍ତଃରାଜ୍ୟ ସୁସଂଗଠିତ ନେଟୱର୍କ ସହ ଜଡ଼ିତ ରହି ସହରରେ ନିଶା କାରବାର ବିସ୍ତାର କରୁଥିଲେ। ଏହାକୁ ନେଇ ଅଇଁଠାପାଲି ଥାନାରେ କେସ୍ ନମ୍ବର ୧୮୫/୨୦୨୬ରେ ଏକ ମାମଲା ରୁଜୁ କରିଛି।

## ଭୋଜି କରିବାକୁ ଯାଇ ଗୁଣ୍ଡିଚାଘାଗିରେ ବୁଡ଼ି ଯୁବକ ନିଖୋଜ

**ଘଟଗାଁ,୧୭(ସଂଚାର ବ୍ୟୁରୋ):** ଗୁଣ୍ଡିଚାଘାଗି ଜଳପ୍ରପାତରେ ବୁଡ଼ି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। କେନ୍ଦୁଝର ଜିଲ୍ଲା ଘଟଗାଁ ଅଞ୍ଚଳରେ ପର୍ଯ୍ୟଟନସ୍ଥଳୀ ଗୁଣ୍ଡିଚାଘାଗି ଜଳପ୍ରପାତରେ ବୁଡ଼ି ଯାଇ ଜଣେ ଯୁବକ ନିଖୋଜ। ନିଖୋଜ ଯୁବକ ଜଣଙ୍କ କେନ୍ଦ୍ରାପଡ଼ା ଜିଲ୍ଲାର ଚଣ୍ଡିଆ ସାମଲ ଜଣାପଡ଼ିଛି। ଚଣ୍ଡିଆଙ୍କ ସହ ୭ ଜଣ ଯୁବକ ଘଟଗାଁ ନିକଟରେ ଗୁଣ୍ଡିଚାଘାଗି ଜଳପ୍ରପାତକୁ ଭୋଜି କରିବାକୁ ଆସିଥିଲେ। ତେବେ ଚଣ୍ଡିଆ ଜଳପ୍ରପାତର ବିପଦପୂର୍ଣ୍ଣ ସ୍ଥାନକୁ ଯାଇଥିବା ବେଳେ ଅସାବଧାନତାବଶତଃ ବୁଡ଼ି ଯାଇ ନିଖୋଜ ହୋଇଛନ୍ତି। ତାଙ୍କୁ ସାଙ୍ଗମାନେ ଖୋଜି ନ ପାଇବାରୁ ଶେଷରେ ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚଣ୍ଡିଆଙ୍କ ସନ୍ଧାନ ଜାରି ରହିଛି।

# ଓଡ଼ିଶା ରାଜନୀତିର ଅର୍ଦ୍ଧଶତାବ୍ଦୀର ପ୍ରତିଛବି




ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ 'ସମୟ ସାକ୍ଷୀ'

**ଭୁବନେଶ୍ୱର,୧୭(ସଂଚାର ବ୍ୟୁରୋ):** ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ ଆଜିର ଯୁବକଙ୍କ ପାଇଁ ପ୍ରେରଣା। ସେ ବହୁତ ଧନୀ ବୋଲି ସାଧାରଣରେ ଥିବା ଧାରଣାକୁ ସେ ଭୁଲ ବୋଲି କହିବା ସହ ତାଙ୍କ ଜୀବନ ଏକ ସଂଘର୍ଷର କାହାଣୀ। ସେ ଏକ ମଧ୍ୟବିତ୍ତ ପରିବାରର ଲୋକ। ସେ କୌଣସି ଯୁବକଙ୍କ ପାଇଁ ଆଦର୍ଶ ହୋଇନପାରନ୍ତି, କିନ୍ତୁ ତାଙ୍କ ଜୀବନର ସଂଘର୍ଷ ବର୍ତ୍ତମାନ ସମୟର ଯୁବକଙ୍କ ପାଇଁ ଏକ ପ୍ରେରଣା ବୋଲି ଆଜି ତାଙ୍କ ଆତ୍ମଜୀବନୀ 'ସମୟ ସାକ୍ଷୀ'ର ଲୋକାର୍ପଣ ଉତ୍ସବରେ ସେ କହିଛନ୍ତି। ନିରଞ୍ଜନଙ୍କ ଯୌଥ ପରିବାର, ଏଥିରେ ୧୭ ଭାଇ ଓ ୪ ଭଉଣୀ। ଏତେ ବଡ଼ ଯୌଥ ପରିବାର ନେଇ ସମସ୍ତେ ଖୁସିରେ ଚଳିବା କିଛି ଛୋଟ କଥା ନୁହେଁ। ବର୍ତ୍ତମାନ ସମୟରେ ଯୁବକମାନେ ଯୌଥ ପରିବାରରୁ ଦୂରେଇ ଯାଉଛନ୍ତି। କିନ୍ତୁ ଏହି ପରିବାର ହିଁ ତାଙ୍କ ଶକ୍ତି, 'ଏକଥା ସମୟ ସାକ୍ଷୀ'ରୁ ସେମାନେ ଜାଣିପାରିବେ। ସେହିଭଳି ନିରଞ୍ଜନ ପଟ୍ଟନାୟକ ଜନ୍ମରୁ ହିଁ ରାଜନୀତି ପାଇଁ ଗଢ଼ା ହୋଇଥିଲେ। ସେ ଜଣେ ଖଣି ମାଲିକ ବୋଲି କୁହାଯାଉଛି। କିନ୍ତୁ ସେ ଉତ୍କୋଚ ଦେଇ କୌଣସି ଖଣି ପାଇନାହାଁନ୍ତି କି କଂଗ୍ରେସ ସରକାର ଅମଳରେ ସେ ଖଣି ମାଲିକ ବନିନାହାଁନ୍ତି। ସେ ୧୯୭୧ରେ ମାତ୍ର ୨୦୦ ଟଙ୍କାରେ ୪ଟି ଖଣି ପାଇଥିଲେ। ଏକଥା କହିଲେ ଅବିଶ୍ୱସନୀୟ ହୋଇପାରେ ବୋଲି ସେ କହିଛନ୍ତି।

ତେବେ ସମୟର ଚଲାପଥରେ ଏହି ପୁସ୍ତକଟି 'ସମୟର ସାକ୍ଷୀ' ଭାବେ ସବୁଦିନ ପାଇଁ ରହିବ। ସଂଘର୍ଷ ଓ ସଫଳତା ଭିତରେ ସେ ଯେଉଁ ରାସ୍ତା ଦେଇ ଆସିଛନ୍ତି, ତା' ଯେତିକି ସ୍ମୃତି ବିଜଡ଼ିତ ସେତିକି ଚର୍ଚ୍ଚିତ। ଜଣେ ଶିଳ୍ପପତି ଭାବେ ସେ ଯେତିକି ପରିଚିତ, ଜଣେ ରାଜନେତା ଭାବେ ସେତିକି ଆଦୃତ। ଓଡ଼ିଶା ପ୍ରତି ଓଡ଼ିଆଙ୍କ ପ୍ରଗତି ପାଇଁ କିଛି କରିବାର ଇଚ୍ଛା ତାଙ୍କର କେତେ ସଫଳ ହୋଇଛି ଆଉ କେତେ ବାକି ଅଛି, ତାହା ସମୟ ସାକ୍ଷୀ ହୋଇ ରହିଛି। ବିଭିନ୍ନ କ୍ଷେତ୍ରରୁ ୯ ଜଣ ସାଧାରଣ ଓଡ଼ିଆ ଏହାକୁ ଲୋକାର୍ପିତ କରିଥିଲେ। ବିଶିଷ୍ଟ ଗାନ୍ଧିବାଦୀ ନେତ୍ରୀ କୃଷ୍ଣା ମହାନ୍ତି, କେନାଲ ମଣିଷ ରୂପେ ପରିଚିତ କେନ୍ଦୁଝରର ଦୈତାରୀ ନାୟକ, ନିଜ ସ୍ତ୍ରୀଙ୍କ ଶବକୁ କାନ୍ଧରେ ବୋହି ଡାକ୍ତରଖାନାରୁ ଫେରିଥିବା ଦାନ ମାଝୀ, ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ହୋଇ ମଧ୍ୟ ଗଳ୍ପ କବିତା ରଚନା କରିଥିବା ତଥା ତୁମୁଡ଼ିବନ୍ଧର ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ, ଦୃଷ୍ଟିଶକ୍ତି ନ ଥାଇ ମଧ୍ୟ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନରେ ଶିକ୍ଷାଦାନ କରୁଥିବା ଘସିପୁରାର ପ୍ରଫେସର ଦୁର୍ଯ୍ୟୋଧନ ନାହାକ, ବାଲ୍ୟକାଳରେ ଆର୍ଥିକ ଅସ୍ୱଚ୍ଛଳତାରେ ହାରି ନ ଯାଇ ସମ୍ପ୍ରତି ଭାରତର ପ୍ରସିଦ୍ଧ କେଶ ପ୍ରତିରୋପଣକାରୀ ଡାକ୍ତର ଭାବେ ପରିଚିତ କେନ୍ଦୁଝରର ଡା. ପ୍ରଦୀପ ସେଠୀ, କରୋନା ସମୟରେ ପୁରୀରେ ରଥଯାତ୍ରା କରାଇବାକୁ ସୁପ୍ରିମକୋର୍ଟରେ ପିଟିସନ୍ ଦାଖଲ କରିଥିବା ନୟାଗଡ଼ର ମୁସଲମାନ ତରୁଣ ଅଫତାବ୍ ହୋସେନ୍, ସ୍ୱଳ୍ପ ଆୟରୁ ୭ଟି ପାଣି ଟାଙ୍କି ବସାଇଥିବା ମନ୍ମଥ ମହାରଣା ଆତ୍ମଜୀବନୀର ଲୋକାର୍ପଣ କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

### ମାମଲାରେ ଏନ୍‌ସିଏଲ୍‌ଏଟିଙ୍କ ବଡ଼ ନିଷ୍ପତ୍ତି

# କମ୍ପାନୀ ବନ୍ଦ ବା ଦେବାଳିଆ ହେଲେ ବି କର୍ମଚାରୀଙ୍କୁ ମିଳିବ ପୂରା ପିଏଫ ଓ ଗ୍ରାଚ୍ୟୁଇଟି




**ନୂଆଦିଲ୍ଲୀ,୧।୭:** ଦେବାଳିଆ ମାମଲାକୁ ନେଇ ନ୍ୟାସନାଲ ଲ ଆପିଲେଟ୍ ଟ୍ରିବ୍ୟୁନାଲ (ଏନସିଏଲଏଟି) ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏନସିଏଲଏଟି କହିଛନ୍ତି ଯେ ଯଦି କୌଣସି ନିଯୋକ୍ତା ଅର୍ଥାତ କମ୍ପାନୀ ନିଜ କର୍ମଚାରୀଙ୍କ ନିମନ୍ତେ ପୃଥକ ପିଏଫ ଓ ଗ୍ରାଚ୍ୟୁଟି ଫଣ୍ଡ ମେଣ୍ଟେନ ନ କରୁଛନ୍ତି, ତଥାପି କମ୍ପାନୀ ଦେବାଳିଆ ହେଲେ ଅଥବା ବନ୍ଦ ହୋଇଗଲେ କର୍ମଚାରୀଙ୍କୁ ସେମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଓ ଗ୍ରାଚ୍ୟୁଟିର ପୁରା ପଇସା ମିଳିବ। ଏନସିଏଲଏଟି ଜେଟ୍ ଏୟାରୱେଜର ଶତାଧିକ ପୂର୍ବତନ କର୍ମଚାରୀଙ୍କ ଏହି ବକେୟାକୁ ଏୟାରଲାଇନ ଲିକ୍ୱିଡେସନ ଏଷ୍ଟେଟ (ସମ୍ପତ୍ତି) ରୁ ଅଲଗା ପାଇବାର ଅଧିକାରକୁ ସୁରକ୍ଷିତ ରଖି ଏସବିଆଇ ଓ ଅନ୍ୟ ଫାଇନାନସିଆଲ କ୍ରେଡିଟର୍ସଙ୍କ ଅପିଲକୁ ଖାରଜ କରିଦେଇଛନ୍ତି। ଏନସିଏଲଏଟି କହିଛନ୍ତି ଯେ କର୍ମଚାରୀ ତାଙ୍କର ସମ୍ପୂର୍ଣ୍ଣ ପ୍ରୋଭିଡେଣ୍ଟ ଫଣ୍ଡ ଓ ଗ୍ରାଚ୍ୟୁଟି ପାଇବାକୁ ହକଦାର। ଏହି ବୈଧାନିକ ବକେୟାକୁ କମ୍ପାନୀର ପରିସମାପନ ସମ୍ପତ୍ତିର ଅଂଶ ମନେ କରାଯିବ ନାହିଁ ଓ କର୍ମଚାରୀଙ୍କୁ ତାହା ପୈଠ କରିବାକୁ ପଡିବ। ଉଲ୍ଲେଖଯୋଗ୍ୟ ଯେ ଏହି ବିବାଦ ନଭେମ୍ବର ୨୦୨୪ରେ ଆରମ୍ଭ ହୋଇଥିଲା ଯେତେବେଳେ ଜଲାନ ଫ୍ରିଟ୍ସ କନସୋର୍ଟିୟମର ରେଜ୍ୟୁଲେସନ ପ୍ଲାନ ଫେଲ ହେବା ପରେ ଜେଟ୍ ଏୟାରୱେଜ ଲିକ୍ୱିଡେସନକୁ ଚାଲିଯାଇଥିଲା।ଏଥିରେ କାମ କରୁଥିବା କର୍ମଚାରୀଙ୍କ ତର୍କ ଥିଲା ଯେ ସେମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଓ ଗ୍ରାଚ୍ୟୁଟି ବକେୟା ଇନସଲଭାନ୍ସୀ ଆଣ୍ଡ ବ୍ୟାଙ୍କରପସୀ କୋଡ (ଆଇବିସି)ର ଧାରା ୩୬(୪) (ଏ)(iii) ଅନୁସାରେ ଲିକ୍ୱିଡେସନ ଏଷ୍ଟେଟର ଅଂଶ ହେବା ଉଚିତ ନୁହେଁ। ତେବେ ଲେଣ୍ଡର୍ସଙ୍କ କହିବା କଥା ଥିଲା ଯେ ଏଭଳି ସୁରକ୍ଷା ସେତେବେଳେ ଲାଗୁ ହୁଏ ଯେତେବେଳେ ଲିକ୍ୱିଡେସନ ଆରମ୍ଭ ହେବା ତାରିଖରେ ପ୍ରୋଭିଡେଣ୍ଟ ଫଣ୍ଡ ଓ ଗ୍ରାଚ୍ୟୁଟି ଫଣ୍ଡ ମହଜୁଦ ଥାଏ। ତେବେ ଏନସିଏଲଏଟି ଲେଣ୍ଡର୍ସଙ୍କ ତର୍କ ଖରାଜ କରି ଫେବୃଆରୀ ମାସର ସେହି ଆଦେଶକୁ କାୟମ ରଖିଥିଲେ ଯେଉଁଥିରେ ଲିକ୍ୱିଡେଟରଙ୍କୁ ଲିକ୍ୱିଡେସନ ଏଷ୍ଟେଟରୁ ବାହାରେ ଥିବା ବକେୟାର ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏନସିଏଲଏଟି କର୍ମଚାରୀଙ୍କ ସେହି ଦାବି କୁ ଅସ୍ୱୀକାର କରିଦେଇଛନ୍ତି ଯେଉଁଥିରେ ଜାନୁୟାରୀରୁ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ବେତନ ବକେୟା ଲାଗି ଡେପୁଟି ଲେବର କମିଶନରଙ୍କ ଦ୍ୱାରା ଜାରି ରିକୋଭରି ସାର୍ଟିଫିକେଟକୁ ଲିକ୍ୱିଡେସନ ଏଷ୍ଟେଟରୁ ବାହାରେ ରଖିବାକୁ କୁହାଯାଇଥିଲା। ଏନସିଏଲଏଟି କହିଛନ୍ତି ଯେ କର୍ମଚାରୀଙ୍କ ଏହି ବେତନ ବକେୟା ଦାବିକୁ ବକେୟା ଉପରେ ଲାଗୁ ହେଉଥିବା ୱାଟରଫଲ ମେକେନିଜିମରେ ସମାଧାନ କରାଯିବା ଦରକାର।



# ଜାପାନରୁ ଆସିଲା ଅଧିକ ପୁଞ୍ଜି

**ଭୁବନେଶ୍ୱର,୧।୭:** ରାଜ୍ୟର ଇସ୍ପାତ ଶିଳ୍ପରେ ଜାପାନର ପୁଞ୍ଜିନିବେଶ ବୃଦ୍ଧି ପାଇଛି। ସମ୍ବଲପୁରରେ ଥିବା 'ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ କଳିଙ୍ଗ' ପ୍ରକଳ୍ପରେ ଜାପାନର ଜେଏଫ୍‌ଇ ଷ୍ଟିଲ୍ ଅତିରିକ୍ତ ୭,୮୭୫ କୋଟି ଟଙ୍କା ନିବେଶ କରି ଆଉ ୨୫ ପ୍ରତିଶତ ଅଂଶଧନ ହାସଲ କରିଛି। ଫଳରେ ଏହି ଯୌଥ ଉଦ୍ୟୋଗରେ ଉଭୟ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଓ ଜେଏଫ୍‌ଇ ଷ୍ଟିଲ୍‌ର ସମାନ ୫୦ ପ୍ରତିଶତ ଲେଖାଏଁ ଅଂଶଧନ ହୋଇଛି। 'ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ କଳିଙ୍ଗ'ରେ ୧୫,୭୫୦ କୋଟି ଟଙ୍କା ନିବେଶ କରିବାକୁ ଜେଏଫ୍‌ଇ ଷ୍ଟିଲ୍ ପୂର୍ବରୁ ଘୋଷଣା କରଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ କମ୍ପାନି ୭,୮୭୫ କୋଟି ଟଙ୍କା ନିବେଶ କରି ୨୫ ପ୍ରତିଶତ ଅଂଶଧନ ନେଇଥିଲା। ଚଳିତ ବର୍ଷ ମାର୍ଚ୍ଚରେ ସେହି କାରବାର ହୋଇଥିଲା। ଜୁନ ମାସରେ କମ୍ପାନି ଅବଶିଷ୍ଟ ୭,୮୭୫ କୋଟି ଟଙ୍କା ନିବେଶ କରିଛି। ସମ୍ବଲପୁର ସ୍ଥିତ ଭୂଷଣ ପାୱାର ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ (ବିପିଏସ୍‌ଏଲ୍)କୁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ୨୦୨୧ରେ ଅଧିଗ୍ରହଣ କରିଥିଲା। ଏହି ପ୍ରକଳ୍ପ ପାଇଁ ପରବର୍ତ୍ତୀ ସମୟରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଓ ଜେଏଫ୍‌ଇ ଷ୍ଟିଲ୍ ହାତ ମିଳାଇଥିଲେ। କାରଖାନାର ବାର୍ଷିକ ଉତ୍ପାଦନ କ୍ଷମତାକୁ ୪.୫ ନିୟୁତ ଟନ୍‌ରୁ ବଢ଼ାଇ ୧୦ ନିୟୁତ ଟନ୍ କରିବାକୁ ଉଭୟ ସଂସ୍ଥା ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ସେମାନେ ମିଳିତ ଭାବେ ୩୨ ହଜାର କୋଟି ଟଙ୍କା ନିବେଶ କରିବେ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ଗଞ୍ଜାମର ଗୋପାଳପୁରରେ ଏସିଏମ୍‌ଇ ଓ ଆଇଏଚ୍‌ଆଇ କର୍ପୋରେସନ ପକ୍ଷରୁ ସ୍ଥାପନ କରାଯାଉଥିବା ବାର୍ଷିକ ୪.୫ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଗ୍ରିନ୍ ଆମୋନିଆ ପ୍ରକଳ୍ପକୁ ଜାପାନ ସରକାର 'ପ୍ରାଇସ୍ ଗ୍ୟାପ୍ ସପୋର୍ଟ କାର୍ଯ୍ୟକ୍ରମ' ଅଧୀନରେ ଅନୁମୋଦନ କରିଛନ୍ତି। ଏହା ଅଧୀନରେ ୨,୨୮,୦୦୦ ଟନ୍ ଗ୍ରିନ ଆମୋନିଆ ଯୋଗାଣ ପାଇଁ ଜାପାନ ମୂଲ୍ୟ ସହାୟତା ପ୍ରଦାନ କରିବ। ୨୦୩୦ ସେପ୍ଟେମ୍ବର ପରଠାରୁ ୨୫ ବର୍ଷ ପାଇଁ ସେହି ସୁବିଧା ମିଳିବ। ସେହିପରି ଏହି କାରଖାନାର ଅତିରିକ୍ତ ୧,୭୭,୦୦୦ ଟନ୍ ଆମୋନିଆକୁ ଜାପାନ ଶକ୍ତି କ୍ଷେତ୍ର ପାଇଁ ନେବାକୁ ନିଷ୍ପତ୍ତି ନେଇଛି।

### ଟାଟାକୁ ମହଙ୍ଗା ପଡ଼ିବ ଡାଟା ଚୋରି

# ଆପଲ୍ ଆଇଫୋନ୍ ୧୮ ପ୍ରୋର ସପ୍ଲାୟର ଲିଷ୍ଟ, ପାର୍ଟସ୍ ଓ ଫଟୋ ଲିକ୍

**ନୂଆଦିଲ୍ଲୀ:** ଆମେରିକୀୟ କମ୍ପାନୀ ଆପଲର ଭାରତୀୟ ସପ୍ଲାୟର କମ୍ପାନୀ 'ଟାଟା ଇଲେକ୍ଟ୍ରୋନିକ୍ସ'ରୁ ଡାଟା ଚୋରି କରିଥିବା ରାନସମୱେୟାର ଗ୍ରୁପ୍ ଡାର୍କ ୱେବରେ କିଛି ଫାଇଲ୍ ପୋଷ୍ଟ କରିଛି। ଏହି ଫାଇଲଗୁଡ଼ିକରେ ଆପଲର ଆଗାମୀ ଆଇଫେନ୍ ୧୮ ପ୍ରୋ ମଡେଲର ସପ୍ଲାୟର ଏବଂ ପାର୍ଟସର ସମ୍ବେଦନଶୀଳ ତାଲିକା ସହିତ ଫଟୋ ରହିଥିବା ଜଣାପଡ଼ିଛି। ଆପଲ୍ ସାରା ବିଶ୍ୱର ବିଭିନ୍ନ ଯୋଗାଣକାରୀଙ୍କ ସହାୟତାରେ ଆଇଫୋନ୍ ତିଆରି କରେ। ଏହି ଲିକ ଆପଲର ବ୍ୟବସାୟକୁ ବିପଦରେ ପକାଇଛି। ଏହାଛଡ଼ା, ଟାଟା ସହ ଆପଲର ସମ୍ପର୍କକୁ ମଧ୍ୟ ଏହା ପ୍ରଭାବିତ କରିପାରେ, କାରଣ ଆପଲ୍ ଏହି ଯୋଗାଣକାରୀ ବ୍ୟବସ୍ଥାକୁ ଅତ୍ୟନ୍ତ ଗୋପନୀୟ ରଖିଥାଏ। ଏହି ତଥ୍ୟ ଲିକ ହେବା ଦ୍ୱାରା ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ, ନକଲି ଉତ୍ପାଦ ପ୍ରସ୍ତୁତକାରୀ ଏବଂ ଅନ୍ୟ ବିକ୍ରେତାମାନେ ଜାଣିପାରିବେ ଯେ କେଉଁ ପାର୍ଟସ୍ କିଏ ତିଆରି କରୁଛି। ଟାଟା ବର୍ତ୍ତମାନ ଆଇଫୋନ୍ ପାର୍ଟସ୍ ଯୋଗାଣ କରିବା ସହିତ ଏହାକୁ ଆସେମ୍ବଲ୍ (ଯୋଡ଼ିବା) ମଧ୍ୟ କରୁଛି। ଚୀନ୍ ବାହାରେ ଆପଲ୍ର ଅନ୍ୟତମ ପ୍ରମୁଖ ଉତ୍ପାଦନ ଭାବେ ଉଭା ହୋଇଛି। ହେଲେ ଏହି ଡାଟା ଲିକ୍ ଉଭୟ କମ୍ପାନୀ ମଧ୍ୟରେ ଫାଟ ସୃଷ୍ଟି କରିପାରେ।ରିପୋର୍ଟ ଅନୁଯାୟୀ, ଆପଲ୍ ସେପ୍ଟେମ୍ବର ମାସରେ ଆଇଫୋନ୍ ୧୮ ପ୍ରୋ ଏବଂ ପ୍ରୋ ମ୍ୟାକ୍ସ ରିଲିଜ୍ କରିବାର ଯୋଜନା ରଖିଛି। ତେଣୁ ବର୍ତ୍ତମାନ ସମୟରେ ଏଭଳି ସମ୍ବେଦନଶୀଳ ଡାଟା ଲିକ୍ ହେବା ଆପଲ୍ ପାଇଁ ନିଶ୍ଚିତ ପକ୍ଷେ ଚିନ୍ତାର ବିଷୟ। ଗତ ସପ୍ତାହରେ ମେମୋରୀ ଏବଂ ଷ୍ଟୋରେଜ୍ ଚିପର ମୂଲ୍ୟ ବୃଦ୍ଧି ହେତୁ ଆପଲ୍ ଆଇପ୍ୟାଡ୍ ଏବଂ ମ୍ୟାକବୁକ୍ ର ଦାମ୍ ବଢ଼ାଇଥିଲା ଏବଂ ବିଶ୍ଳେଷକମାନେ ଆଶା କରୁଛନ୍ତି ଯେ ଆଗାମୀ ମାସଗୁଡ଼ିକରେ ଆପଲ୍ ଆଇଫୋନର ଦାମ୍ ମଧ୍ୟ ବଢ଼ାଇପାରେ। ରଏଟର୍ସ ପୂର୍ବରୁ ରିପୋର୍ଟ କରିଥିଲା ଯେ 'ୱାର୍ଲ୍ଡ ଲିକ୍ସ' ନାମକ ଗ୍ରୁପ୍ ଟାଟା ଇଲେକ୍ଟ୍ରୋନିକ୍ସରୁ ୨୦୦,୦୦୦ ରୁ ଅଧିକ ଫାଇଲ୍ ଡାର୍କ ୱେବରେ ଲିକ କରିଛି। ଏଥିରେ ପୁରୁଣା ଆଇଫୋନ୍ ଏବଂ ଟେସଲାର କିଛି ପାର୍ଟସର ଡିଜାଇନ୍ କାଗଜପତ୍ର ମଧ୍ୟ ରହିଛି। ଏମାନେ ସମସ୍ତେ ଟାଟାର ଗ୍ରାହକ।



# ସୁସ୍ୱାଦୁ ଆମ୍ବକୁ ସାରା ଭାରତରେ ପହଞ୍ଚାଇବାରେ ସହାୟକ ହୋଇଛି ଜିଓଏୟାରଫାଇବର

**ଭୁବନେଶ୍ୱର,୧।୭:** ଓଡ଼ିଶାର ଢେଙ୍କାନାଳ ଜିଲ୍ଲାର କପିଳାଶ ପର୍ବତମାଳାର ପାଦଦେଶରେ ୩୦ ଏକର ପରିବ୍ୟାପ୍ତ ଶ୍ରୀ ଦତ୍ତାତ୍ରେୟ ସାଇ ଆଶ୍ରମର ଶାନ୍ତ ପରିବେଶରେ ରହିଛି ଏକ ମନ୍ଦିର, ଦେଶୀ ଗିର୍ ଗାଈଙ୍କ ଏକ ଗୋଶାଳା ଏବଂ ଜୈବିକ ଉପାୟରେ ଚାଷ ହେଉଥିବା ୩୦ରୁ ଅଧିକ ଲୋକପ୍ରିୟ ଆମ୍ବ କିସମର ଏକ ବିଶାଳ ଆମ୍ବ ବଗିଚା। ଜଙ୍ଗଲ ଘେରି ରହିଥିବା ପାହାଡ଼ ପାଦଦେଶର ଏହି ଆଶ୍ରମ ପାଇଁ ନିର୍ଭରଯୋଗ୍ୟ ଯୋଗାଯୋଗ ସାଧନ ବିନା ବାହାର ଅଞ୍ଚଳର ଲୋକଙ୍କ ସଂଗେ ଯୋଗାଯୋଗ କରିବା କଷ୍ଟକର ରହିଥିଲା। କିନ୍ତୁ ଏବେ, ସେହି ସ୍ଥିତିରେ ପରିବର୍ତ୍ତନ ଆସିଛି। ଜିଓଏୟାରଫାଇବରର ହାଇ-ସ୍ପିଡ୍ ଡିଜିଟାଲ୍ ସଂଯୋଗ ଜରିଆରେ ପାହାଡ଼ିଆ ଅଂଚଳରେ ରହିଥିବା ଏହି ଆଶ୍ରମର ଡିଜିଟାଲ୍ ବୈଷମ୍ୟକୁ ଦୂର କରିଛି ଏବଂ ଏହାର କାର୍ଯ୍ୟ ପରିସରକୁ ଆଗକୁ ବଢ଼ାଇ ଭାରତର ୧୦ ରୁ ଅଧିକ ରାଜ୍ୟକୁ ଏହାର ଜୈବିକ ଉପାୟରେ ଚାଷ କରାଯାଇଥିବା ସୁସ୍ୱାଦୁ ଆମ୍ବ ପଠାଇବାରେ ସକ୍ଷମ ହୋଇଛି। ୨୦୦୨ ମସିହାରେ ପ୍ରତିଷ୍ଠିତ ଏହି ଆଶ୍ରମର କୃଷି ଯାତ୍ରା ମନ୍ଦିରର ଦୈନିକ ଅର୍ଥ ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଥିଲା ଏବଂ ଟ୍ରଷ୍ଟ ପକ୍ଷରୁ ହଜାର ହଜାର ଫଳ ଏବଂ ଫୁଲ ଗଛ ଲଗାଯାଇଥିଲା। କପିଳାଶ ବନାଞ୍ଚଳର ସମୃଦ୍ଧ ତଥା ପ୍ରାକୃତିକ ମାଟି ଗୁଣବତ୍ତା ଏବଂ ସମ୍ପୂର୍ଣ୍ଣ ଜୈବିକ ଖତ ବ୍ୟବହାର କରି, ଆଶ୍ରମ ପକ୍ଷରୁ ଆମ୍ରପାଲି, କେଶର, ଦଶେରୀ, ଲଙ୍ଗଡ଼ା, ଚୌସା, ମଲ୍ଲିକା ଏବଂ ଆଲଫୋନ୍ସୋ ଭଳି ଲୋକପ୍ରିୟ ଆମ୍ବ ଉତ୍ପାଦନ ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ଭାବରେ ଆଶ୍ରମ କେବଳ ନିକଟସ୍ଥ ବ୍ୟବସାୟୀଙ୍କ ଉପରେ ନିର୍ଭର କରୁଥିଲା ଏବଂ ଭରସାଯୋଗ୍ୟ ଇଣ୍ଟରନେଟ୍ ସଂଯୋଗର ଅଭାବ ଯୋଗୁଁ ବ୍ୟବସାୟକୁ ବୃଦ୍ଧି କରିବା ସୀମିତ ରହିଥିଲା, କାରଣ ଦୂରଦୁରାନ୍ତର ବଡ଼ ସହରଗୁଡ଼ିକରେ କ୍ରେତାମାନଙ୍କ ସହିତ ବାସ୍ତବ-ସମୟ ସମନ୍ୱୟ ପ୍ରାୟ ଅସମ୍ଭବ ଥିଲା।




# ରାଜୀବ କୁମାର ଏଚ୍‌ଡିଏଫ୍‌ସି ନୂଆ ଚେୟାରମ୍ୟାନ୍




**ମୁମ୍ବାଇ,୧।୭:** ନିର୍ବାଚନ ମଇଦାନରେ ସଫଳତାର ସହ ଦାୟିତ୍ୱ ତୁଲାଇବା ପରେ ଏବେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଏକ ବଡ଼ ଭୂମିକାରେ ନଜର ଆସିବେ ଦେଶର ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର । ଦେଶର ପ୍ରମୁଖ ବେସରକାରୀ ବ୍ୟାଙ୍କ ଏଚ୍‌ଡିଏଫ୍‌ସି ନିଜର ନୂତନ ଚେୟାରମ୍ୟାନ୍ ନିଯୁକ୍ତି କରିଛି । ବ୍ୟାଙ୍କ ବୋର୍ଡ ପୂର୍ବତନ ସିଇସି (ସିଇସି) ରାଜୀବ କୁମାରଙ୍କୁ ନୂଆ ଚେୟାରମ୍ୟାନ୍ ଭାବେ ନିଯୁକ୍ତ କରିବାକୁ ଘୋଷଣା କରିଛି । ଏବେ କେବଳ ଆରବିଆଇର ମଞ୍ଜୁରୀକୁ ଅପେକ୍ଷା କରାଯାଇଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ନିୟାମକ ସୂଚନା ଅନୁଯାୟୀ, ବୋର୍ଡ ଅଫ୍ ଡିରେକ୍ଟର୍ସ ରାଜୀବ କୁମାରଙ୍କୁ ୪ ବର୍ଷ ପାଇଁ ବ୍ୟାଙ୍କର ଇଣ୍ଡିପେଣ୍ଡେଡ୍ ଡିରେକ୍ଟର ଭାବେ ନିଯୁକ୍ତି ଦେଇଛନ୍ତି । ଏହି ନିଯୁକ୍ତି ୩୦ ଜୁନ୍, ୨୦୨ ରୁ କାର୍ଯ୍ୟକାରୀ ହେବ । ଆରବିଆଇର ସବୁଜ ସଙ୍କେତ ମିଳିବା ପରେ ତାଙ୍କୁ ୩ ବର୍ଷ ପାଇଁ ବ୍ୟାଙ୍କର ପାର୍ଟ-ଟାଇମ୍ ଚେୟାରମ୍ୟାନ୍ କରାଯିବ । ସୂଚନାଯୋଗ୍ୟ ଯେ, ୧୯୮୪ ବ୍ୟାଚ୍‌ର ଏହି ପୂର୍ବତନ ଆଇଏସ୍ ଅଫିସର ତଥା ପୂର୍ବତନ ଆର୍ଥିକ ସଚିବ ଦେଶର ୨୫ତମ ମୁଖ୍ୟ ନିର୍ବାଚନ କମିଶନର ଭାବେ କାର୍ଯ୍ୟ କରିସାରିଛନ୍ତି । ରାଜୀବ କୁମାର ବ୍ୟାଙ୍କର ପୂର୍ବତନ ଚେୟାରମ୍ୟାନ୍ ଅତନୁ ଚକ୍ରବର୍ତ୍ତୀଙ୍କ ସ୍ଥାନ ନେବେ । ଅତନୁ ଚକ୍ରବର୍ତ୍ତୀ ଗତ ମାର୍ଚ୍ଚ ମାସରେ କିଛି ନୈତିକ ଚିନ୍ତାଧାରା ଦର୍ଶାଇ ହଠାତ୍ ନିଜ ପଦରୁ ଇସ୍ତଫା ଦେଇଥିଲେ । ଅନ୍ୟପଟେ, ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମ୍ୟାନେଜିଂ ଡାଇରେକ୍ଟର (ଏମଡି) ଏବଂ ସିଇଓ ଶଶିଧର ଜଗଦୀଶନଙ୍କ କାର୍ଯ୍ୟକାଳ ଆସନ୍ତା ୨୬ ଅକ୍ଟୋବର, ୨୦୨ ରେ ଶେଷ ହେବାକୁ ଯାଉଛି । ଆଇନଗତ ସମୀକ୍ଷା ଓ କ୍ଲିନ୍ ଚିଟ୍ ମିଳିବା ପରେ, ବୋର୍ଡ ପକ୍ଷରୁ ଜଗଦୀଶନଙ୍କୁ ତୃତୀୟ କାର୍ଯ୍ୟକାଳ ପାଇଁ ଆରବିଆଇ ନିକଟକୁ ସୁପାରିଶ କରାଯିବାର ସମ୍ଭାବନା ରହିଛି । ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ୨୦୧୭ ରୁ ୨୦୨୦ ମଧ୍ୟରେ ଯେତେବେଳେ ଆର୍ଥିକ ସେବା ବିଭାଗର ସଚିବ ଭାବେ ରାଜୀବ କୁମାର ଦାୟିତ୍ୱ ତୁଲାଉଥିଲେ, ସେତେବେଳେ ସରକାରୀ ବ୍ୟାଙ୍କଗୁଡ଼ିକ ଏନପିଏ, ପୁଞ୍ଜିର ଅଭାବ ଏବଂ ଅନେକ ବଡ଼ ଘୋଟାଲା ଭଳି ସଙ୍କଟ ଦେଇ ଗତି କରୁଥିଲେ । ନିଜର ଦୃଢ଼ ନୀତି ଯୋଗୁଁ ସେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବଡ଼ ସଂସ୍କାର ଆଣିଥିଲେ । ଦାୟିତ୍ୱ ନେବାର ମାତ୍ର ୨ ସପ୍ତାହ ମଧ୍ୟରେ ପ୍ରାୟ ୩.୩୮ ଲକ୍ଷ ଶେଲ୍ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଦେଇଥିଲେ । ଏହା ସହ ଠକେଇ ରୋକିବା ପାଇଁ ୨୦୧୯' ପାସ୍ କରାଇଥିଲେ । ଋଣ ନେଇ ସୁଝୁନଥିବା ବଡ଼ ବଡ଼ ବ୍ୟବସାୟୀଙ୍କ ଉପରେ 'ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍'(ଆଇବିସି) ଆଧାରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ୫୦ କୋଟି ବା ତା'ଠାରୁ ଅଧିକ ଋଣ ନେଉଥିବା ବ୍ୟକ୍ତିଙ୍କ ପାଇଁ ପାସପୋର୍ଟ ସୂଚନା ବାଧ୍ୟତାମୂଳକ କରିଥିଲେ, ଯେପରି କେହି ଦେଶ ଛାଡ଼ି ପଳାଇ ନପାରିବେ । ଦେଶର ୨୭ଟି ପବ୍ଲିକ ସେକ୍ଟର ବ୍ୟାଙ୍କକୁ ମିଶ୍ରଣ କରି ୧୨ଟି ଶକ୍ତିଶାଳୀ ବ୍ୟାଙ୍କରେ ପରିଣତ କରିବାରେ ସେ ପ୍ରମୁଖ ନେତୃତ୍ୱ ନେଇଥିଲେ । ଏଥିସହ ସରକାରୀ ବ୍ୟାଙ୍କଗୁଡ଼ିକରେ ୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ କରାଇ ସେଗୁଡ଼ିକୁ ଆର୍ଥିକ ରୂପେ ମଜବୁତ କରିଥିଲେ । ରାଜୀବ କୁମାର ପୂର୍ବରୁ ଆରବିଆଇ ସେଣ୍ଟ୍ରାଲ ବୋର୍ଡ, ଏସବିଆଇ ଏବଂ ନାବାର୍ଡ ବୋର୍ଡର ମଧ୍ୟ ସଦସ୍ୟ ରହି ସାରିଛନ୍ତି । ଏଭଳି ପରିସ୍ଥିତିରେ ତାଙ୍କର ଏହି ବିଶାଳ ଅଭିଜ୍ଞତା ଆଗାମୀ ଦିନରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ ଏକ ନୂଆ ଶିଖରକୁ ନେବ ବୋଲି ଆଶା କରାଯାଉଛି ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୦,୭୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୯,୦୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୦,୭୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୨୯,୦୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୦,୭୮୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୨୯,୦୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୦,୯୩୦ ଟଙ୍କା ଓ ୨୨ କ୍ୟାରଟେ ୧,୨୯,୨୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୨,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୧,୦୦୦ ଟଙ୍କା ରହିଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

ଭୁବନେଶ୍ୱର ଗୁରୁବାର ୨ ଜୁଲାଇ ୨୦୨୬ ସଂଚାର THE SANCHAR

# ଅସ୍ତରଙ୍ଗ ହାଟରେ ନାହିଁ ମୌଳିକ ସୁବିଧା

## ଲାଇଟ୍, ଶୌଚାଳୟ ଓ ପିଇବା ପାଣିର ନାହିଁ ସୁବିଧା

## ନିଲାମଧାରୀ ପଇସା ନେଉଛି, ଜେନେରେଟର ଭଡ଼ା ଗଣୁଛନ୍ତି ବ୍ୟବସାୟୀ

**କାକଟପୁର/ଅସ୍ତରଙ୍ଗ,୧୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାରରେ ବସୁଥିବା ସାପ୍ତାହିକ ହାଟ ସ୍ଥାନୀୟ ଅଞ୍ଚଳର ୧୫ ଗୋଟି ପଞ୍ଚାୟତ ସମେତ ଆଖପାଖ ବ୍ଲକର ହଜାର ହଜାର ଲୋକଙ୍କ ଜୀବନରେଖା। ସପ୍ତାହକୁ ଶନିବାର ଓ ମଙ୍ଗଳବାର ଦିନ ଏଠି ଭିଡ ଜମେ। କିନ୍ତୁ ହାଟରୁ ପଞ୍ଚାୟତର ରାଜସ୍ୱ ବୃଦ୍ଧି ପାଉଥିବା ବେଳେ ବ୍ୟବସାୟୀଙ୍କ ଅସୁବିଧା ଦିନକୁ ଦିନ ବଢ଼ି ଚାଲିଛି।

ଅନେକ ବ୍ୟବସାୟୀ ନାମ ଗୋପନ ରଖିବା ସର୍ତରେ କହିଛନ୍ତି- "ନିଲାମଧାରୀ ଆମଠୁ ପଇସା ନେଉଛନ୍ତି। ପ୍ରତି ହାଟ ପାଳି ୨୦ରୁ ୪୦ ଟଙ୍କା ଦେଉଛୁ। କିନ୍ତୁ ସନ୍ଧ୍ୟା ୬ଟା ପରେ ହାଟରେ ବ୍ୟବସାୟୀଙ୍କ ପାଇଁ ଗୋଟିଏ ମଧ୍ୟ ଲାଇଟ୍ ନାହିଁ। ଅନ୍ଧାରରେ କିଏ କ'ଣ ନେଇଯିବ ଭୟ। ବାଧ୍ୟ ହୋଇ ନିଜ ପଇସାରେ ଜେନେରେଟର ଆଣିକି ଆସୁଥିବା ବ୍ୟକ୍ତିକୁ ଭଡା ଗଣୁଛୁ। ସନ୍ଧ୍ୟାରେ ୩ରୁ ୪ଘଣ୍ଟା ପାଇଁ ଜେନେରେଟର ଭଡା ବାବଦକୁ ପୁନର୍ବାର ୧୦ରୁ ୨୦ଟଙ୍କା ଦେଉଛୁ। ମୋଟ ପ୍ରତି ହାଟ ପାଳିରେ ୫୦ରୁ ୭୦ ଟଙ୍କା ଖର୍ଚ୍ଚ। ରାଜସ୍ୱ ଯାଉଛି କୁଆଡେ?"

ଅସ୍ତରଙ୍ଗ ସ୍ଥିତ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ସାମ୍ନାରୁ ଆରମ୍ଭ କରି ରାସ୍ତାର ଉଭୟ ପାର୍ଶ୍ୱରେ ପନିପରିବା, ବିସ୍କୁଟ, ପ୍ଲାଷ୍ଟିକ ବ୍ୟବସାୟୀ ବସୁଛନ୍ତି। ଫଳରେ ମୁଖ୍ୟ ରାସ୍ତା ସଂକୁଚିତ ହୋଇ ଗାଡି, ଆମ୍ବୁଲାନ୍ସ, ସ୍କୁଲ ଗାଡି ଫସି ରହୁଛି। ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ଅଧଘଣ୍ଟା ଅଟକି ରହିବା ଘଟଣା ସାଧାରଣ ହୋଇଗଲାଣି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ, ଅସ୍ତରଙ୍ଗ ଥାନା ପୁଲିସ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ହାଟ ଦିନ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୁଲିସ ମୁତୟନ ହେଉନାହାନ୍ତି। ଯଦି କେତେବେଳେ ଗଣମାଧ୍ୟମରେ ଖବର ପ୍ରକାଶିତ ହୁଏ, କାଁ-ଭାଁ ଜଣେ ହୋମଗାର୍ଡଙ୍କୁ ଠିଆ କରି କାମ ସାରି ଦେଉଛନ୍ତି।

ସବୁଠାରୁ ଦୁଃଖର କଥା, ହାଟକୁ ଆସୁଥିବା ଶହ ଶହ ବ୍ୟବସାୟୀ ଓ ଗ୍ରାହକଙ୍କ ପାଇଁ ଗୋଟିଏ ବି ସ୍ଥାୟୀ ଶୌଚାଳୟ ନାହିଁ। ଭଲ ପାନୀୟ ଜଳ ପିଇବା ପାଇଁ ବି କୌଣସି ବନ୍ଦୋବସ୍ତ ନାହିଁ। ମହିଳା ବ୍ୟବସାୟୀ ଓ ଗ୍ରାହକ ସବୁଠୁ ଅଧିକ ହଇରାଣ ହେଉଛନ୍ତି।

ସ୍ଥାନୀୟ ଜନତାଙ୍କ ଦାବି, ତୁରନ୍ତ ହାଟ ପରିସରରେ ବ୍ୟବସାୟୀଙ୍କ ପାଇଁ ସ୍ଥାୟୀ ହାଇମାକ୍ସ ଲାଇଟ୍ ଲାଗୁ। ରାସ୍ତା ଉପରୁ ବ୍ୟବସାୟୀ ହଟାଇ ନିର୍ଦ୍ଦିଷ୍ଟ ସ୍ଥାନରେ ବସିବା ବ୍ୟବସ୍ଥା ହେଉ। ହାଟ ଦିନ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୁଲିସ ଓ ପାଟ୍ରୋଲିଂ ବାଧ୍ୟତାମୂଳକ ହେଉ। ନିଲାମ ଟଙ୍କାର ହିସାବ ସାର୍ବଜନୀନ ହେଉ। ବ୍ୟବସାୟୀଙ୍କ ପାଇଁ ସ୍ୱଚ୍ଛ ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା ହେଉ।

ଯଦି ୭ଦିନ ଭିତରେ ପ୍ରଶାସନ ପଦକ୍ଷେପ ନ ନିଏ, ହାଟକୁ ଆସୁଥିବା ବ୍ୟବସାୟୀ ହାଟ ବନ୍ଦ କରି ରାସ୍ତା ରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**କୋରେଇ,୧।୭ (ସଂଚାର ବ୍ୟୁରୋ):** କୋରେଇ ବ୍ଲକ୍ ଅନ୍ତର୍ଗତ ଖମଣ ପଂଚାୟତର ନାଉଡପୁର ଗ୍ରାମରେ ଅବସ୍ଥିତ ସିଦ୍ଧ ମହାପୁରୁଷ କାହ୍ନୁଗୋସ୍ୱାମୀ ପୀଠ ସ୍ଥଳୀରେ ପୂଜା ପାଉଥିବା ଦଧିବାମନ ଜୀଉଙ୍କର ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିବସରେ ସକାଳ ଛଅ ଘଟିକା ଠାରୁ କାୟା ସୁଧି ଅଧିବାସ ଅଙ୍କୁର, ରୋପଣ, ଜଳ ଯାତ୍ରା, ଧାନ୍ୟାଧି ଓ କାରୁ କର୍ମଶାଳ ଦ୍ୱିତୀୟ ଦିବସରେ ଗୋପୂଜା, ସୂର୍ଯ୍ୟ ପୂଜା, ଯଜ୍ଞ ଶାଳାସଂସ୍କାର, ଅଗ୍ନି ସ୍ଥାପନ, ପ୍ରଭୁଙ୍କର ନଗରପରିକ୍ରମା, ମହାସ୍ନାନ, ଶୟନ, ନ୍ୟାସ, ମନ୍ଦିର ପ୍ରବେଶ, ନବଯୌବନ ଦର୍ଶନ ଓ ପୂର୍ଣ୍ଣାହୁତି ଅପରାହ୍ନ ଚାରି ଘଟିକାରେ ପ୍ରସାଦ ସେବନ ଯଥାବିଧି ଅନୁସାରେ ଅନୁଷ୍ଠିତ ହୋଇଯାଇଛି।

ଏହି ପ୍ରତିଷ୍ଠା ଉତ୍ସବରେ ପ୍ରଚାରକ ପଣ୍ଡିତ ଲକ୍ଷ୍ମୀଧର ଅଧିକାରୀ, ଅନିଲ କୁମାର ପଣ୍ଡା,ଗୋପୀନାଥ ପଣ୍ଡା,ବ୍ରହ୍ମାନନ୍ଦ ଦାସ, ଅଭିମନ୍ୟୁ ପଣ୍ଡା,ଶୁଭଙ୍କର ପଣ୍ଡା ପୂଜା ଅର୍ଚ୍ଚନା କରିଥିଲେ । ପୂଜକ ଅନନ୍ତ ଚରଣ ଅଧିକାରୀ, ଭିକାରୀ ଚରଣ ଅଧିକାରୀ ମଣି ଚରଣ ପଣ୍ଡା, ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଭାବରେ ମଣି ଚରଣ ପଣ୍ଡା ତାଙ୍କ ସହ ଧର୍ମଣୀ ସଂଯୁଲତା ପଣ୍ଡା, ନିତ୍ୟାନନ୍ଦ ବେହେରା ତାଙ୍କ ସହ ଧର୍ମଣୀ ସୁରେଖା ବେହେରା ହୋଇଥିଲେ ନାପିତ ରମେଶ ବାରିକ ପୂଜା ଅର୍ଚ୍ଚନାରେ ସହ ଯୋଗ କରିଥିଲେ ।

# ସୋଆ କ୍ୟାମ୍ପସ୍-୨ ପରିସରରେ ପଞ୍ଜାବ ନ୍ୟାସ୍‌ନାଲ୍ ବ୍ୟାଙ୍କ୍‌ର ନୂତନ ଶାଖା ଉଦ୍‌ଘାଟିତ




**ଭୁବନେଶ୍ୱର, ୧।୭ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍-୨ ପରିସରରେ ବୁଧବାର ପଞ୍ଜାବ ନ୍ୟାସ୍‌ନାଲ୍ ବ୍ୟାଙ୍କ ପକ୍ଷରୁ ସମ୍ ହସ୍ପିଟାଲ ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି।

ଏହି ନୂତନ ଶାଖାକୁ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଉଦ୍‌ଘାଟିତ କରିଥିଲେ। ଏହି ଅବସରରେ ପଞ୍ଜାବ ନ୍ୟାସ୍‌ନାଲ୍ ବ୍ୟାଙ୍କ ଭୁବନେଶ୍ୱର ଶାଖାର ଜୋନାଲ୍ ମ୍ୟାନେଜର ଶ୍ରୀ ଭୂଷଣ ଶର୍ମା, ସର୍କଲ୍ ହେଡ୍ ଶ୍ରୀ ରମେଶ କୁମାର ସାମଲ ଓ ବ୍ରାଞ୍ଚ ହେଡ୍ ଶ୍ରୀ ତପନ କୁମାର ମୁଣ୍ଡା ଉପସ୍ଥିତ ଥିଲେ।

ଏହି ଅବସରରେ ସୋଆର ଚାଟାର୍ଡ ଆକାଉଟାଂଟ ସରୋଜକାନ୍ତ ସାମଲ୍, ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ପଞ୍ଜାବ ନ୍ୟାସ୍‌ନାଲ୍ ବ୍ୟାଙ୍କର ଅନ୍ୟାନ୍ୟ କର୍ମକର୍ତାମାନେ ଉପସ୍ଥିତ ଥିଲେ। ଏହି ଶାଖା ଦ୍ୱାରା ସୋଆର ଛାତ୍ରଛାତ୍ରୀ, ସମ୍‌ର କର୍ମଚାରୀ ଓ ହସ୍ପିଟାଲକୁ ଆସୁଥିବା ରୋଗୀମାନେ ବେଶ୍ ଉପକୃତ ହୋଇପାରିବ।

# ସାମାନ୍ୟ ବର୍ଷାରେ ରାସ୍ତାରେ ଜମୁଛି ଆଣ୍ଠୁଏ ପାଣି

## ନୀରବଦ୍ରଷ୍ଟା ସାଜିଛି ପୂର୍ତ୍ତ ବିଭାଗ

## ଫସୁଛି ଆମ୍ବୁଲାନ୍ସ, ରୋଗୀ ହନ୍ତସନ୍ତ



**କାକଟପୁର/ଅସ୍ତରଙ୍ଗ, ୧।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର-ଅସ୍ତରଙ୍ଗ ମୁଖ୍ୟ ରାସ୍ତା ଆଜି ଜଳବନ୍ଦୀ। ସାମାନ୍ୟ ବର୍ଷା ହେଲେ କାକଟପୁର ମେଡିକାଲ ସାମ୍ନାରୁ ଆରମ୍ଭ କରି କଟକଣା ପଞ୍ଚାୟତ ଅଧୀନ ମାର୍କେଟ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ଆଣ୍ଠୁଏ ପାଣି ଜମି ରହୁଛି। ଫଳରେ ସ୍କୁଲ ପିଲା, ରୋଗୀ, ବୟସ୍କ ଓ ଦୈନିକ ହଜାର ହଜାର ଯାତ୍ରୀ ନର୍କ ଯନ୍ତ୍ରଣା ଭୋଗୁଛନ୍ତି।

ସ୍ଥାନୀୟ ଅଭିଯୋଗ ଅନୁସାରେ, ମାର୍କେଟ କମ୍ପ୍ଲେକ୍ସ ସାମ୍ନାରେ ବିଭିନ୍ନ ବ୍ୟବସାୟୀ ରାସ୍ତା ଉପରେ ରଡ଼, ବାଲି, ଗୋଡ଼ି ଓ ନିର୍ମାଣ ସାମଗ୍ରୀ ଗଦା କରି ବ୍ୟବସାୟ ଚଳାଇଛନ୍ତି। ଏସବୁ ଯୋଗୁଁ ପାଣି ନିଷ୍କାସନ ପାଇଁ ବାଧକ ସାଜୁଛି। ଫଳରେ ୧୦ ମିନିଟ୍ ବର୍ଷାରେ ରାସ୍ତା ପୋଖରୀ ପାଲଟୁଛି।

କାକଟପୁର ସ୍ୱାସ୍ଥ୍ୟ କେନ୍ଦ୍ର ସାମ୍ନାରେ ବର୍ଷା ହେବାରୁ ପ୍ରତିଦିନ ପାଣି ଜମୁଥିବାରୁ ଆମ୍ବୁଲାନ୍ସ ଫସିଯାଉଛି। ରୋଗୀଙ୍କୁ ଯାତାୟାତ କରିବାକୁ କଷ୍ଟକର ହେଉଛି। ଗର୍ଭବତୀ ମହିଳା ଓ ହୃଦରୋଗୀ ସବୁଠୁ ଅଧିକ ହଇରାଣ। ସ୍ଥାନୀୟ ବାସିନ୍ଦା ସୁଧୀର ସାହୁ କୁହନ୍ତି, "ଜରୁରୀ ରୋଗୀ ଆସିଲେ ଡର ଲାଗେ। ପାଣି ଭିତରେ ଗାଡି ଖରାପ ହେଲେ କିଏ ଦାୟୀ?"

ବାରମ୍ବାର ଅଭିଯୋଗ ସତ୍ତ୍ୱେ କଟକଣା ପଞ୍ଚାୟତ କିମ୍ବା ପୂର୍ତ୍ତ ବିଭାଗ କୌଣସି ପଦକ୍ଷେପ ନେଉନାହାନ୍ତି। ରାସ୍ତା ଉପରୁ ଜବରଦଖଲ ହଟାଇବା ପାଇଁ ନୋଟିସ୍ ବି ଦିଆଯାଉନାହିଁ। ବ୍ୟବସାୟୀମାନେ ନିର୍ଭୟରେ ରାସ୍ତାକୁ ଗୋଦାମ କରିଛନ୍ତି।

ସ୍ଥାନୀୟ ଜନତାଙ୍କ ଦାବି ତୁରନ୍ତ ରାସ୍ତା ଉପରୁ ସମସ୍ତ ରଡ଼-ଗୋଡ଼ି ହଟାଯାଉ। ବନ୍ଦ ଡ୍ରେନ୍ ଖୋଲାଯାଇ ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା ହେଉ। ମେଡିକାଲ ସାମ୍ନାକୁ 'ନୋ ପାର୍କିଂ, ଘୋଷଣା କରାଯାଉ। ଜବରଦଖଲକାରୀ ବ୍ୟବସାୟୀଙ୍କ ଉପରେ ଜୋରିମାନା ଲାଗୁ ହେଉ। ଯଦି ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନହୁଏ, ସ୍ଥାନୀୟ ଯୁବକ ସଂଘ ରାସ୍ତା ରୋକ କରିବ ବୋଲି ଚେତାବନୀ ଦେଇଛି।

# ଜାତୀୟ ବିଦ୍ୟୁତ ନିରାପତ୍ତା ସପ୍ତାହ ପାଳିତ



**ନୀଳଗିରି,୧।୭ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ତରତରୀ ବାଳିକା ବିଦ୍ୟାନିକେତନ ପରିସରରେ ଆଜି ପୂର୍ବାହ୍ନରେ ଜାତୀୟ ବିଦ୍ୟୁତ ନିରାପତ୍ତା ସପ୍ତାହ -୨୦୨୬ ପାଳନ ହୋଇଥିଲା।

ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ବିଦ୍ୟୁତ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ ସୂର୍ଯ୍ୟମଣି ସାହୁ, ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ବିଦ୍ୟୁତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ ପ୍ରଦୀପ କୁମାର ମାଝୀ, ସମ୍ମାନୀତ ଅତିଥି ଭାବେ ବାଲେଶ୍ୱର ବିଦ୍ୟୁତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଇଂ ତପନ କୁମାର ନାଏକ, ଯୋଗଦାନ କରି ବିଦ୍ୟୁତ ଦୁର୍ଘଟଣାର କାରଣ ଓ ନିରାକରଣ ସମ୍ପର୍କରେ ସଚେତନତା ବାର୍ତ୍ତା ଦେବା ସହିତ ସ୍ମାର୍ଟ ବୋର୍ଡ଼ ବ୍ୟବହାର ଉପକାରୀ ବିଷୟରେ ଭିଡ଼ିଓ ପ୍ରଦର୍ଶନ କରିଥିଲେ।

ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକାଶ ରଞ୍ଜନ ଜେନା, ସଭାପତି ନିତ୍ୟାନନ୍ଦ ବେହେରା, ପିଠାହୋତା ପଞ୍ଚାୟତର ସମିତିସଭ୍ୟ ପ୍ରଭାକର ବୁଗୁଡ଼ାଇ, ପରିଚାଳନା କମିଟି ର ସମସ୍ତ ସଦସ୍ୟ ସଦସ୍ୟା, ଅଭିଭାବକ ଅଭିଭାବିକା, ଗ୍ରାମବାସୀ, ସମସ୍ତ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ଅଣ ଶିକ୍ଷକ କର୍ମଚାରୀ ଏବଂ ଛାତ୍ରୀ ମାନେ ଉପସ୍ଥିତ ଥିଲେ।

# ବେଳବଣ ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ବାଲିକୁଦା,୧।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ସଂଗ୍ରାମପୁର ଗ୍ରାମ ପଞ୍ଚାୟତର ବେଳବଣ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମହାନ୍ତି ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ବନଲତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି ଶ୍ରୀ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ସ୍ମାରକୀ ପ୍ରଦାନ କରି ସମ୍ମାନିତ କରିଥିଲେ। ବକ୍ତାମାନେ ତାଙ୍କର ଦୀର୍ଘ ଶିକ୍ଷକତା ଜୀବନର ଅବଦାନ, ନିଷ୍ଠା ଓ କର୍ତ୍ତବ୍ୟପରାୟଣତାର ଉଚ୍ଚ ପ୍ରଶଂସା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବନଲତା ପଣ୍ଡା କହିଥିଲେ ଯେ, ଶ୍ରୀ ମହାନ୍ତିଙ୍କ ତ୍ୟାଗ, ନିଷ୍ଠା, ଶୃଙ୍ଖଳା ଓ ଛାତ୍ରଛାତ୍ରୀଙ୍କ ପ୍ରତି ଅପାର ସ୍ନେହ ସଦାସର୍ବଦା ସ୍ମରଣୀୟ ହୋଇ ରହିବ। ତାଙ୍କ ଅବସର ଗ୍ରହଣ ସହିତ ବେଳବଣ ହାଇସ୍କୁଲ ଜଣେ ଦକ୍ଷ, ଅଭିଜ୍ଞ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକଙ୍କୁ ହରାଇଛି ବୋଲି ସହକର୍ମୀ ଶିକ୍ଷକମାନେ ମତ ପ୍ରକାଶ କରିଥିଲେ।

# ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ କୋରାପୁଟରେ ସ୍ୱାସ୍ଥ୍ୟସେବା ପ୍ରଭାବିତ




**କୋରାପୁଟ,୧।୭ (ସଂଚାର ବ୍ୟୁରୋ):** ରାଜ୍ୟବ୍ୟାପୀ ସରକାରୀ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନର ପ୍ରଭାବ କୋରାପୁଟ ଜିଲ୍ଲାରେ ମଧ୍ୟ ପଡ଼ିଛି। ଜୟପୁର ସଦର ମହକୁମା ଡାକ୍ତରଖାନା ସମେତ ଜିଲ୍ଲାର ୫୨ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୧୬ଟି ସମୁଦାୟ ସ୍ୱାସ୍ଥ୍ୟକେନ୍ଦ୍ରର ସରକାରୀ ଡାକ୍ତରମାନେ କାର୍ଯ୍ୟବନ୍ଦ କରି ଜିଲ୍ଲାସ୍ତରରେ ଏକତ୍ରିତ ହୋଇ ପ୍ରତିବାଦ କରିଛନ୍ତି। ଓମସା କୋରାପୁଟ ଜିଲ୍ଲା ଶାଖାର ସମ୍ପାଦକ ଡାକ୍ତର ମୁକ୍ତିକାନ୍ତ ଖିଚୁଆ କହିଛନ୍ତି ଯେ, ସରକାର ସେମାନଙ୍କ ଦାବି ପ୍ରତି ସକାରାତ୍ମକ ମନୋଭାବ ପ୍ରଦର୍ଶନ କରି ଶୀଘ୍ର ସମାଧାନର ପଦକ୍ଷେପ ନେବେ ବୋଲି ସେମାନେ ଆଶାବାଦୀ ଅଛନ୍ତି।

ଅନ୍ୟପଟେ, କାର୍ଯ୍ୟବନ୍ଦ ଯୋଗୁଁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ନହେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯାଇଛି। ଆୟୁଷ ଏବଂ ଚୁକ୍ତିଭିତ୍ତିକ ଡାକ୍ତରମାନଙ୍କୁ ଜୟପୁର ସଦର ମହକୁମା ଡାକ୍ତରଖାନା ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ କରାଯାଇଛି। କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୁରୁ ପ୍ରସାଦ ମହନ୍ତ କହିଛନ୍ତି ଯେ, ଆନ୍ଦୋଳନ ପ୍ରତ୍ୟାହୃତ ହେବା ପର୍ଯ୍ୟନ୍ତ ଆୟୁଷ ଓ ଚୁକ୍ତିଭିତ୍ତିକ ଡାକ୍ତରମାନେ ସ୍ୱାସ୍ଥ୍ୟସେବା ଯୋଗାଇବେ। ସେହିପରି ଗୁରୁତର ରୋଗୀଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଗଞ୍ଜାମ ଥାନାରେ 'ଆମ ପୁଲିସ' ବୈଠକ

# ନିଶାମୁକ୍ତ ଅଞ୍ଚଳ ଗଠନ ଉପରେ ଗୁରୁତ୍ୱ




**ଛତ୍ରପୁର,୧।୭ (ସଂଚାର ବ୍ୟୁରୋ):** ଗଞ୍ଜାମ ଥାନା ଅଂଚଳକୁ ଏକ ନିଶାମୁକ୍ତ ଅଞ୍ଚଳ ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ ଗଞ୍ଜାମ ଥାନା ପକ୍ଷରୁ 'ଆମ ପୁଲିସ' କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସଚେତନତାମୂଳକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଭିନ୍ନ ପଞ୍ଚାୟତର ପିଆରଆଇ ସଦସ୍ୟ, ଗ୍ରାମ୍ୟ କମିଟି ସଦସ୍ୟ, ବରିଷ୍ଠ ନାଗରିକ ଏବଂ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।

ବୈଠକରେ ମୁଖ୍ୟତଃ ନିଶାମୁକ୍ତ ସମାଜ ଗଠନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ମଦ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟର କୁପ୍ରଭାବ, ପରିବାର ଏବଂ ସମାଜ ଉପରେ ଏହାର କ୍ଷତିକାରକ ପ୍ରଭାବ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। ନିଶାସକ୍ତ ବ୍ୟକ୍ତିଙ୍କୁ ସଠିକ୍ ମାର୍ଗକୁ ଫେରାଇ ଆଣିବା, ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେ ରଖିବା ଏବଂ ପ୍ରତ୍ୟେକ ଗ୍ରାମକୁ ନିଶାମୁକ୍ତ କରିବା ପାଇଁ ପୁଲିସ ଓ ଜନସାଧାରଣ ମିଳିତ ଭାବେ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା।

ଏହାସହ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ 'ଜିରୋ ଡିଷ୍ଟାନ୍ସ' ସମ୍ପର୍କ ସ୍ଥାପନ, ଅଞ୍ଚଳରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ଏବଂ ସାଇବର ଅପରାଧ ପ୍ରତି ସଚେତନ ରହିବା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।

ବୈଠକ ଶେଷରେ ଉପସ୍ଥିତ ସମସ୍ତେ ଗଞ୍ଜାମକୁ ଏକ ନିଶାମୁକ୍ତ ଅଞ୍ଚଳରେ ପରିଣତ କରିବା, ନିଶା ବିରୋଧୀ ସଚେତନତା ସୃଷ୍ଟି କରିବା, ଆଇନଶୃଙ୍ଖଳା ବଜାୟ ରଖିବା ଏବଂ ପୁଲିସକୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଶପଥ ଗ୍ରହଣ କରିଥିଲେ।

ଥାନା ଅଧିକାରିଣୀ ସୁମିତ୍ରା ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ସେକେଣ୍ଡ ଅଫିସର ଅନିରୁଦ୍ଧ ସ୍ୱାଇଁ, ଏଏସଆଇ ସୁପ୍ରଭା ସାହୁ, ପ୍ରଦୀପ୍ତ ସାହୁଙ୍କ ସମେତ ଥାନାର ସମସ୍ତ କନଷ୍ଟେବଲ, ସିପାହୀ ଓ ହୋମଗାର୍ଡମାନେ ଉପସ୍ଥିତ ଥିଲେ।

# ଜାତୀୟସ୍ତରୀୟ ଫୁଟବଲ କ୍ୟାମ୍ପ ପାଇଁ ଭଦ୍ରକରୁ ୪ ମନୋନୀତ



**ଧାମନଗର,୧।୭ (ସଂଚାର ବ୍ୟୁରୋ):** ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଅଣ୍ଡର- ୧୮ ରଗବି ଫୁଟବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଭଦ୍ରକ ଜିଲ୍ଲା ରଗବି ଏସୋସିଏସନର ୪ ଜଣ ଖେଳାଳି ଜାତୀୟସ୍ତରୀୟ ରଗବି ଫୁଟବଲ କ୍ୟାମ୍ପ ପାଇଁ ମନୋନୀତ ହୋଇଛନ୍ତି। ମନୋନୀତ ଖେଳାଳିଙ୍କ ମଧ୍ୟରେ ବାଳିକା ବିଭାଗରୁ ସ୍ୱପ୍ନାରାଣୀ ବେହେରା (ଧାମନଗର) ଅଙ୍କିତା ସାହୁ (ଭଦ୍ରକ) ଥିବାବେଳେ ବାଳକ ବିଭାଗରୁ ଶଙ୍କର ବେହେରା ଏବଂ ହିତେଶ କୁମାର ଜେନା (ଉଭୟ ଭଦ୍ରକ) ସ୍ଥାନ ପାଇଛନ୍ତି। ଜାତୀୟ କ୍ୟାମ୍ପରେ ସେମାନଙ୍କ ଚୟନ ଜିଲ୍ଲା କ୍ରୀଡ଼ା କ୍ଷେତ୍ର ପାଇଁ ବଡ଼ ସଫଳତା ବୋଲି କୁହାଯାଉଛି। ଏହି ସଫଳତ ପାଇଁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ,ଭଦ୍ରକ ଜିଲ୍ଲା ରଗବି ଫୁଟବଲ ଆସୋସିଏସନର ସଭାପତି କୈଳାସ ଚନ୍ଦ୍ର ମହାପାତ୍ର (ସୁଶନ),ସମ୍ପାଦକ ଶ୍ରୀଧର ମହାଳିକ,କୋଷାଧ୍ୟକ୍ଷ ଲକ୍ଷ୍ମଣ ନାୟକ (ବାଙ୍କୁ) ଏବଂ ସଦସ୍ୟ ସଞ୍ଜୟ କୁମାର ସ୍ୱାଇଁ (ବାପିନା),ଏମଡି ଇଝାର (ଲାଲୁ) ପ୍ରମୁଖ ଚାରିଜଣ ଖେଳାଳିଙ୍କୁ

ଶୁଭେଚ୍ଛା ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।ଏଥିସହିତ ଏସୋସିଏସନର ସମ୍ପାଦକ ଶ୍ରୀଧର ମହାଳିକ,କୋଷାଦକ୍ଷ ତଥା ନ୍ୟୁରୋ ଥେରାପିଷ୍ଟ ଲକ୍ଷ୍ମଣ ନାୟକ (ବାଙ୍କୁ) ଓ ଏସୋସିଏସନର ସଦସ୍ୟ ସଞ୍ଜୟ କୁମାର ସ୍ୱାଇଁ (ୱାପିନା) ଶୁଭେଚ୍ଛା ସଦିଚ୍ଛା ଓ ଶୁଭକାମନା ଜଣାଇବା ସହିତ ଆମ ଭଦ୍ରକ ଜିଲ୍ଲାକୁ ଆହୁରି ଗୌରବାନ୍ୱିତ କର ବୋଲି ସୂଚନା ଦେଇଥିବା ବେଳେ ସର୍ବଶେଷରେ ଏସୋସିଏସନର ସଦସ୍ୟ ବିଶ୍ୱବାନ୍ଦିତା ନାୟକ ମଧ୍ୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ନିରାପଦରେ ପାରାଦ୍ୱୀପ ବନ୍ଦରରେ ପହଞ୍ଚିଲା ଏମଟି ସାନମାର ହେରାଲ୍ଡ




**ପାରାଦ୍ୱୀପ,୧।୭ (ସଂଚାର ବ୍ୟୁରୋ):** ଜାହାଜ ଏମଟି ସାନମାର ହେରାଲ୍ଡ ନିରାପଦରେ ପାରାଦୀପ ବନ୍ଦରରେ ପହଞ୍ଚି ୦୧ ଜୁଲାଇ ୨୦୨୬ ଦିନ ୧୧:୩୦ ଘଣ୍ଟାରେ ଏସପିଏମ -୧ ରେ ବର୍ଥ କରିଛି। ଏହା ସହିତ ସାମ୍ପ୍ରତିକ ଇତିହାସର ସବୁଠାରୁ ଜଟିଳ ଭୂରାଜନୈତିକ ପରିସ୍ଥିତି ଦେଇ ଏକ ଅସାଧାରଣ ଯାତ୍ରା ସଫଳତାର ସହ ସମାପ୍ତ ହୋଇଛି।

ଇରାକରେ ବାସରା ମିଡିୟମ ଏବଂ ବାସରା ହେଭି ଅଶୋଧିତ ତେଲ ଲୋଡ୍ କରିବା ପରେ, ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହେବାରୁ ଜାହାଜଟି ସମସ୍ୟାର ସମ୍ମୁଖୀନ ହୋଇଥିଲା। ଭାରତୀୟ ନୌସେନା ସହିତ ନିରନ୍ତର ସମନ୍ୱୟରେ କାର୍ଯ୍ୟ କରି, ଜାହାଜଟି ଦୀର୍ଘ ବିଳମ୍ବ, ହର୍ମୁଜ ପ୍ରଣାଳୀ ଅତିକ୍ରମ କରିବାର ପ୍ରୟାସ, ଏବଂ ଶତ୍ରୁ ଆକ୍ରମଣ ସମୟରେ ବ୍ରିଜରେ ସ୍ପ୍ଲିଣ୍ଟର କ୍ଷତି ମଧ୍ୟ ସହ୍ୟ କରିଥିଲା। ଏହି ସମ୍ପୂର୍ଣ୍ଣ ପରୀକ୍ଷା ସମୟରେ, ମାଷ୍ଟର ଏବଂ କ୍ରୁ ଅସାଧାରଣ ବୃତ୍ତିଗତ ଦକ୍ଷତା, ଧୈର୍ଯ୍ୟ ଏବଂ ସୁରକ୍ଷା ପ୍ରତି ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ।

ହର୍ମୁଜ ପ୍ରଣାଳୀ ପୁନଃ ଖୋଲିବା ପରେ, ଜାହାଜଟି ସଫଳତାର ସହ ନିଜ ଯାତ୍ରା ପୁନଃ ଆରମ୍ଭ କରି ନିରାପଦରେ ପାରାଦୀପରେ ପହଞ୍ଚିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସମସ୍ତ ଅଧିକାରୀ ଏବଂ କ୍ରୁ ସଦସ୍ୟ ଏହି ସମଗ୍ର ମିଶନରେ ସୁରକ୍ଷିତ ରହିଥିଲେ।

ଆଗମନ ସମୟରେ, ପାରାଦୀପ ପୋର୍ଟ ଅଥରିଟି ଏବଂ ର ପ୍ରତିନିଧିମାନେ, ହାର୍ବର ମାଷ୍ଟରଙ୍କ ସମେତ, ମାଷ୍ଟର ଏବଂ କ୍ରୁଙ୍କୁ ପୁଷ୍ପଗୁଚ୍ଛ ଏବଂ ସ୍ମୃତିଚିହ୍ନ ସହିତ ଉଷ୍ମ ସ୍ୱାଗତ କରିଥିଲେ। ଏହା ସେମାନଙ୍କ ସାହସ ଏବଂ ସମର୍ପଣକୁ ସମ୍ମାନ ଜଣାଇଥିଲା।

ପାରାଦୀପ ବନ୍ଦର ସମୁଦ୍ରଯାତ୍ରୀଙ୍କ ଅଟଳ ଭାବନାକୁ ସଲାମ କରୁଛି, ଯେଉଁମାନଙ୍କ ସମର୍ପଣ ଯୋଗୁଁ ସବୁଠାରୁ କଷ୍ଟକର ପରିସ୍ଥିତିରେ ମଧ୍ୟ ବିଶ୍ୱ ବାଣିଜ୍ୟ ଚାଲୁ ରହୁଛି।

ଏମଟି ସାନମାର ହେରାଲ୍ଡର ମାଷ୍ଟର ଏବଂ କ୍ରୁଙ୍କୁ ଅନୁକୂଳ ପବନ ଏବଂ ନିରାପଦ ଯାତ୍ରା ପାଇଁ ଶୁଭକାମନା ଜଣାଇଛନ୍ତି।

# ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ମହାକାଳପଡ଼ା,୧।୭(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁର ସଂସ୍କୃତ ବିଦ୍ୟାଳୟର ସହକାରୀ ଶିକ୍ଷକ କିରଣ ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ପଣ୍ଡିତ କାମିନୀପ୍ରଭା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ବଜ୍ରବୁଢ଼ୀ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ମହାପାତ୍ର, ଗୋପୀନାଥପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ସାହୁ ଓ ସିଆରସିସି ଶୁଭକାନ୍ତ ମହାପାତ୍ର,ବାୟାବାଓ୍ୱା ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଧ୍ୟାପକ ରମେଶ ଚନ୍ଦ୍ର ଦାଶ ଉପସ୍ଥିତ ରହି ଅବସରପ୍ରାପ୍ତ ଶିକ୍ଷକ କିରଣ ମିଶ୍ରଙ୍କ ଶିକ୍ଷାଦାନ, କର୍ମନିଷ୍ଠା ଓ ବିଦ୍ୟାଳୟ ପ୍ରତି ତାଙ୍କର ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଶ୍ରୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ବାଲିଅନ୍ତା,୧।୭ (ସଂଚାର ବ୍ୟୁରୋ):** ରାଜଧାନୀ ଉପକଣ୍ଠ ପୁରୋହିତପୁର ଗ୍ରାମପଞ୍ଚାୟତ ଅଧୀନ ଝିଣ୍ଟିଶାସନ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ନବାଗତ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତ୍ ପ୍ରଭା ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି ।

# ଭିବିଜି ରାମଜିକୁ ବିରୋଧ କରି ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଦାବିପତ୍ର



**ନୀଳଗିରି,୧।୭ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଶ୍ରମିକ, କୃଷକ ଓ ଗରିବ ଲୋକଙ୍କ ଉପରେ ଆକ୍ରମଣ କରୁଛି । ପୂର୍ବରୁ ମନରେଗା ଯୋଜନା କାର୍ଯ୍ୟକାରୀ ହୋଇଥିବାରୁ ସାଧାରଣ ଗରିବ ,କୃଷକ, ଶ୍ରମିକ ମାନେ କାମ ର ଗ୍ୟାରେଣ୍ଟି ପାଉଥିଲେ। ବର୍ତ୍ତମାନ ମନରେଗା ଯୋଜନାକୁ ବଦଳାଇ ଭିବିଜିରାମଜି ଯୋଜନା କାର୍ଯ୍ୟକାରୀ କରୁଛି । ଫଳରେ ଶ୍ରମିକ କୃଷକମାନେ କାମର ଗ୍ୟାରେଣ୍ଟି ପାଇବା ପରିବର୍ତ୍ତେ କର୍ମସଂସ୍ଥାନ ହରାଇବେ । ଏହାକୁ ବିରୋଦ୍ଧ କରି ଆଜି ପୂର୍ବାହ୍ନ ୧୧ଟା ସମୟରେ ସିଆଇଟିୟୁ, କୃଷକ ସଭା, କ୍ଷେତ ମଜଦୁର ୟୁନିଅନ ନୀଳଗିରି ଶାଖା ତରଫରୁ ମହାମହିମ ରାଷ୍ଟ୍ରପତିଙ୍କୁ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ମାଧ୍ୟମରେ ଦାବୀପତ୍ର ପ୍ରଦାନ କରାଯିବା ସହିତ ପ୍ରତିବାଦ ସଭା କରାଯାଇଛି ।

## ଓମସାର ଅନିର୍ଦ୍ଦିଷ୍ଟକାଳୀନ କାର୍ଯ୍ୟବନ୍ଦ ଆନ୍ଦୋଳନ

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ



**ମାଲକାନଗିରି,୧।୭(ସଂଚାର ବ୍ୟୁରୋ):** ୧୦ ଦଫା ଦାବି ପୂରଣ ଦାବିରେ ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ (ଓମସା) ପକ୍ଷରୁ ଆରମ୍ଭ ହୋଇଥିବା ଅନିର୍ଦ୍ଦିଷ୍ଟକାଳୀନ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଜୁଲାଇ ୧ ତାରିଖରୁ ଓମସା ଆକ୍ସନ କମିଟିର ଆହ୍ୱାନକ୍ରମେ ରାଜ୍ୟର ସମସ୍ତ ସରକାରୀ ଚିକିତ୍ସାଳୟର ଡାକ୍ତରମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

ଏହି ଆନ୍ଦୋଳନର ସବୁଠାରୁ ଗୁରୁତର ପ୍ରଭାବ ହେଉଛି ଜରୁରୀକାଳୀନ ସେବା ସମେତ ସମସ୍ତ ପ୍ରକାର ଚିକିତ୍ସା ସେବା ବନ୍ଦ ରହିବା ଫଳରେ ରୋଗୀ ଓ ସେମାନଙ୍କ ପରିବାରବର୍ଗ ମଧ୍ୟରେ ଉଦ୍ବେଗ ଓ ଅନିଶ୍ଚିତତା ସୃଷ୍ଟି ହୋଇଛି। ଜିଲ୍ଲାର ବିଭିନ୍ନ ଦୁର୍ଗମ ଓ ଗ୍ରାମାଞ୍ଚଳରୁ ଚିକିତ୍ସା ପାଇଁ ଆସୁଥିବା ଅନେକ ରୋଗୀ ସେବା ନପାଇ ନିରାଶ ହୋଇ ଫେରୁଥିବା ଦେଖାଯାଇଛି।

# ‘ପଶାପାଲି’ରେ ଶ୍ରୀମୟୀ

ସାଲେପୁର: ଓଡ଼ିଶା ରାଜନୀତିର ଚର୍ଚ୍ଚିତ ଚେହେରା ଥିବା ଶ୍ରୀମୟୀ ମିଶ୍ର ପୁଣି ଫେରିଛନ୍ତି ଅଭିନୟ ଦୁନିଆକୁ। ଅଭିନେତ୍ରୀରୁ ନାରୀ ନେତ୍ରୀ, ଆଉ ଏବେ ପୁଣି ଅଭିନୟକୁ ଫେରିଛନ୍ତି ଶ୍ରୀମୟୀ। ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସାଲେପୁର ସ୍ଥିତ ଜଗନ୍ନାଥ ମନ୍ଦିର ଏବଂ ମା 'ସାହେଶ୍ୱରୀ ପୀଠ ପରିସରରେ ହୋଇଛି ଶ୍ରୀମୟୀଙ୍କ ଚଳଚ୍ଚିତ୍ର ‘ପଶାପାଲି’ର ଶୁଭ ମହୁରତ। ଏହି ଫିଲ୍ମ ବର୍ତ୍ତମାନ ସମୟରେ ରାଜନୈତିକ ପାଣିପାଗକୁ ନେଇ ପ୍ରସ୍ତୁତ ହେଉଛି ସିନେମା "ପଶାପାଲି" ଖେଳ ରାଜନୀତିର। ଏବେକାର ରାଜନୀତିକୁ ନେଇ ଯେଉଁ ଭଳି ପରିସ୍ଥିତି ସୃଷ୍ଟି ହେଉଛି ତାହାର ନିଚ୍ଛକ ଚିତ୍ରଣ ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ଶ୍ରୀମୟୀଙ୍କ ରାଜନୈତିକ ଜୀବନ କିଭଳି ବାସ୍ତବ ଜୀବନରେ ପ୍ରଭାବିତ ହୋଇଥିଲା ବର୍ତ୍ତମାନ ରିଲରେ ଡବଲରୋଲରେ ଏହି ଚଳଚ୍ଚିତ୍ରରେ ଶ୍ରୀମୟୀ କରିବେ କମାଲ । ସାଲେପୁର ମିଠାର ଜନକ ବିକଳା ନନ୍ଦ କର ପ୍ରଡକ୍ସନ ନାମରେ ପ୍ରଯୋଜକ ପ୍ରଶାନ୍ତ କୁମାର କର ଏହି ଫିଲ୍ମର ପ୍ରଯୋଜନା କରୁଛନ୍ତି। ଯାହାର ମୁଖ୍ୟ ଉପଦେଷ୍ଟା ରହିଛନ୍ତି ଦିଲ୍ଲୀପ କୁମାର ଦାସ। ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ସୋମ୍ୟାନ ସଞ୍ଜୟ ନାୟକ, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ମଳୟ ମିଶ୍ର । ଋତୁରାଜ, କ୍ରିଷ୍ଣା ବେଉରା, ଇରା ମହାନ୍ତି ଭଳି ନାମିଦାମୀ କଣ୍ଠଶିଳ୍ପୀ ଏହି ଚଳଚିତ୍ର ପାଇଁ କଣ୍ଠଦାନ କରିଛନ୍ତି। ଚଳଚ୍ଚିତ୍ରରେ ଶ୍ରୀମୟୀ ମିଶ୍ର, ପୃଥ୍ୱୀରାଜ ନାୟକ, ଶୁଭ୍ରାଂଶୁ ନାୟକ, ଇତିଶ୍ରୀ, ରାଜଶ୍ରୀ ଓ ପ୍ରଥମ ଥର ପାଇଁ ଖଳନାୟକ ଭୂମିକାରେ ଦୁଷ୍ମନ୍ତ ଅଭିନୟ କରୁଛନ୍ତି । ରାଜନୀତି ପୃଷ୍ଠଭୂମି ଆଧାରିତ ଚଳଚିତ୍ର ଟି ପ୍ରଶାନ୍ତ କରକଙ୍କ ରଚିତ ପରିକଳ୍ପନା ପୁସ୍ତକ ଉପରେ ନିର୍ମିତ। ତେବେ ବର୍ତ୍ତମାନ ରାଜନୀତିର କିଛି ଚରିତ୍ରଙ୍କ ଛାୟା ଚରିତ୍ର ଏଥିରେ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି। ତେବେ ଅପେକ୍ଷା ଫିଲ୍ମ ରିଲିଜକୁ।





# ରିଲିଜ୍ ହେଲା ‘ଟକ୍ସିକ୍’ ଟିଜର




ସୁପରଷ୍ଟାର ଯଶ୍‌ଙ୍କ ବହୁପ୍ରତୀକ୍ଷିତ ପାନ-ଇଣ୍ଡିଆ ଚଳଚ୍ଚିତ୍ର 'ଟକ୍ସିକ୍' ର ଏକ ଦମଦାର ଫିମେଲ୍-ସେଣ୍ଟ୍ରିକ୍ ଟିଜର ରିଲିଜ୍ ହୋଇଯାଇଛି । ଗତ କିଛି ସପ୍ତାହ ହେବ ପ୍ରଶଂସକମାନେ ଲଗାତାର ପ୍ରଶ୍ନ କରୁଥିଲେ, "ଫିଲ୍ମର ଲେଡିଜ୍‌ମାନେ କାହାନ୍ତି ?" ଏବେ ଏହାର ଖୁଲାସା କରିଛନ୍ତି । ୧ ମିନିଟ୍ ୪୧ ସେକେଣ୍ଡର ଏହି ଭିଡିଓରେ ନୟନତାରା, କିଆରା ଆଡଭାନୀ, ତାରା ସୁତାରିଆ, ହୁମା କୁରେସି ଏବଂ ରୁକ୍ମିଣୀ ବସନ୍ତଙ୍କର ଏକ ଶକ୍ତିଶାଳୀ ଝଲକ ଦେଖିବାକୁ ମିଳିଛି । ଏହି ଟିଜର ଆସିବା ପରେ ବକ୍ସ ଅଫିସରେ ଏକ ବଡ଼ ଧମାକା ହେବା ନେଇ ଚର୍ଚ୍ଚା ଜୋର ଧରିଛି । 'ଟକ୍ସିକ୍'ର ଡାର୍କ ଥିମ୍, ଦମଦାର ଆକ୍ସନ ଏବଂ ରକିଂ ଷ୍ଟାର ଯଶ୍‌ଙ୍କ ନୂଆ ଅବତାର ଦର୍ଶକଙ୍କ ଉତ୍କଣ୍ଠାକୁ ବହୁଗୁଣିତ କରିଦେଇଛି । ଟିଜରର ଆରମ୍ଭ କୌଣସି ଆକ୍ସନ ସିନ୍‌ରୁ ନୁହେଁ, ବରଂ ଏକ ଚମକାଇଦେଲା ଭଳି ଚେତାବନୀରୁ ହୋଇଛି । ସ୍କ୍ରିନ୍ ଉପରେ ଲେଖାଯାଇଛି, "ପିଲାମାନେ... ଦୂରେଇ ରୁହନ୍ତୁ । ବାପା, ମା'... ନିଶ୍ଚିତ କରନ୍ତୁ ଯେ ଆପଣଙ୍କ ପିଲାମାନେ ଦୂରେଇ ରହିବେ । ଜେଜେବାପା-ଜେଜେମା'... ନିଶ୍ଚିତ କରନ୍ତୁ ଯେ ଆପଣଙ୍କ ପିଲାମାନଙ୍କ ପିଲାମାନେ ମଧ୍ୟ ଦୂରେଇ ରହିବେ । ଅଜା-ଆଈ... ଏବେ ଏହା ଆପଣଙ୍କ ନିଜ ରିସ୍କ ।" ଏହି ଚେତାବନୀ ସ୍ପଷ୍ଟ ସଂକେତ ଦେଉଛି ଯେ ଫିଲ୍ମର କଣ୍ଟେଣ୍ଟ ଅତ୍ୟନ୍ତ ଡାର୍କ ଏବଂ ଇଣ୍ଟେନ୍ସ ହେବାକୁ ଯାଉଛି । ଚେତାବନୀ ପରେ ଟିଜରରେ ଯଶ୍‌ଙ୍କର ଏକ ଅତି ରଫ୍ ଏବଂ ଦମଦାର ଲୁକ୍ ନଜର ଆସିଛି । ଚମତ୍କାର ସିନେମାଟୋଗ୍ରାଫି, ହାଇ-ଅକ୍ଟେନ୍ ଆକ୍ସନ, ଷ୍ଟାଇଲିସ୍ ଭିଜୁଆଲ୍ସ ଏବଂ ବିଜିଏମ୍ ଟିଜର ଫିଲ୍ମ ପାଇଁ ଉତ୍କଣ୍ଠା ବଢ଼ାଇଛି । ଯଦିଓ ମେକର୍ସ କାହାଣୀର ଅଧିକ ଖୁଲାସା କରିନାହାନ୍ତି, ତଥାପି ଏହି ସସପେନ୍ସ ଦର୍ଶକଙ୍କ ମଧ୍ୟରେ କ୍ରେଜ୍ ବଢ଼ାଇବାରେ ସଫଳ ହୋଇଛି । ଗୀତୁ ମୋହନଦାସଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ହାଇ-ବଜେଟ୍ ଚଳଚ୍ଚିତ୍ର ପ୍ରଥମେ ମାର୍ଚ୍ଚ ୧୯ରେ ଫିଲ୍ମ 'ଧୁରନ୍ଧର ୨' ସହ ମୁକ୍ତିଲାଭ କରିବାର ଥିଲା । କିନ୍ତୁ, ମିଡିଲ୍ ଇଷ୍ଟ ଦେଶଗୁଡ଼ିକରେ ଚାଲିଥିବା ଉତ୍ତେଜନା ଏବଂ ଆନ୍ତର୍ଜାତୀୟ ବିତରଣ ସମସ୍ୟା ଯୋଗୁଁ ଏହାର ରିଲିଜ୍ ଡେଟ୍ ବାରମ୍ବାର ଘୁଞ୍ଚାଯାଇଥିଲା । ଏବେ ସମସ୍ତ ପ୍ରତିବନ୍ଧକକୁ ପଛରେ ପକାଇ ଜୁଲାଇର ପ୍ରଥମ ଦିନରେ ଯଶ୍‌ଙ୍କ ମହିଳା ଗ୍ୟାଙ୍ଗ ସୋସିଆଲ ମିଡିଆରେ ହଲଚଲ ସୃଷ୍ଟି କରିଛନ୍ତି । ସୂଚନା ଅନୁସାରେ, ଏହି ମେଗା ପାନ-ଇଣ୍ଡିଆ ଫିଲ୍ମଟି ଆସନ୍ତା ୨୬ ଅଗଷ୍ଟ ୨୦୨୬ରେ ପ୍ରେକ୍ଷାଳୟକୁ ଆସିବ ।

# ଜେଲର ୨ରେ ହ୍ରିତିକଙ୍କ କେମିଓ ହେବ ହାଇଲାଇଟ୍!






ଚଳିତ ବର୍ଷ ସୁପରଷ୍ଟାର ରଜନୀକାନ୍ତ ତାଙ୍କର ବହୁ ପ୍ରତୀକ୍ଷିତ ‘ଜେଲର ୨ ଫିଲ୍ମ ସହ ବଡ଼ ପରଦାକୁ ଫେରୁଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ସୁଦ୍ଧା ଫିଲ୍ମର ରିଲିଜ ଡେଟ୍ ଘୋଷଣା କରାଯାଇନାହିଁ । ତଥାପି ଏହାକୁ ନେଇ ଦର୍ଶକଙ୍କ ମଧରେ ଉତ୍ସାହ ବଢ଼ିବାରେ ଲାଗିଛି । ଏଥି ସହିତ ରଜନୀକାନ୍ତ ତାଙ୍କର ଆଉ ଏକ ଆଗାମୀ ଫିଲ୍ମର ଟାଇଟଲ୍ ପ୍ରକାଶ କରିଛନ୍ତି । ଫିଲ୍ମର ନାଁ ଧର୍ମନ ରଖାଯାଇଛି । ଯେଉଁଥିରେ କମଲ ହାସନଙ୍କ ସହ ରଜନୀକାନ୍ତଙ୍କ ଅଭିନୟର ଯାଦୁ ଦେଖିବାକୁ ପାଇବେ ଦର୍ଶକ । ଏହି ଫିଲ୍ମରେ ରଜନୀକାନ୍ତ ଭୟଙ୍କର ଡାକ୍ତରଙ୍କ ଭୂମିକାରେ ନଜର ଆସିବେ । ଫିଲ୍ମର ପ୍ରଥମ ପୋଷ୍ଟରକୁ ଦର୍ଶକମାନେ ଖୁବ୍ ପସନ୍ଦ କରିଛନ୍ତି । କିନ୍ତୁ ଏବେ ନେଲସନ୍ ଦିଲୀପ କୁମାରଙ୍କ ନିର୍ଦ୍ଦେଶିତ ଜେଲର୍ ୨ ଫିଲ୍ମ ବିଷୟରେ ଆସନ୍ତୁ ଜାଣିବା । ଏହି ଫିଲ୍ମରେ ହ୍ରିତିକ୍ ରୋଶନ ଏକ କେମିଓ ଆସିବାକୁ ଯାଉଛନ୍ତି । ଯାହା ଖୁବ୍ ଆକର୍ଷଣୀୟ ହେବ ବୋଲି କୁହାଯାଉଛି । ନିକଟରେ ଅଭିନେତା ସୁଟିଂ ଶେଷ କରିଛନ୍ତି । ହ୍ରିତିକ୍ ଜୁନ୍ ୨୨ ଓ ୨୩ ତାରିଖରେ ଚେନ୍ନାଇରେ ୨ ଦିନ ପାଇଁ ସୁଟିଂ କରିଥିଲେ ବୋଲି ଏକ ରିପୋର୍ଟରୁ ଜଣାପଡିଛି । ଏହା ସହିତ ତାଙ୍କର ସୁଟିଂ ଶେଷ କରିଛନ୍ତି । ଯାହା ପ୍ରଶଂସକଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଛି । ଏହି ଫିଲ୍ମରେ କଣ ସିକ୍ୱେନ୍ସ ରହିଛି ତାହା ରିଲିଜ୍ ପରେ ହିଁ ଜଣାପଡିବ ।

# ମା’ ହେବାକୁ ଚାହୁଁନଥିଲେ ଆକାଂକ୍ଷା



ଅଲଗା ହେଲେ ଟିଭି ଅଭିନେତ୍ରୀ ଆକାଂକ୍ଷା ଚମୋଲା ଏବଂ ଗୌରବ ଖାନ୍ନା । ଦୁହିଁଙ୍କର ଛାଡ଼ପତ୍ର ନେଇ ମାମଲା ଚାଲିଛି । ଦୁହେଁ ଗତ ବର୍ଷେ ହେଲାଣି ଅଲଗା ରହୁଛନ୍ତି । ଶୁଣିବାକୁ ମିଳୁଛି ଯେ, ଗୌରବ ପିଲା ଚାହୁଁଥିବା ବେଳେ ଆକାଂକ୍ଷା ପିଲା ଚାହୁଁନଥିଲେ ।ବାହାଘର ୧୦ ବର୍ଷ ହେବା ପରେ ମଧ୍ୟ କୌଣସି ପିଲାଛୁଆ ନଥିବାରୁ ଗୌରବ ଏବଂ ଆକାଂକ୍ଷା ଏଭଳି ନିଷ୍ପତ୍ତି ନେଇଛନ୍ତି ଅଭିନେତ୍ରୀ ଆକାଂକ୍ଷା ଶୋ ଲକ୍‌ଅପରେ ନଜର ଆସିଛନ୍ତି । ଶୋକୁ ଆସି ନିଜ ଛାଡପତ୍ର ମାମଲାକୁ ନେଇ ଖୁଲାସା କରିଛନ୍ତି । ଶୋରେ କହିଛନ୍ତି କି, ତାଙ୍କର ଏବଂ ଗୌରବଙ୍କର ଛାଡପତ୍ର ଚାଲିଛି । ଗତ ବର୍ଷେ ହେଲାଣି ଦୁହେଁ ଅଲଗା ରହୁଛନ୍ତି । ଶୋରେ ଆକାଂକ୍ଷା ଛାଡପତ୍ରର କାରଣ କହିଛନ୍ତି । ଅଭିନେତ୍ରୀଙ୍କ କହିବା ଅନୁଯାୟୀ, ମୁଁ କେବେ ବି ମା ହେବାକୁ ଚାହୁଁନଥିଲି, କିନ୍ତୁ ମା ହେବାର ଅନୁଭବ ନେବାକୁ ଇଚ୍ଛା ଥିଲା । କିନ୍ତୁ ପରେ ଅନୁଭବ କଲି କି ମା’ ହେବା ମୋ ପାଇଁ ଠିକ୍ ନୁହେଁ ଗୌରବ ମଧ୍ୟ ମୋ ସହିତ ଏକମତ ଥିଲେ । କିନ୍ତୁ ସମୟ ସହିତ ତାଙ୍କ ମନ ପରିବର୍ତ୍ତନ ହୋଇଥିଲା । ଗୌରବ ପିଲା ଚାହୁଁଥିବା ବେଳେ ମୋର ଇଚ୍ଛା ନଥିଲା । ଏକଥା ଗୌରବ ଭଲଭାବେ ଜାଣିଥିଲେ । ମୁଁ ବି ଗୌରବଙ୍କୁ ମନା କରିଦେଇଥିଲି । ଆମ ଦୁହିଁଙ୍କ ଇଚ୍ଛାରେ ହିଁ ମୁଁ ଗୌରବଙ୍କୁ ମୋତେ ଛାଡିବା ପାଇଁ କହିଥିଲି । ଆକାଂକ୍ଷା ଏବଂ ଗୌରବଙ୍କ ବିବାହ ୨୦୧୬ରେ ହୋଇଥିଲା । ବିଗବସ୍ ୧୯ରେ ଦୁହିଁଙ୍କ ଯୋଡିକୁ ଦେଖି ଫ୍ୟାନ୍ସ ବେଶ୍ ଖୁସି ହୋଇଥିଲେ ।



# ୧୫ ବର୍ଷର ଯନ୍ତ୍ରଣାଦାୟକ ବିବାହ ଅପେକ୍ଷା ୫ ବର୍ଷ ଲିଭ-ଇନ୍‌ରେ ରୁହ: ଜୀନତ



ଜୀନତ ଅମାନ ହିନ୍ଦୀ ସିନେମାର ଜଣେ କିମ୍ବଦନ୍ତୀ ଅଭିନେତ୍ରୀ। ତାଙ୍କ ସମୟରେ, ତାଙ୍କୁ ଶିଳ୍ପର ବୋଲ୍ଡ ଏବଂ ଗ୍ଲାମରସ୍ ଆଇକନ୍ ମଧ୍ୟରେ ବିବେଚନା କରାଯାଉଥିଲା। ୭୪ ବର୍ଷ ବୟସରେ ମଧ୍ୟ, ଜୀନତ ଅମାନଙ୍କ ଚିନ୍ତାଧାରା ଓ ଦୃଷ୍ଟିକୋଣ ଖୁବ୍ ମର୍ଡର୍ଣ୍ଣ। ସେ ଖୋଲାଖୋଲି ଏବଂ ନିଜ ଇଚ୍ଛାରେ ଜୀବନଯାପନ କରିବାରେ ବିଶ୍ୱାସ କରନ୍ତି। ସେ ଏବେ ଲୋକମାନଙ୍କୁ ବିବାହ ପୂର୍ବରୁ ଲିଭ-ଇନ୍‌ରେ ରହିବାକୁ ପରାମର୍ଶ ଦେଇଛନ୍ତି। ଲିଭ୍-ଇନ୍ ରିଲେଶନଶିପ୍ ବିଷୟରେ ଜୀନତଙ୍କ ମତ କ’ଣ? ଜୀନତ ଅମାନ ପ୍ରାୟତଃ ତାଙ୍କ ପ୍ରଶଂସକଙ୍କ ସହ ରିଲେଶନସିପ୍ସ ବିଷୟରେ ତାଙ୍କର ମତାମତ ସେୟାର କରନ୍ତି। ସେ ବିଶ୍ୱାସ କରନ୍ତି ଯେ ବିବାହ ପୂର୍ବରୁ ଏକାଠି ବା ଲିଭ୍-ଇନ୍‌ରେ ରହିବା ଜରୁରୀ। ଅଭିନେତ୍ରୀ କହିଛନ୍ତି ଯେ ଆଜିର ସମୟରେ ଲିଭ୍-ଇନ୍ ସମ୍ପର୍କ ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। କାରଣ ବିବାହ କରିବା ପୂର୍ବରୁ ସାଥୀଙ୍କ ସହିତ ନିଜର କମ୍ପାଟିବିଲିଟିକୁ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ପୂର୍ବରୁ ତାଙ୍କ ଇନଷ୍ଟାଗ୍ରାମ୍ ପୋଷ୍ଟରେ ମଧ୍ୟ ବିବାହ ପୂର୍ବରୁ ଏକାଠି ରହିବା ନେଇ ସମର୍ଥନ କରିଛନ୍ତି। ଏକ ୟୁଟ୍ୟୁବ୍ ଚ୍ୟାନେଲ ସହ କଥା ହୋଇ ଜୀନତ ଅମାନ କହିଛନ୍ତି, "ଅତୀତକୁ ଦେଖନ୍ତୁ କିମ୍ବା ବର୍ତ୍ତମାନକୁ ଦେଖନ୍ତୁ, ଯେକୌଣସି ଜିନିଷ ସବୁଦିନ ପାଇଁ ସ୍ଥାୟୀ ନୁହେଁ। ଆଇନଗତ ଭାବରେ ନିଜକୁ ବିବାହରେ ବାନ୍ଧିବା ପୂର୍ବରୁ ଆପଣଙ୍କୁ ସୁସଙ୍ଗତତା ବୁଝିବା ଉଚିତ। ଏହା ମୋର ବିଶ୍ୱାସ। ତୁମେ ଜାଣିବା ଆବଶ୍ୟକ ଯେ ତୁମେ ପରସ୍ପରର ମାନସିକ ଏବଂ ଭାବପ୍ରବଣ ଭାବରେ ଉପଯୁକ୍ତ କି ନାହିଁ। ଯଦି ତୁମେ ପିଲା ଜନ୍ମ କରିବାକୁ ଯୋଜନା କରୁଛ, ତେବେ ତୁମେ ସେମାନଙ୍କୁ କିପରି ପାଳନ କରିବ? ଆର୍ଥିକ ପ୍ରତି ତୁମର ମନୋଭାବ କ’ଣ? ଯଦି ଦୁଇଜଣଙ୍କ ମଧ୍ୟରେ ସମ୍ପର୍କରେ କୌଣସି ମେଳ ଖାଉ ନାହିଁ, ତେବେ ସମ୍ପର୍କର ଫାଇଦା କ’ଣ? ପନ୍ଦର ବର୍ଷର କଷ୍ଟକର ଜୀବନ ଅପେକ୍ଷା ତୁମେ ପାଞ୍ଚ ବର୍ଷର ଖୁସିକୁ ପସନ୍ଦ କରିବ ନାହିଁ କି? ଏହା ନିଶ୍ଚିତ ଭାବରେ ମୋର ମତାମତ।



### ଅସୁରକ୍ଷିତ ଜୈନ କୀର୍ତ୍ତିରାଜି

# ସୁରକ୍ଷା ଅଭାବରୁ ଚୋରି ହେଉଛି ଦୁର୍ଲ୍ଲଭ ମୂର୍ତ୍ତି

**କୋରାପୁଟର,୧।୭(ସଂଚାର ବ୍ୟୁରୋ):** ସଂରକ୍ଷଣ ଅଭାବରୁ ଧ୍ୱଂସ ପାଇବାକୁ ବସିଲାଣି କୋରାପୁଟର ପ୍ରାଚୀନ କୀର୍ତ୍ତିରାଜି। ଇତିହାସର ମୁଖସାକ୍ଷୀ ସାଜିଥିବା କୋରାପୁଟ ସୁବାଇ ଜୈନ ମନ୍ଦିର ଏବେ ପ୍ରତ୍ନତତ୍ତ୍ୱ ବିଭାଗର ଅବହେଳା ଯୋଗୁଁ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି । ଚାରିଆଡ଼େ ମାଟି ତଳୁ ଦୁର୍ଲଭ ଜୈନ ମୂର୍ତ୍ତି ବାହାରୁଥିଲେ ବି ସୁରକ୍ଷା ବ୍ୟବସ୍ଥା ଶୂନ । ଚାରିଆଡ଼େ ପାହାଡ଼, ରାସ୍ତା କଡ଼ରେ ଶତାବ୍ଦୀ ପୁରୁଣା ଜୈନ ମନ୍ଦିର। ଯେଉଁଠି ଖୋଳିଲେ ସେହିଠି ମାଟି ତଳୁ ବାହାରୁଛି ଦୁର୍ଲଭ ଜୈନ ମୂର୍ତ୍ତି ଓ ମନ୍ଦିରର ଭଗ୍ନାବଶେଷ । ହେଲେ କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକର ସୁବାଇଠାରେ ଥିବା ଏହି ଜୈନ କୀର୍ତ୍ତିରାଜି ଆଜି ସମ୍ପୂର୍ଣ୍ଣ ଅସୁରକ୍ଷିତ । ସୁରକ୍ଷା ଅଭାବରୁ ନଷ୍ଟ ହେବାକୁ ବସିଲାଣି ଜୈନ ମନ୍ଦିର । ବହୁ ଦୁର୍ଲଭ ମୂର୍ତ୍ତିକୁ ଦୁର୍ବୃତ୍ତମାନେ ଚୋରି କରି ନେଲେଣି । ୨୦୧୪ରେ ୩ଟି ଏବଂ ୨୦୨୫ ଅଗଷ୍ଟରେ ଆଉ ଏକ ଦୁର୍ଲଭ ମୂର୍ତ୍ତି ଚୋରି ହୋଇସାରିଛି । ଏହାର ପୁନରୁଦ୍ଧାର ହୋଇପାରୁନି କି ସୁରକ୍ଷା ଦିଗରେ ପ୍ରତ୍ନତତ୍ତ୍ୱ ବିଭାଗର ନଜର ନାହିଁ । ଇତିହାସ କହେ, ଚତୁର୍ଥ ଶତାବ୍ଦୀ ବେଳକୁ କୋରାପୁଟରେ ଜୈନ ଧର୍ମର ବ୍ୟାପକ ପ୍ରଚାର ଓ ପ୍ରସାର ହୋଇଥିଲା । ନନ୍ଦପୁର ଅଞ୍ଚଳରୁ ଆରମ୍ଭ ହୋଇ ଏହା ଛତିଶଗଡ଼ ପର୍ଯ୍ୟନ୍ତ ବ୍ୟାପିଥିଲା। ସେହି ସମୟରେ ସୁବାଇରେ ୫ଟି ଜୈନ ମନ୍ଦିର ନିର୍ମାଣ କରି ଭିନ୍ନ ଭିନ୍ନ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା । ଯାହାକୁ ସ୍ଥାନୀୟ ଲୋକ ଏବେ ବିଭିନ୍ନ ଦେବାଦେବୀ ଭାବି ପୂଜା କରୁଛନ୍ତି । ଆନ୍ଧ୍ର, ଓଡ଼ିଶା ଓ ଛତିଶଗଡ଼ରୁ ଅନେକ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି ସତ, ହେଲେ ଅବହେଳିତ ବ୍ୟବସ୍ଥା ଦେଖି ମୁହଁ ଫେରାଉଛନ୍ତି । ସମୟ ଥାଉ ଥାଉ ସରକାର ଓ ପ୍ରତ୍ନତତ୍ତ୍ୱ ବିଭାଗ ଯଦି ଏଥିପ୍ରତି ଦୃଷ୍ଟି ନଦେବେ, ତେବେ ଦିନେ ଇତିହାସର ମୂକସାକ୍ଷୀ ସାଜିଥିବା ଏହି ସ୍ଥାନ ନିଜେ ଇତିହାସର ପୃଷ୍ଠାରେ ହଜିଯିବ ।

# ଜେଏସଡବ୍ଲୁ ଫାଟକରୁ ଏକ ହରିଣ ମୃତ୍ୟୁ ମୁଖରୁ ବର୍ତ୍ତିଲା



**ଏରସମା,୧।୭(ସଂଚାର ବ୍ୟୁରୋ):** ଢ଼ିଙ୍କିଆ ଚାରିଦେଶ ପ୍ରସ୍ତାବିତ ଜେଏସଡବ୍ଲୁ କମ୍ପାନୀ ଅଞ୍ଚଳରେ ଆଜି ଏକ ହରିଣ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତି ଯାଇଛି। ସୂଚନା ଅନୁଯାୟୀ ଢ଼ିଙ୍କିଆ ବଡ଼ମଠ ଜେଏସଡବ୍ଲୁ ଫାଟକ ନିକଟ ପ୍ରାଚେରୀ ଫାଙ୍କା ସନ୍ଧିରେ ପ୍ରବଳ ବର୍ଷା ହେଉଥିବା ସମୟରେ ଏକ ହରିଣ ଫସିଯାଇଥିବାର ସ୍ଥାନୀୟ ଲୋକେ ଦେଖିଥିଲେ।ବହୁ ପରିଶ୍ରମ ଫଳରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ହରିଣ ସୁରକ୍ଷିତ ଭାବେ ଉଦ୍ଧାର ହୋଇ ଛାଡ଼ି ଦେଇଥିଲେ।ଆଗରୁ ଅନେକ ହରିଣ ବନ ବିଭାଗ ଦ୍ୱାରା ଉଦ୍ଧାର ହୋଇ ଜଟାଧାର ଜଙ୍ଗଲରେ ଛଡ଼ା ଯାଇଥିବା ଓ ଅନେକ ହରିଣ ଆଡେ ସାଡେ ଯାଇ କୁକୁର ବିଲୁଆ ହାବୁଡେ ପଡ଼ି ମୃତ୍ୟୁ ମୁଖରେ ପଡ଼ିଥିବା ନଜିର ରହିଛି।ଏସବୁ ନିତିଦିନିଆ ଘଟଣା ହେଉଥିବା ବେଳେ ସେମାନଙ୍କର ଗଣନା କିମ୍ବା ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହୋଇଛି।ବିକାଶ ନାମରେ ପ୍ରକୃତି ଓ ବନ୍ୟ ଜନ୍ତୁଙ୍କ ବିନାଶ କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ଜେଏସଡବ୍ଲୁ କମ୍ପାନୀ ସ୍ୱାର୍ଥ ପାଇଁ ସରକାର୍ ତରବରିଆ ଭାବେ ଦ୍ୱିତୀୟ ଥର ଶୁଭ ଉଦ୍ଘାଟନ କରିଥିବା ବେଳେ, ବିନା ଗ୍ରାମସଭାରେ ଜଙ୍ଗଲ ଜମିରୁ ଲକ୍ଷାଧିକ ଜଙ୍ଗଲ କଟାଯାଇଛି, ପ୍ରକୃତି ପରିବେଶ ବନ୍ୟଜନ୍ତୁଙ୍କ ସୁରକ୍ଷା କଥା କିଏ ପଚାରେ।ଗତ କିଛି ମାସ ତଳେ ଏକ ହରିଣ ଗୋଡ଼ବନ୍ଧା ଯାଇ ଜୀବିତ ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖିଥିଲେ, କମ୍ପାନୀରେ କାର୍ଯ୍ୟରତ କର୍ମଚାରି କିମ୍ବା ଅନ୍ୟ କେହି ଖାଇବା ଉଦ୍ଦେଶ୍ୟରେ ହେଉ କିମ୍ବା ଗାତଖୋଳି ପୋତି ସତ ଲୁଚାଇବା ଉଦ୍ଦେଶ୍ୟରେ ଯୋଜନା ଥିବା ସନ୍ଦେହ ହୋଇଥିଲା। ଖବର ପାଇ ବନବିଭାଗ କର୍ମଚାରୀ ଘଟଣା ସ୍ଥଳକୁ ଯିବା ସମୟରେ ଜେଏସଡବ୍ଲୁ କମ୍ପାନୀ କର୍ମଚାରୀ ବନବିଭାଗ କର୍ମଚାରୀଙ୍କୁ ଫାଟକ ଭିତରକୁ ଯିବାକୁ ଦେଇନଥିଲେ।



## ଡ୍ରଗ୍ସ ବିଭାଗ ପକ୍ଷରୁ ମାଣତ୍ରୀ ଔଷଧ ଦୋକାନରେ ଚଢ଼ାଉ

**ବୈଶିଙ୍ଗା,୧।୭ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ମାଣତ୍ରୀ ବଜାର ଅଞ୍ଚଳରେ ଥିବା ଔଷଧ ଦୋକାନ ଉପରେ ବୁଧବାର ଚଢ଼ାଉ ହୋଇଛି। ଜିଲ୍ଲା ଔଷଧ ନିୟନ୍ତ୍ରକ ଅଧିକାରୀଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଟିମ୍ ବୁଧବାର ପୂର୍ବାହ୍ନରେ ମାଣତ୍ରୀ ବଜାର ଠାରେ ପହଞ୍ଚି କ୍ରୀଷ୍ଣା ମେଡିକାଲ ଷ୍ଟୋର ଓ ନିକଟସ୍ଥ ମାନଗୋବିନ୍ଦପୁର ଠାରେ ଥିବା ଶ୍ରୀହରି ମେଡ଼ିସିନ ଷ୍ଟୋର ଉପରେ ରେଡ୍ କରି ଔଷଧ ଓ କାଗଜପତ୍ର ଯାଞ୍ଚ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ଥାନାଧିକାରୀ ବାରିଣୀ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ସୁକାନ୍ତ କୁମାର ନାୟକ ପୁଲିସ ଟିମ ସହ ଘଟଣାସ୍ଥଳରେ ଉପସ୍ଥିତ ଥିବା ସୂଚନା ମିଳିଛି।

# ନିଶା ମୁକ୍ତି ଅଭିଯାନ ସଚେତନତା କାର୍ଯ୍ୟକ୍ରମ

**ମାଲକାନଗିରି,୧।୭(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଚିତ୍ରାଙ୍ଗପାଲ୍ଲୀ ପଞ୍ଚାୟତ ପରିସରରେ ଆଜି କାଲିମେଳା ଥାନା ପକ୍ଷରୁ ଆମ ପୋଲିସ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଥାନା ଅଧିକାରି ପ୍ରଭୁଦତ୍ତ ବିଶ୍ୱାଳ, ସରପଞ୍ଚ କୌଶଲ୍ୟା କବାସୀ, ପିଏଚଓ ପ୍ରତିମା ପରିଡ଼ା ଓ ପୋଟରୁ ଫାଣ୍ଡି ଏସ୍.ଆଇପ୍ରମୋଦ ଖିଲ ଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଏବଂ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବୈଠକରେ ବିଶେଷ ଭାବେ 'ନିଶାମୁକ୍ତ ଓଡ଼ିଶା' ଅଭିଯାନକୁ ସଫଳ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି, ଯୁବପିଢ଼ିଙ୍କୁ ନିଶା କବଳରୁ ଦୂରେଇ ରଖିବା, ଆଇନଶୃଙ୍ଖଳା ବଜାୟ ରଖିବା ଏବଂ ପୋଲିସ-ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଶେଷରେ ଅଞ୍ଚଳକୁ ନିଶାମୁକ୍ତ, ଅପରାଧମୁକ୍ତ ଏବଂ ସୁରକ୍ଷିତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା।

## ଏମସିଏଲ୍‌ର ନିର୍ଦ୍ଦେଶକ (ଅର୍ଥ) ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କଲେ ମହମ୍ମଦ ଅନଜର୍ ଆଲମ୍




**ସମ୍ବଲପୁର,୧।୭ (ସଂଚାର ବ୍ୟୁରୋ):** ମହମ୍ମଦ ଅନଜର୍ ଆଲମ୍ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ର ନିର୍ଦ୍ଦେଶକ (ଅର୍ଥ) ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ବର୍ତ୍ତମାନ ଇଷ୍ଟର୍ଣ୍ଣ କୋଲ୍‌ଫିଲ୍ଡସ୍ ଲିମିଟେଡ୍‌ରେ ନିର୍ଦ୍ଦେଶକ (ଅର୍ଥ) ଭାବେ କାର୍ଯ୍ୟରତ ଅଛନ୍ତି ଏବଂ ତାଙ୍କ ପାଖରେ ୩୧ ବର୍ଷରୁ ଅଧିକ ସମୟର ସମୃଦ୍ଧ ଆର୍ଥିକ ପାରଦର୍ଶିତା ରହିଛି। ସେ ଆରଆଇଏନଏଲ୍ ରେ ଅର୍ଥ, ଆଭ୍ୟନ୍ତରୀଣ ଅଡିଟ୍, ଆଇଟି ଏବଂ ପରିଚାଳନା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବିଆଇଟି ସିନ୍ଦ୍ରି, ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଏମ କୋଲକାତାର ପ୍ରାକ୍ତନ ଛାତ୍ର ଶ୍ରୀ ଆଲମ୍ ବିଶ୍ୱସ୍ତରୀୟ ସମ୍ପଦ ହାସଲ, ଆନ୍ତର୍ଜାତୀୟ ଖଣି ପ୍ରକଳ୍ପଗୁଡ଼ିକର ଆର୍ଥିକ ମୂଲ୍ୟାଙ୍କନ ଏବଂ ଇଣ୍ଟରନ୍ୟାସନାଲ୍ କୋଲ୍ ଭେଞ୍ଚର୍ସ ଗଠନ ସହିତ ଅନେକ ରଣନୀତିକ ପଦକ୍ଷେପରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି। ସେ କମ୍ପାନୀରେ ଡିଜିଟାଲ୍ ପଦକ୍ଷେପର ନେତୃତ୍ୱ ନେଇଆସୁଛନ୍ତି ଏବଂ ପେ-ରୋଲ୍ ପ୍ରକ୍ରିୟାକରଣ ପାଇଁ କେନ୍ଦ୍ରୀକୃତ ଅନଲାଇନ୍ ପେମେଣ୍ଟ ଇଣ୍ଟରଫେସ୍, କୋଇଲା ଗ୍ରାହକମାନଙ୍କ ପାଇଁ ଅନଲାଇନ୍ କାଗଜବିହୀନ ରିଫଣ୍ଡ ପ୍ରକ୍ରିୟାକରଣ ଆଦି କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

# 'ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ' ଉଦ୍‌ଯାପିତ




**ବଲାଙ୍ଗିର,୧।୭ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲାରେ ଶିଳ୍ପ ସମୃଦ୍ଧି ଓ ସ୍ଥାନୀୟ ମହିଳା ତଥା ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କୋଶଳ କଳା ମଣ୍ଡପ ପଡ଼ିଆ ଠାରେ ୨୭ ଜୁନ୍ ଠାରୁ ୧ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ୫ ଦିନ ଧରି ଚାଲିଥିବା 'ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ-୨୦୨୬' ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ଶିଳ୍ପ କେନ୍ଦ୍ର, ବଲାଙ୍ଗିର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନ ଉତ୍ସବରେ ବଲାଙ୍ଗୀର ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇଶାଲଓ୍ୱର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର, ବଲାଙ୍ଗିର ନୀରଜ ରଞ୍ଜନ ପାଣିଗ୍ରାହୀ, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ମୁଖ୍ୟ ପରିଚାଳକ ପ୍ରଶାନ୍ତ କୁମାର ବେହେରା, ଜିଲ୍ଲା ସହକାରୀ ନିୟୋଜନ ତଥା ଦକ୍ଷତା ବିକାଶ ଅଧିକାରୀ ଦୀପକ କୁମାର ସାମଲ, ଓ.ଏ.ଏସ.ଏମ୍.ଇ. ସଭାପତି ପ୍ରକାଶ ଚନ୍ଦ୍ର ନେପାକ, ଉପ ସଭାପତି (ପଶ୍ଚିମାଞ୍ଚଳ) ସିଦ୍ଧେଶ୍ୱର ମିଶ୍ର ମଞ୍ଚାସୀନ ଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମ ସହିତ ବୈଷୟିକ ଶିକ୍ଷାନୁଷ୍ଠାନରେ ଶିଳ୍ପାୟନ ଆଧାରିତ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ତଥା ଜିଲ୍ଲାର ସଫଳ ଉଦ୍ୟୋଗୀମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ବଲାଙ୍ଗିର ଜିଲ୍ଲାରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ର ବିକାଶ କରିବା, ନୂତନ ଓ ଆଶାୟୀ ଉଦ୍ୟୋଗୀମାନଙ୍କୁ ଏକତ୍ରିତ କରି ପ୍ରୋତ୍ସାହିତ କରିବା। ବିଶେଷତଃ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମାଞ୍ଚଳର କାରିଗର, ଉଦ୍ୟମୀ ମାନଙ୍କୁ ବ୍ୟବସାୟିକ ସୁଯୋଗ ଯୋଗାଇବାରେ ଏହି ମେଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି।

## ପିଏମ୍ ଆବାସ ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ପାଇଁ ଆଫ୍ସାର ସହାୟତା କେନ୍ଦ୍ର




**ବିଷମକଟକ,୧।୭(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ର ଅଗ୍ରାଧିକାର ଭିତ୍ତିକ ଡ୍ରାଫ୍ଟ ତାଲିକାରୁ ବାଦ୍ ପଡ଼ିଥିବା ଗ୍ରାମାଞ୍ଚଳର ଯୋଗ୍ୟ ପରିବାରଙ୍କୁ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ବିଷମକଟକର ସ୍ଥାନୀୟ ଯୁବ ସଂଗଠନ ଆସୋସିଏସନ୍ ଫର୍ ସ୍ପୋର୍ଟସ୍ ଆଣ୍ଡ ଆଥଲେଟିକ୍ସ (ଆଫ୍ସା) ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ୍‌ଠାରେ ଏକ ସାର୍ବଜନୀନ ସହାୟତା କେନ୍ଦ୍ର ଆୟୋଜିତ ହୋଇଯାଇଛି। ଏହି ସହାୟତା କେନ୍ଦ୍ର ମାଧ୍ୟମରେ ହିତାଧିକାରୀମାନଙ୍କ ଅଭିଯୋଗ ଓ ଦରଖାସ୍ତ ବ୍ଲକ ପ୍ରଶାସନ ନିକଟରେ ଦାଖଲ କରିବାରେ ସହଯୋଗ କରାଯାଉଥିବା ଜଣାପଡ଼ିଛି। ବିଷମକଟକ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ପିଏମ୍ ଆବାସ ଯୋଜନାର ଅଗ୍ରାଧିକାର ଭିତ୍ତିକ ଡ୍ରାଫ୍ଟ ତାଲିକା ପ୍ରକାଶ ପାଇବା ପରେ ଅନେକ ବାସିନ୍ଦା ଯୋଗ୍ୟତା ଥିବା ସତ୍ତ୍ୱେ ଅନେକ ପରିବାରଙ୍କ ନାମ ଏହି ତାଲିକାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ସଚେତନତାର ଅଭାବ ଓ ସରକାରୀ ପ୍ରକ୍ରିୟା ସମ୍ପର୍କରେ ସଠିକ୍ ମାର୍ଗଦର୍ଶନ ନ ଥିବାରୁ ଅନେକ ଆବେଦନକାରୀଙ୍କ ପାଇଁ ଦରଖାସ୍ତ ପ୍ରସ୍ତୁତ କରିବା ଏବଂ ସରକାରୀ କାର୍ଯ୍ୟାଳୟରେ ଅଭିଯୋଗ ଦାଖଲ କରିବା କଷ୍ଟସାଧ୍ୟ ହୋଇପଡ଼ିଛି। ଏହି ସମସ୍ୟାକୁ ଦୂର କରିବା ପାଇଁ ଆଫ୍ସାର ସ୍ୱେଚ୍ଛା ସେବୀମାନେ ଆବେଦନକାରୀଙ୍କ ଅଭିଯୋଗପତ୍ର ପୂରଣ, ଦରଖାସ୍ତ ପ୍ରସ୍ତୁତ, ଆବଶ୍ୟକ ଦସ୍ତାବିଜ ଯାଞ୍ଚ ଓ ପୁନଃବିଚାର ପାଇଁ ଆବେଦନ କରୁଥିବା ଯୋଗ୍ୟ ହିତାଧିକାରୀଙ୍କ ଏକ ଡାଟାବେସ ପ୍ରସ୍ତୁତ କରାଯାଉଛି। ଆୟୋଜକମାନଙ୍କ କହିବା ଅନୁଯାୟୀ, ସମସ୍ତ ଦରଖାସ୍ତକୁ ଏକତ୍ର କରି ଅଭିଯୋଗ ଗୁଡ଼ିକୁ ବ୍ଲକ ପ୍ରଶାସନଙ୍କ ନିକଟରେ ଦାଖଲ କରାଯିବ।

## ଡିଜିଟାଲ ଲର୍ନିଙ୍ଗ ସମ୍ପର୍କରେ ପ୍ରଶିକ୍ଷଣ



**ସୁବର୍ଣ୍ଣପୁର,୧।୭(ସଂଚାର ବ୍ୟୁରୋ):** ସୋନପୁର ସର୍କିଟ ହାଉସ ଠାରେ ବିଜେପି ଯୁବ ମୋର୍ଚ୍ଚା ଓଡ଼ିଶା ରାଜ୍ୟ ସଭାପତି ଶ୍ରୀ ଅଭିଲାଷ ପଣ୍ଡା ଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ଶ୍ରୀ ସନ୍ତୋଷ ପ୍ରଧାନ ଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଡିଜିଟାଲ ଲର୍ନିଙ୍ଗ ସମ୍ପର୍କରେ ବିସ୍ତୃତ ଆଲୋଚନା ହେବା ସହିତ ବୈଠକରେ ସଂଗଠନକୁ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ କରିବା, ଅଧିକରୁ ଅଧିକ ଯୁବକ ଯୁବତୀ ଙ୍କୁ ସଂଗଠନ ସହ ଯୋଡ଼ିବା ଏବଂ ଡିଜିଟାଲ ମାଧ୍ୟମର ସଫଳ ବ୍ୟବହାର ମାଧ୍ୟମରେ ସଂଗଠନର କାର୍ଯ୍ୟକୁ ଆହୁରି ଗତିଶୀଳ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଜିର ଏହି ପ୍ରଶିକ୍ଷଣ ଶିବିର ରେ ଶତାଧିକ ଯୁବ ମୋର୍ଚ୍ଚା କର୍ମୀ ଯୋଗ ଦେଇଥିଲେ ।

# କୃଷକ ଏକତା ପଦଯାତ୍ରାକୁ ପାଇଁ ପ୍ରସ୍ତୁତି ବୈଠକ



**ବୈଶିଙ୍ଗା,୧।୭(ସଂଚାର ବ୍ୟୁରୋ):** ନବନିର୍ମାଣ କୃଷକ ସଂଗଠନ ତରଫରୁ ବେତନଟୀ ବ୍ଲକ ନଡ଼ପୁର ଓ ନୁଆଗାଁ ପଞ୍ଚାୟତରେ କୃଷକ ଏକତା ପଦଯାତ୍ରା କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଭାରୀ ଚିନୁ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟତଃ ୨୦୨୪ ନିର୍ବାଚନ ପୂର୍ବରୁ ସରକାର ଦେଇଥିବା ପ୍ରତିଶ୍ରୁତି ମଧ୍ୟରୁ ନିଶାମୁକ୍ତ ଓଡ଼ିଶା ଗଠନ, ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ବେକାରୀ ସମସ୍ୟା, ବିଜୁଳି ଛାଡ଼, ଶୀତଳ ଭଣ୍ଡାର, ଜଳସେଚନ, ଧାନ ମଣ୍ଡିରେ କାଟେଣି ବନ୍ଦ, ସାର କଳାବଜାରୀ ବନ୍ଦ, ଦୁର୍ନୀତି ମୁକ୍ତ ଓଡ଼ିଶା ଗଠନ କାର୍ଯ୍ୟରେ ଅସଫଳ ହେବା ବିଷୟରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ଏହା ସହ କୃଷକ ଏକତା ପଦଯାତ୍ରା ମାଧ୍ୟମରେ ସରକାର ଦେଇଥିବା ପ୍ରତିଶ୍ରୁତି କୁ କାର୍ଯ୍ୟକାରୀ କରେଇବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଭାରୀ ଚିନୁ ଦାଶ ବୈଠକରେ ଆଲୋଚନା କରିଥିଲେ। ଛାତ୍ର ନେତୃତ୍ୱ ଏମ୍ ଡ଼ି ମନଓ୍ୱର ଅଲ୍ଲି ସଭାରେ ଯୋଗଦେଇ ରାଜ୍ୟର ସରକାର କେବଳ ପୁଞ୍ଜିପତି କମ୍ପାନୀ ମାନଙ୍କ ପାଇଁ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ କରିଥିଲେ। ଏହା ସହ ଜଙ୍ଗଲ ଜଳ ଜମି ଓ ଖଣିର ଲୁଟ୍ କୁ ଅଟକାଇବା, ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସରକାର ତୁରନ୍ତ ବିଜ୍ଞପ୍ତି ଆଣିବା, ବାର୍ଦ୍ଧକ୍ୟ (୬୦ ବର୍ଷରୁ), ବିଧବା ଓ ବିକଳାଙ୍ଗ ଭତ୍ତା ୩୫୦୦ ଟଙ୍କା କରି, ଭତ୍ତା ପଞ୍ଚାୟତରେ ପ୍ରଦାନ କରିବା, ୨୦ ବର୍ଷରୁ ଚାଷୀ ସୁରକ୍ଷା ଭତ୍ତା ୧୦୦୦୦ ଟଙ୍କା କରାଯିବା। ଭାଗ ଚାଷୀ ଆଇନ୍ ଲାଗୁ ଓ ଧାନ ମଣ୍ଡିରେ ବିକ୍ରି କରିବା ପାଇଁ ଅନଲାଇନ କୁ ସରଳିକରଣ କରିବା, ପ୍ରତ୍ୟେକ ଚାଷ ଜମିକୁ ଜଳସେଚିତ କରାଯିବା।

## ● ଆମ ପୁଲିସ ସମିତି ବୈଠକରେ ନିଶାମୁକ୍ତ ଓଡ଼ିଶା ଅଭିଯାନ ଶପଥ



**ବୈଶିଙ୍ଗା,୧।୭(ସଂଚାର ବ୍ୟୁରୋ):** ବୈଶିଙ୍ଗା ପୁଲିସ ପକ୍ଷରୁ ଅଭ୍ୟର୍ଥନା ପ୍ରକୋଷ୍ଠରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା 'ନଶା ମୁକ୍ତ ଭାରତ ଅଭିଯାନ' କାର୍ଯ୍ୟକ୍ରମ ଆଧାରରେ ଏହି ବୈଠକ ଆହ୍ୱାନ କରାଯାଇଥିଲା। ନିଶା ମୁକ୍ତି ଆନ୍ଦୋଳନକୁ ଆଗକୁ ଆଗେଇ ନେଇଯିବା ଲକ୍ଷରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ବାର୍ତ୍ତାର ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଆମ ରାଜ୍ୟର ଅନେକ ସ୍ଥାନରେ ପ୍ରଚୁର ମାତ୍ରାରେ ଗଞ୍ଜେଇ ଚାଷ କରାଯାଉଥିବାରୁ ଏହାକୁ ନେଇ ପୁଲିସ ମହାନିର୍ଦ୍ଦେଶକ ତାଙ୍କ ବାର୍ତ୍ତାରେ ଉଦବେଗ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ତୁରନ୍ତ ନିକଟସ୍ଥ ପୁଲିସ ଅଧିକାରୀଙ୍କୁ ସୂଚନା ଦେବାପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଅନୁରୋଧ କରିଥିଲେ। ଥାନାଧିକାରୀଙ୍କ ଅନୁପସ୍ଥିତିରେ ଆଜିର ଏହି ବୈଠକର ସଂଚାଳନ କରିଥିଲେ ଏସ ଆଇ ସରୋଜ କୁମାର ଜେନା। ତାଙ୍କୁ ସହଯୋଗ କରିଥିଲେ ଏସ ଆଇ ଇତିଶ୍ରୀ ସାହୁ, ଏଏସଆଇ ଲମ୍ବୋଦର ବାରିକ, ଏଏସଆଇ ଗୋବିନ୍ଦ ଟୁଡୁ।

## କେନ୍ଦୁଆ ପଞ୍ଚାୟତ ଗୃହ ମାମଲା: ଜିଲ୍ଲାପାଳଙ୍କ ପରେ ବିଡିଓଙ୍କୁ ଫେରାଦ

**ବୈଶିଙ୍ଗା,୧।୭(ସଂଚାର ବ୍ୟୁରୋ):** ଦୀର୍ଘ ଦଶ ବର୍ଷ ଧରି କେନ୍ଦୁଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ରେ ଅନିଶ୍ଚିତତା ପାଇଁ ପଞ୍ଚାୟତ ବାସୀ ଦ୍ୱନ୍ଦ୍ୱରେ ରହିଛନ୍ତି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ସ୍ଥାନ ନିରୁପଣ ହେବା ପୁଣି ସେହି ସ୍ଥାନ କୁ ବାଦ୍ ଦେଇ ପୁଣି ଅନ୍ୟ ସ୍ଥାନକୁ ଚିହ୍ନଟ କରିବା ଏବଂ ସାଧାରଣ ନିର୍ବାଚନ ପୂର୍ବରୁ ସ୍ଥାନୀୟ ବିଧାୟକ ବିବାଦୀୟ ସ୍ଥାନ ଭାବେ ବୈଶିଙ୍ଗା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭୂମିପୂଜନ କରିବା ଘଟଣା ବିବାଦ ସୃଷ୍ଟି କରିଥିଲା, ଏହିଭଳି ବିବାଦ ପାଇଁ ନୂତନ ଗୃହ ନିର୍ମାଣ ହୋଇ ପାରିଲା ନାହିଁ। ଏହାକୁ ନେଇ ଏକ ସପ୍ତାହ ପୂର୍ବରୁ ଶତୃଘ୍ନ ସିଂ ଙ୍କ ନେତୃତ୍ୱରେ କିଛି ଗ୍ରାମବାସୀ ମୟୂରଭଞ୍ଜ ଜିଲ୍ଲାପାଳ ଙ୍କୁ ଭେଟି ଦୁଃଖ ଜଣାଇଥିଲେ। ଏହାପରେ ସୋମବାର ଦିନ ବେତନଟୀ ବିଡିଓ ମୁନା ସେଠୀ ଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। ମାତ୍ର ପତ୍ୟୁତରରେ ବିଡିଓ କହିଲେ ତମ ଭିତରେ ଝଗଡ଼ା ଲାଗୁଛ ଏଣୁ ହୋଇ ପାରିବ ନାହିଁ। ମାତ୍ର କେନ୍ଦୁଆ ପଞ୍ଚାୟତ ବାସୀ କହିଲେ ଆପଣ ତହସିଲଦାର ଙ୍କୁ ଚିଠି କରନ୍ତୁ ସେ ଗ୍ରାମବାସୀ ଙ୍କୁ ନେଇ ସ୍ଥାନ ନିରୁପଣ କରିବେ। ଏହା ପରେ ବିଡିଓ ଏକ ନୋଟିସ କରିବେ ତାପରେ ଗାଇଡ୍ ଲାଇନ୍ ଅନୁସାରେ ସ୍ଥାନ ନିରୁପଣ କରାଯିବ। ଏହିଭଳି ୧୦ ବର୍ଷ ଧରି ଗୃହ ନିର୍ମାଣରେ ଅନିଶ୍ଚିତତା ଲାଗି ରହିଥିବାରୁ ଉଦବେଗ ପ୍ରକାଶ ପାଇଛି।

## ହୋଟେଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଗଞ୍ଜାମ,୧।୭(ସଂଚାର ବ୍ୟୁରୋ):** ପୁରୁଷୋତ୍ତମ ପୁର ଥାନାତାରାତାରିଣୀ ମନ୍ଦିର ନିକଟରେ ଥିବା ଏକ ହୋଟଲରୁ ପୁଲିସ ଆଜି ସକାଳେ ଜଣେ ଯୁବକ ପୁରୀ ଜିଲ୍ଲାର ମନୋଜ ସ୍ୱାଇଁଙ୍କ ମୃତଦେହ ଜବତ କରିଛି। ଯୁବକଙ୍କ ମୁଣ୍ଡରେ ଗଭୀର ଆଘାତ ଥିବାରୁ, ଏହା ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ମନୋଜ ଗତ ୨୮ତାରିଖରୁ ରୋପଓ୍ୱ ମରାମତି କରିବାକୁ ଆସି ହୋଟେଲରେ ରହୁଥିଲେ। ପୁରୁଷୋତ୍ତମ ପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।

## ପୌର ପରିଷଦ ପକ୍ଷରୁ ଅଳିଆ ସଫା ପାଇଁ ଆଠ ଗୋଟି ଯାନର ଶୁଭାରମ୍ଭ



**ସୁବର୍ଣ୍ଣପୁର,୧।୭(ସଂଚାର ବ୍ୟୁରୋ):** ମଙ୍ଗଳବାର ଦିନ ପୂର୍ବାହ୍ନ ୧୧ ଟା ସମୟରେ ସୋନପୁର ପୌର ପରିଷଦ ପକ୍ଷରୁ ଓଦା ସୁଖା ଅଳିଆ ଆବର୍ଜନା ସଂଗ୍ରହ ପାଇଁ ଆଠ ଗୋଟି ଯାନ ର ଶୁଭାରମ୍ଭ ହୋଇଥିଲା। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଏହାକୁ ଉଦଘାଟନ କରି ଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଋଷି ମାଝୀ, ପୌରପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ମିତା ନାଏକ, ବଲାଙ୍ଗିର ସାଂସଦ ଙ୍କ ପୌର ପରିଷଦ ପ୍ରତିନିଧି ଶିବ ରାମ ସାହୁ, ପ୍ରାକ୍ତନ ଅଧ୍ୟକ୍ଷ କଇରୁ ସ୍ୱାଇଁ, କାଉନସିଲର ପୀୟୁଷ ପଣ୍ଡା ପ୍ରମୁଖ ଯୋଗ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସହର କୁ ସ୍ୱଚ୍ଛତା ଅଭିଯାନ କ୍ଷେତ୍ରରେ ଏହା ସହାୟକ ହେବ ଓ ପ୍ରତି କୋଣ ଅନୁକୋଣରେ ସଧାରଣ ଲୋକ ଙ୍କ ସେବା ପ୍ରଦାନ ପାଇଁ ଏ ଯାନ ଗୁଡିକ ଅଭିଯାନ କରିବ ବୋଲି କହିଥିଲେ। ଏହା ସହିତ ସହର ର ସମସ୍ତ ଡ୍ରେନ୍ ଓ ରାସ୍ତା ଘାଟ ସଫେଇ ରଖି ଲୋକଙ୍କୁ ମଶା ମାଛି ଦାଉ ରୁ ଓ ମ୍ୟାଲେରିଆ ରୋଗରୁ ମୁକ୍ତ ରଖିବାକୁ ପୌର ପରିଷଦ ଅଧିକାରୀଙ୍କୁ ଅତିଥି ମାନେ ପରାମର୍ଶ କରିଥିଲେ।

## ଝାରସୁଗୁଡ଼ା ପୌରାଞ୍ଚଳର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ ଜିଲ୍ଲାପାଳ

**ଝାରସୁଗୁଡ଼ା,୧।୭(ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଜିଲ୍ଲାପାଳ କୁଣଲ ମୋତିରାମ ଚଓ୍ୱଣ ଆଜି ଝାରସୁଗୁଡ଼ା ପୌରାଞ୍ଚଳର ବିଭିନ୍ନ ସ୍ଥାନ ପରିଦର୍ଶନ କରି ବିକାଶମୂଳକ କାର୍ଯ୍ୟ ଓ ଭିତ୍ତିଭୂମିର ଉନ୍ନତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ପରିଦର୍ଶନରେ ଝାରସୁଗୁଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ନିଶିକାନ୍ତ ଟେଟେ, ପୌରପରିଷଦ ଯନ୍ତ୍ରୀ ସୀମାଞ୍ଚଳ ଦାସ ଓ ସହକାରୀ ଯନ୍ତ୍ରୀ ସୁଶାନ୍ତ ପଟେଲ ଉପସ୍ଥିତ ଥିଲେ। ପ୍ରଥମେ ଟାଉନ ହଲ୍ ପରିଦର୍ଶନ କରି ଏହାର ସମ୍ପୂର୍ଣ୍ଣ ନବୀକରଣ କରିବା ସହିତ ପାର୍ଶ୍ୱରେ ଥିବା ପୁରୁଣା କୋଠାକୁ ଭଙ୍ଗାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ପରିସରରେ ରହିଥିବା ପୁରୁଣା ଯାନବାହନଗୁଡ଼ିକର ତାଲିକା ପ୍ରସ୍ତୁତ କରି ମୋଟର ଯାନ ନିରୀକ୍ଷକଙ୍କ ସହଯୋଗରେ ଅନୁପଯୋଗୀ ଯାନବାହନଗୁଡ଼ିକୁ ଶୀଘ୍ର ସ୍କ୍ରାପ୍ କରିବାକୁ କହିଥିଲେ। ତାପରେ ପୌରପାଳିକାର ଅଡିଟୋରିୟମ୍-କମ୍-ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିଦର୍ଶନ କରିଥିଲେ। ବର୍ତ୍ତମାନର କୋଠାର ନବୀକରଣ ଓ ରଙ୍ଗ କାମ ପୌରପାଳିକା ଦ୍ୱାରା କରାଯିବା ସହିତ ବ୍ୟାଡମିଣ୍ଟନ କୋର୍ଟ ଓ ଅନ୍ୟାନ୍ୟ କ୍ରୀଡ଼ା ସାମଗ୍ରୀ ସ୍ଥାପନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକର ସହଯୋଗ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ସମୟରେ ପୌରପାଳିକା ପରିସରରେ ଦୀର୍ଘଦିନ ଧରି ପଡ଼ିରହିଥିବା ସଫେଇ ଯାନ, ଫଗିଂ ମେସିନ୍ ଓ ଅନ୍ୟାନ୍ୟ ଅଚଳ ଯନ୍ତ୍ରପାତିର ସ୍ଥିତି ମଧ୍ୟ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଯେଉଁ ଯାନବାହନ ଓ ଯନ୍ତ୍ରପାତିକୁ ସ୍ୱଳ୍ପ ବ୍ୟୟରେ ମରାମତି କରି ପୁନଃ ବ୍ୟବହାରଯୋଗ୍ୟ କରାଯାଇପାରିବ।

# କୋଟିଆ ବିକାଶ ସମୀକ୍ଷା ବୈଠକ ଅନୁଷ୍ଠିତ

**କୋରାପୁଟ,୧।୭(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା କୋଟିଆ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ବୈଠକର ମୁଖ୍ୟ ଆଲୋଚ୍ୟ ବିଷୟ ଥିଲା ଅବିକଶିତ କୋଟିଆ ଆକ୍ସନ ପ୍ଲାନ୍'ର ସଫଳ କାର୍ଯ୍ୟକାରୀତା। କୋଟିଆ ଅଞ୍ଚଳରେ ସ୍ୱାସ୍ଥ୍ୟ, ଭିତ୍ତିଭୂମି, ରାସ୍ତାଘାଟ, ଶିକ୍ଷା ଓ ଜୀବିକା ସୃଷ୍ଟି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ରଣନୀତିକ ଆର୍ଥକ-ସାମାଜିକ ହସ୍ତକ୍ଷେପ ମାଧ୍ୟମରେ ସର୍ବାଙ୍ଗୀନ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ସୀମାନ୍ତ ଅଞ୍ଚଳର ବିକାଶକୁ ସୁଦୃଢ଼ କରିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ସମସ୍ତ ବିଭାଗକୁ ସମନ୍ୱୟ ରଖି ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ତେଲ ଜଳସେଚନ ବିଭାଗ ସମ୍ମୁଖରେ ଠିକାଦାରଙ୍କ ମଧ୍ୟରେ ମାରପିଟ



**ସୁବର୍ଣ୍ଣପୁର,୧।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ତେଲ ଜଳସେଚନ ବିଭାଗର ଏକ ଠିକାକାମକୁ ନେଇ ମଙ୍ଗଳବାର ଦିନ ବିଭାଗର ଅଫିସ ଆଗରେ ଠିକାଦାର ଙ୍କ ମଧ୍ୟରେ ମାଡପିଟ ହୋଇଥିବା ଜଣାପଡ଼ିଛି। ସୋନପୁର ବଡ଼ବଜାରର ଠିକାଦାର ବେଣୁ ନାଏକଙ୍କୁ କେତେଜଣ ଅଣ ଠିକାଦାର ମାଡ଼ଧର କରିଥିବା ସେ ସୋନପୁର ଥାନାରେ ଅଭିଯୋଗ ଅଭିଯୋଗ କରିଛନ୍ତି। ଏ ନେଇ ଏକ ମାମଲା ରୁଜୁ କରାଯିବା ସହ ଘଟଣାର ଅନୁସନ୍ଧାନ ଜାରି ରହିଥିବା ସଦର ଥାନା ଆଇଆଇସି ଯାଦବ ବାଗ କହିଛନ୍ତି। ତେଲ ଜଳସେଚନ ବିଭାଗ ପକ୍ଷରୁ ବିନିକା ଅଞ୍ଚଳରେ ୨ ଗୋଟି ଟେଣ୍ଡର ଆହ୍ୱାନ କରାଯାଇଥିଲା ବେଳେ ଜିଲ୍ଲାର ଠିକାଦାରମାନେ ଏହି କାମକୁ ଏଷ୍ଟିମେଟ୍ ରେଟରେ ଟେଣ୍ଡର ପକାଇ ଥିଲେ। ତେବେ ଏହି କାମକୁ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଅଞ୍ଚଳର ସୁଶାନ୍ତ ସ୍ୱାଇଁ ନାମକ ଠିକାଦାର ଲେସ୍ ରେଟ୍‌ରେ ପକାଇ ଟେଣ୍ଡର ହାସଲ କରିଥିବା ବେଳେ ଜିଲ୍ଲାର ଠିକାଦାରମାନେ ଏହାକୁ ବିରୋଧ କରିଥିଲେ। କାରଣ ସୁବର୍ଣ୍ଣପୁର ଜିଲ୍ଲା ଠିକାଦାର ସଂଘର ନିଷ୍ପତ୍ତି ଅନୁଯାୟୀ ବାହାର ଜିଲ୍ଲାର ଠିକାଦାରଙ୍କୁ ଜିଲ୍ଲାର ସମସ୍ତ ବିଭାଗର ଟେଣ୍ଡର କାମରେ ଅଂଶଗ୍ରହଣ କରିବାକୁ ବାରଣ କରାଯାଇଛି। ସରକାରଙ୍କ ଏଷ୍ଟିମେଟ୍ ରେଟ୍‌ରେ ଜିଲ୍ଲାର ଠିକାଦାର ଟେଣ୍ଡର ପକାଉଛନ୍ତି। ସେହିପରି ସୁବର୍ଣ୍ଣପୁର ଜିଲ୍ଲା ଠିକାଦାର ବାହାର ଜିଲ୍ଲାର ଟେଣ୍ଡର କାମରେ ଅଂଶଗ୍ରହଣ କରୁନାହାନ୍ତି। ବ୍ରହ୍ମପୁର ର ସୁଶାନ୍ତ ସ୍ୱାଇଁଙ୍କ କାମକୁ ସିଲାଟି ଗ୍ରାମର ବାବୁଲୁ ବିଶି ବିଭାଗ ସହିତ ଚୁକ୍ତିନାମା କରିବା ପାଇଁ ତେଲ ଜଳସେଚନ ବିଭାଗ କାର୍ଯ୍ୟାଳୟକୁ ଆସୁଥିବା ବେଳେ ସ୍ଥାନିୟ ଠିକାଦାର ମାନଙ୍କ ପକ୍ଷରୁ ବିରୋଧ କରାଯାଇଥିଲା।